ଶୂନ୍ୟ ରାଜା

ରାଜ୍ୟବର୍ଦ୍ଧନ ଧଳମହାପାତ୍ର

Digitized by PPRACHIN, SOA

ଛାୟାରାଜା

ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର

ନବ ଦିଗନ୍ତ
ବିନୋଦବିହାରୀ, କଟକ - ୭୫୩ ୦୦୨

Digitized by PPRACHIN, SOA

ଛାୟାରାଜା

ଲେଖକ :
ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର
ଭୁବନେଶ୍ୱର

ପ୍ରକାଶକ :
ନବଦିଗନ୍ତ
ବିନୋଦବିହାରୀ, କଟକ-୭୫୩୦୦୨

ପ୍ରଥମ ସଂସ୍କରଣ : ୨୦୨୧

ଛପା ସଂଖ୍ୟା : ୫୦୫ ଖଣ୍ଡ

ପ୍ରଚ୍ଛଦ :
ଶ୍ରୀ ରମାକାନ୍ତ ସାମନ୍ତରାୟ

ମୁଦ୍ରଣ :
ସ୍ୱସ୍ତିକ ପ୍ରିଣ୍ଟର୍ସ, କଟକ

ମୂଲ୍ୟ : ଟ.୧୫୦.୦୦

CHHAYARAJA

Author :
Rajyabardhan Dhala Mahapatra

Publisher :
NABADIGANTA
Binodbehari, Cuttack-753002

First Edition : 2021

Cover Design :
Sri Ramakanta Samantaray

Printer :
Swastik Printers, Cuttack

Price : ₹ 150.00

Digitized by PPRACHIN, SOA

ଗଳ୍ପସୂଚୀ

୧.	ଛାୟା ରାଜା	୦୩
୨.	ପ୍ରିୟ ମୃତ୍ୟୁ	୧୬
୩.	ଜାତିସ୍ମର	୨୪
୪.	ଅର୍ଥାନ୍ତର	୩୩
୫.	ପ୍ରିୟମାଣା	୪୦
୬.	ଫାଦର୍ସ ଡେ	୫୧
୭.	ପୁନଶ୍ଚ ଚିଲିକା	୬୨
୮.	ବାଲ୍ୟବନ୍ଧୁ	୭୨
୯.	କୋହରୋଧ	୭୭
୧୦.	ଛଦ୍ମୀ	୮୩
୧୧.	ଉପେକ୍ଷିତ ସମ୍ପର୍କ	୮୯
୧୨.	ପ୍ରତିଘାତ	୯୭
୧୩.	କୁଶବିଦ୍ଧ	୧୦୫
୧୪.	ପୁଷ୍କର	୧୧୭
୧୫.	ଖରଦୃଷ୍ଟି	୧୨୨
୧୬.	ବ୍ୟାମୋହ	୧୨୭
୧୭.	ମୋ ଘର	୧୩୫
୧୮.	ଭଲରେ ଅଛନ୍ତି ସତ୍ୟାନନ୍ଦ	୧୪୨

Digitized by PPRACHIN, SOA

ଛାୟା ରାଜା

ବାତ୍ୟା। ବାତ୍ୟା ତ ନୁହେଁ ମହାବାତ୍ୟା। ଇତିହାସ ରେ ଏମିତି ବାତ୍ୟା ର ନଜିର ନାହିଁ। ବାତ୍ୟା ସହ ଉଠି ଆସିଲା ସମୁଦ୍ର। ଉପରେ ପବନ କୁ ତଳେ ପାଣି। କିଛି ମଲେ ପବନରେ ପିଟି ହୋଇ, କିଛି ମଲେ ପାଣିରେ ବୁଡି। କୋଠା ଘର ସମ୍ଭଳା ପଡିଲାନି, ଛଳ ଘର କଥା ପଚ଼ରେ କିଏ। ଶୂନ୍ୟ ହୋଇ ଯାଇଥିଲା ଘର, ଫାଙ୍କା ହୋଇଯାଇଥିଲା ଗାଁ। କିଏ ମଲା, କିଏ ବଞ୍ଚିଲା ଖବର ରଖିବାକୁ କେହି ନଥିଲେ।

ଗୋଟେ ଦିନ, ଗୋଟେ ରାତି ଛେଚି କଚ଼ଡି ହୋଇ ବାତ୍ୟା ଗଲା। ବାତ୍ୟା ସିନା ଚ଼ଲିଗଲା, ହେଲେ ଯିଏ ଯେଉଠି ଥିଲେ ସେଇଠି ରହିଲେ ଜଳ ବନ୍ଦୀ ହୋଇ। ଦିଶୁ ନଥିଲା ରାସ୍ତା ଘାଟ। ଯେଉଁଠି ବି ଖଣ୍ଡେ ଅଧେ ଉଚ଼ ରାସ୍ତା ଜଳମଗ୍ନ ହୋଇନଥିଲା,ଗଛ ପଡି ହୋଇଥିଲା ଅବରୋଧ।

ଶହେ ବର୍ଷର ପୁରୁଣା ରାଜ ଉଆସ, ବାତ୍ୟା ମାଡ ରେ ହୋଇଗଲା ଧୂଳିସାତ। ରାଜ ଉଆସ ର କର୍ମଚ଼ାରୀ ମାନେ ଜୀବନ ବିକଳ ରେ ଯିଏ ଯୁଆଡେ ପାରିଲା ପଳାଇଲେ ଉଆସ ଛାଡି। ବଞ୍ଚିଲେ କି ମଲେ ଖବର ନେବାକୁ କେହି ନଥିଲେ। ଏକା ରହିଯାଇଥିଲେ ରାଜା। ଭରସା କରିଥିଲେ ପୁରୁଣା ମହଲ ଉପରେ। ମାତ୍ର ହାୟ ପବନର ମାଡ଼ ସହିନପାରି ଢଳି ପଡିଲା ମହଲ। ମହଲ ତଳେ ଚ଼ପି ହୋଇ ରହିଗଲେ ରାଜା।

ବାତ୍ୟା ଛାଡିବା ପରେ ବଞ୍ଚି ଯାଇଥିବା କିଛି କର୍ମଚ଼ାରୀ ଫେରିଲେ ଉଆସକୁ। ମାତ୍ର ଚିହ୍ନବର୍ଣ୍ଣ ନଥିଲା ଉଆସ ର। ଖୋଜିଲେ ରାଜାଙ୍କୁ। ବଡ କଷ୍ଟ ରେ ଠାବ କଲେ, ହେଲେ ସେତେବେଳକୁ ସେ ପଚି ଗନ୍ଧେଇବା ଆରମ୍ଭ କରି ସାରିଥିଲେ।

Digitized by PPRACHIN, SOA

ଖବର ପାଇ ଗୁଣ୍ଡ ହେଲେ ପାତ୍ର ମନ୍ତ୍ରୀ। ଭାଳେଣି ପଡିଲା ସମସ୍ତଙ୍କର। ରାଜା ନାହାନ୍ତି। ରାଜା ବି ଅପୁତ୍ରିକ ଥିଲେ। ଏବେ କିଏ ହେବ ରାଜା ?

ମହାମନ୍ତ୍ରୀ ଭିତରେ ଭିତରେ ଲାଳାୟିତ ହେଲେ କାଳେ ଏଇ ମଉକା ରେ ତାଙ୍କ ପାଳି ପଡିଯିବ। ସେନାପତି ମଧ୍ୟ ନିଜ ବାହୁବଳ ପାଇଁ ଆଶା ବାନ୍ଧିଲେ। ମନ ମନ ବି କଲେ କଟୁଆଳ। ରାଜାଙ୍କ ମୃତ୍ୟୁ ପରେ ଗୃହ ଯୁଦ୍ଧ ଲାଗିଯିବା ଭୟରେ ଚିନ୍ତାରେ ପଡିଲେ ରାଜପୁରୋହିତ। ଖୋଜିଲେ ପୋଥି,ଅଣ୍ଡାଳିଲେ ପରମ୍ପରା। ଶେଷକୁ ପାଇଲେ ରାଜା ଅପୁତ୍ରିକ ଥାଇ ମରିଗଲେ ପାଟ ହାତୀ ଶୁଣ୍ଢ ରେ ସୁନା କଳସ ଧରି ବୁଲିବ ସାରା ରାଜ୍ୟରେ। ଯା ମୁଣ୍ଡ ରେ କଳସ ଢାଳିବ ସେ ହେବେ ରାଜା।

ରାଜପୁରୋହିତଙ୍କ ପ୍ରସ୍ତାବ ସଭାସଦଙ୍କ ଦ୍ୱାରା ପାରିତ ହେବା ପୂର୍ବରୁ ପହଞ୍ଚିଗଲେ ରାଜଜ୍ୟୋତିଷ। ସେ ଘୋଷଣା କଲେ ରାଜା ଅପୁତ୍ରିକ ନଥିଲେ। ତାଙ୍କର ଜଣେ ପୁତ୍ର ଅଛନ୍ତି।

ସମସ୍ତ ସଭାସଦ ତାଙ୍କୁ ଚାହିଁଲେ ବିସ୍ମୟରେ।

ସେ ପୁନଶ୍ଚ ତାଙ୍କର ଉକ୍ତି ଦୋହରାଇଲେ। ରାଜାଙ୍କର ପୁତ୍ର ଅଛନ୍ତି,ମାତ୍ର ଆମ ରାଜ୍ୟରେ ନୁହେଁ। ଜନ୍ମ ପର ଠାରୁ ମାମୁଁ ଘରେ। କେବେ ବି ଆମ ରାଜ୍ୟ କୁ ଆସିନାହାନ୍ତି। ହୁଏତ ରାଜା ଏକଥା ଚାହୁଁ ନଥିଲେ ତାଙ୍କୁ ଏଠାକୁ ଆଣିବାକୁ କିମ୍ବା ଠିକଣା ସମୟର ଅପେକ୍ଷାରେ ଥିଲେ। କିଏ ଜାଣିଥିଲା ଏମିତି ଏକ ମହାବାତ୍ୟା ଆସିବ,ସମଗ୍ର ରାଜ୍ୟ ସହ ରାଜ ନଅର ବି ଛାରଖାର ହୋଇଯିବ ? କେବଳ ତ ରାଜ୍ୟ ଓ ରାଜନଅର ଛାରଖାର ହେଲାନି, ପ୍ରଜାପ୍ରିୟ ଓ ପ୍ରଜାନୁରଞ୍ଜକ ରାଜାଙ୍କର ବି ଜୀବନ ଚାଲିଗଲା। ପ୍ରଜା ମାନେ ଏବେ ବାତ୍ୟା ବିଧ୍ୱସ୍ତ, ରାଜାଙ୍କ ମୃତ୍ୟୁ ଖବର ଶୁଣିବାକ୍ଷଣି ଶୋକାତୁର ହେବେ। ଶୋକାତୁର ମୁହୂର୍ତ୍ତରେ ରାଜାଙ୍କ ପୁତ୍ର ବ୍ୟତୀତ ହାତୀ ସୁନା କଳସ ଢାଳିଥିବା ଯେ କୌଣସି ଅର୍ବାଚୀନ ବ୍ୟକ୍ତିକୁ କଣ ରାଜା ବୋଲି ଗ୍ରହଣ କରିନେବେ ?

ରାଜଙ୍କର ପୁତ୍ର ଅଛନ୍ତି ଅଥଚ ରାଜ୍ୟବାସୀ ଏପରିକି ସଭାସଦ୍‌ମାନେ କେହି ଜାଣି ନାହାନ୍ତି ! ଆପଣଙ୍କ କଥାକୁ କିପରି ବିଶ୍ୱାସ କରାଯାଇ ପାରିବ ?

ଯେହେତୁ ପୁତ୍ର ଜନ୍ମ ପରେ ତାଙ୍କର ଜାତକ ମୁଁ ପ୍ରସ୍ତୁତ କରିଥିଲି।

ତେବେ ମହାରାଜ କାହିଁକି ଏକଥା ଗୋପନୀୟ ରଖିଥିଲେ ?କେବେ ବି

Digitized by PPRACHIN, SOA

ରାଜ୍ୟକୁ ଆଣି ନାହାନ୍ତି କି ଯୁବରାଜ ପଦରେ ବି ଅଭିଷିକ୍ତ କରି ନଥିଲେ ?

ସେଇଟା ମହାରାଜଙ୍କର ବ୍ୟକ୍ତିଗତ ନିଷ୍ପତି ଥିଲା । ସେ ନିଷ୍ପତି ଟା କଣ ତାକୁ ମହାରାଜ କେବଳ ଜାଣିଥିଲେ,ମାତ୍ର ଏବେ ଯେହେତୁ ସେ ମୃତ ତାକୁ ମଧ୍ୟ ଜାଣିବା ଆଉ ସମ୍ଭବ ନୁହେଁ ।

ତଥାପି ଆପଣଙ୍କ କଥା ବିଶ୍ୱାସ ଯୋଗ୍ୟ ହେଉନି - ସଭାସଦ ଙ୍କୁ ଚାହିଁ ମହାମନ୍ତ୍ରୀ କହିଲେ ।

ରାଜଙ୍କର ପୁତ୍ର ସନ୍ତାନ ଅଛନ୍ତି,ଏକଥା ମୋ ବ୍ୟତୀତ ଆଉ ଜଣେ ଜାଣନ୍ତି ।

କିଏ ? କିଏ ସିଏ ?

ରାଜବୈଦ୍ୟ । ସେ ହିଁ ମହାରାଣୀଙ୍କର ପ୍ରସୂତି ପଥ୍ୟ ପ୍ରସ୍ତୁତ କରିଥିଲେ ।

ତେବେ ଏ କଥାର ସତ୍ୟାସତ୍ୟ ଜାଣିବାକୁ ରାଜବୈଦ୍ୟଙ୍କୁ ଡକାଯାଉ ।

ତୁରନ୍ତ ଜଣେ ପ୍ରହରୀ ଯାଇ ରାଜବୈଦ୍ୟଙ୍କୁ ଆଣି ହାଜର କରାଇଲା ସଭାରେ । ସବୁ ଶୁଣି ସାରି ସେ କହିଲେ ରାଜ ଜ୍ୟୋତିଷ ଯାହା କହିଲେ ତାହା ଅର୍ଦ୍ଧ ସତ୍ୟ ।

ଅର୍ଦ୍ଧ ସତ୍ୟ ! ତେବେ ସତ୍ୟ କଣ ?

ରାଜାଙ୍କର ପୁତ୍ର ଅଛନ୍ତି ଏହା ସତ୍ୟ । ବୟସ ହିସାବ କଲେ ତାଙ୍କୁ ଏବେ ପଚିଶ ବର୍ଷ ବୟସ ହୋଇଥିବ । ମାତ୍ର କୌଣସି ବ୍ୟକ୍ତିଗତ କାରଣ ପାଇଁ ରାଜା ତାଙ୍କୁ ରାଜ୍ୟ ବାହାରେ ରଖିନାହାନ୍ତି, ରଖିଥିଲେ ରାଜଜ୍ୟୋତିଷ ଙ୍କ ପରାମର୍ଶରେ ।

ସମସ୍ତେ ଚାହିଁଲେ ରାଜଜ୍ୟୋତିଷଙ୍କୁ ।

ହଁ, ମୋ ପରାମର୍ଶରେ ମହାରାଜ ସେକଥା କରିଥିଲେ । ମାତ୍ର ମୁଁ ଯେଉଁ ସମୟ ସୀମା ଦେଇଥିଲି ତାହାତ କେବେ ଠାରୁ ଅତିକ୍ରାନ୍ତ ହୋଇସାରିଛି । ଏବେ ତ ତାଙ୍କ କୁଣ୍ଡଳୀ ରେ ଅଖଣ୍ଡ ରାଜ ଯୋଗ ରହିଛି ଜୀବଦଶା ଯାଏ । ମୋର ଗଣନା ଯଦି ଠିକ ଥାଏ, ତେବେ ଆଉ ଗୋଟେ କଥା ମନେ ରଖିଥାନ୍ତୁ, ତାଙ୍କ ଜାତକରେ ବିବାହ ଯୋଗ ନଥିଲା ।

ରାଜାଙ୍କର ପୁତ୍ର ଅଛନ୍ତି, ବାଶ୍ କଥା ସରିଲା । ସେ ଯଦି ବିବାହ କରିନଥିବେ ତାଙ୍କ ଅନ୍ତେ କଣ ହେବ ତା ପରର କଥା । ଏବେ ତାଙ୍କ ମାତୁଳାଳୟ କୁ ସ୍ୱତନ୍ତ୍ର ଦୂତ ହାତରେ ବାର୍ତ୍ତା ପ୍ରେରଣ କରି ତାଙ୍କୁ ତୁରନ୍ତ ଅଣାଯାଉ ।

ରାଜପୁରୋହିତ କହିଲେ, ଠିକ ଅଛି ରାଜପୁତ୍ରଙ୍କୁ ତ ଅଣାଯିବ ମାତ୍ର ତାଙ୍କର

Digitized by PPRACHIN, SOA

ଆସିବାକୁ ତ ସମୟ ଲାଗିବ। ନୂଆ ରାଜାଙ୍କର ରାଜ୍ୟାଭିଷେକ ନହେବା ଯାଏ ତ ମହାରାଜଙ୍କ ଶବ ସତ୍କାର କରାଯାଇ ପାରିବନି। ଶାସ୍ତ୍ର କହୁଛି ନୂତନ ରାଜାଙ୍କର ରାଜ୍ୟାଭିଷେକ ପରେ ଯାଇ ତାଙ୍କ ଆଦେଶ ରେ ରାଜନଅର ର ପଛ ଦ୍ୱାର ଦେଇ ଶବ ସତ୍କାର ପାଇଁ ଯିବ।

ତାହାଲେ ରାଜପୁତ୍ର ଆସିବା ଯାଏ ମହାରାଜଙ୍କ ଶବ କୁ ସୁରକ୍ଷିତ ରଖାଯାଉ। ରାଜବୈଦ୍ୟଙ୍କୁ ନିର୍ଦ୍ଦେଶ ଦିଆଗଲା ଶବ ସୁରକ୍ଷା ର ବନ୍ଦୋବସ୍ତ କରିବାକୁ।

ରାଜପୁତ୍ର ଆସିଲେ। ଯେହେତୁ ପିତାଙ୍କ ସହ ତାଙ୍କର ସେମିତି କୌଣସି ମାନସିକ କିମ୍ବା ଆବେଗିକ ସମ୍ପର୍କ ନଥିଲା,ତେଣୁ ସେ ଆଦୌ ଦୁଃଖିତ ଜଣା ପଡୁନଥିଲେ। ମହାମନ୍ତ୍ରୀ ତାଙ୍କୁ ଜଣାଇଲେ – ଅଭିଷେକ ପରେ ତାଙ୍କ ଆଦେଶରେ ଯାଇ ଶବ ସତ୍କାର ହେବ।

ରାଜପୁତ୍ର ବୁଝୁ ନଥିଲେ ରାଜ୍ୟର ଭାଷା। ସେ କେବଳ ବଲ ବଲ ହୋଇ ଚାହିଁଲେ ମନ୍ତ୍ରୀଙ୍କ ମୁହଁକୁ।

ମହାମନ୍ତ୍ରୀ ପୁନଶ୍ଚ ଦୋହରାଇଲେ ତାଙ୍କର ପ୍ରସ୍ତାବ।

କୌଣସି ଭାବାନ୍ତର ନଥିଲା ରାଜପୁତ୍ରଙ୍କ ମନରେ। ଘଟଣା କଣ ଜାଣିବାକୁ ମହାମନ୍ତ୍ରୀ ଚେଷ୍ଟା କଲେ। ବହୁ ପରେ ଜାଣିଲେ ସେ ବୁଝିପାରୁ ନାହାନ୍ତି କୌଣସି କଥା। ସେ ବୁଝି ପାରିବା ଭାଷାରେ ତାଙ୍କୁ କୁହାଯାଉ।

ତାଙ୍କ ବୁଝିବା ଭଳି ଭାଷା ରେ ଖଣ୍ଡି ଖଣ୍ଡି କରି ମହାମନ୍ତ୍ରୀ ତାଙ୍କୁ ବୁଝାଇଲେ। ମାତ୍ର ବୁଝିବା ପରେ ସେ ଅନିଚ୍ଛା ପ୍ରକାଶ କଲେ ରାଜ୍ୟଭାର ଗ୍ରହଣ କରିବାକୁ।

ତାଙ୍କର ଅନିଚ୍ଛା ଦେଖି କେବଳ ମହାମନ୍ତ୍ରୀ ନୁହନ୍ତି ଅନ୍ୟ ସଭାସଦ୍ ମାନେ ବି ଲାଗିଗଲେ ତାଙ୍କୁ ପ୍ରବର୍ତ୍ତାଇବାକୁ। ମୃତ ମହାରାଜ ଯେହେତୁ ପ୍ରଜାପ୍ରିୟ ଓ ପ୍ରଜାନୁରଞ୍ଜକ ଥିଲେ,ତାଙ୍କ ସ୍ଥାନରେ ଯିଏ ସିଂହାସନ ରେ ବସିବ ତାଙ୍କ ସୁଖ୍ୟାତି ରେ ଶାସନ କରି ପାରିବ। କୌଣସି ଅସୁବିଧା ହେବ ନାହିଁ। ଆପଣ ପ୍ରଜାଙ୍କ ଭାଷା ବୁଝି ପାରିବେନିତ, ଆମେ ସବୁ କାହିଁକି ଅଛୁ ? ତାପରେ ପ୍ରଜାମାନଙ୍କର ରାଜାଙ୍କ ସହ ସିଧା ସଳଖ ସମ୍ପର୍କ ରହୁଛି ନା କଣ ?

ନା, ନା ଏ ଶାସନ କାର୍ଯ୍ୟ ମୋର ପସନ୍ଦ ନୁହେଁ, ମୁଁ ମୋ ସୃଜନ କର୍ମରେ ରହିବାକୁ ଚାହେଁ।

ରାଜାଙ୍କ ନାମରେ ପାତ୍ର, ମନ୍ତ୍ରୀ, ଅମାତ୍ୟ ମାନେ ଶାସନ ପରିଚାଳନା

Digitized by PPRACHIN, SOA

କରନ୍ତି। ରାଜାଙ୍କ ନାମରେ ଶାସନ ଚାଲୁଥିଲେ ମଧ୍ୟ ସେଥିରେ ତାଙ୍କୁ ବିଶେଷ ମୁଣ୍ଡ ଖର୍ଚ୍ଚ କରିବାକୁ ପଡେନା। ରାଜା ଯଦି ମୁଣ୍ଡ ଖର୍ଚ୍ଚ କରିବେ,ତେବେ ଥାକ ଥାକ ହୋଇ ରହିଥିବା ଶାସନ ବ୍ୟବସ୍ଥା ରେ ଆମେ ସବୁ କାହିଁକି ଅଛୁ ? ରାଜା ହୋଇ ମଧ୍ୟ ନିଶ୍ଚିନ୍ତ ରେ ଆପଣ ସୃଜନ କର୍ମ ବି କରି ପାରିବେ। ତା ପରେ ଯେଉଁ ଭାଷା ବୁଝି ପାରିବେନି ବୋଲି ଆପଣ ଭାବୁଛନ୍ତି, ତାକୁ ତ ଅଳ୍ପ ଦିନ ମଧ୍ୟରେ ଆୟତ୍ତ କରିହେବ।

ତଥାପି ବି ରାଜି ହେଉ ନଥିଲେ ରାଜପୁତ୍ର। ଶବ ପଡି ରହିଥିଲା ସଂସ୍କାର ଅପେକ୍ଷା ରେ। ଏହି ସମୟରେ କିଏ ଜଣେ ପ୍ରସ୍ତାବ ଦେଲେ ତାଙ୍କୁ ବୁଝାଇବାର ଦାୟିତ୍ୱ ରାଜଗୁରୁଙ୍କୁ ଦିଆଯାଉ।

ରାଜଗୁରୁଙ୍କ ନାମ ଶୁଣି ମହାମନ୍ତ୍ରୀ ଓ ମନ୍ତ୍ରୀପରିସଦର ଅନ୍ୟ ସଦସ୍ୟ ମାନେ ଭ୍ରୂକୁଞ୍ଚନ କଲେ। ମାତ୍ର ବୁଦ୍ଧିମାନ କଟୁଆଳ ନିର୍ଦ୍ଦେଶ କୁ ଅପେକ୍ଷା ନକରି ଚାଲିଲେ ରାଜଗୁରୁଙ୍କ ପାଖକୁ।

ସେ ଯାଇ ପହଞ୍ଚିଲେ ରାଜଗୁରୁଙ୍କ ଘରେ। ଘରେ ନଥିଲେ ସେ। ପଚାରିଲେ ତାଙ୍କ ପତ୍ନୀଙ୍କୁ। ଦେଖନ୍ତୁ ଯାଇ ପାଠାଗାରରେ ଥିବେ, ସେଠାରେ ନଥିଲେ ଉଦ୍ୟାନ ରେ ଥିବେ। ପାଠାଗାର ରେ ନପାଇ ଗଲେ ଉଦ୍ୟାନ କୁ। କଟୁଆଳ ତାଙ୍କ ପାଖରେ ପହଞ୍ଚିଲା ବେଳକୁ ସେ ବାତ୍ୟାରେ ନଇଁ ପଡିଥିବା ଗୋଟେ ଫଳନ୍ତି ବୃକ୍ଷକୁ ଭାରା ଦେଇ ସିଧା କରୁଥିଲେ। ସିଧା କରିସାରିଲା ପରେ ବୃକ୍ଷ ର ଚାରିପଟେ ଅଳ୍ପ ଗଭୀରର ଖାଇଟିଏ ଖୋଳିଲେ। କଟୁଆଳ ମନେ ମନେ ଭାବିଲେ ଖାଇ ରେ ପାଣି ରହିବାର ବ୍ୟବସ୍ଥା ବୋଧେ କରୁଛନ୍ତି ରାଜଗୁରୁ। ସେ କାର୍ଯ୍ୟ କରୁଥିବା ସମୟରେ କଟୁଆଳ କହି ଚାଲିଥିଲା ଆସିବାର ଉଦ୍ଦେଶ୍ୟ । ଉଦ୍ଦେଶ୍ୟ ଶୁଣି ସାରି ସେ ତାଙ୍କ ଭୃତ୍ୟ କୁ ନିର୍ଦ୍ଦେଶ ଦେଲେ – ଆରେ ପାଣି ନୁହଁ ଚିନି ଥଳିଟା ଆଣିବାକୁ। ଖାଇ ଭିତରେ ଚିନି ବିଞ୍ଚି ସାରି ମାଟି ଚଳାଇ ଦେଇ ହାତ ଝାଡି ଝୁଡି ଉଠିଲେ। ଉଠିବା ବେଳେ କେବଳ କହିଲେ – ଏ ଗଛ ପରି ମନ୍ତ୍ରୀ ମାନଙ୍କର ବେଳ ବୋଧେ ସରି ସରି ଆସିଲା।

କଟୁଆଳ କିଛି ନବୁଝିପାରି ପଚାରିଲା – ଗଛ ମୂଳରେ ପାଣି ନଦେଇ ଚିନି କାହିଁକି ଦେଲେ ?

ପାଣି ଦେବି ବୋଲିତ ଖାଇ ଖୋଳି ଥିଲି, ହେଲେ ତମ କଥା ଶୁଣିବା

Digitized by PPRACHIN, SOA

ପରେ ମୋ ନିଷ୍ପତ୍ତି ବଦଳାଇ ଦେଲି।

ମୋ କଥା ସହ ଚିନି ଦେବାର ସମ୍ପର୍କ କଣ ?

ଆମ ରାଜା ପ୍ରଜାପ୍ରିୟ ଥିଲେ କି ନାହିଁ ?

ଥିଲେ।

ତାଙ୍କ ମନ୍ତ୍ରୀ ମାନେ ?

କଟୁଆଳ କିଛି ନକହି ଚୁପ ରହିବାରୁ ରାଜଗୁରୁ କହିଲେ - ଭୟ କରୁଛ ନା ? ହଁ, ସେମାନଙ୍କ ପାଖରେ ଯେହେତୁ କ୍ଷମତା, ତମେ ଭୟ କରିବା ସ୍ୱାଭାବିକ। ଆଚ୍ଛା ଚିନି ର ସ୍ୱାଦ କଣ ? ମିଠା - ମିଠା ତ ? ମିଠା ଯେଉଁଠି ସେଠିକି ପିମ୍ପୁଡି ଆସିବେ କି ନାହିଁ ?

ଆସିବେ।

ପିମ୍ପୁଡି ଆସି ଚିନି କୁ ଖାଇବେ। ଚିନି ସରିଗଲା ପରେ ?

ଖାଦ୍ୟ ନ ମିଳିଲେ ସେ ସ୍ଥାନ ଛାଡି ଚାଲିଯିବେ।

ନା -ସ୍ଥାନ ଛାଡିବା କଣ ଏତେ ସହଜ। ତମେ ଅସ୍ତ୍ର ବିଦ୍ୟା ଶିଖିଛ ସିନା ହେଲେ ମୁଣ୍ଡରେ ଗୋବର ଭର୍ତ୍ତି କରିଛ। ଚିନି ସରିବା ପରେ ସେମାନେ ଜାଗା ଛାଡିବେନି, ଖାଦ୍ୟ ପାଇଁ କାଟିବେ ଏ ଗଛର ଚେରକୁ। ଚେର କାଟିଲେ କଣ ହେବ ?

ଗଛ ମରିବ।

ହଁ - ଧରି ନିଅ ଏ ଗଛ ହେଲା ମନ୍ତ୍ରୀପରିଷଦ, ଚିନି ହେଲା କ୍ଷମତା,ପିମ୍ପୁଡି ହେଲେ ଜନତା। ଏବେ ଆଉ ବେଶି କିଛି ବୁଝନି, ଚାଲ ରାଜ ଦରବାରକୁ, ସମୟ ଆସିଲେ ସବୁ ବୁଝି ଯିବ।

ରାଜଗୁରୁ ଉଆସ ରେ ପହଞ୍ଚିବା ପରେ କହିଲେ ରାଜପୁତ୍ର ଙ୍କ ସହ କଥାବାର୍ତ୍ତା ପାଇଁଏକାନ୍ତତା ଚାହୁଁଛି।ତାଙ୍କ ଇଚ୍ଛା ମୁତାବକ ଏକାନ୍ତତା ପ୍ରଦାନ କରାଗଲା। ସେ ରାଜପୁତ୍ରଙ୍କୁ ପଚାରିଲେ -ଆପଣ ଆମ ରାଜ୍ୟର ଭାଷା ବୁଝି ପାରିବେ ନା ନାହିଁ ?

ରାଜପୁତ୍ର ମୁଣ୍ଡ ହଲାଇ ମନାକଲେ।

ଉତ୍ତମ। ନବୁଝିପାରିବା ଟା ହିଁ ଏ ସମୟର ଆବଶ୍ୟକତା। ତେବେ ମୁଁ ଆପଣଙ୍କୁ ଆପଣ ବୁଝୁଥିବା ଭାଷାରେ କହୁଛି। ବର୍ତ୍ତମାନ ଆପଣଙ୍କ ପାଇଁ ଦୁଇଟି କାର୍ଯ୍ୟ ର ପ୍ରାଥମିକତା ରହିଛି। ଗୋଟିଏ ହେଉଛି ପିତୃ କାର୍ଯ୍ୟ ଓ ଅନ୍ୟଟି ହେଉଛି

Digitized by PPRACHIN, SOA

ରାଜକାର୍ଯ୍ୟ। ଆପଣଙ୍କ ଅରାଜି ହେବା ଫଳରେ ଏ ଦୁଇଟି କାର୍ଯ୍ୟ ବର୍ତ୍ତମାନ ଅଟକି ରହିଛି। ରାଜ୍ୟ ଆପଣଙ୍କ ନିଷ୍ପତ୍ତି ପାଇଁ ହୁଏତ କିଛି ଦିନ ଅପେକ୍ଷା କରିପାରେ। କାରଣ ଆପଣଙ୍କ ଉପସ୍ଥିତି ହିଁ ପ୍ରଜା ମାନଙ୍କୁ ସନ୍ଦେଶ ଦେଉଛି ଯେ ତାଙ୍କ ରାଜା ଅଛନ୍ତି। ମାତ୍ର ବିଷମ ସ୍ଥିତି ଥିଲା ବୋଲି ପ୍ରିୟ ରାଜାଙ୍କର ଶବ ବାସୀ ମଢା ହେଲା,ଆଉ ବିଳମ୍ବ କରି ଶବକୁ ଅସମ୍ମାନ କରାଯାଇ ପାରିବ ନାହିଁ। ମୁଁ ଶୁଣିଲି ଯେ ଏ ରାଜ୍ୟର ଭାଷା ଓ ସଂସ୍କୃତି ବିଷୟରେ ଆପଣ ଅଜ୍ଞ ଥିବାରୁ ଭୟ କରୁଛନ୍ତି ଯେ ଶାସକ ଓ ଶାସିତ ଭିତରେ ବ୍ୟବଧାନ ସୃଷ୍ଟି ହେବ ? ଆମର ପ୍ରିୟ ସ୍ୱର୍ଗତ ମହାରାଜ ଯେଉଁ ମାପ ଦଣ୍ଡ ସୃଷ୍ଟି କରିଛନ୍ତି ତାକୁ ଆଗେଇ ନେବାରେ ଆପଣ ସମର୍ଥ ହେବେ ନାହିଁ ? ଏହା କଣ ସତ୍ୟ ?

ସତ୍ୟ ମାତ୍ର ସମ୍ପୂର୍ଣ୍ଣ ସତ୍ୟ ନୁହେଁ।

ତାହାଲେ ସମ୍ପୂର୍ଣ୍ଣ ସତ୍ୟଟି କଣ ?

ମୋର ଆଗ୍ରହ ସୃଜନ କର୍ମ ରେ ଶାସନରେ ନୁହଁ।

ବାଣ୍ ଏତିକି କଥାର ଦ୍ୱନ୍ଦ ! ଆମର ପୁରାଣ ଏବଂ ଇତିହାସ ଏହାର ସାକ୍ଷୀ ଯେ ବହୁ ରାଜା ମହାରାଜା ଶାସନ ସହ ସୃଜନରେ ବି ପରାକାଷ୍ଠା ଦେଖାଇଛନ୍ତି। କିଏ କହିଲା ଶାସନ ଭାରରେ ସୃଜନ ପ୍ରତିହତ ହୁଏ ବୋଲି ? ବରଂ ଲୋକ ଚରିତ୍ର ଓ ଲୋକ ସମସ୍ୟାକୁ ଗଭୀର ଭାବରେ ଅଧ୍ୟୟନ କରିବାକୁ ସୁଯୋଗ ମିଳିବ ଯାହା ଅଧିକ ସୃଜନଶୀଳ କରିବ। ତା' ପରେ ଆପଣଙ୍କ ପାଖରେ ଆଉ ଗୋଟେ ବଡ ଅସ୍ତ୍ର ହେଲା ଆପଣ ଏ ରାଜ୍ୟର ଭାଷା ଜାଣି ନାହାନ୍ତି,ତେଣୁ ଚାଟୁକାର ମନ୍ତ୍ରୀମାନେ ନିକଟତର ହୋଇ ତାଙ୍କର ନିହିତ ସ୍ୱାର୍ଥ ପାଇଁ ଆପଣଙ୍କୁ ପଥଭ୍ରଷ୍ଟ କରି ପାରିବେ ନାହିଁ। ଆଉ ରହିଲା ପ୍ରଜା ମାନଙ୍କ କଥା,ସେମାନେ ଆପଣଙ୍କ କାର୍ଯ୍ୟକୁ ଦେଖିବେ, ଭାଷାକୁ ନୁହେଁ। ଆମ ଭାଷା ନ ଜାଣି ଇଂରେଜ, ମୋଗଲ, ମରଠା ମାନେ ବି ତ ଶାସନ କରିଛନ୍ତି। ଏ ରାଜ୍ୟର ପରମ୍ପରା କ୍ରମେ ଆମେ ହେଲୁ ରାଜଗୁରୁ। ଶିକ୍ଷା ସହ ବିପଦ ଆପଦ ଓ ଶାସନ ବ୍ୟବସ୍ଥାରେ ପରିଚାଳନାରେ ଆମେ ପରାମର୍ଶ ଦେଇ ଆସିଛୁ। ଆପଣ ଦାୟିତ୍ୱ ନିଅନ୍ତୁ, ଦେଖିବେ ଆପଣ ବି ପିତାଙ୍କ ପରି କିମ୍ବା ତାଠୁ ଅଧିକ ଲୋକପ୍ରିୟ ବି ହୋଇ ପାରିବେ।

ହଠାତ ଉଠିଲେ ରାଜପୁତ୍ର। କହିଲେ ଚାଲନ୍ତୁ,ସଭାସଦ ଅପେକ୍ଷା ରେ ଅଛନ୍ତି। ରାଜଭିଷେକ ସହ ପିତାଙ୍କ ସଂସ୍କାର ର ବ୍ୟବସ୍ଥା କରିବା।

Digitized by PPRACHIN, SOA

ସ୍ୱର୍ଗତ ମହାରାଜଙ୍କ ଶୁଦ୍ଧକ୍ରିୟା ପରେ ନୂତନ ରାଜା ମନ୍ତ୍ରୀ ପରିଷଦ ର ପ୍ରଥମ ବୈଠକ ଡାକିଲେ। ଯେହେତୁ ସେ ରାଜ୍ୟର ଭାଷା ଜାଣି ନଥିଲେ ତାଙ୍କର ଲିଖିତ ପ୍ରସ୍ତାବକୁ ରାଜଗୁରୁ ଅନୁବାଦ କରି ଶୁଣାଇଲେ। ଶାସନ କୁ ସ୍ୱଚ୍ଛ ଓ ନିର୍ମଳ ରଖାଯିବ, ଦୁର୍ନୀତି କୁ ଆଦୌ ପ୍ରଶୟ ଦିଆଯିବ ନାହିଁ। ପ୍ରତି ଛଅ ମାସରେ ଥରେ ମନ୍ତ୍ରୀ ପରିଷଦ କରିଥିବା କାର୍ଯ୍ୟ ର ସମୀକ୍ଷା କରାଯିବ। ଯଦି ମନ୍ତ୍ରୀ ପରିଷଦ ର କୌଣସି ମନ୍ତ୍ରୀଙ୍କର କାର୍ଯ୍ୟ ସନ୍ତୋଷଜନକ ନ ହୁଏ ତେବେ ତାଙ୍କୁ ଦାୟିତ୍ୱରୁ ଅବ୍ୟାହତି ଦିଆଯିବ। ପ୍ରଜାମଙ୍ଗଳ ପ୍ରାଥମିକତାର ପ୍ରଥମ ରେ ରହିବ।

ପ୍ରସ୍ତାବ ଗୁଡିକ ମନ୍ତ୍ରୀପରିଷଦ କୁ ଭଲ ଲାଗିଥିଲେ ବି ଭିତରେ ଭିତରେ ଭାଳେଣି ପଡିଲା। ଏତଦ୍‌ବ୍ୟତୀତ ପ୍ରସ୍ତାବ ଗୁଡିକୁ ଉପସ୍ଥାପନ ପାଇଁ ମନ୍ତ୍ରୀ ପରିଷଦ ର କାହାକୁ ଦାୟିତ୍ୱ ନଦେଇ ରାଜଗୁରୁଙ୍କୁ ଦିଆଯିବାଟାକୁ ଅନେକ ଗ୍ରହଣ କରିପାରୁ ନଥିଲେ।

ମନ୍ତ୍ରୀପରିଷଦ ର ଜଣେ ମନ୍ତ୍ରୀ ଆଉ ଜଣେ ମନ୍ତ୍ରୀଙ୍କ କାନରେ କହିଲେ - ପେଡିରେ ନ ପଶିଲା ଯାଏ ନାଗ ଫଣା ଟେକୁ ଥାଏ, ଥରେ ପେଡିରେ ପଶିଗଲେ ଆଉ ଫଣା ଟେକିବାର ଯୁ ଥିବ ଯେ ଏତେ କଥା। ଆଗେ ସେ ଆମ ଭାଷା ଟା ଶିଖି ଯାଅନ୍ତୁ, କାନରେ ଏମିତି ଫୋଡା ହେବ ଯେ ବଳେ ବାଟକୁ ଆସିଯିବେ।

ଭାଷା ଶିଖିବା କଥା ଶୁଣି ମହମନ୍ତ୍ରୀ ନିଜ ଆସନ ରୁ ଉଠି ପ୍ରସ୍ତାବ ଗୁଡିକ ବହୁ ଉଚ୍ଚକୋଟୀର ଓ ପ୍ରଜାନୁରାଗୀ ହେବ ବୋଲି ମନ୍ତବ୍ୟ ଦେଲେ। ତାଙ୍କ ମନ୍ତବ୍ୟକୁ ସମସ୍ତ ମନ୍ତ୍ରୀପରିଷଦ କର ତାଳି ଦେଇ ସମର୍ଥନ କଲେ। ତାଳିମାଡ଼ ବନ୍ଦ ହେବା ପରେ ମହମନ୍ତ୍ରୀ କହିଲେ ସେ ଏକ ପ୍ରସ୍ତାବ ରଖିବାକୁ ଚାହୁଁଛନ୍ତି।

ମହାରାଜଙ୍କର ଅନୁମତି ମିଳିବା ପରେ ସେ କହିଲେ - ମହାରାଜଙ୍କ ପୁତ୍ର ହିସାବରେ ଯୁବରାଜ ରାଜା ହେଲେ,ପ୍ରଜା ଗ୍ରହଣ କରିନେଲେ। ହେଲେ ଶାସନ କରିବାକୁ ଅସଲ ସମସ୍ୟା ହେବ ଭାଷା। ମୁଁ ପ୍ରସ୍ତାବ ଦେଉଛି ଯେ ଜଣେ ଭାଷାବିତ୍‌ଙ୍କୁ ନିଯୁକ୍ତି କରାଯାଇ ଯେତେଶୀଘ୍ର ରାଜ୍ୟର ଭାଷାକୁ ନୂତନ ମହାରାଜା ଙ୍କୁ ଶିଖାଇ ଦିଆଯିବ।

ଏ ପ୍ରସ୍ତାବ ଉପରେ ସମସ୍ତେ ତାଳିମାରି ସମର୍ଥନ କରିବାକୁ ଯିବାବେଳେ ମହାରାଜ ହାତ ଉଠାଇ ବାରଣ କାଲେ।

ରାଜଗୁରୁ ଆଶ୍ୱସ୍ତ ହେଲେ ଏବଂ ସେଦିନର ସଭା ଶେଷ ହେଲା ବୋଲି

Digitized by PPRACHIN, SOA

ମହାରାଜ ଘୋଷଣା କଲେ।

ମହାରାଜଙ୍କର ବିଶ୍ରାମ କକ୍ଷ କୁ ଯାଇ ରାଜଗୁରୁ କହିଲେ - ଆଜି ଆପଣ ନେଇଥବା ନିଷ୍ପତି ଉପରେ ମୁଁ ବହୁତ ଖୁସି। ଆପଣଙ୍କ କାର୍ଯ୍ୟ ହିଁ ଆପଣଙ୍କ ଭାଷା ହେଉ। ପ୍ରଜାମାନେ ଆପଣଙ୍କ କାର୍ଯ୍ୟକୁ ଦେଖିବେ, ଭାଷାକୁ ନୁହେଁ। ଆପଣ ଭାଷା ଶିଖିଗଲେ ମନ୍ତ୍ରୀ ମାନେ ଆପଣଙ୍କ କାନରେ ଫୋଡ଼ିବେ,ତାଙ୍କ ସ୍ୱାର୍ଥ ସାଧନ ପାଇଁ ବହୁତ ମିଛ ସତ କହିବେ। ବର୍ତ୍ତମାନ ଭାଷାଟା ହିଁ ଏକ ପ୍ରାଚୀର ହୋଇ ରହିବ ଆପଣ ଓ ସେମାନଙ୍କ ଭିତରେ, ଯାହାଫଳରେ ଆପଣ ନିରପେକ୍ଷ ନିଷ୍ପତ୍ତି ନେବାରେ ସକ୍ଷମ ହୋଇ ପାରିବେ। ମୁଁ ଆପଣଙ୍କ ଚିନ୍ତା ଓ ପ୍ରସ୍ତାବକୁ ରାଜ୍ୟ ଭାଷାରେ ସେମାନଙ୍କୁ ଜଣାଇଦେବି।

ଶାସନ ଚାଲିଲା। ଖୁବ ଭଲ ବି ଚାଲିଲା। ପ୍ରଜାମାନେ ଖୁସି ଥିଲେ,ମାତ୍ର ଅସୁଖୀ ଥିଲେ ମନ୍ତ୍ରୀ ମାନେ। ସେମାନଙ୍କର ସିଧା ସଳଖ ଯୋଗାଯୋଗ ନଥିଲା ରାଜାଙ୍କ ସହ। ଯାହା ଯୋଗାଯୋଗ ରାଜଗୁରୁଙ୍କ ମାଧ୍ୟମରେ। ଧୀରେ ଧୀରେ ପ୍ରଜା, ମନ୍ତ୍ରୀ ଓ ଅନ୍ୟାନ୍ୟ ଅମାତ୍ୟଙ୍କ ଦୃଷ୍ଟିରେ ରାଜଗୁରୁ ପାଲଟି ଯାଉଥିଲେ କ୍ଷମତାର କେନ୍ଦ୍ରବିନ୍ଦୁ। ଯେହେତୁ ଶାସନ ଠିକ ଚାଲିଥିଲା,ପ୍ରଜା ମାନେ ଖୁସି ଥିଲେ, ମହାରାଜ ରାଜଗୁରୁଙ୍କ ଦକ୍ଷତା ଓ ବିଚକ୍ଷଣତା କୁ ପସନ୍ଦ ଓ ପ୍ରଶଂସା କଲେ।

ସୃଜନ ପ୍ରିୟ ମହାରାଜ ଯେହେତୁ ଅନ୍ତର୍ମୁଖୀ ଥିଲେ, ନା ସେ ମିଶି ପାରୁଥିଲେ ମନ୍ତ୍ରୀ ମାନଙ୍କ ସହ ନା ପ୍ରଜା ମାନଙ୍କ ସହ। ଚିର କୁମାର ରହିବାର ବ୍ରତ ନେଇଥିବାରୁ ପରିବାର ବି ନଥିଲେ। ତେଣୁ ତାଙ୍କର ପରିସର ଥିଲା ଖୁବ ନିଃସଙ୍ଗ ନିଃସଙ୍ଗ। ରାଜକାର୍ଯ୍ୟ ପରେ ନା ସେ କାହା ସହ ମିଶୁଥିଲେ ନା କାହାକୁ ମିଶିବାକୁ ସୁଯୋଗ ଦେଉଥିଲେ। ତାଙ୍କର ଚଳନ୍ତି ପ୍ରତିମା ହୋଇ ରାଜଗୁରୁ ବୁଝୁଥିଲେ ଶାସନ ଦାୟିତ୍ୱ।

ଏକଦା ରାଜା ଅସୁସ୍ଥ ହେଲେ। ରାଜଙ୍କର ଅସୁସ୍ଥତା ର ଖବର ରାଜ୍ୟ ପାଇଁ ମଙ୍ଗଳକାରୀ ନୁହେଁ, ବିଶେଷ କରି ରାଜା ଯଦି ଅବିବାହିତ ଥାନ୍ତି। ତେଣୁ ରାଜଗୁରୁ ଶକ୍ତ ନିର୍ଦ୍ଦେଶ ଦେଲେ ଯେମିତି ରାଜ୍ୟବାସୀ ଏ ଖବର ନ ଜାଣନ୍ତି ଏବଂ ରାଜବୈଦ୍ୟଙ୍କୁ କହିଲେ ଚିକିତ୍ସା କରିବା ପାଇଁ। ଚିକିତ୍ସା ଚାଲିଥିଲା ମାତ୍ର ରୋଗ କମିବାର ନାଁ ନେଉ ନଥିଲା। ମହାରାଜ ଯେତେବେଳେ ଉପଲବ୍ଧି କଲେ ତାଙ୍କୁ ଆରୋଗ୍ୟ କରାଇବା ଟା ରାଜବୈଦ୍ୟ ଙ୍କ ସାଧ ବାହାରେ,ସେ ଚିନ୍ତା କଲେ ରାଜ୍ୟ ବାହାରେ ଯାଇ ଚିକିତ୍ସା ବ୍ୟବସ୍ଥା କରାଇବାକୁ। ରାଜଗୁରୁଙ୍କୁ ଡାକି କହିଲେ

Digitized by PPRACHIN, SOA

ସେ ବିଦେଶରୁ ଆରୋଗ୍ୟ ହୋଇ ଫେରିବା ଯାଏ ଶାସନ ବ୍ୟବସ୍ଥା ସମ୍ଭାଳିବା ପାଇଁ।

ରାଜଗୁରୁ ଛଳନାପୂର୍ଣ୍ଣ ଅନିଚ୍ଛା ପ୍ରକାଶ କରି କହିଲେ - ରାଜ୍ୟ ଶାସନ କିଏ ମୁଁ କିଏ ? ମୁଁ ମହାରାଜଙ୍କର ବେତନଭୋଗୀ କର୍ମଚାରୀ ଟିଏ ମାତ୍ର, ଶାସନରେ ପରାମର୍ଶ ସିନା ଦେଇ ପାରିବି, ଶାସନ କଣ ସମ୍ଭାଳି ପାରିବି ?

ମୁଁ ଆପଣଙ୍କୁ ରାଜା ହେବାକୁ କହୁନି, କେବଳ ମୋ ଅନୁପସ୍ଥିତ ରେ ମନ୍ତ୍ରୀପରିଷଦ କୁ ଧରି ଶାସନ ସମ୍ଭାଳିବେ।

ଆପଣଙ୍କ ଶାସନ ପରି ଆପଣଙ୍କ ସ୍ୱାସ୍ଥ୍ୟ ମଧ୍ୟ ରାଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ହଉ ଆପଣ ଯାଆନ୍ତୁ, ମାତ୍ର ଆପଣଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ରାଜ୍ୟବାସୀଙ୍କୁ ଜାଣିବାକୁ ଦିଆଯିବ ନାହିଁ। ଆପଣଙ୍କ ଅନୁପସ୍ଥିତିରେ ମିଳିତ ଭାବରେ ଶାସନ ଚାଲିବ,ଏବଂ ଆପଣଙ୍କୁ ନିୟମିତ ଗୁପ୍ତଚର ମାଧ୍ୟମରେ ଖବର ପ୍ରେରଣ କରାଯିବ। ହଁ,ଆଉ ଗୋଟିଏ ପରାମର୍ଶ, ଆପଣଙ୍କ ମନ୍ତ୍ରୀପରିଷଦ ର କେହି ବି ନଜାଣନ୍ତୁ ଆପଣ ସ୍ୱାସ୍ଥ୍ୟ ସମସ୍ୟା ନେଇ ବିଦେଶ ଯାଉଛନ୍ତି ବୋଲି।

ରାଜଗୁରୁଙ୍କୁ ଅଖଣ୍ଡ କ୍ଷମତା ସହ ଶାସନ ଭାର ଅର୍ପଣ କରି ରାଜା ବିଦେଶ ଭ୍ରମଣରେ ଯାଉଛନ୍ତି ବୋଲି ମନ୍ତ୍ରୀପରିଷଦ କୁ ଜଣାଇ ଦିଆଗଲା। ମହାମନ୍ତ୍ରୀ ଓ ମନ୍ତ୍ରୀପରିଷଦ ଈର୍ଷାରେ ଜଳିଲେ ମଧ୍ୟ ରାଜାଙ୍କ ଆଦେଶ ଉପରେ ପାଟି ଫିଟାଇବାର ଯୁ ନଥିଲା। ତେଣୁ ସେମାନେ ଇଚ୍ଛା ବିରୁଦ୍ଧରେ ବି ପ୍ରସ୍ତାବ କୁ ସମର୍ଥନ କରିଥିଲେ।

ରାଜାଙ୍କ ଅନୁପସ୍ଥିତ ରେ ରାଜଗୁରୁଙ୍କ ଆଦେଶ ଦେଖି ମନ୍ତ୍ରୀପରିଷଦ ରାଗରେ ରକ୍ତ ଚାଉଳ ଚୋବାଇ ହେଲେ ମଧ୍ୟ ନିରବରେ ପାଳନ କରୁଥିଲେ। ଦିନେ ମହମନ୍ତ୍ରୀଙ୍କ ମୁଣ୍ଡକୁ ଏକ ଖଳ ବୁଦ୍ଧି ଜୁଟିଲା, ଭାବିଲେ ପରୀକ୍ଷା କରାଯାଉ।

ଏକାନ୍ତରେ ଭେଟିଲେ ରାଜଗୁରୁଙ୍କୁ। ପରମ ଆତ୍ମୀୟତା ଦେଖାଇ କହିଲେ ଏ ରାଜ୍ୟବାସୀ ଏବଂ ଆମେ ସମସ୍ତେ ଜାଣୁ ରାଜ୍ୟ ଶାସନ କିଏ କରୁଛି। ଜନ୍ମଗତ ଅଧିକାର ନେଇ ରାଜାଙ୍କ ପୁଅ ବୋଲି ସିନା ସେ ରାଜା,ନଚେତ ରାଜ୍ୟର ଭାଷା ଜାଣିନଥିବା ଜଣେ ଶାସକ କଣ ପ୍ରଜାମାନଙ୍କର ବିଶ୍ୱାସଭାଜନ ହୋଇ ପାରିଥାନ୍ତେ ? ତାଙ୍କ ନାଁ ରେ ସିନା ଶାସନ,ହେଲେ ପ୍ରକୃତ ଶାସନ ଆପଣ କରୁଛନ୍ତି ନା। ଏ ରାଜ୍ୟର ଇତିହାସରେ ତ ଗାଈ ଚରାଳି ବି ରାଜା ହୋଇଛନ୍ତି। କେତେଦିନ ଆପଣ ଏମିତି ଛାୟା ରାଜା ହେବେ ? ଥରଟିଏ ସତକୁ ସତ ରାଜା ହେଉନାହାନ୍ତି ? ମୋ

Digitized by PPRACHIN, SOA

ସହ ରାଜଦରବାରର ସମସ୍ତ ସଦସ୍ୟ ଆପଣଙ୍କ ସାଥିରେ ଅଛନ୍ତି। ରାଜାଙ୍କ ଅନ୍ତେ ତ ଆଉ କେହି ନାହାନ୍ତି। ପୁଣି ହାତୀ ଘୁରିବ ରାଜ୍ୟରେ। ଢାଳିବ କାହା ମୁଣ୍ଡରେ କଳସ। ଏବେ କାହିଁକି ସେ କଳସଟାକୁ ଆପଣ ନିଜ ମୁଣ୍ଡରେ ଢାଳିବେ ନାହିଁ ?

ରାଜଗୁରୁ ବିସ୍ମୟ ହୋଇ ଚହିଁଲେ ମହାମନ୍ତ୍ରୀଙ୍କୁ।

କଥା ବିଗିଡି ଗଲାକି ? ଭୟ ପାଇଯାଇ ମହାମନ୍ତ୍ରୀ କହିଲେ, ଆପଣଙ୍କ ଯୋଗ୍ୟତା ଦେଖି ମୁଁ ମୋ ମନ କଥା କହୁଥିଲି। ଆପଣ ଯଦି ଦ୍ୱିମତ,ତେବେ ମୁଁ ମୋ କଥା ଫେରାଇନେଉଛି। ଏକଥା ଆପଣ ଓ ମୋ ଭିତରେ କେବଳ ରହିଯାଉ।

ରାଜଗୁରୁ ମନେ ମନେ ଭାବୁଥିଲେ ମହାମନ୍ତ୍ରୀ ତ ମୋ ମନ କଥା କହୁଛନ୍ତି। କେବଳ ମୋ ମନ କଥା କାହିଁକି, ପତ୍ନୀଙ୍କ ମନ କଥାକୁ ବି। କେତେଥର ଥଟ୍ଟା ଥଟ୍ଟାରେ ସେ କହିଲେଣି - ଏ ଛାୟା ରାଜା ହୋଇ କେତେଦିନ ବୋକଚ୍ଚ ବୋହୁଥିବ ? ରାଜଗୁରୁର ଗୋଟେ ପରିଚୟ କଣ ? କେଉଁ ଇତିହାସ ତାଙ୍କୁ ମନରେ ରଖେ ? ଛାୟା ରାଜାରୁ ଥରଟିଏ ରାଜା ହେଉନ। ତମ ସହ ମୋ ମନର ଓରିମାନା ବି ମେଣ୍ଟି ଯାଆନ୍ତା ଥରଟିଏ ମହାରାଣୀ ହୋଇ। ପତ୍ନୀ କହୁଥିଲେ, ଆଜି ମହାମନ୍ତ୍ରୀ ବି କହିଲେଣି। ମୋ ଭିତରେ ରାଜା ହେବାର ଯୋଗ୍ୟତା ଦେଖୁଛନ୍ତି ବୋଲି ତ ? ଆତ୍ମସ୍ତ ଅବସ୍ଥାରୁ ମୁକୁଳି ପ୍ରଶ୍ନ କଲେ - ଏହା କଣ ସମ୍ଭବ ମହାମନ୍ତ୍ରୀ ?

ଏହା ଆପଣଙ୍କର ପ୍ରଶ୍ନ ନା ସନ୍ଦେହ ରାଜଗୁରୁ? ଯଦି ପ୍ରଶ୍ନ, ତେବେ ଉତ୍ତର ହେଉଛି ନିଶ୍ଚିତ ସମ୍ଭବ, ଯଦି ସନ୍ଦେହ ତାହା କେବଳ ନିଜ ଦକ୍ଷତା କୁ ନେଇ।

ନା- ନା,ଦକ୍ଷତାକୁ ନେଇ ମୋର କୌଣସି ସନ୍ଦେହ ନାହିଁ।

ତେବେ ଆପଣ ସମ୍ମତି ପ୍ରଦାନ କରି ଦେଖନ୍ତୁ ଏହା କିପରି ସମ୍ଭବ କରାଇପାରୁଛି।

ତେବେ ଏ ଦାୟିତ୍ୱ ଆପଣ ନିଅନ୍ତୁ।

ମହାମନ୍ତ୍ରୀ ହୋଇପଡିଲେ ଅତ୍ୟନ୍ତ ଉତ୍ସାହିତ। ମନ୍ତ୍ରୀ ପରିଷଦର ସମସ୍ତଙ୍କ ସହ ଏକା ଏକା କରି ଏକାନ୍ତରେ ଆଲୋଚନା କଲେ। ତାଙ୍କ ପରି ଅନ୍ୟମାନେ ବି ରାଜଗୁରୁଙ୍କ ଆଧିପତ୍ୟ ପାଇଁ ଥିଲେ ଅସନ୍ତୁଷ୍ଟ। ପାନେ ଦେବା ପାଇଁ ସମସ୍ତେ ମେଳି ହୋଇଗଲେ। ରାଜ୍ୟର ସୀମା ସୁରକ୍ଷା ବଢାଗଲା। କୌଣସି ଆଭ୍ୟନ୍ତରୀଣ ଆହ୍ୱାନ ପାଇଁ ସୈନ୍ୟ ମାନଙ୍କୁ ସତର୍କ ଓ ସଜାଗ ରଖା ଗଲା। ସବୁ ସ୍ଥିତି କୁ

Digitized by PPRACHIN, SOA

ସମୀକ୍ଷା କରିସାରି ମହାରାଜାଙ୍କୁ ଗାଦିଚ୍ୟୁତ କରାଗଲା ଓ ରାଜଗୁରୁଙ୍କୁ ନୂତନ ରାଜା କରାଗଲା ବୋଲି ଘୋଷଣା କରାଗଲା। ଅତି ବିଶ୍ୱସ୍ତ ଗୁପ୍ତଚର କୁ ରାଜାଙ୍କ ପାଖକୁ ପଠାଇ ତୁରନ୍ତ ରାଜ୍ୟକୁ ଫେରିବାକୁ ସନ୍ଦେଶ ପଠାଗଲା।

ରାଜଗୁରୁଙ୍କ ସିଂହାସନ ଆରୋହଣ ର ଶୁଭ ମୁହୂର୍ତ୍ତ ନିର୍ଣ୍ଣୟ କରାଗଲା।

ରାଜଗୁରୁ ରାଜା ହେବା ସ୍ୱପ୍ନର ବିଭୋର ମୁହୂର୍ତ୍ତ ରେ ପହଞ୍ଚିଗଲେ ମହାରାଜ। ତାଙ୍କୁ ଦେଖି ବିସ୍ମିତ ରାଜଗୁରୁ ମହାମନ୍ତ୍ରୀଙ୍କୁ ଆଦେଶ ଦେଲେ ସୈନିକ ମାନଙ୍କୁ କୁହନ୍ତୁ ୟାଙ୍କୁ ହତ୍ୟା କରିବା ପାଇଁ।

ମହାମନ୍ତ୍ରୀ କହିଲେ - କ୍ଷମା କରିବେ ରାଜଗୁରୁ, ମହାରାଜଙ୍କର ନମକ ଖାଇଛି, ନମକ ହଲାଲ ହେବି କିପରି ?

ଏ କଣ କହୁଛନ୍ତି ଆପଣ ?

ଠିକ କଥା କହୁଛି। କେବଳ ମୁଁ କାହିଁକି ପରୀକ୍ଷା କରି ଦେଖନ୍ତୁ ମନ୍ତ୍ରୀପରିଷଦ ର ଅନ୍ୟ କେହି ଏଥିରେ ସହମତ କି ? ଏପରିକି ସୈନ୍ୟ ମାନେ ଏଥିରେ ସହମତ ହେବେକି ?

ରାଜଗୁରୁ ଚରମ ବିସ୍ମୟରେ ମହମନ୍ତ୍ରୀଙ୍କୁ ଋହୁଁ ଥିଲା ବେଳେ ତାଙ୍କୁ ବନ୍ଦୀ କରିବାର ଆଦେଶ ଦେଲେ ମହାରାଜ। ସୈନ୍ୟ ମାନେ ତାଙ୍କୁ ବନ୍ଦୀ କରିସାରିବା ପରେ ମହାରାଜ ନିର୍ଦ୍ଦେଶ ଦେଲେ ତାଙ୍କୁ କାରାଗୃହରେ ନିକ୍ଷେପ କରିବାକୁ। ଆସନ୍ତାକାଲି ରାଜଦ୍ରୋହ ଅପରାଧ ରେ ତାଙ୍କୁ ସର୍ବସମ୍ମୁଖରେ ଶୂଳି ଖୁଣ୍ଟରେ ବସାଯିବ।

ସୈନ୍ୟମାନେ ରାଜଗୁରୁଙ୍କୁ ବନ୍ଦୀ କରି କଡା ସୁରକ୍ଷା ଭିତରେ ଜେଲ ଭିତରକୁ ନେବାବେଳେ ମନ୍ତ୍ରୀପରିଷଦ ସମ୍ମିଳିତ ସ୍ୱରରେ କହୁଥିଲେ - ମହାରାଜ କି ଜୟ, ମହାରାଜ କି ଜୟ। ମହାରାଜାଙ୍କ ପାଟିରୁ କେବଳ ପଦିଏ ରାଜ୍ୟଭାଷା ସାମାନ୍ୟ ଅପଭ୍ରଂଶ ହୋଇ ବାହାରିଲା ରାଜଗୁରୁଙ୍କ ଉଦେଶ୍ୟରେ - ବେଇମାନ।

ପରଦିନ ସର୍ବସମ୍ମୁଖରେ ରାଜଗୁରୁଙ୍କୁ ଶୁଳି ଖୁଣ୍ଟରେ ବସାଯିବାର ଥିଲା। ପ୍ରଜାମାନଙ୍କର ଅସମ୍ଭବ ଭିଡରେ ଖଚା ଖଚ ଭର୍ତି ହୋଇଥିଲା ଶୁଳି ପଡିଆ। ଘାତକ ତାଙ୍କୁ ଶୁଳି ଖୁଣ୍ଟରେ ବସାଇବା ବେଳେ - ମହାରାଜ କି ଜୟ, ମହାରାଜ କି ଜୟ ଧ୍ୱନିରେ ପ୍ରକମ୍ପିତ ହେଲା ଗଗନ ପବନ। ଅଳ୍ପ ସମୟ ଛଟ ପଟ ହୋଇ ଋଲିଗଲା ରାଜଗୁରୁଙ୍କ ପ୍ରାଣ। ମହାରାଜାଙ୍କ ପାଇଁ ବିଶେଷ ଭାବରେ ନିର୍ମିତ

Digitized by PPRACHIN, SOA

ହୋଇଥିବା ଏକ ମଞ୍ଚକୁ ଉଠି ପ୍ରଜାମାନଙ୍କ ଉଦ୍ଦେଶ୍ୟ ରେ ହାତ ହଲାଇଲେ ମହାରାଜ। ରାଜାଙ୍କୁ ଦେଖି ପ୍ରଜାମାନେ ଅଧିକ ଉତ୍ସାହିତ ହୋଇ -ମହାରାଜ କି ଜୟ ଧ୍ୱନି କଲେ। ସମବେତ ଜନତାଙ୍କ ଉଦ୍ଦେଶ୍ୟରେ କିଛି କହିବା ପାଇଁ ଭାବିଲେ ମହାରାଜ, ମାତ୍ର ଭାଷା ସାଜୁଥିଲା ବାଧକ। ଏତେ ବର୍ଷ ଶାସନ ଭିତରେ ଯେତିକି ଶୁଣି ଶୁଣି ମନରେ ରଖିଥିଲେ ତାକୁ ଯୋଡି ପଦେ କହିଲେ - ମୁଁ ଆପଣମାନଙ୍କ ପାଖକୁ ଫେରି ଆସିଲି, ଆପଣମାନେ ଖୁସି ତ ?

ରାଜା ଆମ ଭାଷା କହିଲେ -ଆମ ଭାଷା କହିଲେ ବୋଲି ଖୁସିର ଲହର ଖେଳିଗଲା କେବଳ ଶୁଳି ପଡିଆରେ ନୁହଁ ସମଗ୍ର ରାଜ୍ୟରେ।

—o—

Digitized by PPRACHIN, SOA

ପ୍ରିୟ ମୃତ୍ୟୁ

ମୁଁ ପାନ ଖାଏ, ଏକଥା ଜାଣିଥିଲେ ବାପା। ମାତ୍ର ବାପାଙ୍କ ଆଗରେ ପାନ ଖାଇବା କିମ୍ବା ପାନ ମଗାଇବା ପରି ଧୃଷ୍ଟତା ମୁଁ କେବେ କରି ନଥିଲି। ଶିଷ୍ଟାଚାର ଓ ପାରିବାରିକ ସଂସ୍କାର ର ପରଦା ଆଡୁଆଳରେ ରହିଥିଲା ମୋର ଅଭ୍ୟାସ।

ଖୁବ ଶ୍ରଦ୍ଧା ଓ ବିନୟ ଭାବଟିଏରେ ମୋତେ ପାଖକୁ ଡାକିଲେ ବାପା। ଦେହ ପୁଣି କଣ ଅସୁସ୍ଥ ହେଲାକି ଭାବି ମୁଁ ତାଙ୍କ ପାଖକୁ ଯାଇ ମୁଣ୍ଡ ଓ ଛାତିକୁ ଟିକେ ଆଉଁସି ପକାଇ ପଚାରିଲି - କଣ ହେଲା ବାପା, ଦେହ ଭଲ ଲାଗୁନି କି ?

ତାଙ୍କ ମୁଣ୍ଡ ଓ ଛାତି ଉପରେ ଘୁରୁଥିବା ମୋ ହାତଟିକୁ ଧରିପକାଇ ସେ କହିଲେ- ଦେହ ଭଲ ଲାଗୁଛି, ହେଲେ ପାଟିଟା ବାଟି ହୋଇଗଲା ପରି ଲାଗୁଛି। ଏତେ ବର୍ଷର ଅଭ୍ୟାସଟା ତ, ହଠାତ ଛାଡି ହେଉଛି କେଉଁଠି। ତୁ ମୋତେ ପାନ ଖଣ୍ଡେ ଦେବୁ ?

ମୁଁ ହଡବଡାଇ ଗଲି ବାପାଙ୍କର ପାନ ମାଗିବାର ବିନୀତ ଭଙ୍ଗୀରେ। ଡାକ୍ତର ଶକ୍ତ ଭାବରେ ମନା କରିଛନ୍ତି ପାନ କିମ୍ବା ଅନ୍ୟ କୌଣସି ନିଶା ଦ୍ରବ୍ୟ ନଦେବା ପାଇଁ। ସେ କଥା ମନରେ ରଖି ତାଙ୍କୁ ଭୁଲାଇବାକୁ କହିଲି- ପାନ ! ମୋ ପାଖରେ ପାନ କୁଆଡୁ ଆସିବ ?

ବାପା ଭଲ ଭାବରେ ଜାଣିଥିଲେ ମୋ ପକେଟରେ ସବୁବେଳେ ଗୋଟେ ଜରିରେ ଥାଏ ଜର୍ଦା ମିଠା ଭଙ୍ଗା ପାନ। ମୋ ମନାକରିବା ଦେଖି ସେ କହିଲେ, ମନା କରନା, ମୁଁ ଜାଣେ ତୋ ପକେଟରେ ଅଛି।

ନା ନା ସତ କହୁଛି ମୋ ପାଖରେ ନାହିଁ।

ତୋ ପକେଟ ଦେଖାଇଲୁ କେମିତି ନାହିଁ ଦେଖିବା।

Digitized by PPRACHIN, SOA

ମୋ ପକେଟ ଦେଖିବ ତ, ଦେଖ। ମୁଁ ଭାବୁଥିଲି ମୋର ଏ ଟାଣ ପଣ ଦେଖି ବାପା ଆଉ ମୋ ପକେଟ ଦେଖିବେ ନହିଁ। ତେଣୁ ତାଙ୍କ ଆଗରେ ଠିଆ ହୋଇ କହିଲି ଦେଖୁନା ଦେଖ।

ବାପା ମୋ ପକେଟ ଉଣ୍ଡାଳିଲେ। ମୋତେ ଲାଗୁଥିଲା ସ୍କୁଲ ମନିଟର ପରି ବାପା ଖୋଜୁଛନ୍ତି ଚୋରୀ ରବର କି ପେନସିଲ ଗୋଟିଏ ସନ୍ଦିଗ୍ଧ ଛାତ୍ରର ପକେଟ ଅଣ୍ଡାଳି ଅଣ୍ଡାଳି। ହେଇ ପାନ କହି ସେ ବାହାର କରି ଆଣିଲେ ଜରି ପ୍ୟାକେଟଟିଏ।

ମୁଁ ହସି ଦେଇ କହିଲି, ହଁ ପାନ ଅଛି ବାପା, ହେଲେ ଡାକ୍ତର ପା' ତମକୁ ମନାକରିଛନ୍ତି ପାନ, ବିଡି, ସିଗାରେଟ ଇତ୍ୟାଦି ଖାଇବାକୁ।

ମନା କରିଦେବାଟା ଯେତେ ସହଜ,ତାକୁ ପାଳନ କରିବାଟା କଣ ସେତେ ସହଜ ? ପାନ ଖାଇଲେ କଣ ଟା ହେବ କହତ ? ମୁଁ ମରିଯିବି ତ ? ଏଇଆ ନା ଆଉ କଣ ? ଆଉ କେତେ ବର୍ଷ ବଞ୍ଚି ଥାନ୍ତି ଯେ ? ଅଠାଅଶୀ ବର୍ଷ ପା ହେଲାଣି। ହଜାରେ ପୂର୍ଣ୍ଣ ଚନ୍ଦ୍ର ପରା ଦେଖି ସାରିଲିଣି। ମୋ ସାଙ୍ଗ ସାଥୀ ବୁଢା ମାନେ ଆଉ କେହି ଅଛନ୍ତି ? ସବୁ ମଲେଣି। ମୁଁ ବି ଯାଇସାରନ୍ତିଣି। ଯାଇନି କାହିଁକି ଜାଣ ? ଏଇ ମୋ ଦେହ ଟିକେ ଇସ୍ କିନା ହେଲେ ତମେମାନେ ଯେଉଁ ଡାକ୍ତର ଦେଖାଇ ପକାଉଛ, ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଇ ଯେଉଁ ଔଷଧ ପତ୍ର ଦେଇ ଦେଉଛ,ସେଥିପାଇଁ ମୁଁ ଟାଣି ହୋଇ ଆସିଲିଣି ଏତେବର୍ଷ ଯାଏଁ। ଏବେ ତମେମାନେ ଯେଉଁ କହୁନାକି ମୋ ହାର୍ଟ ଖରାପ ହୋଇଛି, ପ୍ରକୃତରେ ସେଇଟା ଖରାପ ହୋଇନି, ସିଏ ତା କାର୍ଯ୍ୟକାଳ ପୂରା କରିସାରିଲାଣି। ତମେମାନେ ତାକୁ ଡାକ୍ତର ଦେଖାଇ ସଜଡା ସଜିଡି କରି ଆଉ କିଛି ବର୍ଷ ଟାଣି ନେଉଛ। ହେଲେ ଆଜିଯାଏ ବିନ୍ଦାସ ଜୀବନ ବଞ୍ଚିଥିବା ଗୋଟେ ଲୋକ ଏମିତି ଉଧାରୀ ଜୀବନ ନେଇ ସନ୍ତୁଳି ହୋଇ ବଞ୍ଚିବାର ଅର୍ଥ କଣ ? କଣ ଆଉ ମୋର କରିବାର ଅଛି ଯେ ? ନିଜ କାମ ନିଜେ କରିପାରୁଥିବ, ଚଲା ବୁଲା କରୁଥିବ, ଠକ୍ କିନା ପଡିଲ ମରିଗଲ ବାଶ୍। ଯଦି ବିଛଣା ଲଗା ହୋଇ ପଡି ରହିଲ, ତେବେ କାହା ପାଖରେ ଏତେ ସମୟ ଅଛି ଯେ ଜଗି ରଖି ଘୁଅ ମୂତ କାମ କରିବ। ମୋର ତ ପ୍ରାର୍ଥନା ଥିଲା – ପ୍ରଭୁ ହାତ ଗୋଡ ଚଳୁଥିଲା ବେଳେ ନେଇଯିବ। ଯଦି କୌଣସି ପାପର ଦଣ୍ଡ ଦେବାକୁ ଅଛି ଯମପୁର ରେ ଦେବ। ତେଲ କଢାରେ ଭାଜ କି ଶାଙ୍କୁଚ ଲାଞ୍ଜରେ ପିଟ ଅବା କଣ୍ଟା ଶିମୂଳି ଗଛରେ ବାନ୍ଧ, କୋଉଥିରେ ମୋର ଅଭିଯୋଗ ରହିବ ନାହିଁ,

Digitized by PPRACHIN, SOA

ହେଲେ ଏଠୁ ଭଲରେ ଭଲରେ ନେଇଯିବ।

ତମେତ ବିଛଣାରେ ପଡିରହିନ, ତମ ହାତ ଗୋଡ ତ ଠିକ ଚାଲୁଛି, ଏମିତି ଭାବନା ତମ ମୁଣ୍ଡକୁ କାହିଁକି ଆସୁଛି ବାପା ?

ମାନୁଛି ମୋ ହାତ ଗୋଡ ଚାଲୁଛି, ହେଲେ କଣ ଗୋଟିଏ ହାର୍ଟ ରେ ହୋଇଛି କହି ପଣବନ୍ଦୀ ରଖିଲା ଭଳି ତମେମାନେ ତ ମୋତେ ବିଛଣାବନ୍ଦୀ କରି ରଖିଛ ନା। ମୁଁ ଯାଇପାରୁଛି ଛକର ପାନ ଦୋକାନକୁ? ପିଇ ପାରୁଛି ନବା ଦୋକାନର ଚା ? ଆଜିଯାଏ ମୋତେ ଲଗୁନଥିଲା ମୁଁ ବୁଢା ହୋଇଥିଲି ବୋଲି, ହେଲେ ଏଇ ଦିନ କେଇଟାରେ ମୁଁ ଅନୁଭବ କରୁଛି ବୁଢା ହୋଇଗଲିଣି। କେବଳ ବୁଢା ହୋଇଛି ନୁହେଁ, ବାର୍ଦ୍ଧକ୍ୟ ର ଅସହାୟତାକୁ ମଧ୍ୟ ଅନୁଭବ କରିନେଲି।

ହଉ ହେଲା ବାପା, ତମେ ପୁଣି ଛକକୁ ଯିବ, ନବା ଦୋକାନରେ ଚା' ପିଇବ, ସେଠି ବସି ପାନ ଖାଇ ପେପର ପଢିବ, ରାଜନୀତି କଥା ଗପିବ। ଏ ବିଶ୍ରାମର କେତେଟା ଦିନ ସରିଯାଉ। ପାନ ଖାଇବତ- ନିଅ ଏ ପାନ ସବୁ।

ନା ରେ ସବୁ ନୁହଁ, ଖଣ୍ଡେ ମାତ୍ର ଦେ। ଅଭ୍ୟାସ ଦୋଷରୁ ପାଟି ଟା ଅଡୁଆ ଲାଗୁଛି ତ।

ମୁଁ ବଢାଇ ଦେଇଥିବା ଜରି ଭିତରୁ ବାପା ଖଣ୍ଡେ ମାତ୍ର ପାନ ନେଲେ। କିଛି ସମୟ ହାତରେ ଧରିଲେ। ବୋଧହୁଏ ଚିନ୍ତା କରୁଥିଲେ ଖାଇବେ ନା ନାହିଁ। ପାନଟିକୁ ଅଧା ଅଧି କଲେ, ଅଧେ ପାନକୁ ପାଟିରେ ପୂରାଇଲେ, ଆଉ ଅଧକ ଗୋଟିଏ କାଗଜରେ ଗୁଡାଇ ଅତି ମହାର୍ଘ୍ୟ ଜିନିଷ ପରି ଅଣ୍ଟିରେ ଖୋସିଲେ।

ପୂରା ଖାଇଲନି ?

ଥାଉ ସେ ଅଧାକ, ଗାଧୁଆବେଳ ଖିଆ ସରିଲେ ଖାଇବି। ତୁ ଏବେ ଯେତେ କଷ୍ଟରେ ଖଣ୍ଡେ ଦେଇଛୁ, ଆଉ ମାଗିଲେ କଣ ଦେବୁ? ଡାକ୍ତର କଥା ମୁଁ ମାନିବି, ଦେଖିବୁ ଏ ପାନଟା କୁ କେବଳ କଳରେ ଜାକିବି, ଭିତରକୁ ଜମା ନେବିନି।

ବାପଙ୍କର ଏ ବୈକଲ୍ୟ ଭାବ ଦେଖି ମୋ ଭିତରେ ସୃଷ୍ଟି ହେଉଥିଲା ଭାବପ୍ରବଣତା। ମୁଁ ଜାଣିଥିଲି ନିଶା ଅଭ୍ୟାସରେ ପଡିଥିବା ଲୋକର ଅବସ୍ଥାକୁ, ମାତ୍ର ମୋ ଭିତରେ ପ୍ରାର୍ଥନାଟିଏ ଥିଲା ବାପା ସୁସ୍ଥ ହୋଇ ବଞ୍ଚନ୍ତୁ ଆହୁରି କିଛି ବର୍ଷ। ମୋ ଭାବପ୍ରବଣତା କୁ ଲୁଚାଇବାକୁ ବାହାରି ଆସୁଥିଲି ସେ ରୁମରୁ,ବାପା

Digitized by PPRACHIN, SOA

ଅତି କଅଁଳ ସ୍ୱରରେ ଡାକିଲେ – ବାବୁରେ ! ଦୁଆରବନ୍ଧ ଟପିଥିବା ମୋ ଗୋଡ ଅଟକି ଗଲା। କଣ କହିବ କି ବାପା ?

ଆଜି କି ବାର ?

ଆଜି ପରା ବୁଧବାର, କାହିଁକି କଣ ହେଲାକି ?

ରାଜନଅର ଛକରେ ବୁଧୁବାରିଆ ସେ ରସିଦ ଟା ଭଲ ଖାସି କାଟେ। ମାଂସ ଟିକେ ଖାଇବାକୁ ଭାରି ଇଚ୍ଛା ଯେ, ଡାକ୍ତର କାଳେ ମନାକରିଥିବ ଭାବି ମନକୁ ମାରି ଦେଉଛି।

ମାଂସ ଖାଇବ ତ, ହଉ ମୁଁ ଆଣିବି।

ଆଣିବୁ ! ହଉ ଆଣିବୁ ଯଦି କେବଳ ତା ପାଖରୁ ଆଣିବୁ। ତାକୁ କେବଳ ମୋ ନାଁ କହିଦେଲେ ସେ ମୋ ପସନ୍ଦର ମାଂସ ଦେଇଦେବ।

ବାପା, ମାଂସ ନ ଆଣି କଲିଜା ଆଣି ସୁପ କଲେ ପିଇବନି ?

କଲିଜା ସୁପ କଣ ମୁଁ ତ ପିଇନି, କଲିଜା କଷା ଖାଏ, ହେଲେ ଚର୍ବିଲଗା ସିନା ମାଂସରେ ହିଁ ମୋର ବେଶି ପସନ୍ଦ।

ମାଂସ ଖାଇଲେ କୋଲେଷ୍ଟ୍ରାଲ ବଢିଯିବ ତ ସେଥିପାଇଁ କଲିଜା କଥା କହୁଥିଲି। ଡାକ୍ତର ବି ରେଡ୍ ମିଟ୍ ଖାଇବାକୁ ପୂରା ବାରଣ କରିଛନ୍ତି।

ମୁଁ ବା କେତେ ମାଂସ ଖାଇବି ଯେ, ଏଇ ଫୁଟେ ଦି ଫୁଟ ମାଂସ ତ। ମନଟା ଡାକୁଛି, ତାକୁ କେତେ ଦବାଇ ରଖିବି ?

ଭାବିଲି ଯାହା ହେଲେ ପଛେ ହେଉ, ବାପା ଚାହୁଁଥିବା ଖାଦ୍ୟ ସବୁ ଖାଆନ୍ତୁ। ତାଙ୍କୁ ସୁସ୍ଥ ରଖିବା ନାଁ ରେ ତାଙ୍କ ମନ ଉପରେ ଅତ୍ୟାଚାର କରିବାଟା ଠିକ ହେବନି।

ମାଂସ ଧରି ପହଞ୍ଚିଲି ଘରେ। ମାଂସ ଦେଖି ଭାଇ କହିଲେ କେଉଁ ଖୁସିରେ ଓ କି ବୁଦ୍ଧିରେ ତୁ ମାଂସ ଧରି ଚାଲି ଆସିଲୁ ? ମାଂସ ରନ୍ଧା ବାସନା ହେଲେ ତୁ ବାପାଙ୍କୁ ସମ୍ଭାଳି ପାରିବୁ ତ ?

ତାଙ୍କ ପାଇଁ ତ ଆଣିଛି।

କଣ ! ତୋ ମୁଣ୍ଡ ଫୁଣ୍ଡ ଠିକ ଅଛି ତ ? ହାର୍ଟ ପାସେଣ୍ଟ, ମାଂସ ଖାଇବେ, ପୁଣି ରେଡ୍ ମିଟ ?

ବାପା ଯେମିତି ବିକଳ ହୋଇ ତାଙ୍କର ମାଂସ ଖାଇବାର ଇଚ୍ଛା ପ୍ରକଟ

Digitized by PPRACHIN, SOA

କଲେ, ତମେ ବି ଭାବିଥାନ୍ତ ଯାହା ହୋଇଗଲେ ହେଉ ପଛେ,ସେ ଯାହା ଚାହୁଁଛନ୍ତି ଖାଆନ୍ତୁ। ଯେତେ ଦିନ ବଞ୍ଚୁଛନ୍ତି ବିନ୍ଦାସ ରେ ବଞ୍ଚନ୍ତୁ।

ମୋ କଥା ଶୁଣି ନରମ ପଡିଗଲେ ଭାଇ। କହିଲେ ମୁଁ ଜାଣେ ବାପା ଆଉ ବେଶି ଦିନକୁ ନୁହନ୍ତି। ବୟସାଧିକ୍ୟ ପାଇଁ ଡାକ୍ତର ଯେତେବେଳେ ମନା କରିଦେଲେ ସର୍ଜରୀ ପାଇଁ ଏବଂ ଔଷଧ ଦେଇ ଆମକୁ ବିଦା କରିଦେଲେ, ତୁ କଣ ଭାବିଛୁ ମୁଁ ଜାଣିନାହିଁ ଯେ ତାଙ୍କ ଆୟୁଷ ଏବେ ହାତ ଗଣତିର ଦିନ ଓ ମାସ ଭିତରେ। ଯଦି ତାଙ୍କର ଏ ସମସ୍ୟା କଥା ମୁଁ ଆଗରୁ ଜାଣିଥାନ୍ତି, ତେବେ ମୁଁ ଏତେ ସବୁ ଆୟୋଜନ କରି ନଥାନ୍ତି। ଏବେ ସିମେଣ୍ଟ, ରଡ଼,ଚିପ୍ସ ସବୁ ଆସିସାରିଛି, ରଜ ଗଡିଲେ ବର୍ଷା ଆରମ୍ଭ ହୋଇଯିବ। ତା ପୂର୍ବରୁ ମୁଁ ଭାବୁଛି ଛାତ ଟା ପକାଇଦେବା। କେତେବେଳେ କଣ ହେବ କିଏ କହିବ? ଯଦି କିଛି ହୋଇଗଲା ବର୍ଷଟିଏ ପାଇଁ ସବୁ ବନ୍ଦ ହେବ।

ସେହି ମୁହୂର୍ତ୍ତରେ ଭାଇଙ୍କ ପ୍ରତି ମୋ ମନରେ ଘୃଣା ଆସିଲା। ମଣିଷ ଏମିତି ସ୍ୱାର୍ଥପର ହୋଇଯାଏ ! ମୋତେ ଲାଗିଲା ବାପାଙ୍କୁ ଭୁବନେଶ୍ୱରରେ ରଖି ଚିକିତ୍ସା ଚାଲୁ ରଖିବାକୁ ଭାଇ ଯେଉଁ ବାଧ କରୁଥିଲେ, ତାହା ବାପାଙ୍କ ଆରୋଗ୍ୟ କାମନା କରି ନୁହଁ ବରଂ ଘରର ଛାତ ଟା ପଡିବା ଯାଏ ତାଙ୍କୁ ବଞ୍ଚାଇ ରଖିବାର ଅଭିଳାଷ ନେଇ। ମୋ ନିଜ ପ୍ରତି ବି ଘୃଣା ଆସିଲା ଏମିତି ଏକ ଚକ୍ରାନ୍ତରେ ସାମିଲ ହୋଇଥିବାରୁ। ହଠାତ ମୋ ପାଟିରୁ ବାହାରିପଡିଲା - ନା ଯାହା କ୍ଷତି ହେଲେ ପଛେ ହେଉ, ବାପା ଯେମିତି ବିନ୍ଦାସ ରେ ବଞ୍ଚି ଆସିଛନ୍ତି ଆଜିଯାଏ ସେମିତି ବଞ୍ଚନ୍ତୁ ଅବଶିଷ୍ଟ ଆୟୁଷ। ତାଙ୍କ ଉପରେ ରହିବନି କୌଣସି କଟକଣା, ସେ ଯାହା ଚାହିଁବେ ଖାଇବେ, ବୁଲିବେ, ଗପିବେ, ହସିବେ, ବସିବେ, ଯାହା ତାଙ୍କର ଇଛା କରିବେ।

ସେଦିନ ମନଭରି ଖୁଆଇଲି ବାପାଙ୍କୁ। ଖାଇ ସାରିବା ପରେ ବଢାଇଦେଲି ପାନ। ପାନଟି ମୋ ହାତରୁ ନ ନେଇ ସେ କହିଲେ ଆର ଅଧକ ଅଛି ରେ ମୋ ଅଣ୍ଟି ରେ। ଥାଉ, ତୁ ଖା।

ନା ବାପା ତମେ ସେ ଅଧା ପାନଟା ଫିଙ୍ଗି ଦିଅ, ଶୁଖି ଯାଇଥିବ। ଏ ପାନଟା ଖାଅ, ମୁଁ ଏବେ ଏବେ ତମ ପାଇଁ ଆଣିଛି।

ସେ ବିସ୍ମୟ ହୋଇ ମୋ ହାତରୁ ପାନ ନେଲେ। ସେ ପାନ ପାଟିରେ

Digitized by PPRACHIN, SOA

ପୂରାଇବା ପରେ ମୁଁ କହିଲି -ଜାଣ, ତମର କିଛି ହୋଇନି। ମୁଁ ମିଛ କହୁନି, ଯେଉ ଡାକ୍ତର ତମକୁ ଦେଖିଥିଲେ, ସେ କହିଲେ। କିଛି ହୋଇଥିଲେ ସେ କଣ ଅପରେସନ କରିନଥାନ୍ତେ? ଯାହା ହୋଇଥିଲା ତାହା ଖୁବ ସାଧାରଣ, ବୟସ ବଢିଲେ ପ୍ରାୟ ସମସ୍ତଙ୍କର ଏମିତି ହୁଏ। ସେଥିପାଇଁ ତ କିଛି ମାମୁଲି ଓଷଦ ଦେଇ ଡାକ୍ତର ଆମକୁ ଘରକୁ ପଠାଇଦେଲେ। ଯେହେତୁ ଏହା ହାର୍ଟ ସମସ୍ୟା,ତେଣୁ ଆମେ ଅତି ମାତ୍ରାରେ ସତର୍କ ହେଉଥିଲୁ।·ମାତ୍ର ଆଜି ଡାକ୍ତରଙ୍କ ସହ କଥା ହେଲା ପରେ ମୋର ସେ ଭ୍ରମ ଦୂର ହେଲା। କାଲିଠୁ ତମେ ସ୍ୱାଭାବିକ ଭାବେ ଛକକୁ ଯିବ, ଚା ପିଇବ, ପାନ ଖାଇବ, ଗପିବ, ସବୁ କରିବ।

ବାପା ବିଶ୍ୱାସ କରିଗଲେ ମୋ କଥାକୁ। କହିଲେ, ତାହାଲେ ମୁଁ ଯାହା ଭାବୁଥିଲି ସତ ହେଲା। ଡାକ୍ତରୀ ପରୀକ୍ଷାରେ ତ୍ରୁଟି ଅଛି ବୋଲି ମୁଁ ସନ୍ଦେହ କରୁଥିଲି। ଆଜିଯାଏ ମୋ ହୃଦୟକୁ ମୁଁ କୌଣସି ବୋଝ ଦେଇନି। ଅଭାବ, ଅନାଟନ, ସୁଖ, ଦୁଃଖ, ସମସ୍ୟା, ସବୁଥିରେ ଅବିଚଳିତ ରହି ମୁକ୍ତ ମନରେ ଜିଇଁ ଆସିଥିଲି। ମୋର କେମିତି ହାର୍ଟ ସମସ୍ୟା ବାହାରିଲା? ବାହାରିଲା ତ ଏତେଟା କଣା ! ଆଗରୁ କୌଣସି ସୂଚନା ନଥିଲା କି ଅସୁବିଧା ନଥିଲା, ହଠାତ ଏତେ ଅସୁବିଧା ହେଲା କେମିତି? ଜାଣୁଥିଲି ଇଏ ସବୁ ଡାକ୍ତରଙ୍କ କାରସାଦି। କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏମିତିକା ପ୍ରାଇଭେଟ ହସପିଟାଲ କରିଛନ୍ତି, ହସପିଟାଲ କଣ ହୋଟେଲ ବୋଲି ଭାବ, ଆମକୁ ନଡରାଇଲେ ଆମେ ଖର୍ଚ୍ଚ କରିବା କେମିତି? ଭଲ ମଣିଷଙ୍କୁ ଡରାଇ ଡରାଇ ସେମାନେ ରୋଗୀ କରିଦେବେ। ତା' ପରେ ପଇସା ଝଡାଇବେ। ଏ ପନ୍ଦର ଦିନ ହେଲା ସେମାନଙ୍କ କଥାରେ ମୋତେ ବିଛଣାରୁ ଉଠିବାକୁ ନଦେଇ ପୂରା ରୋଗୀ କରିଦେଇଥିଲେ।

ପରଦିନ ସକାଳୁ ଉଠି ବାପା ଛକ କୁ ଯାଇ ନବା ଦୋକାନରେ ଚା' ପିଇ, ଖଣ୍ଡେ ଖବର କାଗଜ ଧରି ଘରକୁ ଆସି ପଢୁ ଥିଲେ। ମୁଁ ଉଠିସାରି ବାପାଙ୍କ ରୁମ ରେ ତାଙ୍କୁ ନପାଇ ବାହାରକୁ ଆସିଲି ଦେଖିବା ପାଇଁ। ବାପା ବଡ ଧ୍ୟାନସ୍ଥ ହୋଇ ଖବର କାଗଜ ପଢୁଥିଲେ। ମୋତେ ଦେଖି ପକାଇ କହିଲେ -ଏବେ ଉଠିଲୁ? ମୁଁ କିଛି ଉତ୍ତର ଦେବା ପୂର୍ବରୁ ସେ କହିଲେ - ଲୋକଟା ଯାହା କହୁଥିଲା, କରିକି ଦେଖାଇଦେଲା। ମିଛି ମିଛିକା ଲାଲକିଲ୍ଲା ମଞ୍ଚରେ ଭାଷଣ ଦେଉ ଦେଉ ଏବେ ସତକୁ ସତ ପହଞ୍ଚିଗଲା ସେଠି। ଦେଖାଯାଉ କି ଭଲ ଦିନ ଆଣୁଛି। ଆଉ ଆମର

Digitized by PPRACHIN, SOA

ଏଠି ତ ଟଙ୍କାକିଆ ଚାଉଳ, କମ୍ବଳ, ଛତା, ଜୋତାର ରାଜନୀତି। ଦେଶ ତ ବୁଡ଼ାଇ ସାରିଲେଣି, ଏବେ ରାଜ୍ୟକୁ ବି ବୁଡ଼ାଇବେ। ଦେଖ ତ, ମୁଁ ଏ ପନ୍ଦର ଦିନ ହେଲାଣି ଖବର କାଗଜ ଦେଖିନଥିଲି, ଏବେ ସବୁ ଖବର ମୋତେ ନୂଆ ନୂଆ ଲାଗୁଛି।

ତା' ପରେ ବାପା ଖାଇଲେ, ପିଇଲେ, ବୁଲିଲେ। ସମସ୍ତଙ୍କୁ କହି ବୁଲିଲେ ଡାକ୍ତରଙ୍କ ଭୁଲ ରିପୋର୍ଟ ଯୋଗୁ ପନ୍ଦରଦିନ କାଳ ସେ ମିଛ ରୋଗୀ ହୋଇଯାଇଥିଲେ। ଜାଣିଥିଲି କିଛି ହୋଇନି ବୋଲି, ହେଲେ ପିଲାଏ ବୁଝିଲେନି। ଗୋଟେ ଅଜଣା ଆତଙ୍କରେ ମୋତେ ବିଛଣାବନ୍ଦୀ କରି ରଖିଦେଲେ। ପରେ ଡାକ୍ତର ଭୁଲ ମାନିବାରୁ ମୁଁ ମୁକ୍ତି ପାଇଲି।

ଯୁଦ୍ଧକାଳୀନ ଭିତ୍ତିରେ ଘରର ଛାତ ପକାଇବାକୁ ଲାଗିପଡିଥିଲେ ଭାଇ। ସେ ପ୍ରାର୍ଥନା କରୁଥିଲେ ଛାତ ପଡିବା ଭିତରେ ଯେମିତି ନଘଟୁ କିଛି ଅଘଟଣ।

ସମ୍ପୂର୍ଣ୍ଣ ସ୍ୱାଭାବିକ ଲାଗୁଥିଲେ ବାପା। ଆମର ସମସ୍ତ ବାରଣ ସତ୍ତ୍ୱେ ବି ମୁଣ୍ଡ ଖେଳାଉଥିଲେ ଛାତପକା କାମରେ। ସେଣ୍ଟ୍ରିଙ୍ଗ୍ ଠିକ ହେଲାକି ନାହିଁ, ଫଲ୍ସ ଠିକ ପଡିଲା କି ନାହିଁ, ରଡ଼ ବାଇଣ୍ଡିଙ୍ଗ ଠିକ ହେଉଛିନା, କେତେ ଏମ୍. ଏମ୍. ରଡ଼ କେଉଁଠି କେଉଁଠି ଲାଗିବ ଇତ୍ୟାଦି ଇତ୍ୟାଦିରେ।

ଛାତ ପଡିବା ଦିନ ଗୋଟେ ଆର୍ମ ଚେୟାର ପକାଇ ପିଣ୍ଡା ଉପରେ ବସି ରହିଲେ ବାପା। ଯେତେ ବାଧ୍ୟ କଲେ ବି ଯାଇ ବିଶ୍ରାମ କରିବାକୁ ଯାଉନଥିଲେ। ଓଲଟି କହୁଥିଲେ ଏତେ ବଡ କାମଟିଏ ଚାଲିଥିଲା ବେଳେ ମୁଁ ଶୋଇପାରିବି କେମିତି ? ଶୋଇବାକୁ କଣ ବେଳ ପଳଉଛି ?

ଛାତ ପକା ସରିବା ବେଳକୁ ହୋଇସାରିଥିଲା ରାତି। ଭାଇ ବିଦା କରୁଥିଲେ ମିସ୍ତ୍ରୀ ଓ ମୂଲିଆଙ୍କୁ। ମୁଁ ବାପାଙ୍କ ପାଖକୁ ଯାଇ କହିଲି, ଏବେ ତ କାମ ସରିଲାଣି, ଚାଲ ଘର ଭିତରକୁ। ବାପା ଶୁଣୁ ନଥିଲେ ମୋ କଥା। ଭାବିଲି ବସି ବସି ବୋଧେ ଆଖି ଲାଗିଯାଇଛି। ପାଖକୁ ଯାଇ ପଚାରିଲି – କଣ ଶୋଇପଡିଲକି ବାପା ? ଉଠ ଭିତରକୁ ଚାଲ। ତଥାପି ଶୁଣି ନଥିଲେ ବାପା। ମୁଁ ତାଙ୍କ ଦେହକୁ ଟିକେ ହଲାଇଦେଇ କହିଲି ଉଠ କାମ ସରିଗଲାଣି ପରା। ତାଙ୍କ ମୁଣ୍ଡଟି ଅଣେଇ ପଡିଲା ଗୋଟେ ପଟକୁ। ମୁଁ ହାଉଳି ଖାଇ ଡାକିଲି ଭାଇ ଜଲ୍‌ଦି ଆସ। ମୋ ଡାକ ଶୁଣି ଭାଇ ଦୌଡ଼ି ଆସି ଦେଖନ୍ତି ଯେ ସବୁ ଶେଷ। କୋହ ଅଟକାଇ କହିଲେ ବାପା ବୋଧେ

Digitized by PPRACHIN, SOA

ଅପେକ୍ଷା କରିଥିଲେ ଛାତ ପକା ସରିବାକୁ।

ମୁଁ ସମ୍ଭାଳି ପାରୁନଥିଲି ନିଜକୁ। ଘରର ଛାତ ସିନା ପଡିଗଲା ଭାଇ, ହେଲେ ଆମ ମୁଣ୍ଡ ଉପର ଛାତଟି ଚାଲିଗଲାଯେ।

ଭାଇ ମୋ କାନ୍ଧରେ ହାତ ରଖି କହିଲେ – ଆମେ ତ ଚାହୁଁଥିଲେ ବାପା ଯେତିକି ଦିନ ବଞ୍ଚୁଛନ୍ତି ବିନ୍ଦାସ ରେ ବଞ୍ଚନ୍ତୁ ବୋଲି। ସେ ତ ବିନ୍ଦାସ ରେ ବଞ୍ଚିଲେ ଏବଂ ବିନ୍ଦାସ ରେ ଚାଲିଗଲେ।

ଭାଇ ଯେଉଁ ଅର୍ଥରେ ସେ କଥା କହିଥାନ୍ତୁ ନା କାହିଁକି, ଭାବିଲି ଯାତ୍ରା ବି ହେଲା ଠିକ ହୋଇଛି। ମୃତ୍ୟୁ ଭୟରେ ଗୋଟେ କାତର ଜୀବନ ବଞ୍ଚିବା ଅପେକ୍ଷା ଅଳ୍ପ ଦିନ ହେଉ ପଛେ ଜୀବନକୁ ଜିଇଁକରି ମରିବାଟା ଭଲ।

ସଂସ୍କାର କାର୍ଯ୍ୟ ସରିଲା ରାତା ରାତି। ବଡ ପୁଅ ହିସାବରେ ମୁଖାଗ୍ନି ଦେଲେ ଭାଇ। ଜ୍ଞାତି କୁଟୁମ୍ବଙ୍କ ସହ ତିକ୍ତ ଭୋଜନ ପୂର୍ବରୁ ଘର ବାଡିପଟେ ପ୍ରେତ ପତ୍ରଟିଏ ବାଢି ଦେଇଆସିଲେ ସେ। ବାଡି ପଟକୁ ଯାଇଥାଏ ମୁଁ କିଛି କଦଳୀ ପତ୍ର କାଟି ଆଣିବାକୁ। ନଜରରେ ପଡିଲା ପ୍ରେତପତ୍ରଟି। ଚାଟି ଚୁଟି କିଏ ଖାଇ ଦେଇଥିଲା। ଏପଟ ସେପଟ ଚାହିଁ ଦେଖୁଥିଲି କିଏ ଖାଇକରି ଗଲା ବୋଲି। ନଜରରେ ପଡୁ ନଥିଲେ କେହି। ମୁଁ ପତ୍ର ଧରି ଫେରୁଛି, ମୋତେ ଶୁଭିଲା ଯେମିତି ବାପା କହୁଛନ୍ତି- ପାନ ଖଣ୍ଡେ ଦେବୁନି ? ଅଟକି ଗଲା ମୋର ପାଦ। ପକେଟରୁ କାଢିଲି ପାନ ଜରି, ଥୋଇଦେଲି ପତ୍ର ଉପରେ। କହିଲି ଏବେ ଯେତେ ପାନ ଖାଇପାରୁଛ ଖାଅ ବାପା। ଏବେ ତମର ଦେହ ଅଛିଯେ ତା ପାଇଁ ତମର ନା ଆମର ମୋହ ରହିବ।

—o—

Digitized by PPRACHIN, SOA

ଜାତିସ୍ମର

ନା ତାଙ୍କର ଥିଲା ରାଜ୍ୟ ନା ରାଜମହଲ। ତଥାପି ସେ ଥିଲେ ରାଜା।

ଯାହାକୁ ସେମାନେ ଆତ୍ମସନ୍ତୋଷ ପାଇଁ ରାଜବାଟୀ ବୋଲି କହୁଥିଲେ, ତାକୁ ଦେଖିଲେ ଯେ କେହି ରାଜବାଟୀ ପରିକଳ୍ପନା ଜନିତ ହତାଶାର ଶିକାର ହୋଇପାରେ। ପାଚେରି ଘେରା ଏକ ବିସ୍ତିର୍ଣ ଇଲାକାରେ ଠାଏ ଠାଏ କେତୋଟି ଘର - ଯାହାକୁ ସେମାନେ ନାମ ଦେଇଥିଲେ ରାଣୀଅନ୍ତପୁର, ଜେମା ଉଆସ,ଯୁବରାଜ ନିବାସ, ହାତୀଶାଳ, ଘୋଡାଶାଳ ଇତ୍ୟାଦି ଇତ୍ୟାଦି। ଠିକ ମଧ୍ୟସ୍ଥଳ ରେ ଥିଲା ରାଜ ଦରବାର। ସେଇଟି ଯଦିଓ ଜୀର୍ଣ୍ଣଶୀର୍ଣ୍ଣ ଥିଲା ଏବଂ ରକ୍ଷଣାବେକ୍ଷଣ ଅଭାବରୁ ଏକ ପରିତ୍ୟକ୍ତ ଭୂତକୋଠି ପରି ଲାଗୁଥିଲା କିନ୍ତୁ ନିରେଖି ଦେଖିଲେ ତାର ବାସ୍ତୁକଳା ଥିଲା ଅତୀବ ଚମତ୍କାର। ସମସ୍ତ ସ୍ତମ୍ଭ ଓ ଗମ୍ବୁଜ ସାରା ଥିଲା ରାଜସ୍ଥାନୀ ଚିତ୍ରକଳାର ଛାପ। ସେ ଚିତ୍ର ସବୁ ସେଇ ଯା ତିଆରି ବେଳେ ହୋଇଥିଲା, ମଝିରେ ଆଉ କେବେ ବୋଧେ ରଙ୍ଗ ଦିଆଯାଇ ନଥିଲା। ରଙ୍ଗ ସବୁ ଛାଡି ଯାଇ ସାପ କାତି ପରି ତଳକୁ ଓହଳି ଥିଲା। ·ଗମ୍ବୁଜ ରୁ ଝୁଲୁଥିଲା ଏକ ଝୁମର। ପ୍ରସ୍ତ ପ୍ରସ୍ତ ବୁଢିଆଣୀ ଜାଲ ଭିତରେ ଛନ୍ଦି ହୋଇ ସେଇଟା ଯେମିତି ସଂଘର୍ଷ କରୁଥିଲା ତାର ଅସ୍ତିତ୍ୱ ଜାହିର କରିବା ପାଇଁ।

ମୁଖ୍ୟ ପ୍ରବେଶ ଦ୍ୱାରରେ ଲାଗିଥିଲା ଅତି ବିଶାଳକାୟ ଜାଉଁଳି କବାଟ। ଋଖଣ୍ଡେ ମୋଟ ଶାଳ ପଟାର କବାଟ ଉପରେ ବହୁତ ଗୁଡିଏ ପିତଳ ଗୋବ। ସେ କବାଟ ବନ୍ଦ କରିବାକୁ ଏକ ଫୁଟ ଗୋଲେଇ ର ଶାଳ ଗଛର ଗେଡା। ପ୍ରାୟତଃ ଖୋଲା ଯାଉନଥିଲା ମୁଖ୍ୟ ଦ୍ୱାର, ମୁଖ୍ୟ ଦ୍ୱାର ସାମ୍ନା ରେ ବଢିଥିବା ଘାସରୁ ସୂଚନା ମିଳୁଥିଲା। ଯିବା ଆସିବା ପାଇଁ ଥିଲା ଛୋଟ ଗେଟ୍‌ଟିଏ। ନାଗବଂଶୀ

Digitized by PPRACHIN, SOA

ରାଜା ବୋଲି ପରିଚୟ ଦେବାକୁ ମୁଖ୍ୟଦ୍ୱାର ର ଗମ୍ବୁଜ ଉପରେ ତିଆରି କରାଯାଇଥିବା ଯୋଡି ନାଗ ଦ୍ୱୟ ସମୟ କ୍ରମେ ଅଧାଅଧି ଛିଡି ଯାଇ ନିଜ ଅସ୍ତିତ୍ୱ ବଜାୟ ରଖିବାକୁ ସଂଘର୍ଷ କରୁଥିଲେ ଯେମିତି।

ଏହି ବିସ୍ତୀର୍ଣ୍ଣ ରାଜବାଟୀର ଇଲାକା ମଧ୍ୟରେ ଗୋଟିଏ କୋଣକୁ ଥିବା ଯୁବରାଜ ନିବାସ ରେ ରହୁଥିଲେ ସେ। ଯୁବରାଜରୁ ରାଜା ହେବା ପରେ ମଧ୍ୟ ସେ ରହୁଥିଲେ ସେଇଠି। ରାଜ୍ୟ ତ ନାହିଁ, ଆଳଙ୍କାରିକ ରାଜପଦ କୁ ନେଇ କାହିଁକି ବା ଯାଇଥାନ୍ତେ ରାଜ ଉଆସକୁ? ଏତଦ ବ୍ୟତୀତ ସେ ବଞ୍ଚୁଥିଲେ ଏକ ଭିନ୍ନ ପୃଥିବୀରେ, ଯେଉଁ ପୃଥିବୀର ବର୍ତ୍ତମାନ ସହ କୌଣସି ସମ୍ପର୍କ ନଥିଲା, ଥିଲା କେବଳ ଅତୀତ ସହ। ସେ ଅତୀତ ବି ନିକଟ ଅତୀତ ନୁହଁ, ପ୍ରାଗୈତିହାସିକ ଅତୀତ। ସେ ଖୋଜୁ ଥିଲେ ଅତୀତକୁ ଜଣେ ପ୍ରତ୍ନତତ୍ତ୍ୱବିତ୍ ଭାବେ।

ତାଙ୍କର ଯେ ରାଜକୀୟ ଜୀବନ ଜିଇଁବାର ଇଚ୍ଛା ନଥିଲା ସେକଥା ନୁହେଁ। ଅନ୍ୟ ସବୁ ରାଜକୁମାର ମାନଙ୍କ ପରି ସେ ମଧ୍ୟ ପାଠ ପଢିଥିଲେ ରାଜପୁତ୍ର ମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍କୁଲ ଓ କଲେଜ ରେ। ପୂଜାରୀ ଠାକୁର ଧରି ରାଜକୀୟ ଶୈଳୀ ରେ ପଢୁଥିଲେ ପାଠ। ସେ ପଢିଲା ବେଳେ ଯେହେତୁ ଆଉ ରାଜ୍ୟ ନଥିଲା କିମ୍ବା ରାଜା ହୋଇ ଶାସନ କରିବାର ସୁଯୋଗ ନଥିଲା, ପିତାଙ୍କ ପଦାଙ୍କ ଅନୁସରଣ କରି ସେ ଯୋଗ ଦେଇଥାନ୍ତେ ରାଜନୀତି ରେ। ରାଜା ନହେଲେ ନାହିଁ ମନ୍ତ୍ରୀ ହୋଇ ଓରିମାନା ମେଣ୍ଟାଇଥାନ୍ତେ। ମାତ୍ର ଗୋଟିଏ ସଡକ ଦୁର୍ଘଟଣା ସବୁ ଓଲଟ ପାଲଟ କରିଦେଲା। ମସ୍ତିକରେ ଆଘାତ ପାଇ ଢେର ଦିନ ରହିଲେ କୋମା ରେ। ଭାଗ୍ୟକୁ ମହାରାଜ ସେତେବେଳେ ସରକାରୀ ଦଳ ରେ ଥାଇ ମନ୍ତ୍ରୀ ଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରେ ସମସ୍ତ ପ୍ରକାର ଚିକିତ୍ସା ର ବ୍ୟବସ୍ଥା ହୋଇ ପାରିଲା। ଦୀର୍ଘ ଦିନର ଚିକିତ୍ସା ପରେ ଆସିଲା ତାଙ୍କର ଚେତା। କିନ୍ତୁ ମାନସିକ ସ୍ତରରେ ସେ ଫେରି ଯାଇଥିଲେ ଏକ ଚପଳ ଶିଶୁ ର ଅବସ୍ଥା କୁ। ଡାକ୍ତର ମାନେ ଆଶ୍ୱାସନା ଦେଇଥଲେ ଧୀରେ ଧୀରେ ନର୍ଭ ସକ୍ରିୟ ହେବେ ଓ ସେ ପୂର୍ବାବସ୍ଥାକୁ ଆସିବେ। ମାତ୍ର ସମୟ ଲାଗିବ। ସମୟ ସହ ମାନସିକ ବିକାଶ ହେଲା ମାତ୍ର ସେଥିସହ ଆଉ ଏକ ବିଶେଷ ସ୍ନାୟୁ ବୋଧହୁଏ ସକ୍ରିୟ ହୋଇଗଲା। ଅଦ୍ଭୁତ ଭାବରେ ବୃଦ୍ଧି ପାଇଲା ଅତୀତ କୁ ଦେଖିପାରିବାର ଅନ୍ତର୍ଦୃଷ୍ଟି। ଅତୀତକୁ ଖୋଜିବାର ତାଡନା ତାଙ୍କ ଭିତରେ ଏତେ ପ୍ରବଳ ମାତ୍ରାରେ ବଢିଗଲା ଯେ ସେ ନିଜକୁ ସମାହିତ କରିଦେଲେ ଅତୀତ ଭିତରେ। ଯୋଗିମଠ କୁ ଦେଖିବା କ୍ଷଣି ତାଙ୍କୁ ଲାଗିଲା ସେ ଥିଲେ ସେହି ନବ୍ୟ

Digitized by PPRACHIN, SOA

ପ୍ରସ୍ତର ଯୁଗରେ। ସେତେବେଳେ ଭାଷା ନଥିଲା, ଉଚ୍ଚାରିତ ହେଉଥିଲା କିଛି ଭାଷାହୀନ ଶବ୍ଦ କେବଳ। ଭାବକୁ ପ୍ରକାଶ କରିବାକୁ ଭାଷା ଯେତେବେଳେ ଅକ୍ଷମ ହେଉଥିଲା ସେ ଆଙ୍କିଥିଲେ ଏ ଚିତ୍ର ସବୁ। ଅବଶ୍ୟ ଏକଲା ନୁହେଁ, କିଛି ଯୋଗି କୁମାର ଥିଲେ ସାଥିରେ।

ଆଜିଯାଏ ସେ ଚିତ୍ର ମାନଙ୍କ ସମ୍ପର୍କରେ କେହି ମୁଣ୍ଡ ଖେଳାଇ ନଥିଲେ। ତାଙ୍କ ଠାରୁ ସେ ଚିତ୍ରମାନଙ୍କ ସମ୍ପର୍କରେ ତର୍ଜମା ଶୁଣି କେହି କେହି ତାଙ୍କୁ ପାଗଳ ବୋଲି କହୁଥିଲେ, ଆଉ କେହି କେହି ଗ୍ରହଣ କରୁଥିଲେ ତାଙ୍କର କଥାକୁ ଏବଂ ଦେଖୁଥିଲେ ସେ ଚିତ୍ର ମାନଙ୍କ ଭିତରେ ଲୁଚିରହିଥିବା ମାନବିକ ଆବେଗର ଭାଷାହୀନ ପରିପ୍ରକାଶକୁ। ଯେହେତୁ ସ୍ଥାନଟିର ନାମ ଯୋଗି ମଠ, ସେଠି ସାଧାରଣ ନବ୍ୟପ୍ରସ୍ତର ଯୁଗର ମଣିଷ ମାନଙ୍କ ଠାରୁ ନିଶ୍ଚୟ କିଛି ଉନ୍ନତ ଚେତନାର ମଣିଷ ସାଧନା କରୁଥିବେ ଏବଂ ଭାବ କୁ ଶବ୍ଦ ରୂପ ଦେଇ ନପାରି ଏପରି ଚିତ୍ରରୂପ ଦେଇଥିବେ।

ସେ ଚିତ୍ର ସମୂହ ର ବ୍ୟାଖ୍ୟାନକୁ ଯିଏ ଯେପରି ଗ୍ରହଣ କରୁଥିଲେ ମଧ୍ୟ ସମସ୍ତେ କିନ୍ତୁ ଆଶ୍ଚର୍ଯ୍ୟ ହେଉଥିଲେ ପାହାଡ ଗୁମ୍ଫାରେ ଖୋଦିତ ଏ ଚିତ୍ର ସବୁ ଏତେ ବର୍ଷ ଯାଏ ଲୋକଲୋଚନ କୁ ଆସିପାରିନଥିଲା କିପରି ? ସବୁଠୁ ବେଶି ଆଶ୍ଚର୍ଯ୍ୟ ହେଲେ ଯେ ଏମିତି ଏକ ଜାଗା ଅଛିବୋଲି ରାଜପୁତ୍ର ଜାଣିଲେ କିପରି ?

ସମସ୍ତଙ୍କର ଏ ଅସମାହିତ ପ୍ରଶ୍ନ କୁ ସେ ଖୁବ ସରଳ ଭାବରେ ହସିକରି ଉତ୍ତର ଦିଅନ୍ତି – ମୁଁ ସେବେ ଥିଲି, ଏବେ ବି ଅଛି।

କିମ୍ବଦନ୍ତୀର ଖିଅକୁ ଧରି ଶବର ଦେବତା ଜଗନ୍ନାଥଙ୍କର ମୂଳ ଉତ୍ସ, ପ୍ରସ୍ତର ମୂର୍ତ୍ତିରୁ କାଷ୍ଠ ବିଗ୍ରହ କୁ ରୂପାନ୍ତରିକରଣ, ମହାନଦୀର ଅବବାହିକାରେ ଧର୍ମୀୟ ଚେତନାର ବିକାଶ ଇତ୍ୟାଦି ଉପରେ ସେ ନିବନ୍ଧ ଲେଖୁଥିଲେ। ସେ ତାଙ୍କର ତଥ୍ୟ ଓ ତତ୍ତ୍ୱକୁ ଉପସ୍ଥାପନ ପାଇଁ ଯେଉଁ ତର୍କ ବାଢୁଥିଲେ ତାହା ନିହାତି ଯୁକ୍ତିସଙ୍ଗତ ଲାଗୁନଥିଲେ ମଧ୍ୟ ସମ୍ପୂର୍ଣ୍ଣ ପ୍ରତ୍ୟାଖାନ କଲାଭଳି ମଧ୍ୟ ନଥିଲା। ତାଙ୍କ ଯୁକ୍ତି ପାଇଁ ସେ ଯେଉଁ ସବୁ ଆବିଷ୍କୃତ ବସ୍ତୁ ମାନଙ୍କର ସାହାଯ୍ୟ ନେଉଥିଲେ, ତାକୁ ଦେଖିଲେ ସେ ଯେ ବକବାସ କରୁଛନ୍ତି ବୋଲି ମଧ୍ୟ କହି ହେବନାହିଁ। ଯେଉଁ ଶିଳାଖଣ୍ଡ ରେ ସେ ଦେଖାଉଥିଲେ ଶିବ ଓ ଶକ୍ତି ର ସ୍ୱରୂପ ଓ ସମୋନ୍ୱୟ, ତାହା ଯେ ଅତି ପ୍ରାଚୀନ ପ୍ରସ୍ତର ଯୁଗର ମାନବୀୟ କଳାକୃତି ବୋଲି ଅସ୍ୱୀକାର କରାଯାଇନପାରେ।

Digitized by PPRACHIN, SOA

ନଦୀ ଅବବାହିକା ରୁ ସଂଗ୍ରହ କରିଥିବା ପ୍ରାଚୀନ ସ୍ୱର୍ଣ୍ଣ ଓ ତାମ୍ର ମୁଦ୍ରା ମାନଙ୍କରେ ଖୋଦିତ ଅବୋଧ ଚିତ୍ର ମାନଙ୍କର ସେ ଯେଉଁ ବାଖ୍ୟା କରନ୍ତି ଏବଂ ସାଂପ୍ରତିକ ସମୟ ର ମୁଦ୍ରା ମୂଲ୍ୟ ରେ ଯେଉଁ ତୁଳନା କରନ୍ତି ତାକୁ ଗ୍ରହଣ କରିବା କିମ୍ବା ନକରିବା ପଛରେ କୌଣସି ବଳିଷ୍ଠ ଯୁକ୍ତି ଦେଖୁଥିବା ଲୋକ ମାନଙ୍କର ନଥାଏ। ତାଙ୍କର ଏହି ସବୁ ଗବେଷଣା ତାଙ୍କୁ ପରିଚିତ କରାଇଥିଲା ଜଣେ ପ୍ରତ୍ନତତ୍ତ୍ୱବିତ୍ ଭାବରେ।

ତାଙ୍କ ସହ ମୋର ପରିଚୟ ବେଳକୁ ଏ କ୍ଷେତ୍ରରେ ସେ ଯଥେଷ୍ଟ ପ୍ରସିଦ୍ଧି ପାଇସାରିଥିଲେ। ଗୋଟିଏ ନଦୀବନ୍ଧ ଯୋଜନା ରେ ବିଲୁପ୍ତ ହେବାକୁ ଯାଉଥିବା ଏକ ସଭ୍ୟତାର ସ୍ମାରକୀ ମାନଙ୍କୁ ସାଇତି ରଖିବାକୁ ସେ ଚଳାଇଥିଲେ ଏକକ ପ୍ରୟାସ। ଉଦ୍ଧାର କରିଥିଲେ ବହୁ ପ୍ରାଚୀନ ବସ୍ତୁ ଏବଂ ସୃଷ୍ଟି କରିଥିଲେ ସେ ବସ୍ତୁ ମାନଙ୍କ ପଛରେ ଲୁଚିଥିବା କାହାଣୀ ସବୁକୁ।

ସଭ୍ୟତା ଟି ସମ୍ପୂର୍ଣ୍ଣ ଜଳମଗ୍ନ ହେବ ପୂର୍ବରୁ ମୁଁ ଯାଇଥିଲି ତାକୁ ଶେଷଥର ପାଇଁ ଦେଖିଦେବାକୁ। ନଦୀବନ୍ଧ ପ୍ରାରମ୍ଭରେ ସେଠାରେ ସ୍ଥାପିତ ହୋଇଥିବା ଶିବ ମନ୍ଦିର ପାଖରେ ଛିଡା ହୋଇ ଚିନ୍ତା କରୁଥିଲି କିପରି ଏକା ଏକା ଯିବି ବୋଲି। ଏହି ସମୟରେ ସେଠାରେ ପହଞ୍ଚିଲା ଏକ ଜିପ୍। ଓଲହାଇଲେ ମୁଣ୍ଡରେ ବିଦେଶୀ ଟୋପି ଦିଆ ଜଣେ ଲୋକ। ତାଙ୍କୁ ଦେଖି ମନ୍ଦିର ପୂଜକ ତତକ୍ଷଣାତ ଦୌଡି ଗଲେ ଜିପ୍ ପାଖକୁ। ପୂଜକଙ୍କ ସହ ସେ ଆସିଲେ ମନ୍ଦିର କୁ। ପୂଜାରୀ ତାଙ୍କୁ ପଚାରିଲେ ଆଉ କଣ କିଛି ବାକି ରହିଗଲା କି ମହାରାଜ?

ବାକି ! କେତେଟା ପଥର, କିଛି ମୂର୍ତ୍ତି ଓ କିଛି ମୁଦ୍ରା ସଂଗ୍ରହ କରିଦେଲେ କଣ ଗୋଟିଏ ସଭ୍ୟତା କୁ ସଂଗ୍ରହ କରି ସାଇତି ହେବ? ଆମେ ଯାହା ସବୁ ସଂଗ୍ରହ କରିପାରିଛୁ ତାହା ସଭ୍ୟତାର ସନ୍ତକ ମାତ୍ର, ସଭ୍ୟତା ନୁହେଁ। ତେବେ ଆଜି ମୁଁ ଏଠାକୁ ଆସିଛି ଏକ ବିଶେଷ ଉଦ୍ଦେଶ୍ୟରେ।

ରାଜପୁତ୍ରଙ୍କର ବିଶେଷ ଉଦ୍ଦେଶ୍ୟ କଣ ହୋଇପାରେ ଜାଣିବାକୁ ପୂଜାରୀ ଖୁବ ଉତ୍ସୁକତା ସହ ଅପେକ୍ଷା କଲେ।

ରାଜପୁତ୍ର ପଚାରିଲେ – ରାତିରେ ମନ୍ଦିରରେ କିଏ ରହନ୍ତି?

ଏ ପ୍ରଶ୍ନ ଉତ୍ତର ସିଧା ନଦେଇ ପୂଜାରୀ କହିଲେ ଦିନମାନ ମୁଁ ରହେ, ସନ୍ଧ୍ୟା ଆଳତି ସାରି ନୈବେଦ୍ୟ ଦେଇ ଘରକୁ ଯାଏ। ଏହି ପାହାଡ ଖସିଲେ

Digitized by PPRACHIN, SOA

ତଳେ ଯେଉଁ ଗାଁ ପଡିବ ସେଇଠି ମୋ ଘର। ଏଠି ତ ଆଉ ଜନବସତି ନାହିଁ, ତେଣୁ ରାତିରେ ରହି ହେଉନି।

ଏ ଶିବ ଲିଙ୍ଗ କେଉଁଠୁ ପ୍ରାପ୍ତ ହୋଇଥିଲା ଜାଣିଛ ?

ନା, ମନ୍ଦିର ପ୍ରତିଷ୍ଠା ପରେ ମୁଁ ଏଠାକୁ ଆସିଛି।

ଦେଖ, ଚତୁର୍ଦ୍ଦିଗ ରେ ପାହାଡ। ମଝିରେ ଥିଲା ଗୋଟେ ଦୁର୍ଗ। ଏଠାରେ ଶାସନ କରୁଥିଲେ ଜଣେ ପ୍ରବଳ ପରାକ୍ରମୀ ରାଜା! ରାଜାଙ୍କର ଆରାଧ୍ୟ ଦେବତା ଥିଲେ ଭୋଳାନାଥ। ସେଇ ଭୋଳାନାଥ ଏ ମନ୍ଦିରରେ ପୁନଃସ୍ଥାପିତ ହୋଇଛନ୍ତି। ରାଜାଙ୍କର ଦୁର୍ଗ ରକ୍ଷାର ଦାୟିତ୍ୱ ଥିଲା ଗଡଚଣ୍ଡୀଙ୍କର। ଦୁର୍ଗ ଭିତରୁ ତାଙ୍କର ମୂର୍ତ୍ତି ଉଦ୍ଧାର ହୋଇଛି ସତ ମାତ୍ର ଅକ୍ଷୁର୍ଣ୍ଣ ଅବସ୍ଥାରେ ନୁହଁ। ଇଏ ସବୁ ବଡକଥା ନୁହଁ,ବଡ କଥା ହେଉଛି ଉଭୟ ଶିବ ଓ ଶକ୍ତିଙ୍କର ପ୍ରାଣ ପ୍ରତିଷ୍ଠା କରିଥିଲେ ମହାନ ଋଷି ମୁଦ୍‌ଗୋଲେସ୍ୟ। ତାଙ୍କ ଦ୍ୱାରା ପ୍ରାଣ ପ୍ରତିଷ୍ଠିତ ହୋଇଥିବା ମୂର୍ତ୍ତି ପୂଜା ହୁଅନ୍ତୁ ବା ନହୁଅନ୍ତୁ, ମାଟି ତଳେ ରୁହନ୍ତୁ ବା ମନ୍ଦିରରେ, ସବୁବେଳେ ଜୀବନ୍ତ। ମୋର କେବଳ ଜାଣିବାର ଥିଲା ଯେ ଏ ମନ୍ଦିରରେ ପୂଜା କଲାବେଳେ ସେମିତି କିଛି ଅନୁଭବ ଆସିଛି କି ତମ ଭିତରେ ?

ମୁଁ ମନ୍ଦିରରେ ପୂଜା କରୁଛି ସତ ହେଲେ ଆପଣଙ୍କ ଭଳି ସୂକ୍ଷ୍ମ ଚେତନା କୁ କଣ ଗଲିଣି । ମୋ ସ୍ଥୂଳ ଚେତନା ରେ ଲୌକିକ ପୂଜା ବିଧି କରୁଛି ତାହା ପୁଣି ପେଟ ପାଟଣା ର ଦାୟରେ। ଆପଣଙ୍କ ପରି ଜ୍ଞାନୀ ଲୋକ ଯେତେବେଳେ କହୁଛନ୍ତି, ନିଶ୍ଚୟ କିଛି ଚମତ୍କାରୀ ଶକ୍ତି ଥିବ। ମିଛ କାହିଁକି କହିବି, ମୁଁ ମୂଢମତି ତାକୁ ଜାଣି ପାରିନାହିଁ। ଆପଣ କେମିତି ଏତେ କଥା ଜାଣୁଛନ୍ତି ମହାରାଜ ?

ସାମାନ୍ୟ ହସି ସେ କହିଲେ - ମୁଁ ମା ଗଡଚଣ୍ଡୀ ମୂର୍ତ୍ତି କୁ ଅନୁଧ୍ୟାନ କରୁଥିଲି। ସେ ସମୟର କଳା, ସ୍ଥାପତ୍ୟ ଓ ସାମାଜିକ ଜୀବନ ବିଷୟରେ ଜାଣିବାକୁ। ଗୋଟେ ଦୈବୀ ବାଣୀ ଶୁଣିଲା ପରି ଲାଗିଲା। ମାତ୍ର ମୁଁ ଏପର୍ଯ୍ୟନ୍ତ ନିଶ୍ଚିତ ନୁହେଁ ଯେ ସେ ସମୟରେ ମୁଁ ଜାଗ୍ରତ ଅବସ୍ଥା ରେ ଥିଲି ନା ସ୍ୱପ୍ନ ରେ କୌଣସି ଦୈବୀ ବାଣୀ ଶୁଣିଲି।

କଣ ଶୁଣିଲେ ମହାରାଜ ?

ଗଡଚଣ୍ଡୀ କହିଲେ ଭୋଳାନାଥ ପୁନଃସ୍ଥାପିତ ହୋଇଗଲେ ଅକ୍ଷତ ଥିବାରୁ ଅଥଚ ଖନନକାରୀ ମାନେ ଅସାବଧାନ ହୋଇ ମୋ ମୁଣ୍ଡ କାଟିଦେବାରୁ ମୁଁ

Digitized by PPRACHIN, SOA

ଛିନ୍ନମସ୍ତା ହୋଇ ଏବେ ପ୍ରଦର୍ଶନୀ ବସ୍ତୁ ପାଲଟି ଯାଇଛି । ଏଥି ପାଇଁ ମୋର ଦୁଃଖ ନାହିଁ, ଦୁଃଖ କେବଳ ରାଣୀ ଅବନ୍ତିକା ଙ୍କ ପାଇଁ। ଜନ୍ମ ପରେ ଜନ୍ମ ସେ ମୋର ପୂଜା କରିଚାଲିଥିଲା ଅଥଚ ସେ ଆଜି ସମ୍ପୂର୍ଣ୍ଣ ଏକାକୀ ସେଠାରେ ରାଜା ଅଂଶୁମିତ୍ର ଙ୍କ ସହ। ଲୌକିକ ଦୃଷ୍ଟିରେ ସେ ସରକାରୀ କ୍ଷତି ପୂରଣ ପାଇନାହାନ୍ତି ବୋଲି ଜାଗା ଛାଡୁନାହାନ୍ତି, ହେଲେ କଣ ଏତିକି କାରଣ ପାଇଁ ଜଣେ ଜୀବନ କୁ ବାଜି ଲଗାଇ ସେଠାରେ ପଡି ରହିପାରେ ? ସେମାନେ ବାବା ଭୋଳାନାଥ ଙ୍କ ଆଦେଶ ପାଇବା କଥା, ମାତ୍ର ଏଯାଏ ପାଇନାହାନ୍ତି । ମୋର ଭୟ ରାଜା ଅଂଶୁମିତ୍ର ଓ ରାଣୀ ଅବନ୍ତିକା ଆଉ ଏକ ମୃତ୍ୟୁ କୁ ସାମ୍ନା କରିବାକୁ ଯାଉଛନ୍ତି। ଏମିତି ଏକ ମୃତ୍ୟୁ କୁ ସାମ୍ନା କରିଥିଲେ ସେମାନେ ଶହେ ସାତ ଜନ୍ମ ତଳେ। ଫରକ କେବଳ ସେତେବେଳେ ଶତ୍ରୁ ସୈନ୍ୟମାନଙ୍କ ଦ୍ଵାରା ଦୁର୍ଗବନ୍ଦୀ ହୋଇ ମରିଥିଲେ ଏଥର ଜଳବନ୍ଦୀ ହୋଇ ମରିବାକୁ ଯାଉଛନ୍ତି । ତେଣୁ ଆଜି ମୁଁ ଆସିଛି ଦେଖିବାକୁ ସତରେ କଣ ରହି ଯାଇଛନ୍ତି ଦୁଇଜଣ ?

ମୁଁ ତ ଜାଣିନି ଆଉ କେତେ ଜଣ ନଯାଇ ଅଛନ୍ତି ବୋଲି, ମାତ୍ର ଶୁଣିଛି ଦୁଇଜଣ ତାଙ୍କ ଘର ଛାଡି ଆସୁ ନାହାନ୍ତି ଜମାରୁ। ସରକାରୀ ଲୋକ ମାନେ ସବୁ ଚେଷ୍ଟା କରି ବିଫଳ ହେଲେଣି। ସେମାନଙ୍କୁ ଜୋର ଜବରଦସ୍ତ ଉଠାଇ ପାରେନ୍ତେଣି, ହେଲେ ସେଠିକି କୌଣସି ଗାଡି ଘୋଡା ଯାଇ ପାରୁନି ତ । କେବଳ ଯାହା ଯାଇ ହେବ ସାଇକେଲ କିମ୍ବା ମୋଟର ସାଇକେଲ ରେ। ସରକାରୀ ବାବୁ ମାନେ ବିରକ୍ତ ହୋଇ ଛାଡିଦେଲେ, କହିଲେ ରହୁ କେତେଦିନ ରହୁଛି, ବର୍ଷାରେ ଜଳଭଣ୍ଡାର ପୁରିଲେ ବଳେ ଆସିବ ନଚେତ ମରିବ।

ସେଠାକୁ ଗାଡି ଯାଉନି ଶୁଣି ଖୁବ ହତାଶ ଦିଶିଲେ ମହାରାଜ। ଠିକ କରି ଜାଣିଛ ସାଇକେଲ କିମ୍ବା ମୋଟର ସାଇକେଲ ବ୍ୟତୀତ ଅନ୍ୟ କିଛିରେ ଯାଇହେବନି ? କହିପାରିବ ସେମାନେ କେଉଁଠି ରହୁଛନ୍ତି ଓ ଏଠାରୁ କେତେ ଦୂର ହେବ ?

ମୁଁ ତ ତା'ଭିତରକୁ ଯାଇନି, କେବଳ ଶୁଣିଛି ଯେଉଁଠି ରାଣୀମହଲ ବାହାରିଥିଲା ତାରି ପାଖରେ ସେମାନେ ରହୁଛନ୍ତି, ଏଠୁ ସେଇଟା ଅତି ବେଶିରେ ଚାରି ପାଞ୍ଚ କିଲୋମିଟର ହେବ।

ଏତେ ସମୟ ଯାଏ ମୁଁ ଦୂରରୁ ଶୁଣୁଥିଲି ସେମାନଙ୍କ କଥା। ପୂଜାରୀଙ୍କ

Digitized by PPRACHIN, SOA

ମହାରାଜା ସମ୍ବୋଧନରୁ ମୁଁ ଅନୁମାନ କରିନେଲି ଇଏ ନିଶ୍ଚୟ ସେହି ପ୍ରତ୍ନତତ୍ତ୍ୱବିତ୍ ରାଜକୁମାର। ତାଙ୍କ ସାନିଧ୍ୟ ପାଇବାକୁ ମନ ବଳିଲା। ତାଙ୍କ ପାଖକୁ ଯାଇ କହିଲି- ମୁଁ ମଧ୍ୟ ଏକ ଜିଜ୍ଞାସୁ ମନ ନେଇ ଆସିଛି ଗୋଟିଏ ସଭ୍ୟତା ଜଳାର୍ପଣ ହେବା ପୂର୍ବରୁ ଶେଷ ଥର ପାଇଁ ଦେଖି ନେବାକୁ। ମୋଟର ସାଇକେଲ ଧରି ଆସିଛି। ଆପଣ ଯଦି ଚାହିଁବେ ତେବେ ମୁଁ ସେ ସ୍ଥାନ କୁ ଆପଣଙ୍କୁ ନେଇଯିବି।

ମୋ ପ୍ରସ୍ତାବ ରେ ଅତି ମାତ୍ରାରେ ଖୁସି ହୋଇ କହିଲେ, ଇଶ୍ୱରଙ୍କର ତାହାଲେ ଇଚ୍ଛା ଅଛି। ତେବେ ଯିବା। ଗଲା ବେଳେ ପୂଜାରୀ କୁ ବରାଦ କଲେ, ଆମ ପାଇଁ ଅନ୍ନପ୍ରସାଦ ରଖିଥିବ ଫେରିବାକୁ ଆମର ହୁଏତ ବିଳମ୍ବ ହୋଇପାରେ।

ତାଙ୍କ ସହ ଯିବାଟାକୁ ମୁଁ ମୋର ପରମ ସୌଭାଗ୍ୟ ବୋଲି ମନେ କରୁଥାଏ। ତାଙ୍କସହ ଅନ୍ତରଙ୍ଗ ହେବା ପାଇଁ କହିଲି, ଆପଣଙ୍କ ବିଷୟରେ ବହୁତ ଶୁଣିଥିଲି, ଯାହାହେଉ ଆଜି ସୁଯୋଗ ମିଳିଲା ଆପଣଙ୍କୁ ଦେଖିବାକୁ। ଆପଣଙ୍କ ବିଷୟରେ ଶୁଣି ଶୁଣି ମୋ ଭିତରେ ଉଠୁଥିଲା ପ୍ରଶ୍ନ ଟିଏ, ଏବଂ ସେ ପ୍ରଶ୍ନ ଟି ଆଜିଯାଏ ସାଇତା ହୋଇଛି। ଉତ୍ତର ନ ପାଇଲା ଯାଏ ସେ ଏକ ରହସ୍ୟ ହୋଇ ରହିଥିବ ମୋ ଭିତରେ।

ମୁଁ ଜାଣେ ଆପଣଙ୍କ ପ୍ରଶ୍ନ। ଏ ପୃଥିବୀ ରହସ୍ୟମୟ। ପୃଥିବୀ ପରି ଜୀବନ ବି ରହସ୍ୟମୟ। ଯେତେବେଳେ ସମସ୍ତ ରହସ୍ୟ ନେଇ ଆମେ ବଞ୍ଚୁଛେ, ମନ ଭିତରେ ରହସ୍ୟକୁ ନେଇ କିଛି ପ୍ରଶ୍ନ ଉଠିବା ସ୍ୱାଭାବିକ। ମୁଁ ଆପଣଙ୍କ ପ୍ରଶ୍ନ କଣ ଜାଣିନି, ଯାହା କହୁଛି, ଭାବୁଛି ସେଥିରୁ ଆପଣ ପ୍ରଶ୍ନର ଉତ୍ତର ପାଇଯିବେ। ଆମେ ସବୁଠି ଥିଲେ ଏବଂ ସବୁଠି ରହିବା ମଧ୍ୟ। ପ୍ରାରବ୍ଧ କର୍ମ କୁ ଆମେ ବିଶ୍ୱାସ କରୁଥିଲେ ମଧ୍ୟ ପ୍ରାରବ୍ଧ ସ୍ମୃତି କୁ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୋହୁ। ଜନ୍ମ ଓ ମୃତ୍ୟୁ ଉଭୟ କ୍ଷଣରେ ମଣିଷ ଜନ୍ମ ଜନ୍ମାନ୍ତର ସ୍ମୃତି ର ଝଲକ ପାଏ। ଜନ୍ମ ପରେ ବିଗତ ଜନ୍ମ ର ସ୍ମୃତି ସବୁ ବିସ୍ମୃତ ହୁଅନ୍ତି, ଚଳନ୍ତି ଜନ୍ମର ସ୍ମୃତି ଆରମ୍ଭ ହୁଏ। ଜାତିସ୍ମର ମାନେ କେବଳ ପୂର୍ବ ଜନ୍ମର ସ୍ମୃତିକୁ ମନେ ପକାଇପାରନ୍ତି। ଜନ୍ମ ଜନ୍ମାନ୍ତର ର ସ୍ମୃତି ମନେପକାଇବାକୁ ହେଲେ ମହାଜାତିସ୍ମର ହେବାକୁ ପଡିବ। ମାତ୍ର ତାହା କଣ କାହାରି ସାଧ୍ୟ ରେ ଥାଏ ? ସେଥିପାଇଁ ସାଧନା ଦରକାର। ମଣିଷର ମସ୍ତିଷ୍କ ହେଉଛି ଏକ ସୁପର କମ୍ପୁଟର, ଏହାର ମେମୋରୀ ଡିସ୍କ ଅକଳ୍ପନୀୟ କ୍ଷମତା ର ଅଧିକାରୀ। ଏଥିରେ ସବୁ ଜନ୍ମର ସ୍ମୃତି ସାଇତା ହୋଇ ରହିଛି। କିଛି ବି ଡିଲିଟ ହୁଏନି। ତାକୁ ଯିଏ ଖୋଲି ପାରିଲା ସେ ଜନ୍ମ ଜନ୍ମାନ୍ତର ର ରହସ୍ୟକୁ ଖୋଲି

Digitized by PPRACHIN, SOA

ପାରିଲା ମାତ୍ର ଇଶ୍ୱର ତାକୁ ଜାଣି ଜାଣି ବନ୍ଦ କରି ରଖିଛନ୍ତି। କାରଣ ରହସ୍ୟ ହିଁ ଜୀବନ ଏବଂ ଜୀବନଟା ରହସ୍ୟମୟ। ରହସ୍ୟ ଖୋଲି ଗଲେ ମଣିଷ ବଞ୍ଚି ପାରିବନି କିମ୍ୱା ବଞ୍ଚିବାର ଆଗ୍ରହ ହରାଇବସିବ।

ପ୍ରଶ୍ନ ନପଚାରି ମଧ୍ୟ ମୁଁ ମୋର ଉତ୍ତର ପାଇସାରିଥିଲି। ମୋତେ ଲାଗୁଥିଲା ମୁଁ ଏକ ରହସ୍ୟମୟ ସତ୍ତା ସହ ଏକ ରହସ୍ୟମୟ ଯାତ୍ରା କରୁଛି। ଏମିତି ଭାବିବା ଭିତରେ ଆମେ ପହଞ୍ଚି ସାରିଥିଲୁ ରାଣୀମହଲ ପାଖରେ। ମୁଁ ଗାଡି ଅଟକାଇବାକ୍ଷଣି ସେ ମହାରାଣୀ ମହାରାଣୀ ଡାକ ପକାଇ ଚାଲିଗଲେ ସେ ଭଗ୍ନ କୁଡିଆ ଆଡେ। ହେଲେ କେହି ଦିଶୁ ନଥିଲେ କେଉଁଠି। ସେ ଡାକି ଚାଲିଥିଲେ – ମହାରାଜ, ମହାରାଜ, ମହାରାଣୀ, ମହାରାଣୀ। ଦୁର୍ଗ ପରି ଠିଆ ହୋଇଥିବା ପାହାଡ ଛାତିରେ ଧକା ଖାଇ ଶବ୍ଦ ସବୁ ପ୍ରତିଧ୍ୱନିତ ହେଉଥିଲେ କେବଳ। ଡାକି ଡାକି ଥକି ଯିବାପରେ ମହାରାଜ କ୍ଲାନ୍ତ ହୋଇ ବସିପଡିଲେ। ବିଳାପ କଲାପରି କହିଲେ – ଏ ଜନ୍ମରେ ବି ତୁମର ପ୍ରାଣ ରକ୍ଷା କରିପାରିଲି ନାହିଁ। ଧିକ୍ –ଧିକ୍ ମୋର ପୁତ୍ର ପଣ,ଧିକ।

ମୁଁ ଏ ଘଟଣା ଦେଖି ଆଶ୍ଚର୍ଯ୍ୟ ଯେତିକି ହେଉଥିଲି ଶଙ୍କିତ ମଧ୍ୟ ସେତିକି ହେଉଥିଲି। ନିଜ ଭିତରେ ନଥିବା ମହାରାଜ ବୁଲୁଥିଲେ ଅନ୍ୟ କେଉଁ ଜଗତରେ। ତାଙ୍କୁ ପ୍ରକୃତିସ୍ଥ କରିବାକୁ ତାଙ୍କ ହାତଟି ଧରିପକାଇ କହିଲି – ମହାରାଜ, ମହାରାଜ। ଏ ଘଟଣା ପାଇଁ ଆପଣ ନିଜକୁ କାହିଁକି ଦୋଷ ଦେଉଛନ୍ତି ?

ମୋ ସ୍ପର୍ଶରେ ସେ ଫେରି ଆସିଲେ ସ୍ୱାଭାବିକ ସ୍ତରକୁ। ଅଳ୍ପ ସମୟ ପୂର୍ବରୁ ସେ ଦେଖାଇଥିବା ଭାବାବେଗ ର ଚିହ୍ନ ନଥିଲା ତାଙ୍କ ପାଖରେ। ସେ ମୋତେ କହିଲେ ଜଳତର୍ପଣ ହେବା ପୂର୍ବରୁ ଯେଉଁ ସଭ୍ୟତାକୁ ଶେଷ ଥର ପାଇଁ ଦେଖିବାକୁ ଚାହୁଁଥିଲେ ଆସନ୍ତୁ ଦେଖାଇଦେଉଛି। ଜଣେ ଅଭିଜ୍ଞ ଗାଇଡ୍ ପରି ସେ ମୋତେ ଦେଖାଇଲେ ରାଣୀମହଲ, ରାଣୀଅନ୍ତପୁର, ସ୍ନାନାଗାର, ପ୍ରସାଧାନ ଗୃହ, ପୂଜାଗୃହ ଇତ୍ୟାଦି ଇତ୍ୟାଦି। ସେ ସବୁ ଜିନିଷ କୁ ଏପରି ଭାବରେ ବୁଝାଉଥିଲେ ଯେମିତି ସେ ସ୍ଥାନ ଓ ବସ୍ତୁ ମାନଙ୍କର ମାଲିକ ସେ ଏକଦା ଥିଲେ।

ବୁଲି ସାରି ଆମେ ଫେରି ଆସିଲୁ ମନ୍ଦିର ପାଖକୁ। ମହାରାଜାଙ୍କ ବରାଦ ଅନୁଯାଇ ପ୍ରସାଦ ପ୍ରସ୍ତୁତ କରି ପୂଜାରୀ ଆମକୁ ଅପେକ୍ଷା କରିଥିଲେ। ପ୍ରସାଦ ସେବନ ପରେ ମହାରାଜ ମୋତେ ପଚାରିଲେ – ଆମେ ଏତେ ସମୟ ବୁଲିଲେ, ଅଥଚ ମୁଁ ଏଯାଏଁ ପଚାରି ନାହିଁ ଆପଣଙ୍କ ପରିଚୟ ?

ମୋ ପରିଚୟ ଜାଣିବା ପରେ କହିଲେ ମୋ ନିଶା ଓ ଆପଣଙ୍କ ନିଶା

Digitized by PPRACHIN, SOA

ଭିତରେ କିଛି ଫରକ ନୟହିଁ। ଆପଣ ସାହିତ୍ୟ କରନ୍ତି - ସାହିତ୍ୟ ହେଉଛି ଚିରକାଳର ଇତିହାସ ଓ ଇତିହାସ ହେଉଛି ପୂରାକାଳର ସାହିତ୍ୟ। ପୁରାତତ୍ତ୍ୱରେ ବସ୍ତୁ ନିରୀକ୍ଷଣ କରାଯାଏ, ସାହିତ୍ୟ ରେ ମନ ଓ ସମାଜ କୁ। ଏତିକି କହିସାରି ସେ ବସିଗଲେ ଜିପ୍ ରେ। ହଉ ପରେ କେବେ ଭେଟ ହେବା କହି ଗାଡି ଷ୍ଟାର୍ଟ କଲେ।

ସେ ଚାଲିଗଲାପରେ ପୂଜାରୀ ମୋ ପାଖକୁ ଆସି କହିଲେ - ଆପଣ ଚିହ୍ନି ନଥିଲେ ଯାଙ୍କୁ ? ଇଏ ଜଣେ ପାଗଳ ରାଜପୁତ୍ର।

—୦—

Digitized by PPRACHIN, SOA

ଅର୍ଥାନ୍ତର

ପ୍ରଥମେ ପ୍ରଥମେ ମୃଦୁ ଯୁକ୍ତିତର୍କ। ଯୁକ୍ତିତର୍କ ଧୀରେ ଧୀରେ ବଢ଼ିଲା। ଧୀର ରୁ ଜୋର। ବୋଧହୁଏ ହାତ ଉଠା ଉଠି ହେଲା ଓ କାନ୍ଦଣା ଶୁଭିଲା।

ପଡୋଶୀ ଘର କଥାରେ ମୁଣ୍ଡ ପୁରାଇବା ଉଚିତ ନୁହଁ। ଝଗଡା, ପୁଣି ସ୍ୱାମୀ ସ୍ତ୍ରୀ ଭିତରେ। ଅଦିନିଆ ମେଘ ପରି ଆସିବ, ବେଳେ ବେଳେ ଦୁମ୍ ଦୁମ୍ ବର୍ଷିବ ତ ବେଳେ ବେଳେ ପବନ ରେ ଉଡିଯିବ। ଝଗଡା ସରିଲେ ତକା ହକା ହେବେ, ସୋହାଗ ଉଛୁଳିବ। ନୋକ ଝୋକ, କଳି ତକରାଳ ନଥିଲେ କି ଦାମ୍ପତ୍ୟ ସେ ? ବିନା ନୋକ ଝୋକ, ବିନା କଳି ତକରାଳ ରେ ତାଙ୍କ ଦାମ୍ପତ୍ୟ ଯାଉଛି କି ଯାଇଛି ବୋଲି ଯିଏ କହିଲା ଜାଣିବ ତାଙ୍କ ଦାମ୍ପତ୍ୟ ରେ କିଛି ଖୋଟ ଅଛି ଅବା ମିଛ କହୁଛନ୍ତି। ନବ ଦମ୍ପତି ତ, ସେମିତି ନୋକ ଝୋକ ଚାଲିଥିବ। ମନର ସୁସଂଗତି ଆସିବାକୁ ଲାଗେ କିଛି ସମୟ,ପିଲା ଛୁଆ ହୋଇଗଲେ ସବୁ ଠିକ ହୋଇଯାଏ। ସେମିତି ଝଗଡା ହେଉଥିବେ ଭାବି ମୁଁ ମୋ ଲେଖା ଲେଖିରେ ମନ ଦେଲି।

ମୁଁ ନ ଚାହିଲେ ମଧ୍ୟ ତାଙ୍କ ଝଗଡା ମୋ କାନ ପାଖକୁ ଆସିଯାଉଥିଲା। ଆପାର୍ଟମେଣ୍ଟ ଘର, କାହାରି ଘର ର କାନ୍ଥ କାହାରିକୁ ଲାଗିନି ସତ, ହେଲେ ସବୁ ଘରକୁ ପବନ ଯିବାପାଇଁ ପ୍ରତ୍ୟେକ ଫ୍ଲାଟ ଭିତରେ ଯେଉଁ ତିନିଫୁଟିଆ ଗ୍ୟାପ ଦେଇଛି ଆଉ ଝରକା ସବୁ ସିଧା ସିଧା ମୁହଁକୁ ମୁହଁ କରି ଲଗାଇ ଦେଇଛି, ନ ଚାହିଁଲେ ମଧ୍ୟ ରୋଷେଇ ଘରର ବାସନା ଆସିବା ପରି କଥା ବାର୍ତ୍ତା ସୋର ଶବ୍ଦ ମଧ୍ୟ ପଶି ଆସେ। ଝଗଡା କ୍ରମଶ ବଢୁଥିଲା, କମିବାର ନା ନେଉନଥିଲା। ମଝିରେ ମଝିରେ ସ୍ତ୍ରୀଲୋକଟିର ଚିତ୍କାର ଜୋର ଶୁଭୁଥିଲା। ସେ କବାଟ ଖୋଲି ବାହାରି

Digitized by PPRACHIN, SOA

ଆସିବାକୁ ଚେଷ୍ଟା କରୁଥିଲା। ପିଲାଟି ତାକୁ ଅଟକାଇ ରଖୁଥିଲା

ଲେଖା ଲେଖି ରେ ମୁଁ ମନ ଦେଇ ପାରୁ ନଥାଏ। ଦେବି ବା କେମିତି ? ପିଲାଟି କୁ ମୁଁ ବହୁତ ଥର ଅଫିସ ଯିବା ବେଳେ ଦେଖିଛି। ମୋ ପୁଅ ବୟସର କିମ୍ବା ତା ଠାରୁ ସାନ ବି ହୋଇପାରେ। ଇଏ ତ ଦଶ ବର୍ଷ ପ୍ରେମ କରି ବାହା ହୋଇଥିଲା, ତଥାପି ବି ବାହାଘର ପ୍ରଥମ ବର୍ଷ ଢେର ନୋକ୍ ଝୋକ୍ ଲାଗି ରହିଥିଲା। କଥା ତ ଛଡା ଛଡି ଯାଏଁ ଯାଉଥିଲା, ମୁଁ ରାଗି ଯାଇ କହିଲି ବାହାଘର ଓ ଜୀବନଟାକୁ କଣ ଖେଳ ଘର ଭାବିଛୁ ନା କଣ ? ଝଗଡା ହେବ, ମନୋମାଳିନ୍ୟ ହେବ ମାତ୍ର ଦାମ୍ପତ୍ୟ ଚାଲିବ। ସାତ ଜନ୍ମର ବନ୍ଧନ ଏଇଟା ଛୁଆ ଖେଳଘର ନୁହେଁ। ହାଟରୁ କଣ୍ଢେଇଟିଏ ଆଣିଥିଲି, ଖେଳିଲି, ଭାଙ୍ଗିଗଲା ଏବେ ଫିଙ୍ଗି ଦେଇ ଆଉ ଗୋଟିଏ ଆଣିବୁ। ଯଦି ଏତେ ବର୍ଷର ସମ୍ପର୍କ ପରେ ବାହାଘର ଟିକିବ ନାହି, ତେବେ ମୁଁ ତ କହିବି ଭବିଷ୍ୟତ ରେ ତମେ ଉଭୟ ଆଉ ସଂସାର କରିବା କଥା ନୁହଁ। କଥା କାମ ଦେଲା, ସଜାଡି ହୋଇଗଲା ସଂସାର ଏବେ କେବଳ ଦାମ୍ପତ୍ୟ ରଥ ଗଡୁନି ସଂସାର ବି ଫୁଲ ଫଳରେ ଭରା। ଏମାନଙ୍କ ସଂସାର ତ ଏବେ ନୂଆ ନୂଆ, ବର୍ଷ ଟିଏ ବି ପୂରିନି। ଫ୍ଲାଟରେ ଏକା ରହୁଥିଲା, ବାହାହୋଇ ପରିବାର ଆଣି ସମସ୍ତଙ୍କୁ ଭୋଜି ଦେଇଥିଲା। ହଉ ଲାଗନ୍ତୁ, ଖୁମ୍ପା ଖୁମ୍ପି ହୋଇ ଥଣ୍ଡା ପଡିବେ ବଳେ ବଳେ।

ମାତ୍ର ଝଗଡା ବଢୁଥିଲା, କମିବାର ନାଁ ନଉନଥିଲା। ମୋ ମନକୁ ପାପ ଛୁଇଲା। ଅତି କ୍ରୋଧରେ ଯଦି ଭଲ ମନ୍ଦ କିଛି ହୋଇଗଲା ? ଉତ୍ତରାଖଣ୍ଡ ରେ ଘଟିଲାନି ? ଝଗଡା, ଝଗଡା ରୁ ମାଡ, ମାରୁ ମାରୁ ମରିଗଲା ଝିଅଟା। ରାଗ ବ୍ରହ୍ମଚଣ୍ଡାଳ, ହୋସ ଆସିଲା ବେଳକୁ ସବୁ ସରିଯାଇଥିଲା। କଣ କରିବ, କଣ କରିବ କିଛି ଚିନ୍ତା କରିପାରିଲାନି। ଘଟଣାକୁ ଲୁଚାଇବାକୁ ତାକୁ କାଟିଲା ଖଣ୍ଡ ଖଣ୍ଡ କରି। ରଖିଲା ଫ୍ରିଜ ଭିତରେ। ସୁବିଧା ଦେଖି ଅଳ୍ପ ଅଳ୍ପ କରି ଖଲାସ କରୁଥିଲା। ହେଲେ ଇଏ କଣ ଲୁଚିବା କଥା ହୋଇଛି ଯେ ଲୁଚିଯିବ। ଝିଅ ଘର ଖୋଜିଲେ, କେତେ ଦିନ ମିଛ ବଳ ଦେଇଥାନ୍ତା ? ଏବେ ଜେଲରେ, ଫାଶୀ ହବାଟା ଥୟ। ଯଦି ଏମାନେ ସେମିତି କିଛି କରିପକାନ୍ତି ?

ନା ନା ତା ଆଗରୁ କିଛି କରିବାକୁ ପଡିବ। ପତ୍ନୀ ଙ୍କୁ ଉଠାଇଲି।ସେ ନିଘୋଡ ନିଦ ରେ ଥିଲେ। ମୋ ଆଶଙ୍କା ଶୁଣି ସେ କହିଲେ ତମର ପାଗଳାମି

Digitized by PPRACHIN, SOA

ଟିକେ ବେଳେ ବେଳେ ବାହାରେ। ସ୍ୱାମୀ ସ୍ତ୍ରୀ ଝଗଡା ରେ ତମେ କାହିଁକି ମୁଣ୍ଡ ପୂରାଇ ଟେନସନ ନେଉଛ ? ସେମାନେ ଏମିତି ଲାଗନ୍ତି ବହୁତଥର, ମୁଁ ଆଗରୁ ଅନେକ ଥର ଶୁଣିଛି। ତମେ ଆଜି ବୋଧେ ପ୍ରଥମଥର ଶୁଣିଲ, ସେଥିପାଇଁ ଟେନ୍‌ସନ୍ ନେଉଛ। କାଲିକି ଦେଖିବ ସେମାନେ ବଜାର ବୁଲି ବାହାରିବେ, ହୋଟେଲ ରେ ଖାଇବେ ଓ ଟୁଆଁ ଟୁଇଁ ପରି ମୁହଁ କୁ ମୁହଁ ଯୋଡି ହୋଇ ଆସିବେ। ରାତି ଏତେ ହେଲାଣି, ଶୋଇବାର ଅଛି ଯଦି ଶୁଅ, ଯଦି ଲେଖିବାର ଅଛି ଯା ଲେଖ, ମୋତେ ଶୋଇବାକୁ ଦିଅ।

ପଢା ଟେବୁଲ ପାଖକୁ ଫେରି ଆସିଲି ସିନା ହେଲେ ମନଯୋଗ ଦେଇପାରିଲିନି ଲେଖା ଲେଖି ରେ। ବହେ ଶୋଧିଲି ବିଲଡର କୁ। ଆପାର୍ଟମେଣ୍ଟ ଘର ବୋଲି କଣ ଝରକାରେ କବାଟ ଲଗାଇବନି ? କାଚ ଲଗାଇ ଦେଇଛ ଯେ ଆଲୋକ ଯେମିତି ଆସୁଛି, ଶବ୍ଦ ବି ସେମିତି ଆସୁଛି। ସ୍କ୍ରିନ ଦେଇ ସିନା ଆଲୋକ କୁ ଅଟକାଇ ଦେଇହେବ ମାତ୍ର ଏ ଶବ୍ଦ କୁ କେମିତି ଅଟକାଇବି ? ଶୁଭୁଥାଏ ଫିଙ୍ଗା ଫୋପଡା ଶବ୍ଦ, ନା ଆଉ ବସି ହେବନି କହି ଉଠିଲି। ଶୋଇ ପଡିଲେ ଯିବ। ଆଠ ଥର ପଢିଲି ଗାୟତ୍ରୀ ମନ୍ତ୍ର, ଜପ କଲି ଓମ ନମ ଭଗବତେ ବାସୁଦେବାୟ। ହେଲେ ଆଖି ବନ୍ଦ କଲାକ୍ଷଣି ନାନା ଦୃଶ୍ୟ ନାନା କଥା ଭାସି ଉଠିଲା ମନରେ।

ଗୋଟିଏ ଦୃଶ୍ୟ ମୋତେ ଅସ୍ଥିର କରିଦେଲା। ସେତେବେଳେ ମୁଁ ରହୁଥାଏ ଖୋର୍ଦ୍ଧା ରେ। ମୋ ଭଡା ଘରଟି ରାସ୍ତା କଡରେ ଥିଲା। ମୁଁ ଯେଉଁଠି ବସି ଲେଖା ପଢା କରେ ସେ ଘରର ଝରକା ଟି ଏମିତି ଥିଲା ଯେ ଭିତରେ ବସି ବାହାର ର ଦୃଶ୍ୟ ଦେଖି ହେବ ମାତ୍ର ବାହାରବାଲା ଭିତରକୁ ଦେଖି ପାରିବେ ନାହିଁ। ଖରା ଦିନ, ରାତି ପ୍ରାୟ ଗୋଟାଏ ହେଇଥିବ। ଜଣେ ଲୋକ ଆସୁଥିଲେ ମଟରସାଇକେଲରେ। ତାଙ୍କୁ ବୋଧେ ପିଛା କରୁଥିଲେ ଆଉ ଦୁଇଜଣ। ମୋରି ଘର ପାଖରେ ହିଁ ପିଛା କରୁଥିବା ଦିଜଣ ତାଙ୍କ ଆଗକୁ ମାଡି ଆସି ଅଟକାଇଲେ। ବୋଧହୁଏ ଉଭୟ ପକ୍ଷ ପରସ୍ପରର ପୁରୁଣା ଶତ୍ରୁ ଥିଲେ। ଅଟକୁ ଅଟକୁ ଆରମ୍ଭ ହୋଇଗଲା ଅଶ୍ରାବ୍ୟ ଗାଳି ଏବଂ ଆଜି କିପରି ବଞ୍ଚିକି ଯିବୁ ର ଚ୍ୟାଲେଞ୍ଜ। ପ୍ରତିପକ୍ଷ ବି ଡରିବାର ଲୋକ ନଥିଲା। ସେ ବି ମୁହଁ ତୋଡ ଜବାବ ଦେଉଥାଏ, ମାତ୍ର ତାଙ୍କୁ ବୋଧେ ମାଲୁମ ନଥିଲା ଏମାନେ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ପିଛା

Digitized by PPRACHIN, SOA

କରୁଥିଲେ। ଏ ଦୁଇଜଣଙ୍କ ଭିତରୁ ମୁଁ ଜଣକୁ ଚିହ୍ନିଥିଲି। ପାଗା ବୋଲି ଯାହାକୁ ସମସ୍ତେ ଚିହ୍ନନ୍ତି। ତାର ଅବଶ୍ୟ ଭଲ ନାଁ ଥାଇପାରେ। ପାଗା ନାଁ ରେ ତ ସବୁ ଥରହର, ଭଲ ନାଁ ରୁ ମିଳିବ କଣ ? ଥରେ ସେ ବ୍ୟାଙ୍କ ରେ ପହଞ୍ଚିଲା ଯେ, ଆମ ପିଅନ ଟି ଧାଇଁ ଗଲା ମ୍ୟାନେଜରଙ୍କ ଚାମ୍ବର ଭିତରକୁ। ମୁଁ ବସିଥିଲି ତାଙ୍କ ସହ। ଗୋଟିଏ ନୂଆ ପ୍ରୋଜେକ୍ଟ ଲୋନ ପ୍ରପୋଜାଲ ବିଷୟ ରେ ଆଲୋଚନା ଚାଲିଥିଲା। ସେ ଅଣନିଶ୍ୱାସୀ ହୋଇ କହିଲା ପାଗା ବାବୁ ଆସିଛନ୍ତି। ପାଗା କିଏ ଆମେ ଉଭୟ ଜାଣିନଥିବାରୁ ବିସ୍ମୟ ହୋଇ ତା ମୁହଁ କୁ ଚାହିଁବାରୁ - ପାଗା ବାବୁ, ପାଗା ଗୁଣ୍ଡା, ବଡ ଦୁର୍ଦ୍ଦାନ୍ତ, କଥା କଥାକେ ଖଣ୍ଡା, ଭୁଜାଲି, ବନ୍ଧୁକ ରେ କାରବାର ତାଙ୍କର ବୋଲି କହିଲା। ହଉ ତମେ ଯାଅ, ଆମେ ଦେଖୁଛୁ କହି ତାକୁ ବିଦା କଲୁ।

ଆମେ ସିନା ଚିହ୍ନିନଥିଲୁ, ମାତ୍ର କିରାଣୀ ମାନେ ସବୁ ସ୍ଥାନୀୟ ଲୋକ ହୋଇଥିବାରୁ ସେମାନେ ତାକୁ ଭଲ ଭାବରେ ଚିହ୍ନି ଥିଲେ। ସେ ଧରିକରି ଆସିଥିଲା ଏକ ସେଲ୍ଫ ଚେକ୍, ଯାହାକୁ ଇସ୍ୟୁ କରିଥିଲେ ଆମର ଜଣେ ଶିଳ୍ପପତି ଋଣୀ। ଅନ୍ୟ କାହା କଥା ହୋଇଥିଲେ, ପେମେଣ୍ଟ କ୍ଲର୍କ ନିଶ୍ଚୟ କହିଥାନ୍ତା ପଛରେ ଦସ୍ତଖତ ଦିଅନ୍ତୁ ଟଙ୍କା ନେଉଛନ୍ତି ବୋଲି, ମାତ୍ର ପାଗାକୁ ଦେଖି ସେକଥା ନକହି ପୋଷ୍ଟିଂ କରିଦେଇ ନିଜେ ନିଜେ ଚାଲିଗଲା ଅଫିସରଙ୍କ ପାଖକୁ ପାସ୍ କରାଇବା ପାଇଁ। ଅଫିସର ଜଣକ କଣ କହିବାକୁ ଉହୁଙ୍କି ଆସୁଥିଲେ ବୋଧେ ମାତ୍ର ଇଏ କାନରେ କଣ କହିଦେବାରୁ ସେ ଆଖିବୁଜା ଦସ୍ତଖତ ମାରିଦେଲେ। ପାସ୍ ଚେକ ଟି ଧରି ସେ ସିଧା ଗଲା କାଉଣ୍ଟରକୁ, ପାଗା କୁ ଚାହିଁ କେବଳ ପଚାରିଲା ବଡ ନୋଟ ଦେବିତ ? କହିବା ମୁତାବକ ବଡ ନୋଟ୍ ଆଣି ଧରାଇଦେଲା ତା ହାତରେ। ସେ ଗଲାପରେ ପିଅନ ଟି ଆସି କହିଲା ସାର୍ ଆଜି ବଳିଆରସିଙ୍ଗ ବାବୁ ତାକୁ ସମ୍ଭାଳି ନେଲେ, କିଛି ହଙ୍ଗମା କରିନି। ଏହା ପରେ କେବେ ବ୍ୟାଙ୍କ ରେ ତ କେବେ ବଜାର ଭିତରେ ଦେଖିଛି, ତେଣୁ ପାଗା କୁ ଚିହ୍ନିବାରେ ମୋତେ ଅସୁବିଧା ହେଲାନି। ଆଉ ଲୋକଟି ତା ଚେଲା ହୋଇଥିବ ନିଶ୍ଚୟ।

ମୁଁ ଭାବିଥିଲି ସାମାନ୍ୟ ପିଟା ମରା ରେ ବୋଧେ କଥା ସରିବ, ଯାହା ଗୁଣ୍ଡା ମାନଙ୍କର ଖୁବ ସାଧାରଣ କଥା। ମାତ୍ର ମୋ ଧାରଣା ଭୁଲ ଥିଲା। ବିଶେଷ କଥାବାର୍ତ୍ତା ନାହିଁ, ବାହାରିଲା ଭୁଜାଲି, ପଶିଗଲା ପ୍ରତିପକ୍ଷ ର ପେଟରେ। ସେ ଖୁବ ଜୋର ରେ ଚିତ୍କାର କଲାବେଳକୁ ବାହାରିସାରିଥିଲା ଅନ୍ତବୁଜୁଳା। କଟା ଗଛ ପଡିଲା

Digitized by PPRACHIN, SOA

ପରି ପଡିଗଲା ତଳେ। କିଛି ସମୟ ଛଟପଟ ତା ପରେ ଶେଷ। ଖଲାସ କହି ସେ ଉଭୟ ପୁଣି ଗାଡି ଷ୍ଟାର୍ଟ କରି ଚାଲିଗଲେ।

ଭୟରେ ଗୋଟା ପଣେ ଥରୁଥାଏ ମୁଁ। ପତ୍ନୀ ଙ୍କୁ ଯାଇ ନିଦରୁ ଉଠାଇଲି। କଥା କହିବା ଅବସ୍ଥା ରେ ମୁଁ ନଥାଏ। କେବଳ କହିଲି ପାଗା ମୋ ଆଖି ସାମ୍ନା ରେ ଜଣକୁ ମର୍ଡର କରିଦେଲା।

ତମେ କେଉଁଠି ଥିଲ? ଘରେ ତ?

ହଁ। ଘରେ ନଥିଲି କଣ ବାହାରେ ବୁଲୁ ଥିଲି।

ଯଦି ଘରେ ଥିଲ ତମ ଆଗରେ ମର୍ଡର ହେଲା ବୋଲି କିପରି କହୁଛ? ମର୍ଡର କଥା କୁ ଛୁଆ ଖେଳ କଥା ଭାବିଛ ନା କଣ? ଝରକାରୁ ଦେଖିଲ ତ? ଯାଅ ସେ ଝରକା କୁ ବନ୍ଦ କର ଆଗ। ତମେ କିଛି ଦେଖିନ, ରାତି କେତେ ହେଲାଣି?

ଦୁଇଟା।

ତମେ ଶୋଇଥିଲ, ବୁଝିଲ। ଭୁଲ ରେ ଯଦି କଉଠି କହିଦେଲ, ତେବେ ସାକ୍ଷୀ ହେବ। ଏ କେସ ଯେତେ ବର୍ଷ ଚାଲୁଥିବ ତମେ ଘୋଷରା ହେଉଥିବ କୋର୍ଟ କୁ। ଏଇଟା ତମ ଅଫିସ କେସ ନୁହଁ ଯେ ଟିଏ,ଡିଏ ନେଇ ଆଟେଣ୍ଡ କରିବାକୁ ଯିବ। ଏଠୁ ବଦଳି ପରେ ବି ଛୁଟି ନେଇ କୋର୍ଟ ରେ ଚକର କାଟିବ। କିଛି ଦେଖିନ, ଶୋଇଥିଲ। ସେ ଯେଉଁ ଗୁଣ୍ଡା କଥା ତମେ କହୁଛ,ସେ ଯଦି ଖବର ପାଏ ତମେ ଦେଖିଛ ବୋଲି, ତେବେ ପ୍ରମାଣ ନଷ୍ଟ ପାଇଁ ତମକୁ ବି ରାସ୍ତାରୁ ହଟାଇ ଦେବ। ଭଲ ଦଶା ଅଛି ଯଦି ପାଟି ବନ୍ଦ କରି ରଖିବ, ଅଗ୍ରବଳକା ହୋଇ କେଉଁଠି କିଛି ଆଲୋଚନା ବି କରିବନି। ଯାଅ ଶୁଅ, କାଲି ତ ରବିବାର ମୁଁ ନଡାକିଲା ଯାଏ ଉଠିବନି।

ମୁଁ ଶୋଇବାକୁ ଗଲି ସିନା, ସତରେ କଣ ଶୋଇପାରିଥିଲି ସେଦିନ? ଆଖିବୁଜି ଅପେକ୍ଷା କରିଥାଏ ରାତି ପାହିବାକୁ। ରାତି ପାହିଲା, ମନ କଲ ବଲ ହେଉଥାଏ ଘଟଣା କଣ ହେଲା ଜାଣିବାକୁ, ମାତ୍ର ପତ୍ନୀ ଙ୍କ କଡା ନିର୍ଦ୍ଦେଶ ମାନି ମୁଁ ଉଠୁ ନଥାଏ।

ସେ ଘଟଣା ର କିଛି ମାସ ପରେ ମୋର ସେଠାରୁ ବଦଳି ହୋଇଗଲା। ସେ ଘଟଣା ରେ କେହି ଦୋଷୀ ସାବ୍ୟସ୍ତ ହେଲେ କି ନାହିଁ ମୁଁ ଜାଣେନା, ହେଲେ

Digitized by PPRACHIN, SOA

ମୋ ନିଜର ଆତ୍ମା ପାଖରେ ନିଜ ଭୀରୁତା କୁ ନେଇ ମୁଁ ସବୁଦିନ ନିଜକୁ ଦୋଷୀ ମନେ କରିଆସିଛି। ସେଦିନ୍ ଥିଲା ବିଳମ୍ବିତ ରାତିର ଘଟଣା, ଆଜି ବି ମଧ୍ୟ ବିଳମ୍ବିତ ରାତି। ସେଦିନ ଚୁପ ରହିଥିଲି ଗୋଟେ ଗୁଣ୍ଡା ଭୟରେ, ହେଲେ ଆଜି କାହିଁକି ଚୁପ ରହୁଛି ? ଯଦି କାଲି ସକାଳକୁ କିଛି ଘଟି ଯାଇଥାଏ ତେବେ ମୁଁ ନିଜକୁ କ୍ଷମା କରିପାରିବି ତ ? ପତ୍ନୀ ଙ୍କୁ ଉଠାଇଲି, ପଚାରିଲି ତମେ ମୋ ସାଥିରେ ଯିବ ନା ମୁଁ ଏକା ଯିବି ?

କୁଆଡେ ?

ସେଦିନ ତମ କଥା ମୁଁ ମାନିଥିଲି, ମାନିବା ଉଚିତ ବୋଲି ଭାବି। ଉଚିତ ବି ଥିଲା, କିଏ ଆମର ପଶିଥାନ୍ତା ସେ ଗୁଣ୍ଡା ବଦମାସଙ୍କ ଝମେଲାରେ ଯିଏ ମଲା ସେ ଗୁଣ୍ଡା ଥିଲା ଯେ ମାଇଲା ସେ ବି ଗୁଣ୍ଡା। ସେମାନଙ୍କ ମରଣ ଏମିତି ହେବା ଟା ଧାର୍ଯ୍ୟ। ହେଲେ ଏମାନେ ତ ଆମ ପିଲାଙ୍କ ପରି, ରାଗରେ କିଛି ହେଇଗଲେ ଆଉ କଣ ଫେରାଇ ହେବ ? ମନା କରନା ଚାଲ ମୋ ସାଥିରେ।

ଆଉ କିଛି ନକହି ସେ ଗଲେ ମୋ ସାଥିରେ। ମାରିଲୁ ତାଙ୍କର କଲିଙ୍ଗ ବେଲ୍। ଅପେକ୍ଷା କଲୁ କିଛି ସମୟ। ଖୋଲୁନଥାଏ କବାଟ, ମୋ ଭିତରେ ବଢୁଥାଏ ଦୁଶ୍ଚିନ୍ତା।ପୁଣି ମାରିଲୁ ବେଲ୍, ବାଡାଇଲୁ କବାଟ। କିଛି ସମୟ ପରେ ଭିତରୁ କିଛି ଶବ୍ଦ ଶୁଭିଲା, ଆଶ୍ୱସ୍ତ ହେଲି ମୁଁ। ଶବ୍ଦ ଶୁଣି ବେଲ ସହ କବାଟ ବି ବାଡେଇଲି।ଝିଅଟି କବାଟ ଖୋଲିଲା, ତା ପଛରେ ଠିଆ ହୋଇଥିଲା ତା ସ୍ୱାମୀ। ଏତେ ରାତିରେ ଆମ ଉଭୟଙ୍କୁ ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ। ମଉସା କଣ ହେଲା ବୋଲି ଆମକୁ ପ୍ରଶ୍ନ କଲେ ?

ମୋ ପତ୍ନୀ ହଠାତ ଉପସ୍ଥିତି ବୁଦ୍ଧି ଖଟାଇ କହିଲେ, ମଉସାଙ୍କୁ ଟିକିଏ ଅସ୍ଥିର ଅସ୍ଥିର ଲାଗୁଛି, କେତେ ବେଳେ କଉ କଥା, ଭାବିଲୁ ଟିକେ ଯାଇ ଡାକ୍ତର ଦେଖାଇ ଦେବାକୁ। ଆମ କୁ ଯିଏ ସବୁ ବେଳେ ନବା ଆଣିବା କରେ ସେ ଡ୍ରାଇଭର କୁ ଫୋନ କଲୁ ଯେ ସେ ନଉଠାଇବାରୁ ବାଧ୍ୟ ହୋଇ ....।

ଆରେ ଆପଣ ତ ଆଗେ ଆମକୁ ଡାକିବା କଥା, ପଡ଼ୋଶୀ କାହିଁକି ହୋଇଛନ୍ତି ଆମେ ? ଆପଣ ବସନ୍ତୁ ମୁ ଗୋଟିଏ ମିନିଟ୍‌ରେ ବାହାରି ପଡୁଛି। ମୁଁ ବି ଯିବି, ତମେ ଡାକ୍ତର ଦେଖାଇଲା ବେଳେ ମାଉସୀ ଏକା ହୋଇଯିବେ, ମୁଁ ତାଙ୍କ ସହ ରହିଲେ ଭଲ ହେବ। ହଉ ବାହାରିପଡ଼।

Digitized by PPRACHIN, SOA

ସେ ଦୁହେଁ ଗଲେ ରୁମ ଭିତରକୁ ଡ୍ରେସ ବଦଳାଇ ଆସିବାକୁ। ପତ୍ନୀ ମୋତେ କହିଲେ ଦେଖିଲତ, ଏବେ ଚାଲ ଡାକ୍ତର ଦେଖା।

ମୁଁ କହିଲି ଉପସ୍ଥିତି ବୁଦ୍ଧି ତମର ଖାଲି ଅଛି, ମୋର ନାହିଁ ନା କଣ ? ହଉ ସେମାନେ ଆସନ୍ତୁ, ମୁଁ କଣ କରୁଛି ଦେଖ।

ପରିସ୍ଥିତି କୁ ଦେଖି ସେମାନେ ଆମ ଆଶା ଠାରୁ ଆହୁରି ଶୀଘ୍ର ବାହାରି ପଡିଥିଲେ। ପିଲାଟି ଖୋଜୁ ଥିଲା କାର ଚାବି। ମୁଁ କହିଲି ବାବୁ ଚାବି ଖୋଜିବା ଦରକାର ନାହିଁ, ଏଠାକୁ ଆସ। ତମ ଦୁଇଜଣଙ୍କୁ ଦେଖିବା ପରେ ମୋ ଦେହ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲା। ଆଉ ଡାକ୍ତରଙ୍କ ପାଖକୁ ଯିବା ଦରକାର ନାହିଁ।

ବୁଝି ପାରିଲୁନି ମଉସା ?

କାଲି ରାତିରେ ତମ ଦୁଇଜଣଙ୍କ ଝଗଡା ଶୁଣି ଏବଂ ବହୁତ ଗୁଡାଏ ସମ୍ଭାବ୍ୟ ଦୃଶ୍ୟ କୁ ମନେ ମନେ ଭାବି ମୁଁ ଅସୁସ୍ଥ ହୋଇ ରାତି ସାରା ଶୋଇପାରୁନଥିଲି।

ଝଗଡା !

କାଲି ରାତିରେ ପିଟା ମରା ହୋଇ କନ୍ଦା କଟା ଚାଲି ନଥିଲା ? ତମ ଦୁହିଙ୍କୁ ଦେଖି ମୋ ପୁଅ ବୋହୂଙ୍କୁ ଦେଖିଲା ପରି ଲାଗେ। ତମ ଝଗଡା ଦେଖି ମୁଁ ଦୁଃଖରେ ଅସ୍ଥିର ହେଉଥିଲି, ତେଣୁ ଅସୁସ୍ଥ ଅସୁସ୍ଥ ଲାଗୁଥିଲା। ଏବେ ତମ ଖୁସି ଦେଖି ସେଟା ଛାଏଁ ଛାଏଁ ଭଲ ହୋଇଗଲା।

ଓଃ, କାଲି ରାତିରେ ଆମେ ଗୋଟେ ସିନେମା ଦେଖୁଥିଲୁ, ଯେଉଁଥିରେ ପିଟା ମରା, କନ୍ଦା କଟା ଢେର ଥିଲା, ତାକୁ ତାହାଲେ ଶୁଣିଛନ୍ତି ଆପଣ।

ହଉ ଶୋଇ ପଡିବ ଯାଅ, ରାତି ଆହୁରି ଅନେକ ବାକି ଅଛି।

—୦—

Digitized by PPRACHIN, SOA

ପ୍ରିୟମାଣା

କସ୍ତୁରବା "କର୍ମଜୀବି ମହିଳା ନିବାସ" ଆଗରେ ଏକ ବିରାଟ ଗେଟ୍। ଗେଟ ସାଇଡ୍ ରେ ଏକ ଉଇକେଟ୍ ଗେଟ, ସାଧାରଣରେ ଯିବା ଆସିବା ପାଇଁ। ବଡ ଗେଟ ଟି ସବୁବେଳେ ବନ୍ଦ ଥାଏ, କେବଳ ଖୋଲେ ଗାଡି ଘୋଡା ଯିବା ଆସିବା ପାଇଁ। ଗେଟ୍ କଡରେ ଦୁଇଟି ସୁଉଚ୍ଚ ଡ୍ରୁପିଙ୍ଗ ଦେବଦାରୁ ଗଛ। ଗେଟକୁ ଲାଗି ୱାଚମ୍ୟାନ୍ ଟାୱାର। ନୂଆ ଆଗନ୍ତୁକ ମହିଳା ଜଣକୁ ଦେଖି ୱାଚମ୍ୟାନ୍ ପଚାରିଲା - କାହାକୁ ଭେଟିବେ? କେତେ ନମ୍ବର ରୁମ୍ କୁ ଯିବେ?

ନା ମୋର କାହାକୁ ଭେଟିବାର ନାହିଁ, ଏଠି ରହିବାକୁ ରୁମ୍ ବୁକ୍ କରିଛି।

ରୁମ୍ ନା ବେଡ୍?

ମାନେ !

ରୁମ୍ ଜଣକୁ ଆଲର୍ଟ କରାଯାଏ, ବେଡ଼ ମାନେ ସେୟାରିଂ ରୁମ୍। ପ୍ରତି ରୁମ୍ ରେ ଦୁଇ ରୁ ତିନିଜଣ ଯାଏ ରହନ୍ତି। ରୁମ୍ ସାଇଜ ନେଇକି। ଅନ ଲାଇନ ରେ ବୁକିଙ୍ଗ କରିଛନ୍ତି ତ? ବେଡ଼ ନା ରୁମ୍ ଅପସନ ଦେଇଥିଲେ?

ବେଡ଼ ଘରେ ଅପସନ ଦେଇଥିଲି।

କେତେ ନମ୍ବର ରୁମ ରେ ଆଲର୍ଟ ହେଲା ବୋଲି ଦେଖାଇଲା?

ଚାରିଶହ ଏକ।

ହଁ, ସେଇ ରୁମ୍ ରେ ହିଁ ଗୋଟିଏ ବେଡ଼ ଫାଙ୍କା ଥିଲା। ଆଉ ବେଡ଼ରେ ତ ମନିଷା ମ୍ୟାଡାମ୍ ରହୁଛନ୍ତି। ବୁକିଙ୍ଗ ସ୍ଲିପ ଧରିଛନ୍ତି?

ଉର୍ମିଳା ହାତରୁ ବୁକିଙ୍ଗ ସ୍ଲିପ ଟା ନେଇ ଦେଖି ସାରିଲା ପରେ କହିଲା, ମୁଁ ମ୍ୟାଡାମ୍ଙ୍କୁ ଫୋନ କରି ପଚାରି ଦେଉଛି, ଆପଣ ବସନ୍ତୁ ରିସେପସନ୍‌ରେ। କିଛି

Digitized by PPRACHIN, SOA

ସମୟ ପରେ କହିଲା ମ୍ୟାଡାମ କହିଲେ ଆପଣଙ୍କୁ ରୁମ ଦେଖାଇଦେବାକୁ, ସେ ସନ୍ଧ୍ୟା ବେଳକୁ ଆସିଲେ ରେଜିଷ୍ଟରରେ ଏଣ୍ଟ୍ରି କରିବେ। ମନୀଷା ମ୍ୟାଡମ ବି ଯାଇ ସନ୍ଧ୍ୟାକୁ ଆସିବେ। ଚାଲନ୍ତୁ ମୁଁ ଆପଣଙ୍କୁ ରୁମ୍ ଓ ବେଡ୍ ଦେଖାଇ ଦେଉଛି।

ମ୍ୟାଡାମ୍ ?

ମ୍ୟାଡାମ୍ ମାନେ ଉଷା ମ୍ୟାଡାମ୍। ଏ ହଷ୍ଟେଲ ର ମାଲିକିଆଣୀ ।

ୱାଚ୍‌ମ୍ୟାନ୍ ପଛେ ପଛେ ଚାଲିଲା ଉର୍ମିଳା। ଚାରିସହ ଏକ ନମ୍ବର ରୁମ ଭିତରୁ ବନ୍ଦ ଥିଲା। ମନୀଷା ମ୍ୟାଡାମ କଣ ଆଜି ଡିଉଟି କୁ ଯାଇନାହାନ୍ତି କି ? କବାଟ ଠକ ଠକ କଲା। ଗୋଟେ ତନ୍ଦ୍ରାଳସା ଠାଣିରେ "କିଏ ବୋଲି ପଚାରି" କବାଟ ଖୋଲିଲେ ସେ।

କଣ ମ୍ୟାଡାମ ଆଜି ଡିଉଟି ଯାଇନାହାନ୍ତି କି ?

ନା ଆଜି ମୋର ଅଫ୍ ଥିଲା।

ଇଏ ମ୍ୟାଡାମ୍ ନୂଆ ଆସିଛନ୍ତି ରହିବା ପାଇଁ।

ଓଃ, ହଉ ଭିତରକୁ ଆସନ୍ତୁ। ୱାଚ୍‌ମ୍ୟାନ୍‌ଟି ଏୟାରବ୍ୟାଗ ଟି ରଖି ଚାଲିଗଲାପରେ ମନୀଷା ମ୍ୟାଡାମ୍ କହିଲେ - ହାୟ ମୁଁ ମନୀଷା ମହାନ୍ତି। ଏଠି ଗୋଟେ ନିଉଜ ଚାନେଲରେ କାମ କରେ। ଆପଣ ଚାକିରି କରିଛନ୍ତି ନା ଚାକିରି ଖୋଜିବା ପାଇଁ ରହିବେ ?

ମୁଁ ଉର୍ମିଳା ଦାସ। ସେକ୍ରେଟାରିଏଟରେ ଜୁନିଅର କ୍ଲର୍କ ପାଇଛି।

ବାଃ ବଢିଆ,ଏକାଥରେ ସରକାରୀ ଚାକିରି ପାଇକରି ଆସିଛନ୍ତି। କ୍ୱାଟର ତ ମିଳିଯିବ ?

ନା ଏବେ ମିଳିବାର ସମ୍ଭାବନା କମ, ସିନିଅରିଟି ଅନୁସାରେ ଦିଆଯାଉଛି।

ହଉ ଭଲ ହେଲା, ମୁଁ ରହିବା ପର ଠାରୁ ଏ ବେଡ୍ ଟି ଫାଙ୍କା ଥିଲା, ମୋତେ ବି ଏକା ଏକା ଲାଗୁଥିଲା। ଆପଣ ରହିଲେ ଭଲ ଲାଗିବ। ଆପଣଙ୍କର ତ ସମୟ ଫିକ୍ସଡ, ସକାଳ ଦଶଟାରୁ ସନ୍ଧ୍ୟା ପାଞ୍ଚ, ମାତ୍ର ଆମର ତ କିଛି ର୍ନିଦ୍ଧିଷ୍ଟ ସମୟ ନାହିଁ। କେତେବେଳେ ଦିନରେ ଡିଉଟି ତ କେତେବେଳେ ରାତିରେ। ରକ୍ଷା ହୋଇଛି ନିଉଜ ରିପୋର୍ଟିଂ ସେକ୍ସନ ରେ ନାହିଁ,ଏଡିଟିଂ ରେ ଅଛି, ନଚେତ ଆମର ତ ରାତି ଦିନ କିଛି ନଥାନ୍ତା। କଥା ବାର୍ତ୍ତା ମଧ୍ୟରେ ମନୀଷା କଫି କପ ଟିଏ ବଢାଇଦେଲା ଉର୍ମିଳା ଆଡେ।

Digitized by PPRACHIN, SOA

ନା – ନା,ମୁଁ ଚା କି କଫି କିଛି ପିଏନା।

ପିଅନା ନା ପିଉ ନଥିଲ ? ଆରେ ତମେ ଚାକିରି କରିନଥିଲ ତେଣୁ ଏସବୁ ଅଭ୍ୟାସ କରିନଥିଲ। ଏବେ ଚାକିରି କଲ,ଏ ଅଭ୍ୟାସ ନକଲେ କାମ କିପରି କରିବ ? ମୁଁ ହଠାତ ଆପଣରୁ ତମେ କହି ପକାଇଲି,କିଛି ଖରାପ ଭାବିଲକି ? ରୁମ ମେଟ୍ ହୋଇ ରହିବା ଯେତେବେଳେ ଏ ଆପଣ ସମ୍ବୋଧନ ରେ ଆତ୍ମୀୟତା ଭିତରେ ଗୋଟିଏ ପ୍ରାଚୀର କାହିଁକି ସୃଷ୍ଟି କରିବା ?

ଆରେ ଏଥିରେ ଖରାପ ଭାବିବାର କଣ ଅଛି, ବରଂ ଖୁସି ଲାଗିଲା ତମର ଡାକ ଶୁଣି।

ହଉ କଫି ପିଅ, କଫି ପିଆରୁ ସମ୍ପର୍କ ଆରମ୍ଭ ହେଉ।

କଫି ପିଇ ସାରି ନିଜ ଏୟାରବ୍ୟାଗରୁ ଡ୍ରେସ ବାହାରକଲା ବଦଳାଇବା ପାଇଁ। ବେଡ଼ସିଟ୍ ଟିଏ ବାହାରକରି ନିଜ ପାଇଁ ଉଦ୍ଦିଷ୍ଟ ବେଡ଼ ଉପରେ ପକାଇଲା। ତକିଆ କୁ ଏପଟ ସେପଟ କରି ଦୁଇଥର ଦେଖିଲା, ହେଲେ ପିଲୋ କଭର ଆଣିନଥିବାରୁ ତାକୁ ବେଡ଼ସିଟ ତଳେ ପୂରାଇଦେଲା। ବାଥ ରୁମ ଯାଇ ଧୁଆ ଧୋଇ ହୋଇଆସିଲା। ଡ୍ରେସ ଚେଞ୍ଜ କରିସାରି ପଚାରିଲା ଆପଣ ସନ୍ଧ୍ୟା ରେ ଟିଫିନ କରନ୍ତି ନା ନାହିଁ ?

ସନ୍ଧ୍ୟାରେ ଟିଫିନ ! ଆଜି ମୋର ଡିଉଟି ଅଫ ଅଛି ବୋଲି, ମୋତେ ଏତେବେଳେ ଏଠି ଦେଖିଲ, ନଚେତ ତ ମୋର ଫେରୁ ଫେରୁ ରାତି ଆଠ କି ନଅ ବାଜିଯାଏ। ଧୂଆ ଧୋଇ ହୋଇସାରିଲା ବେଳକୁ ଆମ ମେସ୍‌ର ଖାନା ରେଡି ହୋଇଯାଇଥାଏ। ଆମ ମାଟ୍ରନ ଏ ଶୃଙ୍ଖଳା ରେ ଭାରି କଡା। ରାତି ନଅରୁ ଦଶ ମଧ୍ୟରେ ଡିନର ଓ ସକାଳ ଆଠରୁ ନଅ ଭିତରେ ମିଲ୍ସ। ମୁଁ ଏହାକୁ ବ୍ରେକଫାଷ୍ଟ ନକହି ମିଲ୍ସ ଏଥିପାଇଁ କହିଲି ଯେ ଏଠି ଲଞ୍ଚ ମାନେ ସକାଳ ନଅ ଭିତରେ। ସମସ୍ତେ ତା ଭିତରେ ଖାଇଦେଇ ଯିଏ ଯାହା ଅଫିସ କୁ ଚାଲିଯାନ୍ତି। କିଏ ହୁଏତ ଅଫିସ ର ଲଞ୍ଚ ସମୟରେ ଲଞ୍ଚ କରିପାରନ୍ତି କିମ୍ବା ଅପରାହ୍ନରେ ଟିଫିନ କରନ୍ତି।

କସ୍ତୁରବା କର୍ମଜୀବି ମହିଳା ନିବାସ ଉପରେ ଗୋଟେ ମୋଟା ମୋଟି ଧାରଣା ହୋଇଗଲା ଉର୍ମିଳାର। ନିଜ ବ୍ୟାଗରୁ ଗୋଟିଏ ଟିଫିନ ବକ୍ସ ବାହାରକରି ସେଥିରୁ ଛଣା ମଣ୍ଡା ଓ ପୋଡପିଠା ବାହାର କରି ଗୋଟିଏ ପ୍ଲେଟ ରେ ରଖି କହିଲା – ଜାଣେନା ଏ ଗାଁ ଖାଦ୍ୟ ତମକୁ ଭଲ ଲାଗିବ କି ନାହିଁ। ଆଣିବାକୁ ମନାକରୁଥିଲି, ବୋଉ ବାଧ୍ୟ କରି ଦେଲା। କହିଲା ନୂଆ ଜାଗାରେ ଖାଇବା ପିଇବା

Digitized by PPRACHIN, SOA

ବ୍ୟବସ୍ଥା କେତେବେଳେ କଣ ହେବ ଜାଣିନ୍ତୁ, ନେଇଯାଇଥା କାମରେ ଆସିବ। ପ୍ରକୃତ କାମରେ ଆସିଲା ଜାଣ, ଘରୁ ଯା ଖାଇକରି ବାହାରିଥିଲି। ଅଫିସ ରେ ଜଏନିଙ୍ଗ ରିପୋର୍ଟ ଦେଇ ଅପେକ୍ଷା କଲି ବହୁତ ସମୟ ଯାଏ। ସେକ୍ସନ ଅଫିସର ଆସିଲେ ବହୁ ବିଳମ୍ବରେ। ଆସୁ ଆସୁ ଜଏଣ୍ଟ ସେକ୍ରେଟାରୀଙ୍କ ପାଖକୁ ଗଲେ ଯେ ଗଲେ, ତା ଭିତରେ ଲଞ୍ଚ ବ୍ରେକ ହୋଇଗଲା। ଅପରାହ୍ନ ରେ ଯାଇ ସାକ୍ଷାତ ମିଳିଲା। ମୁଁ ତ ଖାଲି ଅପେକ୍ଷାରେ ଥାଏ କେତେବେଳେ ମୋତେ ଡକା ହେବ, ଆଉ ବେଳ କେଉଁଠି ପାଇଲି ଯେ ଖାଇବି। ଅବଶ୍ୟ ସେତେବେଳେ ମୋତେ ଭୋକ ଲଗୁନଥିଲା। ଏବେ ଏଠି ପହଞ୍ଚିବା ପରେ ଯାଇ ମନେ ପଡିଲା ଯେ ସକାଳୁ ଯା ଘରୁ ଖାଇକି ବାହାରିଥିଲି,ଏଯାଏଁ ଆଉ କିଛି ଖାଇନି ବୋଲି।

ଛଣା ମଣ୍ଡା, ପୋଡା ପିଠା!! ଆହା, ଏମିତି ଖାଦ୍ୟ ତ ସପନ ହୋଇଯାଇଛି ମୋ ପାଇଁ। ଖାଇବି କି ନା ପଗ୍ଉରୁଛ କଣ?

ପୋଡା ପିଠା ଖାଉ ଖାଉ ମନୀଷା କହିଲା - ବହୁତ ବର୍ଷ ପରେ ଆଜି ପୁଣି ଥରେ ମନେପଡିଗଲା ବୋଉ।

ବୋଉ ନାହାନ୍ତି କି ତମର?

ନା, ବୋଉ ନାହିଁ, ସ୍ୱର୍ଗକୁ ଗ୍ଉଲିଗଲାଣି।

ବାପା?

ସେ ତ ବୋଉ ଆଗରୁ ଗ୍ଉଲି ଯାଇଥିଲେ। ବୋଉ ଥିବାଯାଏ ଗାଁ ମୋ ପାଇଁ ଥିଲା,ଘର ବି ଥିଲା। ମାତ୍ର ସେ ଯିବା ପରେ ଭୁଲି ଯାଇଛି ଗାଁକୁ, ଭୁଲିଛି ବି ଘରକୁ।

ଆଉ କେହି ନାହାନ୍ତି କି?

ଅଛନ୍ତି, ଭାଇ ଜଣେ ଅଛି। ସେ ଥାଇ ଯାହା ନଥାଇ ତାହା। ବୋଉ ଥିବାବେଳୁ ତ ସିଏ ଛାଡ଼ି ଦେଇଥିଲା ଗାଁ। ତା ପରିବାର କହିଲେ ସେ ବୁଝେ ତା ସ୍ତ୍ରୀ ଓ ତା ପିଲାମାନଙ୍କୁ। ତା ସମ୍ପର୍କର ଅଭିଧାନ ସେଇଠି ସରିଛି। ତେଣୁ ବୋଉ ମରିଗଲା ପରେ ମୁଁ ଆପାତତଃ ନିସ୍ୱ ଓ ନିସଙ୍ଗ ହୋଇଯାଇଛି।

ବାହାସାହା ହୋଇ ସଂସାର କଲେନି?

ଗୋଟେ କୁଟିଳ ହସ ହସି ସେ କହିଲା - ଭରସା ଯୋଗ୍ୟ ପୁରୁଷ ଟିଏ ପାଇଲି ନାହିଁ କିମ୍ବା ଭରସା କରିପାରିଲି ନାହିଁ କୌଣସି ପୁରୁଷଙ୍କୁ ବୋଧେ। ହଉ ସବୁକଥା କଣ ଏକାଥରକେ ଶୁଣିଦେବ? ଧୀରେ ଧୀରେ ଜଣାଇବି।

Digitized by PPRACHIN, SOA

ରାତିରେ ମେସରୁ ଖାଇ ଫେରିବା ପରେ ମୁଁ ଶୋଇବାର ଉପକ୍ରମ କଲି। ସେ ତାଙ୍କ ଲାପଟପ ଧରି କାମରେ ଲାଗିଲେ। ମୁଁ ତାଙ୍କ ଉଦ୍ଦେଶ୍ୟରେ କହିଲି- ମୁଁ ଭାରି କ୍ଲାନ୍ତ, ଶୋଇ ପଡୁଛି। ତମେ ଶୋଇବା ବେଳକୁ ଲାଇଟ ଲିଭାଇ ଦେବ।

ଓକେ, ଶୁଭରାତ୍ରି।

ପରଦିନ ସକାଳୁ ମୋ ନିଦ ଭାଙ୍ଗିବା ବେଳକୁ ସେ ଉଠି ଚା ତିଆରି କରିସାରିଥିଲେ। ମୁଁ ଉଠୁ ଉଠୁ କହିଲେ - ଯେହେତୁ ତମେ କ୍ଲାନ୍ତ ଥିଲ,ତମକୁ ଉଠାଇଲି ନାହିଁ। ଚା କରିସାରି ଉଠାଇବି ବୋଲି ଭାବିଥିଲି। ଉଠ ମୁହଁ ଧୋଇ ଚା ପିଅ। ଏଥର ଆଉ ମନା ନକରି ଚା କପ ଟି ଧରିଲି। ଏବେ ମୋର ଚା ପିଆ ଅଭ୍ୟାସ ହୋଇଯିବ ନିଶ୍ଚୟ।

କିଛି ଦିନ ଭିତରେ ଆମ ଭିତରେ ସୃଷ୍ଟି ହୋଇଯାଇଥିଲା ଅନ୍ତରଙ୍ଗ ଆତ୍ମୀୟତା। ଦିନରେ ଦୁଇଥର ଅଫିସ ରୁ ନିଶ୍ଚୟ ଫୋନ କରିବୁ ପରସ୍ପରକୁ। ଫେରିବା ବେଳକୁ ମନୀଷା ପହଞ୍ଚିଯାଏ ତା ସ୍କୁଟି ଧରି ଆମ ଅଫିସ ପାଖରେ। ଆମେ ଉଭୟ ସାଙ୍ଗ ହୋଇ ଫେରୁ। ଫେରିବା ବେଳେ ବାଟରେ କେଉଁଠି ଚାଟ କିମ୍ବା ଗୁପ୍‌ଚୁପ୍ ନିଶ୍ଚୟ ଖାଉଥିଲୁ। ସେ କେବେ ମୋତେ ସୁଯୋଗ ଦେଉନଥିଲେ ପଇସା ଦେବା ପାଇଁ। ମୁଁ ଯେତେ ବାଧ୍ୟ କଲେବି ସେ କହୁଥିଲେ,ଦବ - ଦବ,ବ୍ୟସ୍ତ କାହିଁକି ? ଚାକିରିର ଦରମା ମିଳୁ ଦେବ।

ମୁଁ ପ୍ରଥମ ଦରମା ପାଇବା ଦିନ ସେ ମୋ ଆଗରୁ ରୁମ କୁ ଆସି ସାରିଥିଲେ। ମୁଁ ଫେରୁ ଫେରୁ ମୋତେ ସ୍ୱାଗତ କରି କହିଲେ ଆଜି ଗୋଟେ ସେଲେବ୍ରେସନ ହେବ।

ସେଲେବ୍ରେସନ ! କେଉଁ ଖୁସିରେ ?

ପ୍ରଥମ ଦରମା ପ୍ରାପ୍ତିର ଖୁସିରେ।

ଓହୋ ! ନିଶ୍ଚୟ,ନିଶ୍ଚୟ। କେଉଁଠିକୁ ଯିବା ?

ନା, କୁଆଡେ ଯିବାନି,ଏଇଠି ରୁମରେ।

ରୁମରେ ସେଲେବ୍ରେସନ !

ହଁ, ମୁଁ ସବୁ ବ୍ୟବସ୍ଥା କରିସାରିଛି। ମେସ ରେ ବି ଆମ ମିଲ୍ ବନ୍ଦ ପାଇଁ କହି ଦେଇଛି।

ମୁଁ ବାଥ୍‌ରୁମକୁ ଯାଇ ଧୁଆ ଧୁଇ ହୋଇ ଆସିବାବେଳକୁ ମନୀଷା କେବଳ ଗୋଟେ ସ୍ଲିଭଲେସ ନାଇଟି ପିନ୍ଧିଥିଲେ, ନଥିଲା କୌଣସି ଅନ୍ତର୍ବସ୍ତ୍ର। ନାଇଟି ଟି

Digitized by PPRACHIN, SOA

ଏତେ ପତଳା ଥିଲା ଯେ ଗୋପ୍ୟ କିଛି ରହୁନଥିଲା। ମୁଁ ଆସିବା କ୍ଷଣି ସେ ପଚାରିଲେ ତମର ଚଳେ ?

କଣ ?

ୱାଇନ - ୱାଇନ।

ନା ବାବା ମୁଁ ସେ ମଦ ଫଦ ଖାଇନି।

ଆରେ ମଦ ନୁହେଁ, ୱାଇନ, ରେଡ ୱାଇନ।

ସେଇଟା ପୁଣି କଣ ?

ଚାଖିଲେ ଜାଣିବ। ମୋ ସମ୍ମତିକୁ ଅପେକ୍ଷା ନକରି ସେ ଢାଳିଲେ ଦୁଇଟି ଗ୍ଲାସ ରେ। ଖୋଲିଲେ ଫ୍ରାଏଡ କାଜୁ ଓ ପିସ୍ତାବାଦାମ ପ୍ୟାକେଟ୍। ମୋ ଆଡକୁ ଗୋଟେ ଗ୍ଲାସ ବଢାଇଦେଲେ। ନିଜେ ଗୋଟେ ଗ୍ଲାସ ଧରି ଚିଅର୍ସ ମୁଦ୍ରାରେ ମୋ ଆଡକୁ ଦେଖାଇଲେ। ମୁଁ ଚିଅର୍ସ କରି ପ୍ରଥମ ଢୋକ ଟି ନେଲି। ତାର ସ୍ୱାଦ ଓ ବାସ୍ନା ମୋତେ ଆମୋଦିତ କଲା।

ପ୍ରଥମ ଗ୍ଲାସ ସରିବା ପରେ ଦ୍ୱିତୀୟ ଗ୍ଲାସ ଢାଳୁ ଢାଳୁ ସେ ମୋତେ ପଚାରିଲେ- ପ୍ରେମ କାହାକୁ କରୁଛ ?

ପ୍ରେମ କରୁଛି ବୋଲି ତ କହିପାରିବି ନହିଁ, ହେଲେ ଜଣକୁ ଭଲ ପାଉଛି। ସେ ଭଲ ପାଇବାଟା କେବଳ ମୋ ଭିତରେ ରହିଛି, ତାଙ୍କ ଯାଏ ପହଞ୍ଚିନି।

ତମେ ତାହାଲେ ବିଂଶ ଶତାବ୍ଦୀ ର ଝିଅ, ଏକବିଂଶ କୁ ଆସିନ ଏଯାଏଁ। ଏ ମୋବାଇଲ ଯୁଗରେ ହୃଦୟର କଥା ପହଞ୍ଚାଇବାକୁ କଣ ସମୟ ଲାଗୁଛି ?

ନା ସେ ସୁଯୋଗ ଆସିନି।

ଦ୍ୱିତୀୟ ଗ୍ଲାସ ସରିଲା ବେଳକୁ ମୋତେ ଲାଗୁଥିଲା ନିଶା ତ ନୁହଁ ଗୋଟେ ହାଲକା ହାଲକା ଉଡିଲା ପରି।

ପର୍ନୋ ଦେଖ ?

ନା - ନା ସେ ଆଡଲ୍ଟ ସିନେମା ତ ?

ସିନେମା ନୁହଁ - ପର୍ନୋ। କାନ୍ଥକୁ ଆଉଜି ଲାପଟପ ଖୋଲିଲେ। ଆଉ ଗୋଟେ ତକିଆ ସାଇଡରେ ଦେଇ ମୋତେ ଇସାରା ଦେଲେ ଦେଖିବା ପାଇଁ। ପଚାରିଲେ କଣ ଦେଖିବ - ବ୍ଲାକ୍ ନା ହ୍ୱାଇଟ ?

ବ୍ଲାକ କଣ,ହ୍ୱାଇଟ କଣ ?

ବ୍ଲାକ ନିଗ୍ରୋମାନଙ୍କୁ ନେଇ, ସେଥିରେ କେବଳ ସେକ୍ସ। ହ୍ୱାଇଟରେ

Digitized by PPRACHIN, SOA

ରୋମାନ୍ସ ସହ 'ସେକ୍ସ'। ଏ କଥା ଭିତରେ ସେ ଗୋଟିଏ ପର୍ନୋ ପିକଚର ଖୋଲି ଆଉ ଗୋଟେ ଗ୍ଲାସ ଢାଳିଲେ।

ନା ନା, ମୁଁ ବୋଧେ ଆଉ ସମ୍ଭାଳି ପାରିବିନି,ବାନ୍ତି ହୋଇଯିବ।

ଆରେ ଇଏ ୱାଇନ୍, ବାନ୍ତି କାହିଁକି ହେବ ?

ତୃତୀୟ ଗ୍ଲାସ ସହ ପର୍ନୋ ଦେଖିଲା ବେଳେ ଆମ ଉଭୟଙ୍କ ନିଶ୍ୱାସ ଚାଲୁଥିଲା ଖୁବ ଖରରେ। ଉତ୍ତେଜନାର ଚରମ ମୁହୂର୍ତ୍ତରେ ଆଗ ପଛ ନ ବିଚାରି ମୁଁ କହିଲି - ହେ ବନ୍ଦ କର, ମୁଁ ଆଉ ସମ୍ଭାଳି ପାରୁନି।

ମନୀଷା ଯେମିତି ଅପେକ୍ଷା କରିଥିଲେ ଏଇ କଥା ପଦକ ଶୁଣିବାକୁ। ତାକୁ ବନ୍ଦ କରିଦେଇ କହିଲେ - ପ୍ଲସ ମାଇନସ ପର୍ନୋ ଦେଖୁଥିଲ, ଏବେ ମାଇନସ ମାଇନସ ପର୍ନୋ ଦେଖ।

ସେ ପର୍ନୋ ଦେଖି ମୁଁ ପଚାରିଲି ଏହା କଣ ସମ୍ଭବ ? ଦୁଇଜଣ ଝିଅ.... ?

ହଁ ସମ୍ଭବ। ଆମେ ଯାହାକୁ ପ୍ରେମ - ପ୍ରେମ ବୋଲି କହୁଛେ ଏବଂ ଏହା ସ୍ୱର୍ଗୀୟ ଓ ଆତ୍ମାର ବୋଲି କହୁଛନ୍ତି ଏହା ତୁଚ୍ଛା ଅଭିଲା କଥା। ବିନା ଦେହରେ ପ୍ରେମର ସ୍ଥିତି କିଛି ନାହିଁ ଏବଂ ସେ ଦେହ ଯଦି ପରମ ଯୌନ ତୃପ୍ତି ଦେବାରେ ସମର୍ଥ ନହେଲା, ତେବେ ସେ ଦେହର ବି କିଛି ମାନେ ନାହିଁ। ନାରୀଙ୍କୁ ଚରମ ତୃପ୍ତି ଦେଇପାରୁଥିବା ପୁରୁଷଙ୍କ ସଂଖ୍ୟା ନଗଣ୍ୟ, ନାହିଁ ସହ ସମାନ। କାରଣ ପୁରୁଷଙ୍କର ଯୌନ କ୍ଷୁଧା ଗୁଣେ ହେଲେ ନାରୀଙ୍କର ଆଠଗୁଣ। ଏକଥା ମୁଁ କହୁନି ମ, ଚାଣକ୍ୟ କହିଛନ୍ତି। ଏମିତି କୋଉ ପୁରୁଷଟା ଅଛି ଯେ ଗୋଟେ ଗୁଣ କ୍ଷୁଧା ନେଇ ଆଠଗୁଣ ପିପାସାକୁ ମେଣ୍ଟାଇବ ? ମାତ୍ର ନାରୀ ଓ ନାରୀର ସମ୍ପର୍କରେ ଏହା ସମ୍ଭବ। ଏଥିରେ ପରମ ତୃପ୍ତି ମିଳିବ, ସତୀତ୍ୱ ରହିବ, କେବଳ ଯା ସନ୍ତାନ ସନ୍ତତି ହେବେ ନାହିଁ। ଥରେ ପରୀକ୍ଷା କରି ଦେଖ, ମୁଁ ସତ କହୁଛି କି ମିଛ କହୁଛି ଜାଣିପାରିବ।

ମୁଁ ଆଉ ନିଜ ଆୟତ୍ତ ଭିତରେ ନଥିଲି। ଦେଖୁଥିବା ଚିତ୍ରର ତାଳେ ତାଳେ ଉନ୍ମୁକ୍ତ କଲି, ଉଲଗ୍ନ କଲି ନିଜକୁ। ଉଭୟ ମାତିଲୁ। ଏ ଖେଳ କେତେ ସମୟ ଚାଲିଲା କାହାକୁ ଜଣା ନଥିଲା। ଚରମ ତୃପ୍ତିର ବିନ୍ଦୁକୁ ପହଞ୍ଚି ଧୀରେ ଧୀରେ ଅସାଡ ହୋଇଗଲା ଦେହ। ଖୋଲା ଗଲାନି ଖାଦ୍ୟ ପ୍ୟାକେଟ,ଖାଇବାର ଆବଶ୍ୟକତା କାହାରି ନଥିଲା। ଅଚେତିଆ ନିଦରେ ଶୋଇଗଲୁ ଉଭୟ।

ପରଦିନ ସକାଳକୁ ବି ନିଦ ଭାଙ୍ଗୁନଥିଲା ମୋର। ମନୀଷା ଚା କପଟିଏ

Digitized by PPRACHIN, SOA

ଧରି ମୋତେ ଉଠାଇଲେ। ନିଦରୁ ଉଠିପଡିଲି ସିନା ମାତ୍ର ତା ମୁହଁକୁ ଚାହିଁ ପାରୁନଥିଲି। ସେ ମୋ ମୁହଁ କୁ ଉପରକୁ ଉଠାଇ ଚା କପଟିକୁ ଧରାଇଦେଇ ପଚାରିଲେ - କଣ ଭାବୁଛ ?

ମୁଁ ଗତରାତି କଥା ଭାବୁଛି - ଯାହା ସବୁ ହେଲା ତାହା କଣ ଠିକ ?

କୋଉ କଥା ? ଆମର ମଦ ପିଇବାଟା ନା .... ?

ଉଭୟ ଟା।

ମୋ ମତରେ ଉଭୟଟା ଠିକ। ଜୀବନକୁ ଉପଭୋଗ କରିବାରେ ଅପରାଧ ରହିଲା କେଉଁଠି ? ତମେ ଆଗ କହିଲ ଉଭୟଟାକୁ ତମେ ଉପଭୋଗ କଲ କି ନାହିଁ ?

ମିଛ କହିବିନି, ଉପଭୋଗ ତ କରିଛି ନିଶ୍ଚୟ। ହେଲେ ଗୋଟେ ନାରୀର ଏ ଉପଭୋଗ ମୁହୂର୍ତ୍ତ ପାଇଁ ଗୋଟେ ପୁରୁଷ ଟିଏ ଲୋଡା ନା ନାହିଁ ?

ଲୋଡା, ହେଲେ ଉପଭୋଗ ପାଇଁ ନୁହେଁ, ସଂସାର ପାଇଁ। କିଏ ଏତେ ସମର୍ଥ ପୁରୁଷ କହିଲ ଯିଏ ଏହା ଠାରୁ ଅଧିକ ତୃପ୍ତି ଦେଇପାରିବ। ତମର ସେ ଅନୁଭବ ଅଛି କି ନାହିଁ ମୁଁ ଜାଣେନା, ମାତ୍ର ମୋର ସେ ଅନୁଭବ ବହୁବାର ଅଛି। କେହିବି ଚରମ ବିନ୍ଦୁରେ ପହଞ୍ଚାଇ ପାରିବାର ଦକ୍ଷତା ଦେଖାଇ ପାରିନାହାନ୍ତି। ଦେହରେ ନିଆଁ ଲଗାଇ ଦେଇ ବରଫ ପରି ଶୀତଳ ହୋଇ ଯିବେ। ସେଥିପାଇଁ ତ ଏବେ ବିଦେଶରେ ପୁରୁଷ- ପୁରୁଷ ଓ ନାରୀ - ନାରୀ ଭିତରେ ବିବାହ କୁ ଆଇନ ସମ୍ମତ କରାଯାଇଛି। ତମର ଯଦି କିଛି ଆପତ୍ତି ନଥାଏ ତେବେ ଆମେ ଦୁହେଁ ମଧ୍ଯ ସେମିତି ସମ୍ପର୍କରେ ରହିପାରିବା।

ନା ବାବା ନା - ମୁଁ ଏକ ପରିପୂର୍ଣ୍ଣ ସଂସାର ଚାହେଁ, ଗୋଟେ ପୁରୁଷ ସହ ସଂସାର।

ହଉ ଠିକ ଅଛି, ତମେ ତମର ପରିପୂର୍ଣ୍ଣ ସଂସାର ନପାଇବାଯାଏ, ଆମେ ଏ ସମ୍ପର୍କ ରଖିପାରିବା ଏଥିରେ ନା ସତୀତ୍ୱ ନା କୁମାରୀତ୍ୱ କିଛି ବି ଯିବନି, କେବଳ ନିର୍ମୋକ ଆନନ୍ଦ ପାଇପାରିବ। ଉଠ, ଚା ପିଅ,ଅଫିସ ଯିବ କି ନାହିଁ ? ପ୍ରସ୍ତୁତ ହୋଇପଡ, ମୁଁ ତମକୁ ଛାଡିଦେଇ ଯିବି।

ଏହାପରେ ସବୁ ରାତିରେ ସେହି ସୁଖଦ ଅନୁଭବ ଆଡକୁ ଟାଣିହୋଇ ଯାଉଥିଲା ଉର୍ମିଳା। ତାକୁ ଲାଗୁଥିଲା ତା ସହ ଯେମିତି ମନୀଷା ରହୁନି, ରହୁଛି ତାକୁ ଅତିମାତ୍ରାରେ ଭଲ ପାଉଥିବା ଓ ସମ୍ପୂର୍ଣ୍ଣ ଦାୟିତ୍ୱ ନେଉଥିବା ତାର ବାଞ୍ଛିତ

Digitized by PPRACHIN, SOA

ପୁରୁଷ। କ୍ରମଶ ତା ଭିତରୁ ଦୂରେଇଯାଉଥିଲା ଦ୍ୱନ୍ଦ, ସତୀତ୍ୱ ଓ କୁମାରୀତ୍ୱକୁ ନେଇ ଶଙ୍କା ଏବଂ ସେ ଗଭୀର ଭାବରେ ଉପଭୋଗ କରୁଥିଲା ସହକାମୀତାର ସହବାସକୁ।

ଦିନେ ଟେଲିଫୋନ ପାଇଲା ଉର୍ମିଳା ଗାଁ'କୁ ଯିବାକୁ। ମନୀଷା ସେତେବେଳେ ଥିଲା ଅଫିସରେ। ତାକୁ ଟେଲିଫୋନ ନକରି ବିଛଣା ଉପରେ ଚିଠି ଟିଏ ରଖିଦେଲା ଉର୍ମିଳା ଓ ବାହାରିଗଲା ଗାଁକୁ।

ମନୀଷା ଫେରି ରୁମ ରେ ପାଇଲା ନାହିଁ ଉର୍ମିଳାକୁ। ବିଛଣା ଉପରେ ଥିବା ଚିଠି ଟି ଦେଖି ସଙ୍ଗେ ସଙ୍ଗେ ଫୋନ କଲା - ତମ ବୋଉ କଣ ମୋ ବୋଉ ନୁହନ୍ତି, ମୋତେ ଜଣାଇଥିଲେ ତ ମୁଁ ବି ତମ ସାଙ୍ଗରେ ଯାଇପାରିଥାନ୍ତି। କଣ ଦେହ ବେଶି ଖରାପ ?

ନା ମ, ଦେହ ଖରାପଟା ବାହାନା ଥିଲା, ଅସଲରେ କନିଆ ଦେଖା ଅଛି।

ହଉ ଦେଖ ତରବରରେ କୌଣସି ନିଷ୍ପତ୍ତି ନିଅ ନାହିଁ। କାମ ସରିଲେ ଜଲଦି ଫେରିବ।

ଫେରି ପାରୁ ନଥିଲା ଉର୍ମିଳା। ସାତ ଦିନ ହେଲାଣି, ଫେରୁନି। ଦିନରେ ଦଶ ଥର ଫୋନ କରୁଥିଲା ମନୀଷା, ହେଲେ ସେ ଫୋନ ଉଠାଉ ନଥିଲା। ରାଗ ଓ ଅଭିମାନରେ ଫାଟିପଡୁଥିଲା। ଶେଷରେ ଯେତେବେଳେ ଫୋନ ଉଠାଇଲା- କାନ୍ଦ ଓ ଅଭିମାନ ରେ ଫାଟିପଡି ମନୀଷା କହିଲା, ତମର ଭଲ ପାଇବାର ପରିଭାଷା କଣ ଏଇଆ ?

ନା ନା,ମୋତେ ଭୁଲ ବୁଝନି। ଆସିବା ପରଠାରୁ ଘଟଣାକ୍ରମ ଏମିତି ଜଲଦି ଜଲଦି ବଦଲୁଛି ଯେ ମୁଁ ଫୋନ ଧରିବାକୁ ଫୁରୁସତ ପାଇନି। ମୁଁ ରବିବାର ଯାଉଛି, ଗଲେ ସବୁ କଥା କହିବି।

ରବିବାର ଦିନ ଉର୍ମିଳା ଠାରୁ ସବୁ ଶୁଣିବା ପରେ ଅତି ଗମ୍ଭୀର ହୋଇ ମନୀଷା ପଚାରିଲା - ତମେ ତାହାଲେ କଣ ନିଷ୍ପତ୍ତି ନେଲ ?

ଘରେ ତ ନିଷ୍ପତ୍ତି ନେଇସାରିଛନ୍ତି, ମୁଁ ଆଉ କି ନିଷ୍ପତ୍ତି ନେବି।

ତାହେଲେ ଆମର ଏ ସମ୍ପର୍କ ?

ଆମର ଏହି ସମ୍ପର୍କକୁ ନେଇ ସୁଖଭୋଗ କରାଯାଇପାରେ ସତ, ହେଲେ ସଂସାର ତ କରିହେବନି।

Digitized by PPRACHIN, SOA

ତମେ ତମ ନିଜ କଥା କେବଳ ଭାବୁଛ, ମୋ କଥା କଣ ଚିନ୍ତା କରିଛ ? ତମର ଏହି ବିବାହ ଆଗରେ ମୋ ଭଲପାଇବାର କଣ କୌଣସି ମୂଲ୍ୟ ନାହିଁ ?

ମୂଲ୍ୟ ନାହିଁ କିଏ କହିଲା, ଆମେ ସାରା ଜୀବନ ଭଲ ବାନ୍ଧବୀ ହୋଇ ରହିପାରିବା ।

ତମେ ସଂସାର କରିବ ଆଉ ମୁଁ ବାନ୍ଧବୀ ର ସମ୍ପର୍କ ନେଇ ବଞ୍ଚିବି ? ସେକଥା ହୋଇ ପାରିବ ନହିଁ, ତମେ ନିଷ୍ପତ୍ତି ବଦଳାଅ ।

ନିଷ୍ପତ୍ତି ବଦଳାଇବି କଣ, ତିଥି ଓ ଲଗ୍ନ ସ୍ଥିର ହେବା ପରେ ପା ମୁଁ ଆସିଛି ଛୁଟି ନେଇକରି ଯିବା ପାଇଁ ।

ତାହାଲେ ତମେ ଶେଷ ନିଷ୍ପତ୍ତି ନେଇସାରିଛ ?

ଆପାତତଃ ସେଇଆ ।

ମନେରଖ ଉର୍ମିଳା,ତମେ ଯଦି ମୋର ହେଲନି ତେବେ କାହାର ବି ହୋଇପାରିବନି ।

ଦେଖ ମନୀଷା, ବିବାହ ଟା ଦେହ ସୁଖ ଉର୍ଦ୍ଧରେ ଏକ ସଂସାର ସୁଖ, ଯେଉଁଠି ସ୍ୱାମୀ ନାମକ ପୁରୁଷଟିଏ ଥିବ, ଭଲପାଇବା ଥିବ, ଭରପୁର ସଂସାର ଓ ପିଲାଛୁଆଙ୍କ ଜଞ୍ଜାଳ ଥିବ ।

ପିଲା ଛୁଆ ବ୍ୟତୀତ ଆଉ କୋଉଟା ତମକୁ ମୁଁ ଦେଇ ପାରିବିନି କୁହ ?

ତମେ ଯେଉଁଟା ମୋତେ ଦେଉଛ ବୋଲି ଭାବୁଛ, ମୁଁ ବି ସେଇଟା ତମକୁ ଦେଉଛି । ଏସବୁ ସତ୍ତ୍ୱେ ଗୋଟେ ଖାଲି ଖାଲି ପଣର ଅନୁଭବ ଆମ ପାଖରେ ଅଛି ନା ନାହିଁ ? ସେହି ଖାଲି ପଣ ଭିତରେ ଆମେ ମନେ ମନେ ଗୋଟେ ପୁରୁଷକୁ ଲୋଡ଼ୁଛନ୍ତି ନା ନାହିଁ । ମୋ କଥା ମାନ,ଗୋଟେ ମନ ପସନ୍ଦର ପୁରୁଷ ଖୋଜିନିଅ ।

ମୋତେ କୌଣସି ଉପଦେଶ ନଦେଇ କେବଳ କୁହ,ଆମ ପ୍ରେମ ଖାତିରିରେ ତମେ ତମ ନିଷ୍ପତ୍ତି ବଦଳାଇବ କି ନାହିଁ ?

ଏହା ଅସମ୍ଭବ ।

ହଠାତ ଉଗ୍ର ହୋଇପଡି ମନୀଷା ବିଛଣା ତଳୁ ବାହାର କଲା ଏକ ଛୁରି । ଉର୍ମିଳା କିଛି ବୁଝିବା ଆଗରୁ ସେ ଭୂଷି ଚଲିଲା ତା ପେଟ ଓ ଛାତିରେ । କିଛି ସମୟ ଛଟପଟ ହୋଇ ବିଛଣା ଉପରେ ଟଳି ପଡିଲା ଉର୍ମିଳା । ମରିଗଲା ବୋଲି ନିଶ୍ଚିତ ହେବାପରେ ତା ମୁଣ୍ଡକୁ ଆଉ ଥରେ କଚଡି ଦେଇ ମନୀଷା କହିଲା – ମୋର ଯଦି ନହେଲୁ,ଆଉ କାହାର କାହିଁକି ହେବୁ ?

Digitized by PPRACHIN, SOA

ଚେଷ୍ଟା କଲା ସେଇ ଛୁରୀରେ ଭୂଷି ହୋଇ ମରିବାକୁ,ମାତ୍ର ଅନ୍ୟ ପେଟ ଓ ଛାତିରେ ଛୁରୀ ଚଳାଇବା ଯେତେ ସହଜ, ନିଜ ଉପରକୁ ଚଳାଇବା ସେତେ କଷ୍ଟକର ଲାଗିଲା ତାକୁ। ଏବେ କଣ କରିବ - କଣ କରିବ,କିଛି ବୁଦ୍ଧି ବାଟ ଦିଶୁନଥିଲା ତାକୁ। ଶବଟିକୁ ଧରି ବସିରହିଲା ନିଶ୍ଚଳ ଓ ମୁକ ହୋଇ।

ରାତି ପାହି ସକାଳ ହେଲା, ଅଥଚ ଆବେଶ ଭାଙ୍ଗୁନଥିଲା ମନୀଷାର। ଅଫିସ ସମୟ ହେଲା, ଖୋଲୁ ନଥିଲା କବାଟ। ମେସ ଦାୟିତ୍ୱରେ ଥିବା ପିଲାଟି ଆସି ଡାକିଲା । ଭିତରୁ ଆସୁନଥିଲା କୌଣସି ଶବ୍ଦ। ବାଡାଇଲା କବାଟ। ଖୋଲିଲାନି କି କୌଣସି ଉତ୍ତର ଆସିଲାନି। ଅନ୍ୟୋପାୟ ହୋଇ ଖବର ଦେଲା ମାଟ୍ରନଙ୍କୁ। ସେ ଆସି ଡାକିଲେ, କବାଟ ବାଡାଇଲେ। ଅଘଟଣର ସନ୍ଦେହ ହେବାରୁ ପୁଲିସକୁ ଫୋନ କରି ଜଣାଇଲେ।

ପୁଲିସ ଆସି କବାଟ ତାଡି ଦ୍ୱାର ଖୋଲିଲେ। ବିଛଣା ଉପରେ ରକ୍ତ ଜୁଡୁବୁଡୁ ଶବକୁ ଧରି ବସିଥିବା ମନୀଷା କୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ସମସ୍ତଙ୍କ ଉପସ୍ଥିତି ଓ ହୋ ହଲ୍ଲା ଭିତରେ ମଧ୍ୟ ସ୍ୱାଭାବିକତାକୁ ଫେରୁ ନଥିଲା ମନୀଷା। ପୁଲିସର କୌଣସି ପ୍ରଶ୍ନର ଉତ୍ତର ଦେଉ ନଥିଲା ସେ। ଶେଷରେ ପୁଲିସ ତା କୋଳରୁ ଶବକୁ ହଟାଇ ତାକୁ ଉଠାଇଲା ବେଳେ ସେ ପଦୁଟିଏ ମାତ୍ର କହିଲା- ଆମ ସମ୍ପର୍କ ବୋଧହୁଏ ବଳିଦାନ ନୁହେଁ, ବଳି ମାଗୁଥିଲା। ମୋତେ ଭୁଲ ବୁଝିବୁନି ଉର୍ମିଳା।

—o—

Digitized by PPRACHIN, SOA

ଫାଦର୍ସ ଡେ

ଫାଦର୍ସ ଡେ' ଦିନ ଫେସ୍‌ବୁକ୍‌ରେ ଯେତେସବୁ ଫଟୋ ଓ ଫଟୋ ତଳେ ସଉକ୍ତିଭରା ମେସେଜ୍ ଥିଲା, ସବୁଥିଲେ ଏକକୁ ଆରେକ ବଳି। ବନ୍ଧୁତ୍ୱ ଚେନ୍‌ରେ ଥିବା ସମସ୍ତଙ୍କ ମେସେଜ ଓ ଫଟୋ ଦେଖୁଥିଲି। ମୋତେ ଲାଗୁଥିଲା ଆଜି ପ୍ରାୟ ସବୁ ପୁଅମାନଙ୍କ ଉପରେ ଶ୍ରବଣ କୁମାର ସବାର ହୋଇଛନ୍ତି। ଝିଅମାନେ ବି ଏଥିରେ ପଛରେ ନଥିଲେ। ପୁରୁଣା ଆଲବମ୍‌ରୁ ଫଟୋ ଦେଇ ନିଜ ବାପାଙ୍କୁ ଶ୍ରେଷ୍ଠ ବାପା ବୋଲି ଦର୍ଶାଇବାରେ କେହି କାହାକୁ କମ ନଥିଲେ।

ମୋତେ ସବୁଠାରୁ ବେଶି ଆଶ୍ଚର୍ଯ୍ୟଚକିତ ତଥା ବିମୋହିତ କରିଥିଲା ଅଭିରାମର ଫାଦର୍ସ ଡେ' ମେସେଜ। ତା' ବାପାଙ୍କର ଏକ ବନ୍ଧାଇ ଫଟୋ, ଯା ଉପରେ କର୍ପୁର ମାଳ ଲାଗିଥିଲା, ତାକୁ ଫେସ୍‌ବୁକ୍‌ରେ ଦେଇ ତା' ତଳେ ଲେଖିଥିଲା - "ବାପା ! ମୁଁ ନ ବୁଝି ପାରିଥିବା ଏକ ଉପପାଦ୍ୟ ତମେ - ସିଦ୍ଧାନ୍ତ ଶୂନ୍ୟ।" ଅଭିରାମ ମୋର ସହପାଠୀ ଓ ବନ୍ଧୁ। ତା'ର ସମସ୍ତ ସୁଖ, ଦୁଃଖ ଏବଂ ବ୍ୟକ୍ତିଗତ ବ୍ୟାପାରରେ ମୁଁ ସାମିଲ ହୋଇ ଆସିଛି ପିଲାଦିନୁ। ଏପରିକି ତା'ର ଭଲ ପାଇ ବିବାହ କରିବା ପଛରେ ବି ମୋର ରହିଥିଲା ମଧ୍ୟସ୍ଥ ଭୂମିକା। ଏକଥା ମଧ୍ୟ ସତ ଯେ, ସେ ଯେତେବେଳେ ସରୋଜିନୀର ପ୍ରେମରେ ପଡ଼ିଥିଲା, ମୁଁ ତାକୁ ବାରଣ କରି କହିଥିଲି, ଆରେ ଆମେ ହେଲେ ଗାଆଁର ପିଲା, ଏ ସହରୀ ଝିଅ ନା' ଆମ ଗାଆଁରେ ଚଳିପାରିବେ ନା' ଆମ ପରିବାରକୁ ଆପଣେଇ ପାରିବେ। ଏମାନଙ୍କ ପ୍ରେମ କେବଳ ଆମମାନଙ୍କର ଚାକିରି ପାଇବାର ଯୋଗ୍ୟତାକୁ ଦେଖି। ଏ ପ୍ରେମ ହେଉଛି ଭବିଷ୍ୟତ ତଥା ଆର୍ଥିକ ନିରାପତ୍ତାକୁ ସୁରକ୍ଷିତ ରଖିବାର ପ୍ରେମ। ମାତ୍ର ମୋ କଥା ଶୁଣି ନଥିଲା ଅଭିରାମ। ନ ଶୁଣିବା ବି ସ୍ୱାଭାବିକ, କାରଣ ସେତେବେଳକୁ

Digitized by PPRACHIN, SOA

ସେ ଏତେ ମାତ୍ରାରେ ପ୍ରେମରେ ବୁଡ଼ି ସାରିଥାଏ ଯେ,ତା' ପ୍ରେମ ବିପକ୍ଷରେ କୌଣସି କଥାକୁ ସେ ଶୁଣିବାକୁ ପ୍ରସ୍ତୁତ ନଥିଲା।

ଅଭିରାମ ପ୍ରେମ କରୁଥିଲା ସତ, ହେଲେ ବାହାଘର କଥା ତାହା ପୁଣି ବିଜାତୀୟ ବାହାଘର, ବାପାଙ୍କୁ କିପରି କହିବ ସାହସ ଜୁଟାଇ ପାରୁନଥିଲା। ବୋଉ ମାଧ୍ୟମରେ କହି ପାରିଥାନ୍ତା, ମାତ୍ର ସେ ସୌଭାଗ୍ୟ ତା'ର ଚାଲିଯାଇଥିଲା ମାଟ୍ରିକ ପରୀକ୍ଷା ବର୍ଷ। ଭଉଣୀକୁ କହି ପାରିଥାଆନ୍ତା ଯେ ମାତ୍ର ପାଣି ପାଇପ୍ କଣ୍ଟ୍ରାକ୍ଟର ଥିବା ତା' ସ୍ୱାମୀ ସହ ସିଏ ରହୁଛି ଦୁବାଇରେ। ଦଶବର୍ଷ ହେଲାଣି ଦେଶକୁ ଫେରି ନାହିଁ। ମାଷ୍ଟ୍ର ଚାକିରିରୁ ଅବସର ନେଇ ସାରିଥିବା ତା' ବାପା ଏକା ରହୁଥିଲେ ଗାଁରେ। ଅଭିରାମ କାନରେ ବି ଖବର ବାଜୁଥିଲା ତା' ବାପା ତା' ପାଇଁ ଖୋଜୁଛନ୍ତି ଏକ ଘରୁଆ ଘରର ଗୃହିଣୀ ଝିଅ, ଯିଏ ତାଙ୍କର ତଥା ପରିବାରର ଦାୟିତ୍ୱ ନେଇପାରିବ।

କାଳେ ତା' ବାପା କୌଣସି ନିଷ୍ପତ୍ତି ନେଇଯିବେ, ସେଥିପାଇଁ ଦିନେ ବ୍ୟସ୍ତ ହୋଇ ଆସି ଅଭିରାମ ମୋର ଶରଣାପନ୍ନ ହେଲା। ତା' ବାପାଙ୍କୁ ପ୍ରସ୍ତାବ ଦେଇ ବୁଝାଇବାର ଦାୟିତ୍ୱ ନେବାକୁ ମୋତେ ଅନୁରୋଧ କରିଥିଲା। ମୁଁ ଜାଣୁଥିଲି ଏହା ଏକ ଗୁରୁତ୍ୱାଦୟିତ୍ୱ। ସଫଳତାର ଆଶା ମଧ୍ୟ କ୍ଷୀଣ। କାରଣ, ପ୍ରେମ ବିବାହ ତାହା ପୁଣି ବିଜାତୀୟ, ଏଥିରେ ଯେ ତା' ବାପା ରାଜି ହେବେ ସେ ଭରସା ପାଉନଥିଲା। ତଥାପି ବନ୍ଧୁତାର ଖାତିରରେ ଦାୟିତ୍ୱ ନେବାକୁ ରାଜି ହେଲି। ଯୋଗକୁ ମୁଁ ଅଭିରାମର ଘରକୁ ଯିବା ପୂର୍ବରୁ ତା'ର ଏ.ଜି. ଅଫିସରେ ଚାକିରି ହୋଇଗଲା। ଏ ଖୁସି ଖବର ସହ ପ୍ରସ୍ତାବଟା ନେଇ ମୁଁ ଯାଇଥିଲି ତା' ଘରକୁ।

ଖବର ପାଇ ତା' ବାପା ଖୁସି ହେଲେ। ସେ କାହିଁକି ଆସିଲାନି ବୋଲି ପଚାରିଲେ। ମୁଁ ତାଙ୍କୁ କହିଲି ଜଏନ କରିବା ପୂର୍ବରୁ ତା'ର ଗୁଡାଏ କାମ ରହିଛି, ଯଥା ମେଡିକାଲ ଟେଷ୍ଟ, କାରେକ୍ଟର ସାର୍ଟିଫିକେଟ ଯୋଗାଡ଼ କରିବା ଇତ୍ୟାଦି, ତେଣୁ ସେ ନ ଆସି ମୋତେ ପଠାଇଛି। ତା' ବାପା ମୋତେ ବାଧ୍ୟ କଲେ ସେଦିନ ରହିବାକୁ। ମୁଁ ଯେଉଁ ଦାୟିତ୍ୱ ନେଇ ଯାଇଥିଲି ସେଥିପାଇଁ କିଛି ଏକାନ୍ତ ମୁହୂର୍ତ୍ତର ଆବଶ୍ୟକତା ଥିଲା, ତେଣୁ ମୁଁ ଫେରିବାକୁ ଜିଦ୍ କରି ନଥିଲି।

ରାତିରେ ଖିଆ ପିଆ ସରିବା ପରେ ସେ ଗୋଟିଏ ବହି ଭିତରେ ସାଇତି ରଖିଥିବା କେତେଗୁଡ଼ିଏ ଫଟୋ ମୋ ଆଡ଼କୁ ବଢ଼ାଇ ଦେଇ କହିଲେ, ଦେଖ ତ

Digitized by PPRACHIN, SOA

ଏଥିରୁ ତୋତେ କେଉଁଟା ପସନ୍ଦ ଆସୁଛି। ତା’ ମାଆ ବଞ୍ଚିଥିଲେ ଏ କାମଟା ସିଏ କରି ଥାଆନ୍ତା, ମୋତେ ଏବେ ମାଆ ଓ ବାପା ଉଭୟ ଦାୟିତ୍ୱ ନେବାକୁ ହେଉଛି। ବିଶେଷ ଆଗ୍ରହ ନ ଦେଖାଇ ମୁଁ ଫଟୋଗୁଡ଼ିକ ଦେଖିଲି।

କ’ଣ କିଏ ପସନ୍ଦ ହେଲା ? ଏ ମଧ୍ୟସ୍ଥିଗୁଡାକ ରଖାଇ ଦେଉନାହାନ୍ତି ତ, ଫଟୋ ଉପରେ ଫଟୋ ଗଦେଇ ପକାଉଛନ୍ତି। ବାହାଘର କ’ଣ ଗାଈ ବଳଦ କିଣା କଥା ନା’ କ’ଣ ? ଖାଲି ତ ରୂପ ଦେଖି ଦେଲେ ହେବନି, ପରିବାର, ଖାନ୍‌ଦାନୀ, ବୁନିୟାଦି ଦେଖିବା ନା’ ନାହିଁ ?

ମୋ ପସନ୍ଦ ଅପସନ୍ଦ ସାଙ୍ଗରେ କିଛି ନାହିଁ। ଅଭିରାମ ପସନ୍ଦ ଅପସନ୍ଦ ଉପରେ କଥା।

ସେ କିଛି ସମୟ ଚୁପ ରହି କହିଲେ, ତୁ ଗୋଟିଏ ଅତି ଠିକ୍ କଥା କହିଲୁ। ଯୁଗ ଆସି କେତେ ଆଗେଇ ଗଲାଣି, ଆମେ ବାପା ଓ ମୁରବୀପଣ ଦେଖାଇ ଏ ଦିଗଟା ଉପରେ ଧ୍ୟାନ ନଦେବା ଠିକ୍ ନୁହଁ। ହେଲେ ତୁ ତା’ ସାଙ୍ଗ ହିସାବରେ ତା’ ପସନ୍ଦ ଅପସନ୍ଦ ବିଷୟରେ କିଛି ତ ଜାଣିଥିବୁ ?

ଜାଣିଛି।

ଜାଣିଛୁ ? କହୁନାହୁଁ ସେ କଥା।

ସେ ଭୁବନେଶ୍ୱରରେ ଗୋଟିଏ ଝିଅକୁ ଭଲ ପାଉଛି ଏବଂ ତାକୁ ବାହାହେବ ବୋଲି ମନସ୍ଥ କରିଛି। କେବଳ ଆପଣ ରାଜି ହେଲେ ହେଲା।

ତା’ ସଂସାର ସିଏ କରିବ, ଏଥିରେ ମୋର ଅରାଜି ହେବାର କ’ଣ ଅଛି ?

କେଉଁ ଜାତିର ?

ବଙ୍ଗାଳୀ କାୟସ୍ଥ, ମାତ୍ର ଓଡ଼ିଶାର ଲୋକ।

ବହୁତ ସମୟଯାଏ ନିରବ ରହିବା ପରେ ଶେଷକୁ ପଦିଏ ମାତ୍ର କହିଲେ – ତା’ ଖୁସି ଯେଉଁଟା ସେଥିରେ ମୋର ଖୁସି।

ଜାଣିଲି ରାସ୍ତା ସାଫ୍ ହୋଇଗଲା। ମନେ ମନେ ଖୁସି ହେଲି ଯେ, ବନ୍ଧୁ ହିସାବରେ ଅଭିରାମ ମୋତେ ଯେଉଁ ଦାୟିତ୍ୱ ଦେଇଥିଲା ତାକୁ ନିଭେଇ ପାରିଲି। ମୋ ବ୍ୟାଗରୁ ବାହାର କରି ଗୋଟିଏ ଫଟୋ ତାଙ୍କ ଆଡ଼କୁ ବଢ଼ାଇ ଦେଲି।

ଫଟୋଟିକୁ ମୋ ହାତରୁ ନେଇ ଏପଟ ସେପଟ କରି ଦେଖି ସାରିବା

Digitized by PPRACHIN, SOA

ପରେ କହିଲେ – ମୁଁ ଏବେ ବୁଝୁଛି ଯେ ସେ ନିଜେ ନ ଆସି ତୋତେ ପଠାଇଥିବାର ରହସ୍ୟ।

ବାହାଘର ପରେ କିଛି ମାସ ସରୋଜିନୀ ରହିଥିଲା ଗାଆଁରେ। ଅପେକ୍ଷା ଥିଲା ଅଭିରାମକୁ କ୍ୱାର୍ଟର ମିଳିବାକୁ। ସେହି ସ୍ୱଳ୍ପ ରହଣୀ ସମୟରେ ସରୋଜିନୀର ଢେର ସାରା ଅଭିଯୋଗ ଥିଲା ଗ୍ରାମ୍ୟ ଜୀବନକୁ ନେଇ। କୂଅରୁ ପାଣି କାଢ଼ିବା, ଚୁଲିରେ ରୋଷେଇ କରିବା, ଗାଧୁଆ ଘର କହିଲେ କୂଅମୂଳେ ବରଡ଼ା ତାଟିଦିଆ ଆହୁଡ଼, ବାହାରକୁ ଝାଡ଼ା ଯିବା ଇତ୍ୟାଦି। ସେ ପ୍ରାୟ ଅଣନିଶ୍ୱାସୀ ହୋଇ ପଡ଼ିଥିବା ବେଳକୁ ମିଳିଗଲା ଅଭିରାମକୁ କ୍ୱାର୍ଟର। ସରୋଜିନୀକୁ ଆଣିବା ବେଳେ ଅଭିରାମ ବାଧ କରିଥିଲା ତା' ବାପାଙ୍କୁ ଭୁବନେଶ୍ୱରରେ ଆସି ରହିବା ପାଇଁ। ମାତ୍ର ସେ ତାକୁ ନମ୍ର ପ୍ରତ୍ୟାଖ୍ୟାନ କରି କହିଲେ, ଏବେ ସେ ବେଳ ଆସିନି। ହାତ ଗୋଡ଼ ଚାଲୁଛି, ନିଜ କାମ ନିଜେ କରି ପାରୁଛି। ଯେତେବେଳେ ନ ପାରିବି ନିଶ୍ଚୟ ଯିବି।

ଭୁବନେଶ୍ୱରରେ ପହଞ୍ଚିବା ପରେ ଗୋଟିଏ ସ୍ୱସ୍ତିର ନିଶ୍ୱାସ ମାରିଲା ସରୋଜିନୀ, ଯେମିତି ସେ ମୁକୁଳି ଆସିଛି କଳାପାଣିରୁ। ଓହୋଃ – କି ଦାରୁନ୍! ଏଇ କିଛି ମାସ ତ ମୋତେ ଲାଗୁଥିଲା କାହିଁ କେତେ ଯୁଗପରି। ମୁଁ ତ ଦିନ ଗଣୁଥିଲି କେବେ ମିଳିବ ମୁକ୍ତି ବୋଲି।

ସମୟ ଗଡ଼ି ଯାଉଥିଲା ଚାହୁଁ ଚାହୁଁ। ଅଭିରାମ ଦୁଇଚାରି ମାସରେ ଥରେ ଲେଖା ଯାଏ ବାପାଙ୍କୁ ଦେଖି ଆସିବାକୁ। ଦେଖେ ବାପା ଆଉ ଆଗ ଭଳି ନିଜ କାମ କରିବାକୁ ସକ୍ଷମ ହେଉନାହାନ୍ତି। ପ୍ରସ୍ତାବ ଦିଏ ଚାଲ ଭୁବନେଶ୍ୱର। ବେଳ ଗଡ଼ାନ୍ତି ସିଏ। କହନ୍ତି ଏବେ ସେତେ ବାଟ ଯାଏ କଥା ଯାଇନି। ପ୍ରତିଥର ଗାଆଁରୁ ଫେରିବା ପରେ ଅଭିରାମ ପ୍ରସ୍ତାବ ରଖେ ସରୋଜିନୀ ପାଖରେ – ଏବେ ଆମେ ବାପାଙ୍କୁ ନେଇ ଆସିବାଟା ଉଚିତ ହେବ। ସରୋଜିନୀ କୁହେ ଏ ଟୁ-ବି.ଆର କ୍ୱାର୍ଟରରେ ବାପାଙ୍କୁ ଆଣି କେଉଁଠି ରଖିବ? ପିଲାଏ କ'ଣ ବାରଣ୍ଡାରେ ଶୋଇବେ? କାହିଁକି ସେଠାରେ ରହିବାକୁ କିଛି ଗୋଟାଏ ବ୍ୟବସ୍ଥା କରି ଦେଉନ? ହମ – ହମ ହେଉଛ ବାପାଙ୍କୁ ଆଣିବ – ବାପାଙ୍କୁ ଆଣିବ, କହି ଦଉଛି ଯଦି ଆଣ ସବୁ କଥା ତମେ ବୁଝିବ। ମୁଁ କୌଣସି କଥା ବୁଝି ପାରିବି ନାହିଁ।

ଥରେ ଗାଆଁରୁ ଖବର ଆସିଲା – ବାପାଙ୍କ ଦେହ ଖରାପ। ତୁରନ୍ତ ଯାଇ

Digitized by PPRACHIN, SOA

ପହଞ୍ଚିଲା ଘରେ ଅଭିରାମ। ଦେଖିଲା ବାପା ଆଉ ପାରୁନାହାନ୍ତି ନିଜ ଦାୟିତ୍ୱ ନିଜେ ସମ୍ଭାଳି, ବନ୍ଧୁ ବାନ୍ଧବରେ ବି କେହି ନଥିଲେ ଯାହାଙ୍କୁ ଆଣି ବାପାଙ୍କ ଦାୟିତ୍ୱ ଦେଇ ପାରିବ। ତାଙ୍କୁ ଅନ୍ୟମାନଙ୍କର ଦୟା ଓ ସହାନୁଭୂତିଭରା ସାହାଯ୍ୟରେ ନ ରଖିବାକୁ ନିଷ୍ପତ୍ତି ନେଲା ନେଇଯିବ ଭୁବନେଶ୍ୱର। ନେଇ ଆସିଲା ସିନା, କିନ୍ତୁ ସେ ଆସିବାର ପ୍ରଥମ ଦିନରୁ ସରୋଜିନୀ ତାଙ୍କୁ ଗ୍ରହଣ କରିଥିଲା ଜଣେ ଅବାଞ୍ଛିତ ଅତିଥି ବୋଲି। ନା' ନେଉଥିଲା କୌଣସି ଦାୟିତ୍ୱ ନା' ଦେଖାଉଥିଲା କୌଣସି ଭାବାବେଗ ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ, ପିଲାମାନଙ୍କୁ ବି କଡା ନିର୍ଦ୍ଦେଶ ଦେଇ ଦୂରେଇ ରଖିଥିଲା ଜେଜେଙ୍କଠାରୁ।

ଅଭିରାମ ବାପାଙ୍କର ସମସ୍ତ ଦାୟିତ୍ୱ ନିଜ ଉପରକୁ ନେଇ ଯାଇଥିଲା। ସମୟ ଅନୁଯାୟୀ ତାଙ୍କୁ ଔଷଧ ଦେବା, ଡାକ୍ତର ଦେଖାଇବା, ସକାଳୁ ଉଠିଲେ ଚା' ପିଅନ୍ତି ବୋଲି ଆଗରୁ ଉଠି ପଡ଼ି ତାଙ୍କ ପାଇଁ ଚା' କରିବା, କପଡ଼ା ସଫା କରିବା, ସାନ୍ଧ୍ୟ ଭ୍ରମଣରେ ନେବା, ବିଛଣା ସଫା କରିବା ଓ ବିଛାଇବା, ମଶାରି ଟାଙ୍ଗିବା ଓ ସେ ବ୍ୟବହାର କରୁଥିବା ବାଥରୁମ୍‌କୁ ନିୟମିତ ସଫା ରଖିବା ଇତ୍ୟାଦି। ବାପାଙ୍କର କୌଣସି ଦାୟିତ୍ୱ ନେଉନଥିବା ସରୋଜିନୀ କିନ୍ତୁ ତାଙ୍କର ଉପସ୍ଥିତିକୁ ଆଦୌ ସହି ପାରୁନଥିଲା। ଅଭିରାମ ଯେତେ ବୁଝାଇଲେ ବି ସେ ବୁଝିବାକୁ ଆଦୌ ପ୍ରସ୍ତୁତ ନଥିଲା। ଶେଷରେ ଦିନେ ବାଧ୍ୟ ହୋଇ ଅଭିରାମ କହିଲା – ତମେ ଭାବୁଛ କି ବାପା ଆମ ପଇସାକୁ ଖର୍ଚ୍ଚ କରୁଛନ୍ତି ବୋଲି? ତାଙ୍କ ପେନସନ୍ ପଇସାରେ ବରଂ ଆମ ଘର ଚଳୁଛି।

ଉତ୍‌କ୍ଷିପ୍ତା ହୋଇ ସରୋଜିନୀ କହିଲା – ତମେ ଏତେ ଅଯୋଗ୍ୟ ବୋଲି ମୋର ଧାରଣା ନଥିଲା। ମୋର ଦରକାର ନାହିଁ ତାଙ୍କ ପଇସାରେ ଚଳିବା, ଶାଗ ପେଜ ଖାଇ ବରଂ ମୁଁ ଏଠାରେ ଚଳିଯିବି, ମାତ୍ର ସେ ଏଠାରେ ରହିଲେ ମୁଁ ଅଣନିଶ୍ୱାସୀ ହୋଇ ମରିଯିବି। ସେ ରହିବେ ନା' ମୁଁ ମରିବି – ଏ ଦୁଇଟା ଭିତରୁ ତମେ କେଉଁଟା ଚାହୁଁଛ ଠିକ୍ କର।

ତା'ର ଏ ସମସ୍ୟା ନେଇ ଅଭିରାମ ଆସିଥିଲା ମୋ ପାଖକୁ। ସେ ବୋଧେ ଚାହୁଁଥିଲା ମୁଁ ବୁଝାଏ ତା' ସ୍ତ୍ରୀକୁ। ମୁଁ ଜାଣୁଥିଲି କାହାରିଠାରୁ ଜବରଦସ୍ତ ସେବା କି ଆନୁଗତ୍ୟ ହାସଲ କରାଯାଇପାରିବ ନାହିଁ। ତା'ପରେ ତା'ର ଏମିତିକା ପାରିବାରିକ ସମସ୍ୟାରେ ମୋର ମୁଣ୍ଡ ପୂରାଇବାଟା ଠିକ୍ ହେବ ନାହିଁ। ତେଣୁ ତାକୁ କେବଳ

Digitized by PPRACHIN, SOA

ଧୈର୍ଯ୍ୟ ଧରିବାକୁ ସାନ୍ତ୍ୱନା ଦେଇ ବିଦା କରିଥିଲି।

ଦିନେ ଅଭିରାମର ବାପା ତାକୁ ଡାକି ପାଖରେ ବସାଇ କହିଲେ – ତୁ ଏମିତି ସନ୍ତୁଳି ହବାଟା ମୁଁ ଦେଖିପାରୁନି। ପ୍ରତ୍ୟେକ ବାପା ମାଆ ଚାହାନ୍ତି ତାଙ୍କ ପିଲାଙ୍କ ସଂସାର ହସ ଖୁସିରେ କଟୁ। ମୁଁ ବି ସେଇଆ ଚାହେଁ। ମାତ୍ର ମୋ ଉପସ୍ଥିତି ବୋହୂ ପାଇଁ ଅସହ୍ୟ ହେଉଥିବାରୁ ତୋ' ସଂସାରରେ ନିଆଁ କୁହୁଳୁଛି। ମୁଁ ଆସିବା ଦିନଠାରୁ ସେ କଥାକୁ ଉପଲବ୍ଧି କରିଛି। ଏହା ଭିତରେ ଅନେକ ଘଟଣା ଘଟିଛି, ଯାହା ମୋତେ କ୍ଷୁବ୍ଧ କରିଛି, ମାତ୍ର ତମ ଦୁହିଁଙ୍କ ଭିତରେ ପ୍ରାଚୀର ସୃଷ୍ଟି ନ ହେଉ ସେଥିପାଇଁ ସେ କଥାକୁ ମୁଁ ତୋ ପାଖକୁ ଆଣିନାହିଁ। ହେଲେ ପ୍ରତ୍ୟେକ ମଣିଷ ମଲାଯାଏଁ ଆଶାକରେ ଯେ, ତା' ସ୍ୱାଭିମାନଟା ବଜାୟ ରହୁ। ମୁଁ ବି ସେଇଆ ଚାହେଁ। ତେଣୁ ଏହାର ଏକ ବିକଳ୍ପ ବ୍ୟବସ୍ଥା କଥା ମୁଁ ଚିନ୍ତା କରିଛି।

ଅଭିରାମ ଜାଣୁଥିଲା ବାପା କ'ଣ କହୁଛନ୍ତି। ମାତ୍ର ମୁହଁ ଟାଣ କରି କହିଲା, ସିଏ ଯାହା ଚାହିଁଲା ତାହା ହିଁ ହେବନା କ'ଣ ? ତମର ଏ ବୟସ ଓ ଅବସ୍ଥାରେ ତମକୁ ଗାଆଁରେ ରଖି ମୁଁ କ'ଣ ନିଶ୍ଚିନ୍ତରେ ରହି ପାରିବି ?

ନା, ଗାଆଁକୁ ଯିବା କଥା ମୁଁ ଭାବିନି। ଗାଆଁକୁ ଯିବି କେବଳ ଶ୍ମଶାନର ପାଉଁଶ ମୁଠାଏ ହେବା ପାଇଁ। ମୁଁ ଏବେ ଗାଆଁକୁ ଗଲେ ତୋ'ର ଓ ବୋହୂର ଅପଯଶ ହେବ, ସେଇଟା ମୁଁ ଚାହେଁନା। ଏଇ ଅଳ୍ପଦିନ ତଳେ ଖବରକାଗଜରେ ଗୋଟେ ବିଜ୍ଞାପନ ଦେଖିଥିଲି, କାଟିକରି ରଖିଛି ମଧ୍ୟ।

କି ବିଜ୍ଞାପନ ?

ବୃଦ୍ଧାଶ୍ରମର। ମାତ୍ର ଏଇଟା ଅସହାୟମାନଙ୍କ ବୃଦ୍ଧାଶ୍ରମ ନୁହଁ। ସେମାନେ ସମ୍ପୂର୍ଣ୍ଣ ପ୍ରାପ୍ୟ ନେଇ ରହିବା, ଖାଇବା, ସେବା ଶୁଶ୍ରୁଷା ସହ ଆବଶ୍ୟକୀୟ ଡାକ୍ତରୀ ସେବା ମଧ୍ୟ ଦେଉଛନ୍ତି। ମୋର ଯେତିକି ପେନ୍‌ସନ୍ ମିଳୁଛି ସେଥିରେ ସେ ଖର୍ଚ୍ଚ ଉଠିଯିବ। ମୁଁ ଭାବୁଛି ଏଥିରେ ତୁ ଅମତ ନ ହୋଇ ସେ ବ୍ୟବସ୍ଥା କଲେ ଭଲ ହେବ।

ଏକଥା କ'ଣ ଶୋଭା ପାଇବ ବାପା ?

ଶୋଭା ପାଇବ କି ନ ପାଇବ ତାହା ଭିନ୍ନ କଥା ମାତ୍ର ତୋ ସଂସାରରେ ଏ ଅଶାନ୍ତି ରହିବ ନାହିଁ। ସେ ବିଜ୍ଞାପନରେ ଗୋଟିଏ ଟେଲିଫୋନ୍ ନମ୍ବର ଦେଇଛନ୍ତି, ମୁଁ ସେ ନମ୍ବରରେ ଯୋଗାଯୋଗ କରିଥିଲି, ଯାହା ବୁଝିଲି ବହୁତ ଅବସରପ୍ରାପ୍ତ

Digitized by PPRACHIN, SOA

ସରକାରୀ କର୍ମଚାରୀ, ଇଞ୍ଜିନିୟର ଓ ଯେଉଁମାନଙ୍କ ପିଲା ଦେଶ ବାହାରେ ଅଛନ୍ତି ସେଠାରେ ରହୁଛନ୍ତି। ଭାବୁଛି ସେମାନଙ୍କ ସହ ଗପସପ କରି ସମୟ କଟିଯିବ ଏବଂ ତୁ ଯେହେତୁ ପାଖରେ ରହିବୁ ମଝିରେ ମଝିରେ ତୋ' ସହ ମଧ୍ୟ ଦେଖା ହୋଇପାରିବ। ଗାଆଁକୁ ଚାଲିଗଲେ ତୁ କ'ଣ କେବେ ସମୟ ପାଇବୁ ଗାଆଁକୁ ଯିବାକୁ ? ଏବେ ଧିରେ ଧିରେ ତୋ' ଜଞ୍ଜାଳ ବି ବଢ଼ିବ, ତେଣୁ ବହୁତ ଭାବିଚିନ୍ତି ମୁଁ ଏ ନିଷ୍ପତ୍ତି ନେଇଛି। ତୁ ଏଥିରେ ଅମଙ୍ଗ ହଅନା।

ଏ ସମସ୍ୟା ନେଇ ବି ଅଭିରାମ ଆସିଥିଲା ମୋ ପାଖକୁ। ସବୁ ଶୁଣି କୌଣସି ନିଷ୍ପତ୍ତି ଦେବା ପୂର୍ବରୁ କହିଲି - ଚାଲ ଦେଖି ଆସିବା ସେ ବୃଦ୍ଧାଶ୍ରମ। ସବୁ ଦେଖି ସାରି ଓ ତାଙ୍କର ବ୍ୟବସ୍ଥା ଜାଣିବା ପରେ କହିଲି - ଏଠାରେ ବୋଧେ ମଉସା ତୋ' ଘର ଅପେକ୍ଷା ଅଧିକ ସ୍ୱାଧୀନ ଓ ମାନସିକ ଶାନ୍ତିରେ ରହି ପାରିବେ।

ତାହା ତ ନିଶ୍ଚିତ, ମାତ୍ର ମୁଁ ଭାବୁଥିଲି ଅନ୍ୟ କଥା।

ତୁ ଯାହା ଭାବୁଛୁ ମୁଁ ଜାଣେ। ମାତ୍ର ତୋ'ର ଆତ୍ମସମ୍ମାନ ପାଇଁ ଜଣକୁ ସନ୍ତୁଳି ସନ୍ତୁଳି ମାରିଦେବାଟା କ'ଣ ଠିକ୍ ହେବ ? ସେ ଏଠାରେ ରୁହନ୍ତୁ କିଛି ଦିନ, ଯଦି ସରୋଜିନୀର ମାନସିକତାରେ ପରିବର୍ତ୍ତନ ଆସିଲା ତେବେ ପୁଣି ନେଇଯିବା।

ବୃଦ୍ଧାଶ୍ରମରୁ ଆଉ ଫେରିନଥିଲେ ସେ। ସେଠିକା ପରିବେଶ ଓ ଲୋକଙ୍କ ସହ ଏମିତି ମିଶି ଯାଇଥିଲେ ଯେ, ତାଙ୍କୁ ଲାଗୁଥିଲା ସେଇଟା ତାଙ୍କର ଏକାନ୍ନବର୍ତ୍ତୀ ପରିବାର। ସେ ସମସ୍ତଙ୍କ ସହ ମିଶୁଥିଲେ, ବସୁଥିଲେ, ହସୁଥିଲେ। କୌଣସି ଅନ୍ତେବାସୀଙ୍କର ଯଦି କୌଣସି କାରଣୁ ଭାବାବେଗ ଆସୁଥିଲା, ସେ ତତ୍‌କ୍ଷଣାତ ତାଙ୍କୁ ଗୀତା, ଭାଗବତ ଓ ପୁରାଣର ଉଦ୍ଧୃତି ଶୁଣାଇ ନିବୃତ୍ତ କରୁଥିଲେ।

ମଝିରେ ମଝିରେ ଯାଏ ଅଭିରାମ। ସେ ସେଠାରେ ପହଞ୍ଚି ଭାବାବେଗରେ କାନ୍ଦିବା ଆରମ୍ଭ କଲେ, ତା' ବାପା ତାକୁ ବୁଝାନ୍ତି - ତୁ ଭାବୁଛୁ କି ମୁଁ ଏଠାରେ ଦୁଃଖ ଓ ଅଶାନ୍ତି ଭିତରେ ଅଛି ବୋଲି ? ଯେତେଦିନ ଯାଏ ମୁଁ ଏକ ସଙ୍କୁଚିତ ସମ୍ପର୍କର ପରିଧିରେ ଥିଲି, ଭାବୁଥିଲି ସେ କଥା। ମାତ୍ର ଥରେ ପରିସରକୁ ବୃଦ୍ଧି କରିଦେଲେ ସମସ୍ତେ ଲାଗିବେ ଆତ୍ମୀୟ ଆତ୍ମୀୟ। ମୁଁ ଏବେ ଆଉ ଏକ କାର୍ଯ୍ୟ କରିବାକୁ ଯାଉଛି। ଏଥିରେ ତୋ' ମତାମତ ଲୋଡ଼ା ନଥିଲା, ମାତ୍ର କାଳେ ତୁ ଭାବିବୁ ତୋ' ପ୍ରତି କିମ୍ବା ବୋହୂ ପ୍ରତି କୌଣସି କ୍ରୋଧ, ଅଭିମାନ ବା ଦ୍ୱେଷରେ

Digitized by PPRACHIN, SOA

ମୁଁ ଏ ନିଷ୍ପତ୍ତି ନେଉଛି ବୋଲି ତେଣୁ ଜଣାଉଛି।

ତମର ସବୁ କାର୍ଯ୍ୟ ପାଇଁ ମୋର ସମର୍ଥନ ରହିଛି, ଏହାକୁ ମୋର ପିତୃସତ୍ୟ ଭାବେ ତମେ ଗ୍ରହଣ କରିପାର।

ମୁଁ ଅବସର ସମୟରେ ଗ୍ରାଚ୍ୟୁଇଟି ବାବଦରେ ଯେଉଁ ଟଙ୍କା ପାଇଥିଲି, ତାକୁ ଜମା ରଖି ଦେଇଥିଲି। ଏବେ ସୁଧମୂଳ ମିଶି ପ୍ରାୟ ତିନିଗୁଣା ହୋଇଗଲାଣି। ସେ ଟଙ୍କାକୁ ମୁଁ ଏ ବୃଦ୍ଧାଶ୍ରମର ଟ୍ରଷ୍ଟକୁ ଦାନ କରିଦେବି, ଯାହାର ସୁଧରେ ବୃଦ୍ଧାଶ୍ରମରେ ରହିବାକୁ ଆବଶ୍ୟକ ପଡୁଥିବା ଅଥଚ ସମ୍ବଳ ନ ଥିବା ଯୋଗୁଁ ଆସି ପାରୁନଥିବା କିଛି ଅସହାୟ ଅସହାୟାଙ୍କୁ ସାହାଯ୍ୟ ଦିଆଯାଇପାରିବ।

ଖୁବ୍ ଭଲ କଥା ବାପା। ଏଥିରେ ମୋ ମତାମତ ନେବାର କୌଣସି ଆବଶ୍ୟକତା ନଥିଲା। ମୋ ଭଳି ଏକ ବିବଶ ପୁଅର ମତାମତ ଲୋଡ଼ି ତମେ ନିଜର ସ୍ୱାଧୀନତାକୁ କ୍ଷୁଣ୍ଣ କରିବା ସହ ନିଜକୁ ଦୁର୍ବଳ ମନେ କରୁଛ ବୋଲି ମୁଁ ଭାବୁଛି।

ଆଉ ଗୋଟିଏ କଥା – ତୁ ଖରାପ ଭାବିବୁନି ?

ପ୍ରଥମରୁ ତ କହିଚି ତମର ପ୍ରତ୍ୟେକ କାର୍ଯ୍ୟ ଓ କଥା ମୋ ପାଇଁ ପିତୃସତ୍ୟ ବୋଲି।

ସେ ଟଙ୍କାରୁ ଲକ୍ଷେ ଟଙ୍କା ମୁଁ ତୋ' ଏକାଉଣ୍ଟକୁ ପଠାଇବି। ନା – ନା, ମୋର କିଛି ଦରକାର ନାହିଁ ବାପା।

ମୁଁ ଜାଣେ, ହେଲେ ମୁଁ ଏ ଟଙ୍କା ତୋ ଖର୍ଚ୍ଚ ପାଇଁ ଦେଉନାହିଁ, ମୋର ଶୁଦ୍ଧିକ୍ରିୟା କରିବାକୁ ଦେଉଛି।

ମୋର ବିବଶତାକୁ ମୋର ଅଯୋଗ୍ୟପଣ ବୋଲି ତମେ ବୋଧେ ଭାବିନେଲ ?

ନା – ସେକଥା ଭାବି ନାହିଁ, ମାତ୍ର ମୁଁ ଚାହେଁନା ମୋ ମୃତ୍ୟୁପରେ ଶୁଦ୍ଧିକ୍ରିୟାର ଖର୍ଚ୍ଚବାର୍ଚ୍ଚ ପାଇଁ କୌଣସି ଖିଟ୍ – ଖାଟ ହେଉ।

ସେଦିନ ଘରକୁ ଫେରିବା ପରେ ନିଜର ଅନିଚ୍ଛା ସତ୍ତ୍ୱେବି ସରୋଜିନୀକୁ ବାପାଙ୍କର ନିଷ୍ପତ୍ତି ଶୁଣାଇଥିଲା।

ଆକାଶରୁ ଖସିବା ପରି ଆଁଟିଏ କରି ସରୋଜିନୀ ପଚାରିଲା – କେତେ ଟଙ୍କା ?

Digitized by PPRACHIN, SOA

ସେ କଥା ପଚାରିବାର ଆବଶ୍ୟକତା ମୁଁ ଉପଲବ୍ଧି କଲିନି।

କାହିଁକି ? ବାପାଙ୍କ ସମ୍ପତ୍ତିରେ ତମର ହକ୍ ନାହିଁ ନା' କ'ଣ ?

କର୍ତ୍ତବ୍ୟରେ ଯେତେବେଳେ ହକ୍ ନଥିଲା ସମ୍ପତ୍ତିରେ ହକ୍ ଆସିଲା କେଉଁଠୁ ?

. କର୍ତ୍ତବ୍ୟ ଓ ଜନ୍ମଗତ ଅଧିକାର ଦୁଇଟି ଭିନ୍ନ କଥା। ତମ ବାପା ଯଦି ଏହାକୁ ଦାନ ନ କରି ସେମିତି ଏକାଉଣ୍ଟରେ ରଖି ମରିଯାଆନ୍ତି, ତେବେ ଉତ୍ତରାଧିକାରୀ ସୂତ୍ରରେ ସେ ଟଙ୍କା ତମକୁ ମିଳିବ ନା ନାହିଁ ?

ହଁ – ମାତ୍ର ସେ ବଞ୍ଚିଥିବା ଯାଏ ସେ ଟଙ୍କାର ଏକାଧିକାର କେବଳ ତାଙ୍କର।

ମୁଁ ସିନା ମୋ କର୍ତ୍ତବ୍ୟ କରିନି, ହେଲେ ତମେ ତ କରିଛ ? ତମେ କ'ଣ ନିୟମିତ ସେ ବୃଦ୍ଧାଶ୍ରମକୁ ଯାଇ ତାଙ୍କ ଭଲମନ୍ଦ ବୁଝୁନାହଁ କି ? ମାନୁଛି ସେଠାରେ ରହିବାକୁ ପଡୁଥିବା ଟଙ୍କାକୁ ସେ ତାଙ୍କ ପେନ୍‌ସନ୍‌ରୁ ଦେଉଛନ୍ତି। ମୋ କଥା ମାନ, ତମେ ଯାଇ ବାପାଙ୍କୁ ବୁଝାଇ ତାଙ୍କୁ ଏଥିରୁ କ୍ଷାନ୍ତ କରାଅ। ଯଦି ସେ ଟଙ୍କା ମିଳିଯାଏ, ତେବେ ଭୁବନେଶ୍ୱରରେ ଆମେ ଗୋଟେ ଜାଗା କିଣି ପାରନ୍ତେ। ଯଦି ସେ ତମ ପ୍ରସ୍ତାବରେ ରାଜି ହୁଅନ୍ତି, ତେବେ ତମେ ତାଙ୍କୁ ଘରକୁ ନେଇଆସ, ମୋର କୌଣସି ଆପତ୍ତି ରହିବ ନାହିଁ।

ସେ ସମ୍ଭାବନା ତ ବହୁତ କ୍ଷୀଣ, ତେବେ ଜାଗା କାହିଁକି କିଣିବ ?

ଘର କରି ରହିବା ପାଇଁ – ଚାକିରି କ'ଣ ସବୁଦିନ ଥିବ ନା' କ୍ୱାର୍ଟର ସବୁଦିନ ଥିବ।

ଏତେ ସୁନ୍ଦର ବ୍ୟବସ୍ଥା ଥାଇ ବୃଦ୍ଧାଶ୍ରମ ଯେତେବେଳେ ଅଛି, ଆଉ ଘରର ମୋହରେ କାହିଁକି ପଡୁଛ ?

ସେ ବାଜେ କଥା ବନ୍ଦ କରି ମୁଁ ଯାହା କହୁଛି କର। ଚେଷ୍ଟା କରିବା ପୂର୍ବରୁ ସିଦ୍ଧାନ୍ତରେ ପହଞ୍ଚିଯିବାଟା ତମର ଗୋଟିଏ ବଦ୍‌ଖୋଇ।

ହଉ – ତମ କଥା ରଖି ମୁଁ ଚେଷ୍ଟା କରିବି।

ତମକୁ ଠିକ୍ ସମୟରେ ଠିକ୍ ଭାବରେ କଥା କହି ଆସେନା। ତମ ସହ ମୁଁ ବି ଯିବି ଓ ପିଲାମାନଙ୍କୁ ମଧ୍ୟ ସାଙ୍ଗରେ ନେବା। ରକ୍ତ ସମ୍ପର୍କ ପାଖରେ କ୍ରୋଧ ବା ଅଭିମାନ ବେଶି ସମୟ ରହେ ନାହିଁ।

ଯିବା ଯିବା ହୋଇ ସାତ ଆଠ ଦିନ ଗଡ଼ିଗଲା। ଦିନେ ସକାଳୁ ବୃଦ୍ଧାଶ୍ରମର

Digitized by PPRACHIN, SOA

ପରିଚାଳକ ଫୋନ୍ କଲେ ଦାରୁଣ ସମ୍ବାଦଟି ଜଣାଇବାକୁ। ତରବରରେ ଯାଇ ପହଞ୍ଚିଲୁ ସେଠାରେ। ବାପା ତାଙ୍କର ବେଡ୍ ଉପରେ ଖୁବ୍ ପ୍ରସନ୍ନ ମୁଦ୍ରାରେ ଶୋଇଥିଲେ। ଘେରି ବସିଥିଲେ ସମସ୍ତ ଅନ୍ତେବାସୀ। ପରିଚାଳକ ଜାଣିଥିଲେ ବୃଦ୍ଧାଶ୍ରମରେ ରହୁଥିବା ଲୋକଙ୍କର ମୃତ୍ୟୁ ସମ୍ବାଦ ପାଇଲେ ତାଙ୍କର ଆତ୍ମୀୟମାନେ ଆଦୌ ଭାବପ୍ରବଣ ହୁଅନ୍ତି ନାହିଁ, ବରଂ ଖୁସି ହୁଅନ୍ତି ସମସ୍ୟା ସରିଗଲା ବୋଲି। ତଥାପି ତାଙ୍କର କର୍ତ୍ତବ୍ୟ ଦୃଷ୍ଟିରୁ କହିଲେ, ଏହି ଚାରି ପାଞ୍ଚଦିନ ହେବ ସେ ଖୁବ୍ ସକ୍ରିୟ ଥିଲେ। ଅସହାୟଙ୍କ ସହାୟତା ପାଇଁ ଗୋଟିଏ ଟ୍ରଷ୍ଟ କରି ସେଥିରେ ପଚିଶ ଲକ୍ଷ ରଖିଲେ। ଓକିଲ ଡକାଇ ସମସ୍ତ କାଗଜପତ୍ର କରାଇଲେ। କାଲି ସନ୍ଧ୍ୟାର ରୁଟିନ୍ ଚେକ୍‌ଅପ୍‌ରେ ତାଙ୍କର ସବୁ ନର୍ମାଲ ଥିଲା। ରାତିରେ ଖାଇସାରି ମୋତେ ଏ ଲଫାପାଟି ଦେଇ କହିଥିଲେ - ରଖିଥିବେ ମୋ ପୁଅକୁ ଦେଇ ଦେବେ। ସେ ବୋଧେ ତାଙ୍କର ମୃତ୍ୟୁ ସମୟ ଜାଣିଥିଲେ। ସେଥିପାଇଁ ସମସ୍ତ କାର୍ଯ୍ୟ ତୁଟାଇ କେମିତି ନିଶ୍ଚିନ୍ତରେ ଶୋଇଛନ୍ତି ଦେଖୁ ନାହାନ୍ତି। ତାଙ୍କ ବିଛଣାର ଅବସ୍ଥା ଦେଖିଲେ ଲାଗୁଛି ସେ ଖୁବ୍ ସୁନ୍ଦର ଯନ୍ତ୍ରଣାହୀନ ମୃତ୍ୟୁଟିଏ ପାଇଛନ୍ତି।

ତାଙ୍କ ହାତରୁ ଲଫାପାଟିକୁ ଧରୁଧରୁ ଅଭିରାମ କହିଲା, ଜୀବନଟା ତାଙ୍କର କମ୍ ଯନ୍ତ୍ରଣାଦାୟକ ଥିଲା କି ମୃତ୍ୟୁ ଆହୁରି ଯନ୍ତ୍ରଣା ଦେଇଥାଆନ୍ତା।

ସମବେତ ସମସ୍ତ ଅନ୍ତେବାସୀ କିନ୍ତୁ ଏକସ୍ୱରରେ କହିଲେ - ନା' ମିଛ କଥା। ଯିଏ ସମସ୍ତଙ୍କୁ ଏଠାରେ ସୁଖ ବାଣ୍ଟିବାଣ୍ଟି ଚାଲିଗଲା, ସମ୍ପର୍କର ଏକ ବୃହତ୍ତର ସରହଦକୁ ସମସ୍ତଙ୍କୁ ଚିହ୍ନେଇ ଦେଲା, ସେ କେବେ ଜୀବନରେ ଦୁଃଖି ହୋଇ ପାରେନା। ତାଙ୍କୁ ଦୁଃଖି କହି ତାଙ୍କ ଆତ୍ମାକୁ ଅପମାନିତ କରନ୍ତୁ ନାହିଁ।

ସବୁ ପୁଅଙ୍କ ପରି ଗାଆଁକୁ ଶବ ନେଇ ସଂସ୍କାର କରିଥିଲା ଅଭିରାମ। ଜ୍ଞାତି କୁଟୁମ୍ବଙ୍କୁ ପଂକ୍ତି ଭୋଜନ ଦେଇଥିଲା। ତା'ର ଏ କାର୍ଯ୍ୟ ଦେଖି ତାକୁ ଓ ସରୋଜିନୀକୁ ଗାଆଁ ଲୋକେ ପ୍ରଶଂସା କରି କହିଥିଲେ - ସୁକୃତ ଥିଲା ବୋଲି ଏମିତି ପୁଅ ବୋହୂ ପାଇଥିଲେ। ବାପାର କଥା ମାନି ଶବ ସଂସ୍କାର ଗାଆଁରେ କରିବା ସହ ହାତ ଖୋଲା ଖର୍ଚ୍ଚ କଲେ।

ଏହା ଭିତରେ କେତେ ବର୍ଷ ବିତିଗଲାଣି ମୋର ସଠିକ ମନେ ପଡୁନାହିଁ। ଆଜି ଅଭିରାମର ଫାଦର୍ସ ଡେ' ମେସେଜ ଦେଖୁ ଦେଖୁ ସେ ସବୁ ଘଟଣା ଓ ସ୍ମୃତି ମନରେ ଭାସି ଉଠିଲା। ମୁଁ ଭଲ କରି ଅଭିରାମର ମେସେଜ୍‌ଟିକୁ ବୁଝିବାକୁ

Digitized by PPRACHIN, SOA

ଚେଷ୍ଟା କରୁଥିବା ବେଳେ ସେଥିରେ ଗୋଟେ କମେଣ୍ଟ ଆସିଲା, "ବାପାମାନେ ଜଟିଳ ଜ୍ୟାମିତି ନୁହନ୍ତି ବରଂ ସରଳ ସାହିତ୍ୟ। ତାକୁ ବୁଝି ନପାରିବା ଆମ ବିମର୍ଷ ଭାଗ୍ୟର ଅଯୋଗ୍ୟତା।" କମେଣ୍ଟଟି ଦେଇଥିଲା ସରୋଜିନୀ। ମୁଁ ଭାବୁଥିଲି ସରୋଜିନୀ ବୋଧହୁଏ ଏହା ଭିତରେ ସମଝଦାର ହୋଇଗଲାଣି। ତା' ମେସେଜ ଉପରେ ହସର ଇମୋଜିଟିଏ କମେଣ୍ଟରେ ଦେଲି।

—o—

Digitized by PPRACHIN, SOA

ପୁନଶ୍ଚ ଚିଲିକା

ଆମର ସପ୍ତମ ଶ୍ରେଣୀ ବର୍ଷ ସ୍କୁଲର ଏକସକରସନରେ ପୁରୀ, କୋଣାର୍କ ଓ ଚିଲିକା ବୁଲିଯିବା ପାଇଁ ନିଷ୍ପତ୍ତି ହେଲା। ଆମମାନଙ୍କର ଖୁସିର ଠିକଣା ନଥାଏ। ମୁଁ କୋଣାର୍କ କିମ୍ବା ଚିଲିକା ଦେଖିନଥିଲି। ପୁରୀ ଯାଇଚି ବୋଲି ଯାହା ସାଙ୍ଗମାନଙ୍କ ଆଗରେ କହୁଥିଲି, ତାହା ଥିଲା କେବଳ ସେମାନଙ୍କ ଆଗରେ ମୋର ବଡ଼ିମା ଦେଖାଇବା ପାଇଁ। ମୋତେ ତିନି କି ଚାରିବର୍ଷ ହୋଇଥିଲା, ବୋଉ ସାଥିରେ ଯାଇଥିଲି ପୁରୀ ରଥଯାତ୍ରା ଦେଖିବାକୁ। ନା ମୋର ସେ କଥାର ହେତୁ ଅଛି ନା ହେଜି ପାରୁଥିଲି। କେବଳ ଯା' ବୋଉ ମୁହଁରୁ ଶୁଣିଚି ଯେ ମୁଁ ପୁରୀ ଯାଇଛି ଓ ସେ ଭିଡ଼ଠେଲି ମୋତେ ଛୁଆଁଇ ଦେଇଥିଲା ରଥଦଉଡ଼ିକୁ। ମୋ' ପାଇଁ କିଣି ଦେଇଥିଲା ହରଡ଼କାଠର ବାଡ଼ି ଓ ତୁଳସୀମାଳି। ଅନେକ ଦିନଯାଏ ସେ ମାଳି କୁଆଡ଼େ ମୋ' ବେକରେ ଥିଲା ଏବଂ ରହି ରହି ବସିଯାଇଥିଲା ବେକରେ। ସେ ମାଳିକୁ ଆହୁରି କେତେବର୍ଷ ପିନ୍ଧିଥାଆନ୍ତି କି କ'ଣ ଜେଜେ ମରିଯିବାରୁ ମାରା ହୋଇଗଲା। ପୁରୀ ଓ ଜଗନ୍ନାଥଙ୍କ ବିଷୟରେ ସବୁବେଳେ ଶୁଣି ଶୁଣି ଭାବୁଥାଏ, ଏବେ ବଡ଼ ହୋଇଗଲିଣି, ବାପା ଆଉଥରେ ନେଇ ଯାଆନ୍ତେ ନାହିଁ ପୁରୀ ! ବାପା ଚାଷବନ୍ଦୀ ଲୋକ। ବର୍ଷକ ବାରମାସ ଲାଗି ରହିଥାଏ କାମ। ନା ଛୁଟି ଅଛି, ନା କେବେ ଯଦି ଫୁରୁସତ ମିଳିଲା ବୁଲାବୁଲି କରି ସଉକ କରିବାକୁ ଅଣ୍ଟାରେ ବଳ ଅଛି।

ପୁରୀ, କୋଣାର୍କ ଓ ଚିଲିକା ବୁଲିଯିବା, ତାହା ପୁଣି ସାଙ୍ଗମାନଙ୍କ ସହ, କେବଳ ମୋତେ ଉତ୍‌କଣ୍ଠିତ କରିନଥିଲା, ଯିବା ଦିନ ଯାଏ ମୋତେ ବିଚଳିତ କରି ରଖିଥିଲା। ମୁଁ ତ ଶୋଇପାରୁନଥିଲି ଆଦୌ। ଦିନ ଓ ରାତି ମୋତେ ଲାଗୁଥିଲେ

Digitized by PPRACHIN, SOA

ଖୁବ୍ ଦୀର୍ଘ ଓ ଅସରନ୍ତି। ସାଙ୍ଗମାନଙ୍କ ସହ ଚାଲିଥିଲା ଘମାଘୋଟ ଆଲୋଚନା – ଧର୍ମପଦର କାହାଣୀ, ବିଶୁମହାରଣା ଓ ଶିବେଇ ସାନ୍ତରାକଥା। କାଳିଜାଇ କବିତାକୁ ବି ଘୋଷିପକାଇଥିଲୁ ସଭିଏଁ। ସପ୍ତମ ବୋର୍ଡ଼ ପରୀକ୍ଷାରେ ଭଲ ଫଳ ପାଇଁ ଜଗନ୍ନାଥଙ୍କୁ ମାନସିକ କରିବା ପାଇଁ ସମସ୍ତେ ଭାବିଥାଉ ମନେମନେ।

ପହଞ୍ଚିଗଲା ଏସକରସନ୍‌ର ଦିନ। ଦି'ହଳ ପେଣ୍ଟ୍‌ସାର୍ଟକୁ ଧୋବାଘରକୁ ନେଇ ଇସ୍ତ୍ରୀ କରିଆଣି ଖବରକାଗଜରେ ସାଇଜ୍‌କରି ରଖି ପୂରାଇଲି ଝୁଲାମୁଣିରେ। ବୋଉ କହୁଥାଏ – ତୁ ତ ଗୋଟାଏ ପେଟକାବୁରାଟା, ଭୋକ ସମ୍ଭାଳି ପାରିବୁନି। ଚୁଡ଼ାଘଷା, ବାଦାମଭଜା ଓ ମୁଢ଼ିମୁଆଁ ଦେଉଛି, ଭୋକ ଲାଗିଲେ ଖାଇବୁ। ବାଟଘାଟରେ କେଉଁଠି କ'ଣ ଖାଇବାକୁ ଦେବେ କ'ଣ କିଛି ଠିକଣାଅଛି ! ବୋଉ ସଜାଡୁଥାଏ ତା'ର ଦବାନବା ଜିନିଷ, ହେଲେ ମୋର ସେଥିକି ନିଘା ନଥାଏ। ରାତିସାରା ମୋତେ ଆଦୌ ନିଦ ନଥାଏ। ରାତି ପାହିବାକୁ ଆହୁରି ଦି'ଘଡି ଥାଏ, ଆମେ ସବୁ ସାଙ୍ଗ ଡକାହକା ହୋଇ ଧାଇଁଲୁ ନଈଛନ୍ଦାକୁ। ଟୁବ୍‌ଟାବ୍ ଡେଇଁଲୁ ପାଣି ଭିତରକୁ। ସମସ୍ତେ ତରବରରେ ଥିଲୁ, କେମିତି ବୁଡ଼୍‌ମାରି ଉଠିଆସି ସଜହୋଇ ସ୍କୁଲରେ ପହଞ୍ଚିବୁ।

ସେତେବେଳେ ଆମ ଗାଁ ନଈ ଉପରେ ପୋଲ ହୋଇନଥିଲା। ବସ୍ ଧରିବାକୁ ନଈ ପାରି ହୋଇ ଚାଲୁଥିଲୁ ଦୁଇ କିଲୋମିଟର। ସବୁ ପିଲା ସ୍କୁଲରେ ପହଞ୍ଚି ସାରିବା ପରେ ଦାୟିତ୍ୱରେ ଥିବା ଖେଳ ଶିକ୍ଷକ ସମସ୍ତଙ୍କ ଉପସ୍ଥାନ ନେଲେ। ତା'ପରେ ସମସ୍ତଙ୍କୁ ନିର୍ଦ୍ଦେଶ ଦେଲେ ଶୃଙ୍ଖଳିତ ଭାବେ ଧାଡ଼ିବାନ୍ଧି ଯିବା ପାଇଁ। ଯେହେତୁ ବସ୍ ରିଜର୍ଭ ହୋଇଛି, ବସ୍ ପଳାଇଯିବ ବୋଲି କାହାର ତରତର ହେବାର ନାହିଁ। ମାତ୍ର ଶୃଙ୍ଖଳାର ଯେମିତି ବ୍ୟତିକ୍ରମ ନ ହୁଏ ସେଥିପାଇଁ ତାଗିଦ୍ କରିଥିଲେ। ଖେଳ ଶିକ୍ଷକଙ୍କ ମାଡକୁ ଯେହେତୁ ସମସ୍ତେ ଚିହ୍ନିଥିଲୁ, ତେଣୁ କେହି ବିଶୃଙ୍ଖଳିତ ନହୋଇ ଧାଡ଼ିବାନ୍ଧି ଚାଲିଲୁ। ବସ୍ ପାଖରେ ପହଞ୍ଚି ଭାବିଲୁ, ଧାଇଁଯାଇ ଆଗ ସିଟ୍‌ରେ ବସିଯିବୁ ବୋଲି, ମାତ୍ର ସେଠି ବି ଠିଆ ହୋଇଥିଲେ ସାର୍। ଉପସ୍ଥାନ କାଗଜଟିକୁ ଧରି ସେ ଠିଆ ହୋଇଥିଲେ ଡୋର୍ ପାଖରେ। ଜଣଜଣକର ନାଆଁ ଡାକି ଗୋଟିଏ ଗୋଟିଏ ନମ୍ବର ଧରାଇ ଦେଉଥିଲେ। ଯାହାର ଯେଉଁ ନମ୍ବର, ସେହି ନମ୍ବର ସିଟ୍‌ରେ ଯାଇ ବସିବାକୁ ନିର୍ଦ୍ଦେଶ। ପ୍ରଥମ ଲାଇନଟ୍‌ଟି ସାରମାନଙ୍କର। ମୋର ସୌଭାଗ୍ୟକୁ ମୋତେ ମିଳିଯାଇଥିଲା ଏକ ଝରକାପାଖ ସିଟ୍।

Digitized by PPRACHIN, SOA

ସମସ୍ତେ ବସିସାରିବା ପରେ ବସ୍ ଛାଡ଼ିଲା। ବସ୍ ଯେତିକି ବେଗରେ ଗଡୁଥିଲା, ତାଠୁ ଢେର୍ ଅଧିକ ବେଗରେ ଗଡୁଥିଲା ଆମର ଖୁସି। କିଛି ବାଟ ଯିବା ପରେ ସାହିତ୍ୟ ସାର୍ କହିଲେ - ପିଲାଏ, ଅନ୍ତାକ୍ଷରୀ ଆରମ୍ଭ କରିବା। ସବୁ ପିଲାଏ ମିଳିତ ଭାବେ 'ହ...ଅଁ' ବୋଲି ଚିତ୍କାର କଲେ। ସାର୍ କହିଲେ - ବସ୍‌ର ବାମପଟ ସାଇଡ ଜଗା ଗ୍ରୁପ୍ ଓ ଡାହାଣପଟ ବଳିଆ। ଯେହେତୁ ଗ୍ରୁପର ନାମ ଜଗା ଓ ବଳିଆ ରଖାଗଲା, ଜଗନ୍ନାଥ ଭଜନରୁ ହିଁ ଆରମ୍ଭ ହେଲା ଅନ୍ତାକ୍ଷରୀ।

ଅନ୍ତାକ୍ଷରୀ ଚାଲୁଥାଏ, ହଠାତ୍ ଗୋଟିଏ ଅକ୍ଷରରେ ଗୀତ ଗାଇବାରେ ଅଟକିଗଲା ଜଗା ଗ୍ରୁପ୍। ଆମ ବଳିଆ ଗ୍ରୁପ୍ ଏକ- ଦୁଇ-ତିନି ଗଣିବା ଆରମ୍ଭ କଲେ। ଦଶ ଗଣିବା ଭିତରେ ଗାଇ ନପାରିଲେ ହାରିବେ। ନଅ ଗଣା ସରିବା ପରେ ସମସ୍ତଙ୍କୁ ଆଚମ୍ବିତ କରି ଆରମ୍ଭ ହେଲା ଏକ ମଧୁର ସ୍ୱରର ରାଗିଣୀ। ସମସ୍ତେ ଚାହିଁଥିଲେ ଗୀତ ଗାଉଥିବା ଝରଣା ଆଡ଼େ। ମାତ୍ର କିଛି ମାସ ତଳେ ଆମ ସ୍କୁଲରେ ଆସି ନାଆଁ ଲେଖାଇଥିଲା ଝରଣା। ଆମ ଗାଁ ତା'ର ମାମୁଘର ଗାଁ। ମାମୁଘରେ ରହି ପଢ଼ିବ ବୋଲି ଆସିଥିଲା। ବହୁତ ଲାଜକୁଳୀ ସ୍ୱଭାବର ହୋଇଥିବାରୁ ସେଯାଏଁ କାହା ସହିତ ମିଶି ପାରିନଥିଲା। ଯେତେବେଳେ ତାଙ୍କ ଗ୍ରୁପ ହାରିବା ପରିସ୍ଥିତିରେ ପଡ଼ିଲା, ଚୁପ୍‌ଚାପ୍ ବସିଥିବା ଝରଣା ସମ୍ଭାଳି ନପାରି ଗାଇଥିଲା।

ସେ ଗାଇସାରିବା ପରେ ସମସ୍ତ ଛାତ୍ରଛାତ୍ରୀ ସହ ଶିକ୍ଷକମାନେ ବି ତାକୁ ପ୍ରଶଂସାରେ ପୋତି ପକାଇଲ। ଅନ୍ତାକ୍ଷରୀ କଥା ଭୁଲିଯାଇ ତାକୁ ସମସ୍ତେ ଅନୁରୋଧ କଲେ - ଆଉ ଗୋଟିଏ ଗାଆ, ଆଉ ଗୋଟେ ଗାଆ। ସମସ୍ତଙ୍କ ଅନୁରୋଧ ରକ୍ଷା କରି ସେ ବି ଗାଇ ଚାଲିଥିଲା ଗୋଟିଏ ପରେ ଗୋଟିଏ ଗୀତ। ତା'ର ସ୍ୱର, ଲୟ ଓ ତାଳ ଦେଖି ସାହିତ୍ୟ ସାର୍ ପଚାରିଲେ - ତୁ ନିଶ୍ଚୟ କୌଣସି ସଂଗୀତ ଗୁରୁଙ୍କ ପାଖରେ ଗୀତ ଶିଖୁଛୁ ?

ତା'ର ନା ନା, ଉତ୍ତର ଶୁଣି ସାର୍ କହିଲେ - ମାଆ ସରସ୍ୱତୀ ତା' ହେଲେ ତୋ' କଣ୍ଠରେ ବିଜେ ହୋଇଛନ୍ତି।

ସଂଗୀତରେ ଯେ କେହି ଗୁରୁ ଥାଆନ୍ତି ଏବଂ ଗୀତ ଗାଇବାଟା ଯେ ଗୁରୁଙ୍କଠାରୁ ଶିକ୍ଷା କରାଯାଏ ଏହା କେବଳ ମୁଁ କାହିଁକି, ଆମ କ୍ଲାସ୍‌ର କୌଣସି ପିଲାଙ୍କର ଅବବୋଧରେ ନଥିଲା। ତେବେ ତା'ଠାରୁ ବଳି ବିସ୍ମୟକର ତଥ୍ୟ ମୋ ପାଇଁ ଥିଲା ଯେ ସରସ୍ୱତୀ କଣ୍ଠରେ ବିଜେକଲେ ଜଣେ ଭଲ ଗୀତ ଗାଇପାରେ

Digitized by PPRACHIN, SOA

ବୋଲି। ମୁଁ ଜାଣିଥିଲି, ସରସ୍ୱତୀ କେବଳ ବିଦ୍ୟାଦାତ୍ରୀ ବୋଲି। ମୋର ତ ଭୟ ହୋଇଗଲା ଯଦି ମାଆ ସରସ୍ୱତୀ ଝରଣାର ଗଳାରେ ବିଜେ ହୋଇଛନ୍ତି, ଗଳାରୁ ମୁଣ୍ଡକୁ ଆସି ବିଦ୍ୟା ପ୍ରଦାନ କରିବାକୁ ତାଙ୍କୁ କେତେ ସମୟ ଲାଗିବ ? କ୍ଲାସରେ ଆଜିଯାଏ ରହି ଆସିଥିବା ମୋର ନିରଙ୍କୁଶ ପ୍ରଥମ ସ୍ଥାନଟିକୁ ସରସ୍ୱତୀଙ୍କ ଦୟାରେ ଝରଣା ମାଡ଼ି ବସିବନି ତ ?

ବସ୍ ପ୍ରଥମେ ପହଞ୍ଚିଥିଲା କୋଣାର୍କରେ। ସାର୍ ପ୍ରୋଗ୍ରାମ କରିଥିଲେ ପ୍ରଥମେ କୋଣାର୍କ, କୋଣାର୍କରୁ ପୁରୀ ଯାଇ ଜଗନ୍ନାଥ ଦର୍ଶନ, ସମୁଦ୍ରକୂଳ ବୁଲାବୁଲି ପରେ ସେଠାରେ ରାତି ରହଣି। ପରଦିନ ସକାଳୁ ଜଗନ୍ନାଥ ଦର୍ଶନ ସାରି ଚିଲିକା। କାଳିଜାଈରୁ ଫେରିବା ପରେ ଘରକୁ ଫେରିବା କାର୍ଯ୍ୟକ୍ରମ। ଆମେ କୋଣାର୍କରେ ପହଞ୍ଚିଲା ବେଳକୁ ପାଖାପାଖି ମଧ୍ୟାହ୍ନ ହୋଇ ସାରିଥିଲା। ସାର୍ ବୋଧେ ଆଗରୁ କୌଣସି ଏକ ସ୍କୁଲକୁ କହି ଆମମାନଙ୍କ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଇଥିଲେ। ଆମେ ସେଠାରେ ପହଞ୍ଚୁ ପହଞ୍ଚୁ ସେ ଆଗ ନେଇଗଲେ ସେ ସ୍କୁଲକୁ।

ଖାଇସାରିବା ପରେ କୋଣାର୍କ ପରିଦର୍ଶନ। ସାର୍ ପାଳଟିଥିଲେ ଆମର ଗାଇଡ୍। ବୁଝାଉଥିଲେ ସିଏ – କୋଣାର୍କ ମନ୍ଦିର କିପରି ସୂର୍ଯ୍ୟଙ୍କର ରଥ ସଦୃଶ। ସୂର୍ଯ୍ୟ ଉଦୟର ପ୍ରଥମ ରଶ୍ମି କିପରି ପଡେ ମନ୍ଦିରର ଆସ୍ଥାନ ଉପରେ। ସେ ବୁଝାଇ ଚାଲିଥିଲାବେଳେ ଆମେ ସବୁ ମନ୍ଦିରର ବିଭିନ୍ନ ମୂର୍ତ୍ତି ଦେଖି ଚିମୁଡାଚିମୁଡ଼ି ହେଉଥିଲା ସିନା, ଭୟରେ କେହି ହସି ପାରୁନଥିଲୁ। ମୁଁ ପଚାରିଲି – ସାର୍ ମନ୍ଦିରଠାରୁ ତ କାହିଁ କେତେ ଦୂରରେ ସମୁଦ୍ର, ମନ୍ଦିରର ମୁଣ୍ଡିମାରି ଧର୍ମପଦ ଏତେବାଟ ଡେଇଁଲା କେମିତି ?

ସାର୍ କହିଲେ – ବଢ଼ିଆ ପ୍ରଶ୍ନଟିଏ ପଚାରିଲୁ। ଶିବେଇ ସାନ୍ତରା ଗପ କିଏ ପଢ଼ିଛ ? ପଢ଼ି ଥାଆନ୍ତୁ ବା ନପଢ଼ି ଥାଆନ୍ତୁ ସମସ୍ତେ କହିଲେ – ଆମେ ଜାଣିଚୁ, ଆମେ ଜାଣିଚୁ।

କ'ଣ ଜାଣିଛୁ କହ – ମୋତେ ସାର୍ କହିଲେ।

ରାଜାଙ୍କ ନିର୍ଦ୍ଦେଶରେ ସମୁଦ୍ରକୁ ପୋତି ମନ୍ଦିର କରାଯିବାର ଥିଲା। ସେ ଦାୟିତ୍ୱ ଥିଲା ଶିବେଇ ସାନ୍ତରାଙ୍କ ଉପରେ। ସେ ଯେତେ ପଥର ପକାଉଥିଲେ ସେସବୁ କୁଆଡ଼େ ଉଭାନ ହୋଇଯାଉଥିଲା ସମୁଦ୍ରର ଅତଳ ଜଳରେ। ସମୁଦ୍ର କିପରି ପୋତାହେବ, କିଛି ଉପାୟ ପାଉନଥିଲେ ଶିବେଇ ସାନ୍ତରା। ଉପାୟ

Digitized by PPRACHIN, SOA

ଖୋଜି ସେ ବୁଲୁଥିଲେ। ଦିନେ ଗୋଟିଏ ଗାଆଁରେ ପହଞ୍ଚିଲା ବେଳକୁ ରାତି। ଅନ୍ଧାର ରାତିରେ ଘରକୁ ଫେରିହେବନି, ରହିବାକୁ ପଡ଼ିବ ଏ ଗାଆଁରେ। ଜଣକ ଘର ଦୁଆରେ କବାଟ ବାଡ଼େଇଲେ। ବୁଢ଼ୀଟିଏ କବାଟ ଖୋଲିଲା। ଶିବେଇ ସାନ୍ତରା ବୁଢ଼ୀକୁ ଅନୁରୋଧ କଲେ ରାତିଟିଏ ପାଇଁ ଆଶ୍ରୟଦେବାକୁ। ବୁଢ଼ୀ ମନାକଲାନି। କହିଲା – ମୋର ଗରିବ ଘର, ଯାହା ଖାଇବାକୁ ଦେବି ଖାଇବ, ଅତିଥି ସତକାର କରିବାକୁ ମୋର କ'ଣ ସମ୍ବଳ ଅଛି ? ଧୂଆଧୋଇ ହେଇପଡ଼। ମୁଁ ଖାଇବା ପରଷିଦେଉଛି। ସାନ୍ତରାଙ୍କ ରାତ୍ର ଭୋଜନ ପାଇଁ ବୁଢ଼ୀ ଥୋଇଦେଲା ଜାଉ ଥାଳିଏ। ଦିନମାନ ବୁଲିବୁଲି ଭୋକରେ ହଂସା ଉଡୁଥିଲା ସାନ୍ତରାଙ୍କର। ଜାଉ ଥାଳି ଥୁଆ ହେବାକ୍ଷଣି ତତ୍‌କ୍ଷଣାତ ହାତ ଭର୍ତ୍ତି କରିଦେଲେ ଥାଳି ମଝିରେ। ଗରମ ଜାଉ, ଚାଉଁକିନା ଲାଗିଯିବାରୁ ହାଉଳି ଖାଇ ହାତ କାଢ଼ି ଆଣିଲେ। ଏହା ଦେଖି ହସିପକାଇ ବୁଢ଼ୀଟି କହିଲା – ଆରେ, ତୁ ଶିବେଇ ସାନ୍ତରାଙ୍କ ପରି ହେଉଚୁ କ'ଣ ? କିଏ ସିନା ଜାଉ ଥାଳିର କଡରୁ ଖାଇବା ଆରମ୍ଭକରେ, ତୁ ତା' ଭଳି ଏକାଥରେ ପଶିଯାଉଛୁ ମଝି ସମୁଦ୍ରକୁ !

ବାସ୍, ବାସ୍। ଗପଟା ସଭିଏଁ ଜାଣିଛ, ମାତ୍ର ଅସଲ କଥାକୁ କେହି ଧ୍ୟାନ ଦେଇନ। ସମୁଦ୍ରକୁ ପୋତି ଯେତେବେଳେ ମନ୍ଦିର ତିଆରି କରାଗଲା, ମନ୍ଦିରଟା ତ ସମୁଦ୍ରକୂଳରେ ହୋଇଥିବ ନିଶ୍ଚୟ। କାଳକ୍ରମେ ବାଲି ଜମି ଜମି ଏବେ ମନ୍ଦିରଠାରୁ ସମୁଦ୍ର କିଛି ବାଟ ଦୂରକୁ ଚାଲିଗଲାଣି।

କୋଣାର୍କ ବୁଲା ସରିବା ପରେ ଆମ ବସ୍ ଚାଲିଲା ପୁରୀ ଅଭିମୁଖେ। ପୁରୀରେ ପହଞ୍ଚିବାବେଳକୁ ଦ୍ୱିପ୍ରହର ସରିବା ଉପରେ। ସାର୍ କହିଲେ – ପିଲାଏ, ଆମେ ଏବେ ସିଧା ଯିବା ସମୁଦ୍ରକୂଳକୁ। ଏବେ ମନ୍ଦିରରେ ପହଡ଼ ପଡ଼ିଚି, ଠାକୁର ଦର୍ଶନ ହୋଇପାରିବ ନାହିଁ। ସମୁଦ୍ରକୂଳରେ ବୁଲାବୁଲି କରି ଠିକ୍ ସନ୍ଧ୍ୟା ଆଳତି ବେଳକୁ ଆସି ଦର୍ଶନ କରିବା।

ଜୀବନରେ ପ୍ରଥମଥର ପାଇଁ ସମୁଦ୍ର ଦେଖିଲି। ପାଣିର ଭୟଙ୍କର ରୂପ ଦେଖିଥିଲି, କାରଣ ଆମ ଗାଆଁ ନଈକୂଳରେ। ବନ୍ୟା ସମୟରେ ଛଇଳାପାଟ ଘାଇଭାଙ୍ଗି ଘୋ – ଘୋ କରି ଛୁଟୁଥିବା ପାଣି, ଭାସିଯାଉଥିବା କାଠଗଣ୍ଡି, ଘରଦ୍ୱାର – ଏ ଦୃଶ୍ୟ ସହ ପରିଚୟ ଥିଲା; ମାତ୍ର ପାଣିର ଏ ବିଶାଳ ରୂପ ଦେଖି ନଥିଲି। କୂଳର ଲହଡି, ଆଖି ପାଉନଥିବା ଦିଗନ୍ତ, ଟିକିଟିକି କାଗଜ ଡଙ୍ଗା ପରି ଦିଶୁଥିବା

Digitized by PPRACHIN, SOA

ଅଝାଲଟଣା ନୌକା ମୋତେ ବିମୋହିତ କରୁଥିଲା। ମନ କଲବଲ ହେଉଥିଲା ନଈକୂଳରୁ ପାଣିକୁ ଡିଆଁମାରିବା ପରି ଏ ଲହଡି ଉପରେ ଡିଆଁ ମାରିବାକୁ। ହେଲେ ସାର୍‌ଙ୍କର କଡା ନିର୍ଦ୍ଦେଶରେ ଲହଡ଼ି ଭାଙ୍ଗିବୁ କ'ଣ ଛୁଇଁ ପାରିନଥିଲୁ ବି ପାଣିକୁ। କେବଳ ଯା' ମାଡ଼ି ଆସୁଥିବା ଲହଡ଼ିକୁ ଆଞ୍ଜୁଳାରେ ନେଇ ପାଟିରେ ପୂରାଇ ଥୁ - ଥୁ କରି କାଢ଼ି ପକାଉଥିଲୁ - ଇସ୍ କି ଲୁଣିଆ କହି।

ସନ୍ଧ୍ୟାରେ ଗଲୁ ମନ୍ଦିର। ଆମର କାହାରି ଧନ ମାଗିବାର ଥିଲା ନା ଜନ। କେବଳ ପ୍ରାର୍ଥନା ଥିଲା ସପ୍ତମ ଶ୍ରେଣୀ ବୋର୍ଡ ପରୀକ୍ଷା ଭଲ ହେଉ। ଠାକୁର ଦେଖା ଓ ମନ୍ଦିର ବୁଲାବୁଲି ପରେ ଆମେ ସବୁ ଯାଇଥିଲୁ ଗୋଟେ ମଠର ଧର୍ମଶାଳାକୁ ରାତିରେ ରହିବା ପାଇଁ। ମଠରେ ରହିବା କଥା ଶୁଣି ଆମେ ପିଲାଏ ଭାବୁଥାଉ, ବାବାଜିଙ୍କର କେତେ ବଡ଼ ଘର ଥିବ ଯେ ଆମେ ଏତେ ପିଲା ରହିପାରିବୁ ? ମଠ କହିଲେ ଆମେ ଦେଖିଥିଲୁ ବାଇଟିଂଗ ମଠ, ବାଲାଜୀ ମଠ ଓ ନନ୍ଦବାବାଜି ମଠ କେବଳ। ମାତ୍ର ସେ ମଠରେ ପହଞ୍ଚି ଆମର ଆଖି ଖୋଷିହୋଇଗଲା। ରାଜନଅର ପରି ଘର। କେତେ ନା କେତେ କୋଠରି। ମୁଁ ବିସ୍ମୟ ହୋଇ ଆମ ସାହିତ୍ୟ ସାର୍‌ଙ୍କୁ ପଚାରିଲି - ଏତେ ବଡ଼ ମଠ !

ସାହିତ୍ୟ ସାର୍ ନାତିଦୀର୍ଘ ଭାଷଣଟିଏ ଦେଲେ ପୁରୀର ମଠ ସଂସ୍କୃତି ଉପରେ। ଛୋଟବଡ଼ ତିରିଶଟି ମଠ ଅଛି ପୁରୀରେ। ନବମ ଶତାବ୍ଦୀରୁ ଏଠାରେ ମଠ ସ୍ଥାପନ ହୋଇଛି। ଜଗନ୍ନାଥଙ୍କ ସେବା ଓ ପୂଜା କାର୍ଯ୍ୟରେ ପ୍ରତ୍ୟେକ ମଠର କିଛି ନା କିଛି ଦାୟିତ୍ୱ ରହିଛି। ଏତଦ୍‌ବ୍ୟତୀତ ତୀର୍ଥଯାତ୍ରୀମାନଙ୍କର ରହିବାର ବ୍ୟବସ୍ଥା ମଧ୍ୟ ମଠମାନେ କରିଥାଆନ୍ତି।

ରାତି କଟିଗଲା ଭଲରେ। ସାର୍ କହିଥାଆନ୍ତି ପ୍ରାତଃଆଳତି ଦେଖିସାରି ଆମେ ସମସ୍ତେ ବାହାରିପଡ଼ିବୁ ଚିଲିକା ଅଭିମୁଖେ। ରାତିରେ ଆମକୁ ବା କେଉଁ ନିଦ ଥାଏ। କେବଳ ଗପିଚାଲିଥାଉ କିଏ କ'ଣ ଦେଖିଲା ବୋଲି। କୋଣାର୍କରେ କିଏ କ'ଣ ଦେଖିଲା ଓ ପୁରୀରେ କ'ଣ କ'ଣ ଦେଖିଲା। ଜଣେ କିଏ କହିଲା - ଆରେ ବଜରବଜର ହୁଅନାରେ, ଶୁଅ ନଚେତ୍ ସକାଳରୁ ନିଦ ଭାଙ୍ଗିବନି ଯେ।

ସକାଳ କ'ଣ, ରାତି ଦି'ଘଡ଼ି ଥିଲା ସମସ୍ତଙ୍କୁ ଉଠାଇଦେଇ ସାର୍ କହିଲେ - ନିତ୍ୟକର୍ମ ସାରି ରେଡ଼ି ହୁଅ, ମନ୍ଦିର ଯିବା ପ୍ରାତଃଆଳତି ଦେଖିବାକୁ। ସମସ୍ତେ ଠିକ୍ ସମୟ ଭିତରେ ସବୁ କାମ ସାରି ବାହାରି ପଡ଼ିଲେ ମନ୍ଦିର ଅଭିମୁଖେ।

Digitized by PPRACHIN, SOA

ମନ୍ଦିର ଦର୍ଶନ ପରେ ଜଳଖିଆ ଖାଇ ବସିପଡ଼ିଲୁ ବସ୍‌ରେ । ବସ୍ ଚାଲିଲା ବରକୂଳ । ବରକୂଳରେ ଗୋଟିଏ ବଡ଼ ଡଙ୍ଗା ବ୍ୟବସ୍ଥା କରାଯାଇଥିଲା କାଳିଜାଈ ଯିବାକୁ । ସମୁଦ୍ର ପାଣିକୁ ସିନା ଯାଇପାରିନଥିଲୁ, ଡଙ୍ଗାରେ ହେଉ ପଛେ ଚିଲିକା ପାଣିରେ ଗଲାବେଳେ ଆମକୁ ଲାଗୁଥିଲା ସମୁଦ୍ର ଯାତ୍ରା ପରି ।

ସମସ୍ତେ ଖୁସିରେ ମସ୍‌ଗୁଲ ଥିବାବେଳେ ଖେଳ ଶିକ୍ଷକ ପଚାରିଲେ - କ'ଣ ଅନ୍ତାକ୍ଷରୀ ହେବ ନାହିଁକି ?

ସାହିତ୍ୟ ସାର୍ କହିଲେ - ନା ଏଠି ଅନ୍ତାକ୍ଷରୀ ନ କରି କାଳିଜାଈ କବିତା ଗାଅ । କିଏ ମନେ ରଖିଛି ? ଆମେ ସମସ୍ତେ ହାତ ଟେକିଲୁ । ବାଃ, ଭଲ କଥା । ଖେଳ ସାର୍ କହିଲେ - ଝରଣାର ସ୍ୱର ଖୁବ୍ ସୁନ୍ଦର, ସେ ଗାଉ । ତାହାହିଁ ହେଲା । ଗୀତ ଗାଇ ଗାଇ ଆମେ ପହଞ୍ଚିଗଲୁ କାଳିଜାଈରେ । ସେଠାରେ ବିଶେଷ କିଛି ବୁଲାବୁଲି ନଥିଲା । ମାଆଙ୍କ ଦର୍ଶନ ସାରି ଫେରିଲୁ । ବରକୂଳରେ ପହଞ୍ଚିଲାବେଳକୁ ଅପରାହ୍ନ । ଫେରିକରି ଶୁଣିଲୁ ଯେ ଗାଡ଼ି କ'ଣ ଖରାପ ହୋଇଛି । ହେଲପର ଯାଇଛି, ମେକାନିକ୍‌କୁ ଡାକିଆଣିବାକୁ । ଆମେ ଫେରିବାର ଅପେକ୍ଷାରେ ଥିଲୁ, କିନ୍ତୁ ଫେରୁନଥିଲା ହେଲ୍‌ପର୍ କି ଗାଡ଼ି ସଜଡ଼ା ହୋଇପାରୁନଥିଲା । ସଂଜବେଳକୁ ସାର୍ କହିଲେ - ଠିକଣା କ'ଣ ଯେ ଗାଡ଼ି ସଜଡା ହୋଇ ଆମେ ଯାଇପାରିବା ? ଯଦି ରହିବାକୁ ପଡ଼େ ? ସାର୍ ସେ ପାଖରେ ଥିବା ସ୍କୁଲ ସାର୍‌ଙ୍କ ଘରକୁ ଗଲେ । ସେ ଭଦ୍ରବ୍ୟକ୍ତି କେବଳ ସ୍କୁଲ ଖୋଲିଦେଲେନି ରହିବାକୁ, ରାତ୍ରଭୋଜନ ପାଇଁ ମଧ୍ୟ ସବୁ ପ୍ରକାର ବ୍ୟବସ୍ଥା କରାଇଦେଲେ । ଗାଡ଼ି ଖରାପ ହେବାଟା ମଧ୍ୟ ଆମକୁ ଖୁସି କରିଥିଲା, କାରଣ ଚିଲିକାକୁ ଆଉ କିଛି ସମୟ ଦେଖିବାକୁ ସୁଯୋଗ ମିଳିଗଲା ।

ଆମେ ଦଳଦଳ ହୋଇ ଚିଲିକାକୂଳରେ ବୁଲୁଥିଲୁ । ମାଛ ଧରି ଫେରୁଥିବା ଡଙ୍ଗାମାନଙ୍କୁ ଦେଖୁଥିଲୁ । ଖେଳ ସାର୍ ଝିଅମାନଙ୍କ ଦାୟିତ୍ୱ ନେଇ ସେମାନଙ୍କୁ ବୁଲାଉଥିଲେ ।

ରାତି ଖିଆପିଆ ସରିଲାବେଳକୁ ବସ୍ ବି ସଜଡା ହୋଇଗଲା । ମାତ୍ର ରାତିରେ ଆଉ ନବାହାରି ସକାଳୁ ବାହାରିବାକୁ ନିଷ୍ପତ୍ତି ନେଲେ ସାର୍ ।

ପରଦିନ ସକାଳୁ ସମସ୍ତେ ବାହାରିପଡ଼ିଲୁ । ଫେରିଲାବେଳେ ପୁଣି ଆରମ୍ଭ ହେଲା ଅନ୍ତାକ୍ଷରୀ । ଯିଏ ଯେତେ କହିଲେ ବି ଝରଣା ଗାଉନଥାଏ ଆଦୌ । ଝାଉଁଳିଗଲାପରି ହୋଇ ବସିଥାଏ ଚୁପ୍‌ଚାପ୍, ଝରକା ବାହାରକୁ ଚାହିଁ । କିଏ

Digitized by PPRACHIN, SOA

ଜଣେ କହିଲା – ତା' ଦେହ ବୋଧେ ଭଲ ଲାଗୁନି, ସେ ଗାଇବନି। ତାକୁ ଛାଡ଼ି ଆମର ଚାଲୁ।

ଏକସକରସନ୍ ସରିଲା। ଗୋଟେ ଚମତ୍କାର ଅନୁଭବ ନେଇ ନିଜ ନିଜ ଘରକୁ ଗଲୁ। ପରଦିନ ସ୍କୁଲରେ କେବଳ ଆଲୋଚନା ଚାଲିଥିଲା ଏକ୍‌ସକରସନ୍ କଥା। ଆମ ଭିତରୁ କିଏ ଜଣେ କହିଲା ଝରଣାର ଦେହ କ'ଣ ବେଶି ଖରାପ ହେଲାକି ? ଆଜି ସ୍କୁଲକୁ ବି ଆସିଲା ନାହିଁ। ଆଉ ଜଣେ କହିଲା – ହଁ କ'ଣ ବୋଧେ ହୋଇଥିବ। ସେଦିନ ତା' ନ ଆସିବା ଉପରେ ଆମେ କେହି ବିଶେଷ ଗୁରୁତ୍ୱ ଦେଲୁନି। ଖେଳ ପିରିଅଡ୍‌ରେ ଖେଳ ସାର୍ କେବଳ ପଚାରିଥିଲେ- ଝରଣା ସ୍କୁଲ ଆସି ନାହିଁକି ?

ଦିନେ ଗଲା, ଦି ଦିନ ଗଲା, ସପ୍ତାହେ ଗଲା। ଝରଣା ଆସୁନଥିଲା ସ୍କୁଲକୁ। ଖବରନେବାରୁ ଜାଣିଲୁ ଯେ ସେ ତାଂକ ନିଜ ଗାଆଁକୁ ପଳାଇଯାଇଛି। ଆଉ ଏ ସ୍କୁଲରେ ପଢ଼ିବ ନାହିଁ।

କ'ଣ ହେଲା, ଆମେ କେହି କିଛି ଟେର୍ ପାଉନଥିଲୁ। ଆମେ ଛୋଟପିଲାମାନେ ତା' ମାମୁକୁ ବି କ'ଣ ପଚାରିବୁ ? ମୁଁ ମନେ ମନେ ଭାବିଲି, ଭଲହୋଇଚି – ଯଦି ମାଆ ସରସ୍ୱତୀ ତା' ଗଳାରୁ ମୁଣ୍ଡକୁ ଆସିଯାଇ ଥାଆନ୍ତେ ତା' ହେଲେ ତ ତା'ର ଫାଷ୍ଟ୍ ହେବାଟା ଥୟ ଥିଲା। ସମୟକ୍ରମେ ଭୁଲିଗଲି ଝରଣା କଥା ଏବଂ ସେ ଆମ ସ୍କୁଲ ଛାଡ଼ି ଚାଲିଯାଇଥିବା କଥା।

ଏହା ଭିତରେ ବିତିଗଲାଣି ଚାଳିଶ ବର୍ଷରୁ ଊର୍ଦ୍ଧ୍ୱ। ଯଦିଓ ପୁରୀ କୋଣାର୍କକୁ ବହୁବାର ଯାଇଛି, କେବେ ଆଉ ଯାଇ ନଥିଲି ଚିଲିକା। ବ୍ରହ୍ମପୁରରେ ପୋଷ୍ଟିଂ ଓ ଭୁବନେଶ୍ୱର ଯିବାଆସିବା ଭିତରେ ଟ୍ରେନର ଝରକାରୁ ହେଉ ଅବା କେଶପୁର ପାଖରେ କାର୍ ଝରକାରୁ ପତ୍ନୀଂକୁ ଦେଖାଇ ଦେଉଥିଲି ଚିଲିକା। ଯିବା ଯିବା ହୋଇ କେବେ ବି ଯାଇପାରୁନଥିଲି କାଳିଜାଇ। ପତ୍ନୀ ଥରେ କହିଲେ – ଯେମିତି ମୁଁ ଦେଖିପାରିଲି ନାହିଁ ଓଡ଼ିଶାର କାଶ୍ମୀର ଦାରିଂଗବାଡ଼ିକୁ, ତମ ଫୁଲବାଣୀ ରହଣୀ ସମୟରେ, ସେମିତି ହେବ ଆମେ ଏଠାରୁ ଚାଲିଯିବା, ମାତ୍ର ମୁଁ କାଳିଜାଇ ଯାଇପାରିବିନି।

ବରକୂଳ ପାନ୍ଥନିବାସର କଟେଜ୍‌ଟିଏ ଦୁଇଦିନ ପାଇଁ ବୁକ୍ କରି ଆମେ ଗଲୁ। ଯୋଜନା ହେଲା – କାଳିଜାଇ, ନଳବନ ଓ ଡଲଫିନ୍ ଦେଖାହେବ।

Digitized by PPRACHIN, SOA

ପ୍ରଥମଦିନ କାଳିଜାଇ ବୁଲାବୁଲିକରି ଫେରିବା ପରେ ରାତ୍ରଭୋଜନ ପାଇଁ ଗଲୁ। ଖାଇବା ଅର୍ଡର କରି ଆମେ ବସିଛୁ, ପହଞ୍ଚିଲେ ହଳେ ଦମ୍ପତି। ସ୍ତ୍ରୀଲୋକ ଜଣଙ୍କ ମୋତେ ଚିହ୍ନା ଚିହ୍ନା ଲାଗିଲା, ମାତ୍ର ମନେକରି ପାରୁନଥିଲି କେଉଁଠି ଦେଖିଛି ବୋଲି। ପତ୍ନୀଙ୍କୁ କହିଲି - ମୋତେ ଏ ମହିଳା ଜଣକ ଚିହ୍ନା ଚିହ୍ନା ଲାଗୁଛନ୍ତି, ମାତ୍ର ମୁଁ ମନେକରିପାରୁନି।

ପତ୍ନୀ ରସିକତାକରି କହିଲେ - ତମର ସେ ଦୋଷ ଅଛି। ସବୁ ମହିଳା ତମକୁ ଚିହ୍ନା ଚିହ୍ନା ଲାଗନ୍ତି। ସେଦିନ ଆଉ କଥା ନ ବଢ଼ାଇ ସେଇଠି ରଖିଲି ମାତ୍ର ଖାଇବା ସମୟତକ ଲକ୍ଷ୍ୟକରିଛି, ମହିଳାଜଣକ ଗୋଟେ ଖୋଜିଲା ଖୋଜିଲା ଆଖିରେ ମୋ' ଆଡ଼େ ଚାହୁଁଥିଲେ।

ପରଦିନ ସକାଳୁ ମୁଁ ପ୍ରସ୍ତୁତହେଉଛି ନଳବନ ବୁଲିଯିବା ପାଇଁ, ଆମ କଟେଜ୍‌ର ବେଲ୍ ବାଜିଲା। ବୋଟ୍‌ବାଲା ଖବର ପଠାଇଲା ଭାବି ମୁଁ ଦ୍ୱାର ଖୋଲି ଦେଖେ ତ ମହିଳାଜଣକ ଦ୍ୱାର ସମ୍ମୁଖରେ। ମୁଁ ତାକୁ ଆଶ୍ଚର୍ଯ୍ୟ ହୋଇ ଚାହିଁଲାବେଳେ ସେ ଅତି ସ୍ୱାଭାବିକ ଭାବରେ କହିଲେ - ମୁଁ କାଲିଠୁ ଭାବୁଛି, ଲୋକଟିକୁ କେଉଁଠି ଦେଖିଛି ବୋଲି। ବୟସ ଯେତେ ବଢ଼ିଗଲେ ମଧ୍ୟ ପିଲାବେଳର ଛାପ ତ ନିଶ୍ଚୟ ରହିବ ନା। କାଳେ ମୋ ଅନୁମାନ ଠିକ୍ ହୋଇନଥିବ ଭାବି ପାନ୍ଥନିବାସର ରେଜିଷ୍ଟର ଯାଇ ଦେଖିଲି। ତମ ନାଁ ଓ କଟେଜ ନମ୍ବର ଜାଣିବା ପରେ ବେଲ୍ ମାରିଲି। ତମେ... ?

ଏବେ ମୋର ଆଉ ଚିହ୍ନିବାର ଅସୁବିଧା ହେଲାନି, ସେ ଝରଣା ବୋଲି। ପତ୍ନୀ ବାଥ୍‌ରୁମ୍‌ରୁ ବାହାରିବା ପରେ ଚିହ୍ନାଇଦେଲି ଏବଂ କହିଲି କାଲି ମତେ ତମେ ଥଟ୍ଟା କରୁଥିଲ ନା? ସାଙ୍ଗରେ ପଚୁଥିଲା, ଯେତେ ବୟସ ବଢ଼ିଲେ ବି କ'ଣ ଚିହ୍ନି ହେବନି।

ଆମେ ପ୍ରୋଗ୍ରାମ ବଦଳାଇ ଦୁଇ ଫ୍ୟାମିଲି ଯିବା ଭଳି ଏକ ବୋଟ୍ କରି ବୁଲିଲୁ ନଳବନ, ଫଟୋ ଉଠାଇଲୁ ଡଲ୍‌ଫିନ୍‌ମାନଙ୍କର। କହିଲି - ଜାଣୁ ଝରଣା, ସେହି ଯା' ଆସିଥିଲି ଚିଲିକା, ସେବେଠୁ ଆଉ କେବେ ଆସିପାରିନଥିଲି। ଏଥର ପତ୍ନୀଙ୍କ ବାଧରେ ଆସିଛି।

ମୁଁ ବା ଆଉ କେଉଁ ଆସିଥିଲି କି? ଗୋଟିଏ ଗୋଟିଏ ଜାଗାର ସ୍ମୃତି ଏପରି ଥାଏ ଯେ ସେଠାକୁ ଯିବାକୁ ଆଉଥରେ ମନ ହୁଏନା। ଛାଡ଼ ସେସବୁ

Digitized by PPRACHIN, SOA

ପୁରୁଣା କଥା; ଏବେ ଉଖାରି ଲାଭ କ'ଣ ?

ବୁଲାବୁଲି ପରେ ଯେତେବେଳେ ଫେରିବା କଥା ହେଲା, ମୁଁ ଝରଣାକୁ ପଚାରିଲି – ତୁ ହଠାତ୍ ସ୍କୁଲ ଛାଡ଼ି ପଳାଇଗଲୁ କାହିଁକି ?

– ସେ ସ୍କୁଲରେ ଗୋଟେ ଅଜଗର ଥିଲା ।

– ଅଜଗର !

– ହଁ, ସେ ଅଜଗର ତା' କୁଣ୍ଡଳୀରେ ମୋତେ ଏଇ ବରକୂଳରେ ଗୁଡ଼ାଇ ସାରିଥିଲା, ବଡ଼ କଷ୍ଟରେ ମୁକୁଳିଥିଲି । ହେଲେ, ପାଖରେ ଅଜଗର – କେଉଁ ମୁହୂର୍ତ୍ତରେ କୁଣ୍ଡଳୀ ମାରିଥାନ୍ତା କିଏ ଜାଣେ ! ସେଥିପାଇଁ ତ ସେବେଠାରୁ ଏଠାକୁ ଆସିନଥିଲି । ବହୁ ବର୍ଷ ପରେ ଆଜି ଆସିଲି । ଛାଡ଼ ସେ କଥା – ମୋତେ କେବଳ କହିଲୁ, ସେ ପୋଡ଼ା ଖେଳ ମାଷ୍ଟ୍ରଟା ମଲାଣି ନା ନାହିଁ ?

—୦—

Digitized by PPRACHIN, SOA

ବାଲ୍ୟବନ୍ଧୁ

ଚଇତା, ଭଲ ନାଁ ଚୈତନ୍ୟ ବେହେରା । ମୋର ବାଲ୍ୟବନ୍ଧୁ ଓ ସହପାଠୀ । ସହପାଠୀ ବୋଲି କହିଲି ସିନା, ହେଲେ ସେ କେଉଁ ପାଠ ପଢୁଥିଲାଯେ ସହପାଠୀରେ ଗଣା ହେବ ? ସମସ୍ତଙ୍କ ଛୁଆ ସ୍କୁଲ ଯାଉଛନ୍ତି, ତା ପୁଅ ବି ସ୍କୁଲ ଯାଉ, ଟିପ ଚିହ୍ନ ବଦଳରେ ନାଁ ଲେଖି ଶିଖୁ । ବେଶୀ ପଢି ହାକିମ ହୁକୁମା ନହେଲା ନାହିଁ, ଭାଗବତରୁ ଅଧ୍ୟାୟେ ପଢିପାରୁ ଗୋଟିକିଆ ପକାଇବା ବେଳେ । ଏହି ଇଚ୍ଛାରେ ତା ବାପା ତାକୁ ପଠାଉଥିଲେ ସ୍କୁଲକୁ ।

ଚଇତା ସ୍କୁଲକୁ ଆସୁଥିଲା ସତ ହେଲେ ପାଠରେ ତା'ର ଜମ୍ମା ମନ ନଥିଲା । ଗୋଟି, ଗିଲ୍ଲିଦଣ୍ଡା, ବାଗୁଡି ଖେଳରେ ସିଏ ଥିଲା ଓସ୍ତାଦ । ତହିଁରୁ ବଳି ଓସ୍ତାଦ ଥିଲା ଗଛ ଚଢା, ନଈ ପହଁରା ଓ ମାଛ ଧରାରେ । ତାଙ୍କ ଘରର ଗାଈ ପାଳି ଦିନ ସିଏ ଆଗଭର ହୋଇ ବାହାରି ପଡେ ପାଳିରେ ଯିବାକୁ । ସିଏ ତ ଗାଈ ଚରାଇବାକୁ ଯାଏନା, ଭାବୁଥାଏ ସେ ଯେମିତି ଯାଉଛି ପାରିଧିରେ ।

ପାଠରେ ଅତି ଦୁର୍ବଳ ଓ ସମସ୍ତ ପ୍ରକାର ବଦମାସୀ ସତ୍ତ୍ୱେ ସେ ମୋର ଭଲ ସାଙ୍ଗଟିଏ ଥିଲା । ମୋର ଯାବତୀୟ କାର୍ଯ୍ୟକୁ ସେ ଆଜ୍ଞାବହ ହନୁମାନ ପରି କରି ଦେଉଥିଲା । ମୋ କାମ କରୁଥିବାରୁ ସେ ମୋର ଯେତିକି ପ୍ରିୟ ନଥିଲା, ତା ଠାରୁ ଢେର ଅଧିକ ପ୍ରିୟ ଥିଲା କିଛି ଶିହରଣ ସୃଷ୍ଟିକାରୀ ନିଷିଦ୍ଧ ଜ୍ଞାନର ଗୁରୁ ହୋଇଥିବାରୁ । କେବଳ ମୋର ନୁହଁ, ମୋ ସମବୟସ୍କ ବହୁତ ସାଙ୍ଗଙ୍କର ସେ ଥିଲା ନିଷିଦ୍ଧ ଜ୍ଞାନର ଗୁରୁ । ଆମେ କେବେ କେବେ ଅତିମାତ୍ରାରେ କୌତୁହଳୀ ହୋଇ ତାକୁ ଯଦି ପଚାରି ଦେଉ ତୁ ଏତେ ସବୁ କଥା ଜାଣୁଛୁ କିପରି ? ସେ ହସି ହସି ଦେଖାଏ ତା ନାକ ତଳକୁ । କହେ ଦେଖ ମୋର ଗଜୁରି ଆସୁଥିବା ନିଶକୁ,

Digitized by PPRACHIN, SOA

ଇଏ ହେଲା ବୟସର ଚିହ୍ନ। ମୁଁ ଯେଉଁ କଥା ସବୁ କହୁଛି, ଇଏ ସବୁ ଆମ ପଢ଼ା ବହିର ପାଠ ନୁହେଁ ଯେ, ତମେମାନେ ଅଧିକ ଜାଣିଛ ବୋଲି ବାହାସ୍ଫୋଟ ମାରିବ। ଇଏ ହେଲା ବୟସର ପାଠ, ଏଥିରେ ତମେମାନେ ମୋ ପଛରେ ରହିବ ହିଁ ରହିବ।

ପଡି ଉଠି ଏକାଦଶ ଶ୍ରେଣୀ ଯାଏ ଗଲା ଚଇତା। ସେତେବେଳର କଡାକଡି ନିୟମରେ ତାକୁ ସେଣ୍ଟଅପ୍ କଲେ ନାହିଁ ହେଡମାଷ୍ଟ୍ରେ। ବାଶ ସେଇଠୁ ତା ପଢ଼ା ସରିଲା ଓ ସେ ତା ବାପା ସହ କାନ୍ଧରେ କାନ୍ଧ ମିଳାଇ ମାତିଗଲା ଋଷବାସରେ।

ମୁଁ ବି.ଏ. ପଢ଼ିଲା ବେଳରେ ସେ ବାହା ହୋଇପଡିଲା। ଯଦିଓ ସେତେ ବଡ ଧରଣର ଭୋଜିଭାତ ନୁହେଁ ହେଲେ ମନେ ପକାଇ ଡ଼ାକିଥିଲା ସବୁ ସାଙ୍ଗଙ୍କୁ। କିଛି ସ୍ପେଶାଲ ବନ୍ଦୋବସ୍ତ କରିଥିଲା ସାଙ୍ଗମାନଙ୍କ ପାଇଁ। ଆମେ ସବୁ ସାଙ୍ଗମାନେ ଭୋଜିଭାତ ଅପେକ୍ଷା ରହିଁ ବସିଥିଲୁ ତା' ଠୁ କିଛି ରୋଚକ ଓ ରୋମାଞ୍ଚକର ଅନୁଭୂତି ଶୁଣିବା ପାଇଁ। ହେଲେ ଆମ ସମସ୍ତଙ୍କ ଆଗ୍ରହକୁ ସେ ଗୋଟିଏ ପଦରେ ସାରିଦେଲା – ପାଗଳଗୁଡା କି, ସ୍ତ୍ରୀକୁ ନେଇ କି ରୋମାଞ୍ଚକର କାହାଣୀ ଶୁଣାଇବି ?

ମୁଁ ପାଠ ପଢିସାରି ଢେର ଦିନ ବୁଲିଲି ଋକିରି ଖୋଜି ଖୋଜି। ମୋର ସେହି ବେକାରି ଦିନମାନଙ୍କରେ ଚଇତା ହିଁ ଥିଲା ମୋର ଏକମାତ୍ର ବନ୍ଧୁ ଯିଏ କି ପ୍ରତି ମୁହୂର୍ତ୍ତରେ ମୋ ଭିତରର ଆତ୍ମବିଶ୍ୱାସ କୁ ଜଗାଇ ରଖୁଥିଲା। ମୁଁ ଏବେ ଯେଉଁ ଋକିରିରେ, ତା ପାଇଁ ଇଣ୍ଟରଭିୟୁ ଦେବାକୁ ଯିବା ଦିନ, ସିଏ ହିଁ ତା ସାଇକେଲ ପଛରେ ବସାଇ ମୋତେ ଆଣିଥିଲା ତିନି କିଲୋମିଟର ଦୂର ବସ ଷ୍ଟାଣ୍ଡ ରେ ଛାଡିବାକୁ। ମୋତେ ବସ୍‌ରେ ବସାଇସାରିବା ପରେ ମୋ ପକେଟରେ ପଚ୍ଚଶ ଟଙ୍କିଆ ନୋଟ ଟିଏ ପୂରାଇଦେଇ କହିଲା – ଗଲା ପାଳି ହାଟରେ ଛେଳିଟିଏ ବିକିଥିଲି, ଟଙ୍କାଟା ଥିଲା। ଦୂର ଜାଗାକୁ ଯାଉଛୁ, ନେଇଥା, ଭଲ ମନ୍ଦରେ କାମରେ ଆସିବ। ମୁଁ ନାହିଁ ନାହିଁ କରୁଥାଏ, ସେ ଜବରଦସ୍ତି ମୋ ପକେଟରେ ଟଙ୍କା ପୂରାଇ ଦେଇ ବସରୁ ଓହ୍ଲାଇ ଗଲା। ମୁଁ ବସିଥିବା ଝରକା ପାଖକୁ ଆସି କହିଲା ଏଥର ତୋ ଋକିରିଟା ହେଇଯିବ,ମୁଁ ବାବା ସାମେଶ୍ୱରଙ୍କୁ ମାନସିକ କରିଛି।

ଚଇତାର ମାନସିକ ହେଉ ଅବା ଶୁଭେଚ୍ଛା, ସେଥର ମୁଁ ଋକିରି ପାଇଲି। ଋକିରି କଲାପରେ ବାହାରେ ରହିଲି। ହେଲେ ଯେତେବେଳେ ବି ଗାଁକୁ ଆସେ, ସମୟ କଟେ ଚଇତା ସହ ହସ, ଖୁସି ଓ ତାସ ଖେଳରେ। ବେଳେ ବେଳେ

Digitized by PPRACHIN, SOA

ଅବସୋସ କଲାପରି ସେ କହେ ବାପା କଥା ମାନି ଯଦି ପଢାରେ ମନ ଦେଇଥାନ୍ତି, ମୁଁ ବି ଆଜି ଚାକିରି କରି ବାହାରେ ରହୁଥାନ୍ତି ରେ। ମୁଁ ତାକୁ ଆଶ୍ୱାସନା ଦେଇ କହେ- ନିଜ ଗାଁ ଓ ଘରଦ୍ୱାର ଛାଡି ବାହାରେ ରହିବା ଭଲ ନା କଣ ? ଆରେ ଚାକିରି ଯିଏ କରିଛି ସିଏ ଚାକର, ହେଲେ ତୁ ତ ତୋ ମର୍ଜିର ମାଲିକ।

ସେଇଟା ଠିକ ଯେ, ହେଲେ ଏ କାଦୁଅ ପାଣିରେ ଘାଣ୍ଟିହୋଇ କଷ୍ଟେ ମଷ୍ଟେ ପେଟଟାକୁ ପୂରାଇ ହେଉଛି ସିନା ଦେହ କିନ୍ତୁ ଲୁଚୁନି। ସେଥିକୁ ପିଲାଙ୍କ ପାଠପଢା, ରୋଗ ବଇରାଗ, ବନ୍ଧୁ ବାନ୍ଧବ ଖର୍ଚ୍ଚ।

ମୁଁ ଅନୁଭବ କରୁଥିଲି ଚଇତା କିଛି ଗୋଟେ କହିବ କହିବ ହେଉଛି ହେଲେ କହି ପାରୁନି।

ତାସ ଖେଳ ସରିବା ପରେ ସେ ମୋତେ ଟିକେ ବାଁରେଇ ଡାକିନେଇ କହିଲା - ଅଛି କି ପାଁଶହ ଟଙ୍କା ଦେଇ ପାରିବୁ ?

ବିନା ବାକ୍ୟ ବ୍ୟୟରେ ଘରକୁ ଆସି ମୁଁ ତାକୁ ଦେଇଥିଲି ପାଁଶହ ଟଙ୍କା। ତା' ପରେ ମୁଁ ଯେତେ ଥର ଗାଁକୁ ଯାଏ, ଶହେ, ଦୁଇଶରୁ ପାଞ୍ଚଶହ ଯାଏ ଟଙ୍କା ମାଗିକରି ନିଏ। ଯେହେତୁ ତା ମାଗିବାର ପରିମାଣ ପାଞ୍ଚଶହ ଭିତରେ ସୀମିତ ରହୁଥିଲା, କିଛି ନ ଭାବି ତାକୁ ଦିଏ। ଭାବେ ବାଲ୍ୟବନ୍ଧୁ ଟା, ଅଭାବରେ ଅଛି। ଆମକୁ ତ ଈଶ୍ୱର ଚାକିରି ସହ ଉପୁରି ଦେଇଛନ୍ତି, ନେଉ ସେଥିରୁ କିଛି।

ବାହାସାହା ହୋଇ ପରିବାର ନେଇ ବାହାରେ ରହିବା ପରେ ମୁଁ ଆଗଭଳି ବର୍ଷକୁ ଚାରି ପାଞ୍ଚ ଥର ଗାଁ କୁ ଯାଇପାରୁନଥିଲେ ମଧ୍ୟ କମସେ କମ ଦୁଇଥର ରଜ ଓ ଦୁର୍ଗା ପୂଜାକୁ ଯାଉଥିଲି। ସବୁଥର ଚଇତା କୌଣସି ନା କୌଣସି ଆଳରେ ମୋ ଠାରୁ କିଛି କିଛି ଟଙ୍କା ନେଉଥିଲା। ମୁଁ ବି ଧରିନେଇଥିଲି ବୋଧେ କେଉଁ ଜନ୍ମରେ ତାର ଋଣୀଥିଲି ଏବେ ଶୁଝୁଛି ବୋଲି।

ଧୀରେ ଧୀରେ ଜଞ୍ଜାଳ ବଢିଛି, ଖର୍ଚ୍ଚ ବି। ସହରରେ ରହିବା ନିଶାରେ ଘରଟିଏ କଲାଦିନରୁ ଧାର ଉଧାର ଏତେ ଯେ ରୋଜଗାର ବି ମାସ ମୁଣ୍ଡକୁ କୁଲାଉ ନାହିଁ। ଗାଁ କୁ ଯିବା କମି କମି ଯାଇ ଏବେ ବନ୍ଦ ହେବାକୁ ବସିଲାଣି। ଅତି ଦରକାର, କାମ ନିମନ୍ତ ନଥିଲେ ଘରକୁ ପ୍ରାୟ ଯାଇ ହେଉନଥିଲା। ଗତକାଲି ରାତିରେ ଆସି ଘରେ ପହଞ୍ଚିଥିଲି ଝିଅର ବାହାଘର ପ୍ରସ୍ତାବଟିଏ ଗାଁ ପାଖରେ ପଡିଥିବାରୁ। ସକାଳୁ ସକାଳୁ ମୁଁ ବିଛଣା ଛାଡି ନଥାଏ, ଭାଉଜ ଆସି ଉଠାଇଲେ-

Digitized by PPRACHIN, SOA

ଉଠ ତମ ସାହୁକାର ଆସି ପହଞ୍ଚି ଗଲେଣି।

ମୁଁ ନିଦ ବାଉଳାରେ ବିସ୍ମୟ ହୋଇ ଚାହିଁବା ବେଳେ ସେ କହିଲେ- ମଲା, ଏମିତି ଚାହିଁଛ କଣ, ତମ ସାଙ୍ଗ ଚଇତା ଆସିଛନ୍ତି। ଶାଗୁଣାକୁ ମଢ ବାସିବା ପରି ତମ ଆସିବା ଖବର ତାଙ୍କୁ ମିଳିସାରିଛି।

ମୁଁ ବିଛଣା ଛାଡି ଉଠିଲି, ମୁହଁ ଧୋଇବାକୁ ଯିବା ପୂର୍ବରୁ ଚିନ୍ତା କରୁଥିଲି କଣ କହି ଏଥର ପଇସାପତ୍ର ଦେଇହେବନି ବୋଲି ବାଁରେଇବି। ସବୁଥର ନେଇ ନେଇ ତାର ଗୋଟେ ବଦଖୋଇ ହୋଇଗଲାଣି ମାଗିବାଟା।

ମୁଁ ଦାଣ୍ଡ ଘରକୁ ଗଲାପରେ ସେ ମୋତେ ପଚାରିଲା - ତୋର ସବୁ ଭଲ ତ ? ତୁ ତ ଗାଁ କୁ ଆସିବା ଭୁଲି ସାରିଲୁଣି କହିଲେ ଚଳେ। କେତେଥର ଭାବିଲିଣି ତୋ ସହରକୁ ଯାଇ ତୋତେ ଭେଟିକି ଆସିବାକୁ, ହେଲେ ଏ ଜଞ୍ଜାଳରୁ ଫୁରୁସତ ମିଳିଲେ ତ। କାଲି ରାତିରୁ ଶୁଣିସାରିଲିଣି ତୁ ଆସିଛୁ ବୋଲି, ଆଉ ରାତିରେ କଣ ଆସିବି ଭାବି ସକାଳକୁ ଅପେକ୍ଷା କଲି। ତେଣୁ ସକାଳୁ ସକାଳୁ ଆସିଲି।

ଆରେ, ମୁଁ ଏବେ ଗାଁକୁ ବେଶି ଆସୁନଥିବାରୁ ଭାଏ ବାହାରିଥିଲା କଟକ ଯିବାକୁ। ମୁଁ କଣ ଏହାର ଖାଇଛି ନା ଧାରିଛି ଯେ ? ମନ ଭିତରେ ବିତୃଷ୍ଣାକୁ ଚାପି କହିଲି - ଭଲ କଣ ରେ ଭାଇ, ଏ ଝିଅ ବାହାଘର ଚିନ୍ତାତ ମୋତେ ଖାଉଛି। ଘର ତିଆରି ଉଧାରୀ ଶୁଝା ସରିନି, ଏ ବୋଝ ମୁଣ୍ଡ ଉପରେ। ଯେତେ ଯୁଆଡୁ ଟାଣି ହେଲେବି ଥଳ ପାଉନି ଖର୍ଚ୍ଚକୁ।

ମୋ ଦୟନୀୟ ଅବସ୍ଥା କଥା ଶୁଣି ସେ କହିଲା - ତୁ ଆଗ ପାତ୍ର ପସନ୍ଦ କର, ବର ଠିକ ହେଲାପରେ ଟଙ୍କା ପାଇଁ କାହା ବାହାଘର ଅଟକିଛି ନା ତୋ ଝିଅ ବାହାଘର ଅଟକିଯିବ। ତୁ ପ୍ରସ୍ତାବ ଫାଇନାଲ କର, ସବୁ ବ୍ୟବସ୍ଥା ହୋଇଯିବ।

ମୁଁ ମନେ ମନେ ଆଶ୍ୱସ୍ତ ହେଲି ଯେ ମୋର ଏ ଅବସ୍ଥା ଶୁଣି ସେ ଆଉ ଦୁଇଶ ପାଁଶ ମାଗିବନି। ଭାଉଜ ଆଣି ଏହି ସମୟରେ ଦେଇଗଲେ ଚା' ଦୁଇ କପ। ଚା' ପିଉ ପିଉ ଚଇତା ତା ପକେଟରୁ ବାହାର କଲା ଅତି ପୁରୁଣା କାଗଜ ଖଣ୍ଡେ। ମୋ ଆଡକୁ ବଢାଇଦେଇ କହିଲା- ଦେଖ ତ କାଳେ କେଉଁଠି ହିସାବ ଛାଡି ଯାଇଥିବି।

କି ହିସାବ ଭାଏ ?

ଉଧାରୀ ହିସାବ।

Digitized by PPRACHIN, SOA

ଉଧାରୀ !

ହେଲା ତୁ ଦାତା ଉଧାରୀ ବୋଲି ଭାବିନଥିବୁ, ହେଲେ ମୁଁ ଗ୍ରହୀତା ତ ଉଧାରୀ ବୋଲି ଭାବିକରି ନେଇଥିଲି। ନ ଫେରାଇଲେ ଆର ଜନ୍ମକୁ ତୋ ବାଡିରେ ଲଙ୍କା ଗଛ ହେବିରେ।

ଗୋଟି ଗୋଟି କରି ହିସାବ କରି ଆଣିଥିବା ଟଙ୍କାକୁ ମୋ ପକେଟରେ ପୂରାଇ ଦେଇ କହିଲା - ପୁଅକୁ ବେଶି ପାଠ ତ ପଢାଇ ପାରିନଥିଲି, ଗୋଟେ ପାଣି ପାଇପ କଣ୍ଟ୍ରାକ୍ଟର ପାଖରେ କାମ କରୁ କରୁ ନିଜେ କଣ୍ଟ୍ରାକ୍ଟର ହୋଇଗଲା। ଏବେ ଦୁବାଇ ରେ ଅଛି। ଭଲ ପଇସା କମଉଛି। ଗାଁ ରେ ଘର କରିବାକୁ ଟଙ୍କା ପଠାଇଛି। ଅଭାବ ରେ ପଡି ସେମାନଙ୍କ ପାଇଁ ଧାର ଉଧାର କରିଥିଲି, ଏବେ ଭାବ ହେଲା ଫେରାଇବି ନାହିଁ ?

ହଁ ଆଉ ଗୋଟେ କଥା, ଝିଅ ବାହାଘର ପାଇଁ ଯଦି ଦରକାର ପଡେ ମତେ କହିବୁ। ଆଗ ବାହାଘର ନା ଆଗ ଘର ? ସୁବିଧା ଅସୁବିଧା ତ ଲାଗି ରହିଥିବ, ତା' ବୋଲି କଣ ଟଙ୍କା ପାଇଁ ଝିଅ ବାହାଘର ଅଟକି ଯିବ ?

ମୋର ନା - ନା ଭିତରେ ମୋ ପକେଟରେ ଜବରଦସ୍ତି ଟଙ୍କା ଗୋଞ୍ଜି ଉଠିଗଲା ଚଇତା। ମୋତେ ଲାଗିଲା ମୁଁ ଚାକିରି ପାଇଁ ଗଲା ଦିନ ସେ ଯେମିତି ମୋ ପକେଟରେ ପଚାଶ ଟଙ୍କା ଗୋଞ୍ଜିଦେଇ ବସ ରୁ ଓହ୍ଲାଇ ଯାଇଥିଲା, ଆଜି ଠିକ ସେମିତି ବାହାରି ଯାଉଛି ଆମ ଘରୁ।

—o—

Digitized by PPRACHIN, SOA

କୋହରୋଧ

ନିଜ ଓଠ ଉପରେ ଅଙ୍ଗୁଳି ରଖି ଖୁବ୍ ସତର୍କତାର ସହ ଅନ୍ୟମାନଙ୍କ ଉପରେ ଆଖି ବୁଲାଇ ସେ ଚୁପଚୁପ କହୁଥିଲା, ଜାଣିଛୁ କେତେ କଷ୍ଟରେ ଆମେ ମୁକୁଳିଛନ୍ତି ସେ ନର୍କରୁ। ଏ ଅଶୁଣା ମହାମାରୀ ନ ଆସିଥିଲେ କାମ ବନ୍ଦ ହୋଇଥାଆନ୍ତା ନା ଆମେ ମୁକୁଳି ଥାଆନ୍ତେ ସେଠାରୁ! କି ହିସାବ ସେ କେମିତି କରୁଥିଲା ଯେ, ଆମେ ଦି' ପ୍ରାଣୀ ରାତି ଦିନ ଖଟିଲେ ପାଞ୍ଚ ମାସ ଅଥଚ ତା' ପନ୍ଦର ହଜାର ଟଙ୍କା ଆଡ୍‌ଭାନ୍‌ସ ସରୁନଥିଲା? ହିସାବ କ'ଣ ଜଣା ନାହିଁକି, ହେଲେ ବଡ଼ଲୋକକୁ ଉତ୍ତର ନାହିଁ। ଦେଖିଲୁ ନାହିଁ ସେଦିନ, ହିସାବ ମାଗିଲା ବୋଲି ଗୋକୁଳ ସୁନାକୁ କେମିତି ଗୋ ଗୋଛିଆ କରି ପିଟିଲା। ତା' ପାଖରେ ତ ଖାଲି ପଇସା ନାହିଁ, ଗୁଣ୍ଡାମାନେ ବି ଅଛନ୍ତି ଗୋଡ଼େ ଗୋଡ଼େ ଜଗିବାକୁ। ଭିଡ଼ିମୋଡ଼ି ହୋଇଥିଲା ସିଏ କାମ ଛାଡ଼ି ପଳାଇବ ବୋଲି, ହେଲେ ଯାଇପାରିଲା? ତା' ଭୟରେ ପୁଣି କାନମୁଣ୍ଡା ଆଉଁଶି କାମ କଲା କି ନାହିଁ? ତୁ କ'ଣ ଜାଣିନୁ କେମିତିକା ନିର୍ଦ୍ଦୟଟା ସିଏ? କେବେ ବୁଝିଲା ଗୋଟେ ଅସଜ ନାରୀର ଦୁଃଖ, କହିଲା କ'ଣ ନା ଭାରି କାମ ନ କରି ମାଟି ଚକଟୁ। ତା' ଯାତନା ଭୟରେ ତୁ ମାଟି ଚକଟିଲୁ। ଭୟରେ ମୁଁ ପାଟି ଖୋଲି ପାରୁନଥିଲି। ତୁ ସିନା ମାଟି ଚକଟୁ ଥିଲୁ, ହେଲେ ଚକଟି ହେଉଥିଲା ମୋ କଲିଜା।

କରୋନା ଭୟରେ ସବୁଠି ବନ୍ଦ ହୋଇଗଲା କାମ। ହେଲେ ଶେଷ ଯାଏ ସେ କ'ଣ ବନ୍ଦ କରିଥିଲା ଇଟା ପକା? ପୁଲିସ ଆସି ବନ୍ଦ ନ କରିଥିଲେ କିଏ କ'ଣ ମୁକୁଳି ପାରିଥାଆନ୍ତେ? କାମ ଯେମିତି ବନ୍ଦ ହୋଇଛି ଗୋଠଫିଟା ଗାଈମାନଙ୍କ ପରି କିଏ କୁଆଡ଼େ ପଳାଇଲେ। ହେଲେ ତୋ'ର ଏ ଅସଜ ଅବସ୍ଥାରେ

Digitized by PPRACHIN, SOA

ମୁଁ କୁଆଡ଼େ ଯାଇଥାଆନ୍ତି ? ତୁ କ'ଣ ପାରିଥାଆନ୍ତୁ ଏତେ ବାଟ ଚାଲି ? ନାଁ ମୁଁ ତତେ ଟ୍ରକ୍ ବା ମାଲଗାଡ଼ିରେ ଚଢ଼ାଇ ପାରିଥାଆନ୍ତି ? ଗାଁଠୁ ଦି' କୋଶ ଦୂର ଗୋଟିଏ ନାଳ ତରା ପଡ଼ିଆରେ ପଲା ତଳେ ଗୋଟେ ଅସଜ ସ୍ତ୍ରୀ ଲୋକକୁ ଧରି ରହିବାର ଭୟ, ଦୁଃଖ ଓ ସଙ୍କଟକୁ ତୁ ବି ଜାଣୁ। ନା କିଏ ଚିହ୍ନା ଥିଲେ ନା ହାତରେ ଥିଲା ଟଙ୍କା। ଭଗବାନଙ୍କୁ ଡାକି ବାକି ଦିନ ଗଣୁଥିଲା ବେଳେ, କହ, ଭଗବାନ ଦେବଦୂତ ପଠାଇବା ପରି ସେ ଆଶା ଦିଦି ଆସି ପହଞ୍ଚିଲେ। ତୋତେ ଡାକ୍ତରଖାନା ନେଇ ଭଲରେ ଭଲରେ ତୋତେ ଉଦ୍ଧାର କରିଦେଲେ। ସେଇଠି ତ ଲେଖେଇ ଥିଲେ ନା ଆମ ନାଆଁ ଗାଁକୁ ଫେରିବାକୁ। କେତେ ଲୋକ ନାଁ ଲେଖାଇ ଚାକି ବସିଛନ୍ତି ଗାଁକୁ ଫେରିବା ପାଇଁ। କିଏ ଜାଣିଥିଲା ଆମ ପାଳିଟା ଏମିତି ନଗ୍‌ଦା ପଡ଼ିଯିବ ବୋଲି। କାଲି ଛୁଆ ଜନ୍ମ କରିଛୁ, ଆଜି ଯାଇ ପାରିବୁନି ବୋଲି କହିଥିଲେ, ଚକେ ଗଲେ ବାର ହାତ। ଆମ ପାଳି ପୁଣି କେବେ ପଡ଼ି ଥାଆନ୍ତା କିଏ ଜାଣେ ? ଆଉ ପଡ଼ି ଥାଆନ୍ତା କି ନାହିଁ ତାହା ବି ଭଗବାନଙ୍କୁ ଜଣା। ତୁ ବିତ ମନ ଟାଣ କରି କହିଲୁ ଏଠୁ ମୁକୁଳି ଗଲେ ମଙ୍ଗଳ। ମଲେ ଗଲେ ତ ଏଠି କେହି ଦେଖିବାକୁ ନାହାନ୍ତି। ଗାଁରେ କମ୍‌ସେ କମ୍ ସାଇ ପଡ଼ିଶା ଭାଇ ବନ୍ଧୁ ଅଛନ୍ତି ବିପଦ ଆପଦରେ ଠିଆ ହେବେ। ଏଠି କେଉଁ ମାତବର୍ ହୋଇ ଚଳୁଥିଲେ ଯେ ଗାଁରେ ଉପାସରେ ରହିବା। ଏବେ ତ କ'ଣ ଚାଉଳ, ଡାଲି ସାଙ୍ଗକୁ ସରକାର ଟଙ୍କା ପଠାଇଛନ୍ତି ବ୍ୟାଙ୍କ ଖାତାରେ। ତାକୁ ଉଠାଇ ଭଲମନ୍ଦ କରି ଚଳିଯିବା। ତୋ' କଥା ଓ ଭଗବାନଙ୍କୁ ଭରସା କରି ତ ମୁଁ ବାହାରି ପଡ଼ିଲି। କିଏ ଜାଣିଥିଲା ଯେ ଟ୍ରେନ୍‌ରେ ନିଶ୍ୱାସ ନେବାକୁ ଜାଗା ନ ଥିବ ବୋଲି। ଏଥିରେ ବି ଆମେ କାହାକୁ ଦୋଷ ଦେବା, ସବୁ ତ ଆମ ପରି ଜୀବନ ବିକଳରେ ଘରମୁହାଁ ଗାଆଁ ମୁହାଁ ଧାଉଁଛନ୍ତି।

କଅଁଳା ଛୁଆଟିଏ କୋଳରେ ଦେଖି ଜଣେ ଶ୍ରମିକ ଭାଇ ତା' ଝରକା କଡ଼ର ସିଟ୍ ଛାଡ଼ି ଉଠି ଆସିଲା କି ନାହିଁ ? ନଚେତ ଆମେ ତ ଠିଆ ହୋଇ ରହିଥାଆନ୍ତେ। ମୁଁ ତାକୁ ଯେତେବେଳେ କୃତଜ୍ଞତା ଜଣାଇଲି, କ'ଣ କହିଲା ସିଏ ଶୁଣିଲୁ ନାହିଁ ? ଚାଲିଚାଲି ଯାଉଥିଲା ତା' ଗାଁକୁ। ପାଖାପାଖି ତିନିଶହ କିଲୋମିଟର ବାଟ ବି ଚାଲି ସାରିଥିଲା। ଶ୍ରମିକମାନଙ୍କୁ ଚାଲୁଥିବାର ଦେଖି କ'ଣ ସବୁ ହୋ - ହଲ୍ଲା ହେଲା ଟିଭିରେ, ଖବରକାଗଜରେ। ବାଟରେ ସେମାନଙ୍କୁ ଅଟକାଇଲା ପୋଲିସ। ଖାଇବା ପିଇବାକୁ ଦେଇ ଗାଡିରେ ବସାଇ ଦେଲେ। ସିଟ୍‌ରୁ ଉଠୁଉଠୁ

Digitized by PPRACHIN, SOA

କହିଲା – ଚାଲିଚାଲି ଯାଇଥିଲେ ଗାଁରେ କେତେଦିନରେ ପହଞ୍ଚିଥାଆନ୍ତି କିଏ ଜାଣେ। ବାଟ ପଚାରି ପଚାରି ଟ୍ରେନ ଲାଇନ୍ କଡେ କଡେ ଚାଲୁଥିଲୁ। ନା ପାଖରେ ପଇସା ଥିଲା, ନା ଖାଇବାକୁ ମିଳୁଥିଲା କେଉଁଠି। ସେ କଷ୍ଟ ଉଠାଇ ଚାଲୁଥିଲି ଯେତେବେଳେ, ଏ ଟ୍ରେନ ଭିତରେ ଠିଆ ହୋଇ ଯିବାଟା କ'ଣ ଏତେ କଷ୍ଟ। କଅଁଳା ଛୁଆଟା କୋଳରେ, କେମିତି ଠିଆ ହେବ? ବସ –ବସ ଏଠି ଆରାମରେ। ମୋ ସାଥୀ ଲୋକମାନେ ସବୁ ଏ ବଗି ସେ ବଗି ହୋଇ ଚଢ଼ିଛନ୍ତି। ମୁଁ ଏପଟ ସେପଟ ହୋଇ ସମୟ କାଟି ଦେବି। କାଲି ସକାଳୁ ସକାଳୁ ଆମ ଗାଁ ପାଖ ଷ୍ଟେସନରେ ପହଞ୍ଚିବ ଟ୍ରେନ।

ଯୋଗକୁ ଠିକ୍ ସେତିକି ବେଳେ କାନ୍ଦିଥିଲା ପୁଅ। ତୁ ଆଉ କାଳ ବିଳମ୍ବ ନ କରି ଝରକା ଆଡକୁ ମୁହଁ କରି ଚକାମାଡି ବସି ତାକୁ କ୍ଷୀର ଦେଲୁ। ସେ କୋଉ ଥନରୁ ଟାଣି ପାରୁଥିଲା? ତା' ପାଟିକୁ ଟିକେ ଖୋଲା କରି ତୁ ନିଜେ ଦୁହିଁ ପକାଇଥିଲୁ ତା' ପାଟିରେ। ପାଟିକୁ ଯାଉଥିଲା କିଛି, ଆଉ କିଛି ବୋହି ଯାଉଥିଲା ପାଟି କଡ଼ରୁ। ଖୋଇ ସାରି କପଡାରେ ଢାଙ୍କି ଦେଲୁ ତାକୁ ଗୋଟାପଣ କେବଳ ନାକ, ପାଟି ଓ ଆଖିକୁ ଛାଡ଼ି। ତୋ'ର ଡର ଥିଲା କେହି ନ ଦେଖନ୍ତୁ ତା'ର କଙ୍କା ଜରଜର ନାହିଟାକୁ ନଚେତ ଭାବି ଥାଆନ୍ତେ ଅନ୍ତୁଡ଼ି ଉଠି ନଥିବା ଛୁଆକୁ ଧରି ଯାଉଛୁ ବୋଲି। ସେହି ଯା' ସେତିକି ବେଳେ କାନ୍ଦିଥିଲା ନା? ମୁଁ ତ ଆଉ କାହିଁ ଶୁଣିନି ତାକୁ କାନ୍ଦିବାର?

ରାତି କେତେ ହେବ ସେତେବେଳକୁ? କୋଉ ଗୋଟେ ଷ୍ଟେସନରେ ଗାଡ଼ି ରହିଲା। ଘୋଷଣା କରାଗଲା ଏଠାରେ ସମସ୍ତଙ୍କୁ ଖାଦ୍ୟ ପୁଡ଼ିଆ ଓ ପାଣି ବୋତଲ ଦିଆଯିବ। ଗାଡ଼ି ରହିବା କ୍ଷଣି ତ ସମସ୍ତେ ଖପ୍ – ଖାପ୍ ଓହ୍ଲାଇଲେ ତଳକୁ। ସମସ୍ତଙ୍କ ପେଟରେ ଜଳୁଥିଲା ନିଆଁ। ଚାହୁଁ ଚାହୁଁ ସାରା ବଗି ଫାଙ୍କା ହୋଇଗଲା। ମୁଁ ଯିବି କି ନାହିଁ ତୋତେ ପଚାରିଲାରୁ ତୁ କହିଲୁ ଆଗ ଛୁଆଟାକୁ ଧର, ମୁଁ ଏହି ସମୟରେ କପଡ଼ା ବଦଳାଇ ଦିଏ ବଡ଼ ଅସଜ ଲାଗିଲାଣି ଭିତରଟା।

ତୁ ଗଲୁ ଭିତରକୁ – ଗାଧୁଆ ଘରକୁ। ପୁଅକୁ ଧରିଲି ମୁଁ। ମୁହଁ, ଆଖି, ନାକ ଉପରେ ଧିରେ ହାତ ବୁଲାଇଲି। ଇଏ କ'ଣ ସମ୍ପୂର୍ଣ୍ଣ କାଠ ପାଲଟି ଯାଇଥିଲା ପିଲାଟା। ଖୋଲି ପକାଇଲି ଗୁଡ଼ା ହୋଇଥିବା କପଡ଼ା ସବୁକୁ। ହାତ ଗୋଡ଼ ମାରି ଯାଇଥିଲା ଲାଠି। ଭାବିଲି ଚିତ୍କାର କରି ଡାକିବି ସରୀତା – ସରୀତା। ଅନାଇଲି ଏପଟ ସେପଟକୁ। ନା ବଗିରେ କେହି ନଥିଲେ, ସବୁ ଧାଡ଼ି ଦେଇଥିଲେ ଖାଇବା

Digitized by PPRACHIN, SOA

ପାଖରେ, ବାବୁରେ ବାବୁରେ କହି ଏପଟ ସେପଟ ଗଡ଼ାଇଲି। ନା କେଉଁଠି ଅଟକି ନ ଥିଲା ପ୍ରାଣ। କେତେ ବେଳୁ ହେଲାଣି ଏକଥା ଭାବୁ ଭାବୁ ତୁ ଆସିଲୁ। ତୋ' ହାତକୁ ତାକୁ ବଢ଼ାଇ ଦେଉ ଦେଉ କେବଳ କହିଲି - ଇଏ ବି ଆମକୁ ଠକି ଦେଲା ଲୋ ସରୀତା।

'କ'ଣ ହେଲା, କ'ଣ ହେଲା ମୋ ପୁଅର' କହି ଜୋର୍‌ରେ ଚିତ୍କାର କରି ପୁଅକୁ ଏପଟ ସେପଟ କଲା ସରୀତା। ପାଟିଟାକୁ ମାଡ଼ିବସି ଦିଲେଶ୍ୱର କହିଲା - ଏଇଟା କାନ୍ଦିବା ବେଳ ନୁହଁ, ଯଦି ତୁ କାନ୍ଦୁ ତେବେ ସବୁ ଜାଣିବେ ଆମ ଛୁଆଟା ଚାଲିଗଲା ବୋଲି। ମଲା ଛୁଆ ସହ ବସି କେହି ଯିବେନି। ଆମକୁ ଓହ୍ଲାଇ ଦେବେ ଗାଡ଼ିରୁ। ଏଇଟା କେଉଁ ଜାଗା ଆମେ ଜାଣିନାହାନ୍ତି। ଜାଣି ନାହାନ୍ତି ବି ଆମ ଗାଁ ଏଠୁ କେତେ ଦୂର। ଏଠି ଓହ୍ଲାଇ ଦେଲେ କରିବା କ'ଣ ? ଥରେ ଭାବ। ଯଦି ଏଠି ଓହ୍ଲାଇ ରହିବାକୁ ତୁ ରାଜି, ତେବେ କାନ୍ଦ। ତୁ ଏକା କାହିଁକି କାନ୍ଦିବୁ। ତୋ ସହ ମୁଁ ବି କାନ୍ଦିବି।

କେତେ କେତେ ବିପଦ ପଡ଼ିଲା ତାକୁ ସମ୍ଭାଳିଲେ। ଇଏ ବି ଆଉ ଏକ ବିପଦ ବୋଲି ଭାବ। ୟାକୁ ବି ଆମକୁ ସମ୍ଭାଳିବାକୁ ପଡ଼ିବ। ଯଦି ୟାକୁ ସମ୍ଭାଳି ପାରିବାନି, ଏହା ପରେ ଯେଉଁ କଷ୍ଟ ପଡ଼ିବ ତାକୁ ସମ୍ଭାଳିବାକୁ ପଡ଼ିବ। ମାନୁଛି ତୁ ମାଆ, ତୋ' ମନଟା ମୋ ମନ ପରି ଏତେ ଟାଣ ହୋଇପାରିବ ନାହିଁ। ଆମେ ପା'ଲୋ ଇଟା ଭାଟିରେ ଖଟୁଥିଲେ। ନରମ ମାଟିକୁ ଇଟା କରି ତାକୁ ପୋଡ଼ି ଯେମିତି ଟାଣ କରାଯାଏ, ଆମ ମନକୁ ପୋଡ଼ିକି ସେମିତି ଟାଣ କରିବାକୁ ପଡ଼ିବ। ତୁ କାନ୍ଦିବୁ - ମନ ଭରି କାନ୍ଦିବୁ, ମୁଁ ବି କାନ୍ଦିବି, ମାତ୍ର ଏବେ ନୁହଁ, କି ଏଠାରେ ନୁହଁ। ଆଗ ପହଞ୍ଚିସାର ଗାଁରେ।

ଏଡ଼େ ବଡ଼ ବିପତ୍ତି ପଡ଼ିବ ବୋଲି ଜାଣିଥିଲେ ଯେତେ କଷ୍ଟ ହୋଇଥାଆନ୍ତା ପଛେ ଆଉ କିଛି ଦିନ ରହି ଯାଇଥାନ୍ତେ। କମ୍‌ସେ କମ୍ କ୍ଷୀର ଢୋକିବା ଯାଏ।

ଠିକ୍ କଥା ଯେ, କିଏ କ'ଣ ଜାଣିଥିଲା ଏମିତି ଘଟିବ ବୋଲି ? ଏବେ ଯାହା ଘଟିବା କଥା ଘଟି ସାରିଲାଣି। ଭାବି ନେ ସିଏ ଆମର ନଥିଲା, ମନକୁ ବୁଝାଇଦେ। ଏମିତି ଚୁପ୍‌ଚାପ୍ ବସି ରହ ଯେ ଯେମିତି କିଛି ବି ଘଟିନି। ଅନ୍ୟମାନେ କଥା ହେଉଥିଲେ ଶୁଣିଛି ଆମ ଟିଟିଲାଗଡ଼ରେ ଏଇଟା ପହଞ୍ଚିବ ଦିନ ବାରଟା ପାଖାପାଖି। ଆଜି ରାତିଟା ଓ କାଲି ଦିନ ବାରଟା ଯାଏ ତୁ ଧୈର୍ଯ୍ୟ ଧର। ମୋର ବି କାନ୍ଦିବାକୁ ମନ ବିକଳ ହେଉଛି, ହେଲେ ପରିସ୍ଥିତି ଦୃଷ୍ଟିରୁ ଛାତିକୁ ପଥର

Digitized by PPRACHIN, SOA

କରୁଛି। ତୁ ବି ସେଇଆ କର। ଗାଁରେ ପହଞ୍ଚି କାନ୍ଦିବା ମନ ଭରି।

ସରୀତା ବୁଝିଗଲା ସବୁ। ସେ କାନ୍ଦିଲାନି ସତ, ହେଲେ ଛୁଆଟିକୁ କୋଳରେ ଧରି ବସି ରହିଥିଲା ନିର୍ଜୀବ ମୂର୍ତ୍ତିଟିଏ ପରି। ସ୍ଥିର ଦୃଷ୍ଟିରେ କେବଳ ଚାହିଁ ରହିଥିଲା ଝରକା ବାହାରର ଆକାଶକୁ। ଦିଲେଶ୍ୱର ଯେତେ ମନ ଟାଣ କଲେ ବି ଭିତରେ ଭିତରେ କାନ୍ଦୁଥିଲା ଗୁମୁରି ଗୁମୁରି। ବାରମ୍ବାର ଦେଖୁଥିଲା ସରୀତାକୁ ଯେମିତି ତା'ର କିଛି ନ ହୁଏ।

ନା ଥିଲା ଭୋକ ନା ଶୋଷ। ବସିବା ଜାଗାରୁ ଉଠି ନଥିଲେ ଦିହେଁ ପରିଶ୍ରା ଯିବାପାଇଁ ବି। ତାଙ୍କୁ ଲାଗୁଥିଲା ଏ କାଳରାତି ଯେମିତି ପାହୁ ନାହିଁ। ରାତି ଗଭୀର ହେବାରୁ ଯିଏ ଯେଉଁଠି ବସିଥିଲେ, କିଏ ଗାମୁଛା ପାରି ତ କିଏ ଖବରକାଗଜ ପକାଇ ଯିଏ ଯେମିତି ପାରିଲା ଶୋଇ ପଡ଼ିଲେ। ଅଥଚ ଆଖି ପିଞ୍ଚାଡୁ ନଥିଲା ସରୀତା। ତା' ମନ ଭୁଲାଇବା ପାଇଁ ଦିଲେଶ୍ୱର ତାକୁ କହିଲା, ଯିଏ ଆମର ନ ଥିଲା ତାକୁ ଆଉ ମୋହ ଦେଖାଇ ଲାଭ କ'ଣ ? ସରୀତା ଶୁଣୁଥିଲା ସବୁ ଅଥଚ ଖୋଲୁନଥିଲା ପାଟି। ଲାଗୁଥିଲା ସେ ଯେମିତି ଭୁଲି ଯାଇଛି କଥା କହିବାର କଳା। ଆଖି ତା'ର ଭୁଲି ଯାଇଛି ପଲକ ପକାଇବାକୁ। କ୍ଷୁଧା ଓ ତୃଷ୍ଣା ବି ହାର ମାନି ଯାଇଛନ୍ତି ତା' ପାଖରେ।

ଶେଷରେ ପହଞ୍ଚିଲା ତାଙ୍କ ଷ୍ଟେସନ। ବାଟରୁ ଓହ୍ଲାଇ ଓହ୍ଲାଇ ଯାତ୍ରୀ ଭିଡ଼ ପତଳା ହୋଇ ସାରିଥିଲା। ମାତ୍ର ଦିଲେଶ୍ୱର କି ସରୀତା କେହି ତରତରରେ ନ ଥିଲେ ଓହ୍ଲାଇବା ପାଇଁ। ସବୁ ଓହ୍ଲାଇଗଲା ପରେ ସରୀତା ଚାହିଁଲା ଦିଲେଶ୍ୱରର ମୁହଁକୁ। ତା' ଚାହାଣିରେ ଯେମିତି ପଚାରୁ ଥିଲା – କ'ଣ ଓହ୍ଲାଇବା ନା ନାହିଁ ? ବୁଜୁଳା ବନ୍ଧା ଯାଇଥିବା ସବୁ ଜିନିଷ ପତ୍ର ଓ ଗୋଟିଏ ବ୍ୟାଗ୍‌କୁ ଧରି ସାରି ଦିଲେଶ୍ୱର କହିଲା – ଓହ୍ଲା।

ଧୀରେ ଧୀରେ ସେମାନେ ଓହ୍ଲାଇଲେ। ଓହ୍ଲାଇବା କ୍ଷଣି ତାଙ୍କ ମୁଣ୍ଡ ପାଖରେ ଗୋଟିଏ ଯନ୍ତ୍ର ଦେଖାଇ କ'ଣ ମାପିଲେ। ଠିଆ କଲେ ଲାଇନ୍‌ରେ। ବସ୍‌ରେ ବସିବେ ଯିବା ପାଇଁ କ୍ୱାରେଣ୍ଟାଇନ ସେଣ୍ଟର। ମାତ୍ର ବସ ଭିତରକୁ ଉଠୁ ନଥିଲା ସରୀତା। ତାକୁ ବୁଝାଇଲା ଦିଲେଶ୍ୱର – ଏଇଟା ସରକାରୀ ନିୟମ ଲୋ, ଚାଲ୍। ବସ୍ ଭିତରେ ବସ, ଏବେ କ'ଣ ଯାଇ ହେବ ଗାଁକୁ ନା ଘରକୁ। ହଠାତ୍ ଘାଇ ଭାଙ୍ଗିବା ପରି କୋହରେ ଭାଙ୍ଗି ପଡ଼ି ସରୀତା ପଚାରିଲା– ୟାକୁ କ'ଣ ନେଇ ସେଠି ରଖିବି ଚଉଦ ଦିନ ?

– କ'ଣ, କ'ଣ ସେଇଟା ?

Digitized by PPRACHIN, SOA

– ମଲା ଛୁଆ ।

ଥମ୍ ହୋଇଗଲେ ସବୁ । ମଲା ଛୁଆ ! କେତେବେଳେ ମଲା ?

ଦି' ଦିନ ହେଲା ମଲାଣି । ଧରି ବସିଛି ମୁଁ କୋଳରେ । ତାକୁ ବି ଏବେ ମାଆ କୋଳ ଅସୁଖ ଲାଗିଲାଣି । ପଚି ଗଲାଣି ସିଏ । ସିଏ ଏବେ ମାଟି ଖୋଜୁଛି, ଖୋଜୁଛି ମାଟିର କୋଳ ।

ସଂସ୍କାର ପାଇଁ ଟେକି ଦେଲା ବେଳେ ସରୀତା କହିଲା – ଯା', ଯା'ରେ ଧନ, ଦୁଃଖ ଭୋଗିବାକୁ ସିନା ଗୋଟେ ଲମ୍ବା ଆୟୁଷ ଲୋଡ଼ା, ଦୁଃଖ ଦେଖିବାକୁ ଯେତିକି ଆୟୁଷ ନେଇ ଆସିଥିଲୁ ଯଥେଷ୍ଟ । କୋହରୋଧ ଆଉ ସମ୍ଭାଳି ହେଉନି, ଏବେ ମୋତେ ଟିକେ ମନ ଭରି କାନ୍ଦିବାକୁ ଦେ ।

—o—

Digitized by PPRACHIN, SOA

ଛଦ୍ମୀ

ମୁଁ ମସ୍‌ଜିଦ ଯାଉଥିଲି, ନମାଜ ପଢୁଥିଲି। ଦିନେ ଅଧେ ନୁହଁ ବର୍ଷ ବର୍ଷ ଧରି ଦୀର୍ଘ ସାତ ବର୍ଷ ଯାଏଁ। ମୋତେ ଲାଗୁଥିଲା ଧୀରେ ଧୀରେ ମୁଁ ଯେମିତି ଧର୍ମାନ୍ତରିତ ନୁହେଁ ରୂପାନ୍ତରିତ ହୋଇଯାଉଛି ସଚ୍ଚା ମୁସଲମାନ ରେ। ପଢୁଥିଲି କୋରାନ,ପଢୁଥିଲି ବି ଗୀତା। ଏକ ଆଲ୍ଲା ଓ ଅନେକ ଦେବା ଦେବୀ। ଏକ ଉପାସନା ଓ ଭିନ୍ନ ଭିନ୍ନ ପୂଜା ପଦ୍ଧତି ଭିତରେ ଆଭିମୁଖ୍ୟ ଏକ ଅଥଚ ବିଦ୍ୱେଷ ଅନେକ। ମୁଁ ଧର୍ମ ଉପସନାର ଆଭିମୁଖ୍ୟ ନେଇ ଆସିନଥିଲି, ମାତ୍ର ମୋ ଉଦ୍ଦେଶ୍ୟ ସାଧନ ପାଇଁ ଉପାସନା ହିଁ ମାର୍ଗ ଥିଲା।

ଏଠାକୁ ଆସିବାର ଯଥେଷ୍ଟ ପୂର୍ବରୁ ନିଜକୁ ପ୍ରସ୍ତୁତ କରୁଥିଲି। ପ୍ରଥମେ ବିଭିନ୍ନ ପ୍ରକାର ଉଠା ଦାଢି ଓ ନିଶ ଲଗାଇ ଅଇନା ଆଗରେ ନିଜକୁ ଦେଖିଲି। ବହୁତ ପରୀକ୍ଷା ନିରୀକ୍ଷା ପରେ ଶେଷକୁ ପସନ୍ଦ କଲି ଛୋଟ ଦାଢି ଓ ନିଶକୁ। କାରଣ ମୋ ମୁହଁର ଆକୃତିକୁ ଲମ୍ବା ଦାଢି ଓ ମଝି କଟା ନିଶ ଆଦୌ ମାନୁନଥିଲା। ଯାଇବି ମାନିଥାନ୍ତା ହେଲେ ମୋର ଚେହେରା ଥିଲା ମୋଟା ଓ ପେଟୁଆ। ଶେଷକୁ ନିଷ୍ପତି ନେଲି ମୋତେ ମାନୁଥିବା ରୂପଟା ବଡ କଥା ନୁହେଁ, ମୋ ଉପରେ ନ୍ୟସ୍ତ ଜାତୀୟ ଦାୟିତ୍ୱ ସମ୍ପୂର୍ଣ୍ଣ କରିବା ହେଉଛି ବଡ ଆହ୍ୱାନ। ମୋତେ ମାନୁଥିବା ଛୋଟ ଦାଢି ଓ ନିଶର ପଠାଣ ବେଶକୁ ଠିକ କଲାପରେ ସେଇ ଅନୁସାରେ ନିଶ ଦାଢି ବଢାଇଲି।

ପତ୍ନୀ ପ୍ରମାଦ ଗଣିଲେ। ମୋ ଦକ୍ଷତା ଉପରେ ଯଦିଓ ତାଙ୍କର ଭରସା ଥିଲା, ତଥାପି ସେ ସାହସ କରିପାରୁନଥିଲେ ଏମିତି ଏକ ଦୁଃସାହସିକ କାର୍ଯ୍ୟର ଅଭିଯାନରେ ମୋର ସୁରକ୍ଷାକୁ ନେଇ। ବାରମ୍ବାର କହୁଥିଲେ,ଜାଣ ଯଦି ଧରା

Digitized by PPRACHIN, SOA

ପଡ଼ିଯାଅ ତେବେ ଦଣ୍ଡ କଣ ?

ଜାଣେ, ମୃତ୍ୟୁ ଦଣ୍ଡ। ତମେ କଣ ଭାବୁଛ କେବଳ ସୀମାରେ ଗୁଳି ଖାଇ ମଲେ କେବଳ ସହିଦ ହୁଅନ୍ତି ? ଯଦି ମୋ କାର୍ଯ୍ୟ ସମ୍ପାଦନାର ତ୍ରୁଟି ପାଇଁ ଧରାପଡ଼ି ମୁଁ ଫାଶୀ ପାଏ ତେବେ ଆମ ରାଷ୍ଟ୍ରରେ ସହିଦ ର ମାନ୍ୟତା ପାଇବି, ତମେ ବି ସହିଦ ପତ୍ନୀ ର ଗୌରବ। ରାଷ୍ଟ୍ର ପାଇଁ ସମର୍ପିତ ଜୀବନ ଯଦି ରାଷ୍ଟ୍ର ପାଇଁ ସହିଦ ହୋଇଗଲା, ତା'ଠାରୁ ବଡ଼ ଗୌରବ ଆଉ କଣ ଅଛି ?

ଆମ କଥା ଶୁଣି ମା ପଶିଆସି କହିଲେ, ତୁ ସେ ଅମଙ୍ଗଳିଆ କଥା ଗୁଡ଼ା କାହିଁକି ଚିନ୍ତା କରୁଛୁ ? ଭୀମ ବଳ କୁନ୍ତୀକୁ ଜଣା, ମୁଁ ଜାଣେ ତୋ ଦକ୍ଷତା। ତୁ ସଫଳ ହେବୁ ନିଶ୍ଚୟ, ଏ ଭରସା ଓ ବିଶ୍ୱାସ ମୋର ଅଛି। ମାତ୍ର ମୋ ମନରେ ଗୋଟିଏ ଭୟ, ତୋ କାର୍ଯ୍ୟ ଓ ଆଚରଣର ବିଶ୍ୱସନୀୟତା ପାଇଁ ତୋତେ ଯଦି କେବେ ଗୋମାଂସ ଭକ୍ଷଣ କରିବାକୁ ପଡ଼େ ?

ତମେ ଭରସା ରଖ ମାଆ, ସେମିତି ସ୍ଥିତି କିମ୍ୱା ପରିସ୍ଥିତି କୁ ମୁଁ ଆସିବାକୁ ଦେବି ନାହିଁ। ମୁଁ ଅଭିମନ୍ୟୁ ନୁହେଁ ଯେ ଚକ୍ରବ୍ୟୁହକୁ ପଶିବାର କୌଶଳ ଜାଣିଛି ଅଥଚ ଜାଣି ନାହିଁ ସେଥିରୁ ବାହାରିବାର ମାର୍ଗ।

ସେ ଭରସା ତୋ ଉପରେ ଅଛି, ମାତ୍ର ଏମିତି ବି ପରିସ୍ଥିତି ଆସିପାରେ ତୋ ଛଦ୍ମ ରୂପର ପରୀକ୍ଷା ପାଇଁ କିଛି ବିଷମ ସ୍ଥିତିରେ ପକାଇ ପାରନ୍ତି। ସେତେବେଳେ ଗୀତାର ଏହି ଆପ୍ତ ବାକ୍ୟଟିକୁ ମନେ ପକାଇବୁ - ଶରୀରମ୍ ଆଦ୍ୟମ୍ ଖଳୁ ଧର୍ମ ସାଧନମ୍। ଭୁଲିଯିବୁ ମାଆ ର ଉପଦେଶ, ଧର୍ମର ବାଧା ଓ ବନ୍ଧନ। ପ୍ରଥମେ ଭାବିବୁ ତୋ ଜୀବନ ମୂଲ୍ୟବାନ, କେବଳ ତୋ ପାଇଁ ନୁହଁ ରାଷ୍ଟ୍ର ପାଇଁ ମଧ୍ୟ। ରାଷ୍ଟ୍ରହିତ ସାଧନରେ ଯଦି ସ୍ୱଧର୍ମ ତ୍ୟାଗ କରିବାକୁ ପଡ଼େ ତେବେ ପଛଘୁଞ୍ଚା ଦେବୁନାହିଁ।

ରାଷ୍ଟ୍ରର ନିର୍ଦ୍ଦେଶ, ମାଆର ଉପଦେଶ ଓ ପତ୍ନୀଙ୍କର ବିଶ୍ୱାସ ନେଇ ମୁଁ ମୋ ଅଭିଯାନ ରେ ବାହାରି ପଡ଼ିଲି। ଆଭୂଷଣ ଓ ଆଚରଣରେ ପାଲଟି ଯାଇଥିଲି ସଚ୍ଚା ମୁସଲମାନ। ମସଜିଦ୍ ଯାଉଥିଲି, ନମାଜ ପଢୁଥିଲି, ସଲାମ୍ ଅଲ୍ଲେକୁମ କହୁଥିଲି। ବହୁ କଷ୍ଟରେ ଆୟତ୍ତ କରିଥିବା ଭାଷାକୁ ମଧ୍ୟ ଭରପୂର ଉପଯୋଗ କରୁଥିଲି। ଏସବୁ ଭିତରେ ଜାରି ରଖିଥିଲି ମୋ ଉପରେ ନ୍ୟସ୍ତ ଦାୟିତ୍ୱ ଆତଙ୍କର ଉତ୍ସ ର ସନ୍ଧାନ।

Digitized by PPRACHIN, SOA

ଏକ ନିର୍ଦ୍ଦିଷ୍ଟ ମସ୍‌ଜିଦ୍‌କୁ ନିୟମିତ ଯାଏ ନମାଜ ଆଦା କରିବାକୁ। ସେଇଟିକୁ ମୁଁ ସ୍ଥିର କରିଥିଲି ବହୁତ ଗୁଡିଏ ଦୃଷ୍ଟିକୋଣରୁ। ନମାଜ ପାଠ ପରେ ସେଠାରେ ଆତଙ୍କର ଶିକ୍ଷାନବିଶ ମାନଙ୍କୁ ଦିଆଯାଉଥିଲା ପ୍ରଶିକ୍ଷଣ। ସେଠାରୁ ଟ୍ରେନିଂ ନେବାପରେ ବହୁତ ସଦସ୍ୟ ପାଲଟିଥିଲେ ଆତଙ୍କର ଆକା। ତେଣୁ ସ୍ଥିର କରିଥିଲି ସେ ମସଜିଦକୁ କରିବି ମୋ ଖୋଜର ଆଧାରଶିଳା। ଜାଣିବି ଧର୍ମର ଅଫିମ ନିଶା କେମିତି ଚଢୁଛି ଯୁବକ ମାନଙ୍କ ମନରେ। ଧର୍ମ ନା ରାଷ୍ଟ୍ରଭକ୍ତି, କେଉଁଥିରେ ଉଦବୁଦ୍ଧ ହୋଇ ଯୁବକ ମାନେ ମାନବ ବୋମା ହୋଇ ମରିବାକୁ ବି ପ୍ରସ୍ତୁତ ହୋଇଯାଉଛନ୍ତି। ନିଜ ରାଷ୍ଟ୍ରର ସୀମାରେଖା ବାହାରେ ଶତ୍ରୁ ରାଷ୍ଟ୍ରର ନିରୀହ ଲୋକମାନେ କେମିତି ପାଲଟିଯାଉଛନ୍ତି ଶତ୍ରୁ ? ନିରପରାଧ ଶିଶୁମାନଙ୍କୁ ବିସ୍ଫୋରଣରେ ବଳି ପକାଇବା ବେଳେ କେମିତି ଥରି ଉଠୁନି ସେମାନଙ୍କ ଛାତି ? କେଉଁ ଭାଷଣର ଅଗ୍ନି ଓ କେଉଁ ଆଦର୍ଶ ର ସମ୍ମୋହନ ରେ ପଥର ପାଲଟି ଯାଉଛି ସେମାନଙ୍କ ହୃଦୟ ?

ମୋ ଉପରେ ନ୍ୟସ୍ତ ଦାୟିତ୍ୱନେଇ ନିମ୍ମଜ ଥିଲି ମୋ କାର୍ଯ୍ୟରେ। ବିଲେଇ ଆଖି ବୁଜି କ୍ଷୀର ପିଇବା ପରି, ଭାବୁଥିଲି ମୁଁ ସିନା ସମସ୍ତଙ୍କ ଉପରେ ନଜର ରଖିଛି, ମୋ ଉପରେ କାହାରି ଧ୍ୟାନ ନଥିବ। ମୋ ଉପରେ କେହିବି ଧ୍ୟାନ ଦିଅନ୍ତୁ ସେକଥା ବି ଚାହୁଁ ନଥିଲି। ସେଥିପାଇଁ ତ ଅତି ସାଧାରଣ ଅପାଠୁଆ ଧର୍ମପ୍ରାଣ ମୁସଲିମ ପରି ମୁଁ ମୋ ହାବ ଭାବ ଦେଖାଉଥିଲି। କିନ୍ତୁ ମୋର ଏ ଧାରଣା ଭ୍ରାନ୍ତ ଓ ଭ୍ରମାତ୍ମକ ଥିଲା। ମୋ ଅନୁସନ୍ଧାନ ଠାରୁ ଆହୁରିବି ଗଭୀର ଅନୁସନ୍ଧାନୀ ଆଖି ମୋ ଉପରେ ନଜର ରଖିଥିଲା।

ଦିନେ ମୁଁ ନମାଜ ସାରି ତଳେ ପକାଇଥିବା ସତରଞ୍ଜିଟିକୁ ଧୀରେ ଧୀରେ ଭାଙ୍ଗି ସାଇଜ କରୁଥାଏ। ଅନ୍ୟ ନମାଜୀ ମାନେ ନମାଜ ପରେ ତରତରରେ ମସଜିଦ ଛାଡୁଥାନ୍ତି। ମୋ ହାତରେ ଯେହେତୁ ପ୍ରଚୁର ସମୟ ମୋର ତରବର ହେବାର କିଛି ନଥିଲା। ସମସ୍ତେ ଯିବା ପରେ ମୁଁ ଯେତେବେଳେ ଉଠୁଛି ଯିବାପାଇଁ ଜଣେ ବ୍ୟକ୍ତି ଆସି ଠିଆ ହେଲେ ମୋ ଆଗରେ। ମୁଁ ତାଙ୍କୁ ଥର ଟିଏ ଚାହିଁ ଦେଇ ମୋ କାର୍ଯ୍ୟ ସାରି ଉଠିଲି ଫେରିବାକୁ। ସେ ମୋତେ ଅଟକାଇ ଦେଇ ପଚାରିଲେ- ନାଁ କଣ ? ମୋ ନାଁ ଶୁଣି ସାରି କହିଲେ ମିଛ କହୁଛ କାହିଁକି ? ମୁଁ ତାଙ୍କୁ ଅତି ବିନୟ ଅଥଚ ଦୃଢ ଭାବରେ କହିଲି, ମୋ ନାଁ ବ୍ୟତୀତ ମୁଁ ତ ଅନ୍ୟ କିଛି କହିନି,

Digitized by PPRACHIN, SOA

ମିଥ୍ୟା କହିଲି କେତେବେଳେ ?

ତୁମ ନାମଟି ହିଁ ମିଥ୍ୟା।

ଧରା ପଡିଗଲିକି ଭାବି ଭିତରେ ଭିତରେ ମୁଁ ପ୍ରମାଦ ଗଣିଲି। ଲୋକଟି ସେଠି ମୋତେ ଆଉ କିଛି ନକହି କେବଳ କହିଲେ ଆସ ମୋ ସାଥିରେ। କିଛି ସମୟ ପାଇଁ ମୋ ଭିତରେ ଦ୍ୱନ୍ଦ ସୃଷ୍ଟି ହେଲା ଯେ ମୁଁ ୟାଙ୍କ ଆଦେଶ ମାନି କାହିଁକି ଯିବି ? ପର ମୁହୂର୍ତ୍ତରେ ଚିନ୍ତାକଲି ଯଦି ତାଙ୍କ ଆଦେଶକୁ ଅସ୍ୱୀକାର କରି ନଯାଏ ତେବେ ହୁଏତ ଅଧିକ ବିପଦ ପଡିପାରେ। ତେଣୁ ବିନା ପ୍ରତିବାଦରେ ତାଙ୍କ ସହିତ ପଛେ ପଛେ ଗଲି। ତାଙ୍କୁ ଅନୁସରଣ କରି ଯାଉଥିବା ସମୟରେ ନାନା ଆଶଙ୍କା ଓ ଉଦ୍ଭଟ ଚିନ୍ତା ସବୁ ଆସୁଥିଲା ମନକୁ। ସେଥିରୁ ମୁକ୍ତି ପାଇଁ ସଙ୍କଟ ମୋଚନ ହନୁମାନ ଚାଳିଶା ବୋଲୁ ଥାଏ ମନେ ମନେ। କିଛି ସମୟ ପରେ ଆମେ ପହଞ୍ଚିଲୁ ଗୋଟେ ଘର ପାଖରେ। ପକେଟରୁ ଚାବି ବାହାର କରି ସେ ଖୋଲିଲେ ତାଲା। ଭିତରକୁ ଆସ ବୋଲି ନିର୍ଦ୍ଦେଶ ଦେଲେ। ମୁଁ ଭିତରକୁ ପଶିବା କ୍ଷଣି ସେ ଦ୍ୱାର ବନ୍ଦ କରିଦେଲେ। ଘର ଭିତର ଥିଲା ସମ୍ପୂର୍ଣ୍ଣ ଅନ୍ଧାର। ମୋ ହୃତସ୍ପନ୍ଦନ ବଢିଗଲା। ସେ ଘରର ଲାଇଟ ଜଳାଇଲେ। ଆଲୁଅରେ ମୋ ମୁହଁକୁ ଚାହିଁ ସେ ପୁନଶ୍ଚ ପ୍ରଶ୍ନ କଲେ- ତମେ କଣ ମୁସଲମାନ ?

ମିଛ କହିଲେ ମୃତ୍ୟୁ, ସତ କହିଲେ ବି ମୃତ୍ୟୁ। ପ୍ରଶ୍ନର ଉତ୍ତର ନଦେଇ ଖୁବ ଦୃଢତାର ସହ ତାଙ୍କ ମୁହଁକୁ ଚାହିଁ ନିରବ ରହିଲି। ମୋ ନିରବତା ଦେଖି ସେ ପୁନଶ୍ଚ ପଚାରିଲେ- ଦଙ୍ଗାରେ ହରାଇଛ କି ଆତ୍ମୀୟ ସ୍ୱଜନ, ଘର ଦ୍ୱାର ?

ନା। ଖୁବ ଗମ୍ଭୀର ଅଥଚ ଦୃଢ ଭାବରେ ଜବାବ ଦେଲି।

ତେବେ କେଉଁ ଅଗ୍ନୀର ଜ୍ୱାଳା ରେ ଏମିତି ଏକ ବିପଦଜନକ ମାର୍ଗରେ ?

ଏହାକୁ ଆପଣ ରାଷ୍ଟ୍ରଭକ୍ତି କିମ୍ୱା ରାଷ୍ଟ୍ର ସୁରକ୍ଷାର ଅଗ୍ନୀ ବୋଲି ଭବିପାରନ୍ତି।

ରାଷ୍ଟ୍ର ପାଇଁ ଏମିତି ବିପଦଜନକ ମାର୍ଗରେ ! ତମର ଏ ନିଷ୍ଠା କୁ ରାଷ୍ଟ୍ର ସ୍ୱୀକୃତି ଦେଇଛି ?

ରାଷ୍ଟ୍ର ପାଇଁ କାର୍ଯ୍ୟ କଲାବେଳେ କୌଣସି ସ୍ୱିକୃତି ର ଅଭୀପ୍ସା ନଥାଏ ମନରେ, କେବଳ ରାଷ୍ଟ୍ରର ସୁରକ୍ଷାର ଚିନ୍ତା ଥାଏ।

ଯେଉଁ ରାଷ୍ଟ୍ରର ସୁରକ୍ଷା ଚିନ୍ତା ତମେ କରିଛ, ସେ ରାଷ୍ଟ୍ର ତୁମର ସୁରକ୍ଷା ଚିନ୍ତା କରିଛି ତ ?

Digitized by PPRACHIN, SOA

ସେ ବିଷୟରେ ମୁଁ ରାଷ୍ଟ୍ରକୁ ପ୍ରଶ୍ନ କରିନି।

ପ୍ରଶ୍ନ କରିବା ଉଚିତ ଥିଲା। କେତେଜଣ ବ୍ୟକ୍ତି ଆପଣାର ରାଜନୈତିକ ଅଭୀପ୍ସାକୁ ଚରିତାର୍ଥ କରିବାକୁ ରାଷ୍ଟ୍ରର ସୀମାରେଖା ନିର୍ଦ୍ଧାରଣ କଲାବେଳେ କଣ ଚିନ୍ତା କରିଥିଲେ ଉଭୟ ରାଷ୍ଟ୍ରରେ ରହିଯାଉଥିବା ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ କଥା ? କେବେ ଥରେ ସେମାନେ ଚିନ୍ତା କରିଛନ୍ତି କି ଗୋଟିଏ ଧର୍ମାନ୍ଧ ରାଷ୍ଟ୍ରରେ ରାଷ୍ଟ୍ରଧର୍ମ ବାହାରେ ରହିଯାଥିବା ଲୋକମାନଙ୍କ କଥା ? ଆଶଙ୍କା ଓ ଭୟ ଭିତରେ ଜୀବନ ଜିଇଁବାର ବ୍ୟଥା ଜାଣନ୍ତି ସେମାନେ ? ନିଜ ସାମ୍ନାରେ ପରିବାରର ସଦସ୍ୟଙ୍କ ହଲାଲ ହେବା ଦୃଶ୍ୟର ଅନୁଭବ ଅଛି ସେମାନଙ୍କର ? ପରିସ୍ଥିତିର ଚାପ କେତେ ହେଲେ ଜଣେ ଧର୍ମ ପରିବର୍ତ୍ତନ କରିବାକୁ ବାଧ୍ୟ ହୁଏ ଜାଣନ୍ତି ସେମାନେ ? ରାଷ୍ଟ୍ରର ସୀମାରେଖା ସହ ହୃଦୟରେ ଯେଉଁ ବିଦ୍ୱେଷର ରେଖା ଟାଣିଲେ, ପରବର୍ତ୍ତୀ ପରିସ୍ଥିତିରେ ସେହି ବିଦ୍ୱେଷର ବହ୍ନି କେମିତି ଜାଳିଲା ରାଷ୍ଟ୍ରଧର୍ମ ବର୍ହିଭୂତ ଲୋକଙ୍କୁ ଦେଖିଛନ୍ତି ସେମାନେ ? ନିଜର ଆଚାର, ବିଚାର, ସଂସ୍କାର ଓ ଧର୍ମୀୟ ବିଶ୍ୱାସକୁ ଜଳାଞ୍ଜଳି ଦେଇ ଜୀବନ ବଞ୍ଚାଇବାକୁ ଅନ୍ୟ ଏକ ଧର୍ମ ଗ୍ରହଣ କରିବାର ବ୍ୟଥା ଜାଣନ୍ତି ସେମାନେ ? ରାଷ୍ଟ୍ର ବିଭାଜନର ସୀମାରେଖା ଟାଣିବା ବେଳେ କେହି ପଚାରିଛନ୍ତି କି ଏ ପ୍ରଶ୍ନ ତମେମାନେ କେଉଁଠି ରହିବାକୁ ପସନ୍ଦ କରୁଛ ? ଭିଟାମାଟିରୁ ଉଦବାସ୍ତୁ ହୋଇ ଚାଲିଯିବା ଟା କଣ ଏତେ ସହଜ କଥା ?

ତାଙ୍କର ପ୍ରଶ୍ନ ପରେ ପ୍ରଶ୍ନ ଶୁଣି ଶୁଣି ମୋ ଭିତରେ ସାହସ ହୋଇଯାଇଥିଲା ତାଙ୍କୁ ପ୍ରଶ୍ନ କରିବାକୁ। ପଚାରିଲି ଆପଣ କେଉଁମାନଙ୍କର ପ୍ରତିନିଧି ଭାବେ ମୋତେ ଏ ପ୍ରଶ୍ନ କରୁଛନ୍ତି ?

ସେ ଅଳ୍ପ ହସିଦେଇ କହିଲେ ଯିଏ ନିଜକୁ ସୁରକ୍ଷା ଓ ସଂରକ୍ଷଣ ଦେଇପାରିଲା ନାହିଁ ସେ ଅନ୍ୟମାନଙ୍କୁ ପ୍ରତିନିଧିତ୍ୱ କରିବାର ଦକ୍ଷତା ରଖୁଛି କେଉଁଠି ? ମୁଁ କେବଳ ମୋ ଭିତରର କ୍ଷୋଭର ଉଦ୍‌ଗୀରଣ କରୁଛି।

ଆପଣ ତ ଜଣେ ମୁସଲମାନ, ଏ ରାଷ୍ଟ୍ର ତ ଆପଣମାନଙ୍କ ପାଇଁ ?

ହଁ, ମୁଁ ମୁସଲମାନ ଠିକ ତମ ପରି।

କଥାଟା ପୁଣି ମୋଡ ବଦଳାଇ ମୋ ଛଦ୍ମବେଶ ପାଖକୁ ଆସିଗଲା ଭାବି ମୁଁ ନିରବ ରହିଲି। ସେ ତାଙ୍କ କାନ୍ଥ ଆଲମୀରା ର କବାଟ ଖୋଲିଲେ। ମୁଁ ଚକିତ ହୋଇ ଦେଖିଲି ତା' ଭିତରେ ହନୁମାନ ଓ ଦୂର୍ଗାଙ୍କର ଫଟୋ। ଫଟୋ ଉପରେ

Digitized by PPRACHIN, SOA

ଦିଆଯାଇଥିବା ଫୁଲ ବି ତାଜା ଥିଲା ।

ସେ ମୋତେ ପୁଣି ପ୍ରଶ୍ନ କଲେ ଏହା ଦେଖି ତମେ କଣ ଅନୁମାନ କରୁଛ ? ଏତିକି ପ୍ରମାଣ ନା ଆଉ ଅଧିକା କହି ସେ ତାଙ୍କର ପିନ୍ଧା ଲୁଙ୍ଗିଟିକୁ ଉପରକୁ ଉଠାଇ ଦେଲେ । ମୁଁ ଚିତ୍କାର କରି କହିଲି - ନା, ନା, ଥାଉ ଆଉ ଅଧିକ ପ୍ରମାଣର ଆବଶ୍ୟକତା ନାହିଁ । ମୁଁ ଜାଣିଗଲି ଆପଣ ଜଣେ ହିନ୍ଦୁ । ତେବେ ମୋତେ ଆପଣ କାହିଁକି ସନ୍ଦେହ କଲେ ଯେ ମୁଁ ମୁସଲମାନ ନୁହେଁ ବୋଲି ?

ସେ ମୋ କାନଟାକୁ ଧରିପକାଇ କହିଲେ - କୌଣସି ମୁସଲମାନ କାନ ଫୋଡାଏ ନାହିଁ । ଏ କାନ ଫୋଡା କେବଳ ହିନ୍ଦୁ ପରମ୍ପରା ଏବଂ ଭାରତର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଅଛି । ତମକୁ ଦେଖିବା ଦିନରୁ ମୁଁ ଭୟ କରୁଥିଲି ତମର ଏ ଫୋଡା କାନ ପାଇଁ କେଉଁ ଦିନ ସଇତାନଙ୍କ ହାବୁଡରେ ପଡିଯାଇପାର । ତାଙ୍କ ହାବୁଡରେ ପଡିଥିଲେ ସେମାନେ ତମକୁ ହଲାଲ କରିଥାନ୍ତେ ଯେମିତି କରିଥିଲେ ମୋ ପରିବାରକୁ । ତମେ ଏବେ ସଇତାନଙ୍କ ସନ୍ଦେହ ବଳୟକୁ ଆସି ସାରିଲଣି, ଯେତେ ଶୀଘ୍ର ପାରୁଛ ଫେରିଯାଅ ।

କେମିତି ଫେରିବି, ମୁଁ ଏକ ରାଷ୍ଟ୍ରୀୟ ଦାୟିତ୍ୱରେ ଅଛି ।

ସେ ଦାୟିତ୍ୱ ମୋତେ ଦେଇ ତମେ ନିଶ୍ଚିନ୍ତରେ ଚାଲିଯାଅ । ଯଦି ମୁଁ କିଛି କରିପାରିଲି ତେବେ ମୋ ଭିତରେ ଜଳୁଥିବା ପ୍ରତିଶୋଧର ବହ୍ନି କିଛି ମାତ୍ରାରେ ଶାନ୍ତ ହେବ ।

—o—

Digitized by PPRACHIN, SOA

ଉପେକ୍ଷିତ ସମ୍ପର୍କ

ତୃତୀୟ ଥର କେମୋ ନେଇ ବମ୍ବେ ରୁ ଫେରିବା ବେଳକୁ କଇଥିଆ ବାଇଗଣ ପରି ଦିଶୁଥିଲା ତାଙ୍କ ମୁହଁ। ମୁଣ୍ଡରେ ତାଙ୍କର ଲହରିଆ କେଶରାଶି ଜାଗାରେ ଥିଲା ଝିଙ୍କ କାଠି ପରି କତିପୟ ଠିଆ ଠିଆ ବାଳ, ତାହା ପୁଣି କଟା ଯାଇଥିଲା ପୁରୁଷଙ୍କ ପରି। ତାଙ୍କର ସେ ଚେହେରା କୁ ଦେଖିଲେ କେହି ବି ବିଶ୍ୱାସ କରି ପାରିବେ ନାହିଁ ଯେ ସେ ଏକଦା ଜଣେ ସୁନ୍ଦରୀ ମହିଳା ଥିଲେ ବୋଲି। ତାଙ୍କୁ ଯେଉଁମାନେ ଆଗରୁ ଦେଖିଥିଲେ, ସେମାନେ କେବଳ ଜାଣନ୍ତି ସେ କେତେ ସୁନ୍ଦରୀ ଥିଲେ, ଖାଲି ତ ସୁନ୍ଦରୀ ନୁହଁ ବିଦୁଷୀ ଓ ବାଗ୍ମୀ ମଧ୍ୟ।

ଯଦିଓ ସେ ଅର୍ଥନୀତିର ଅଧ୍ୟାପିକା ଥିଲେ, କିନ୍ତୁ ସାହିତ୍ୟ ରେ ଥିଲା ତାଙ୍କର ପ୍ରଗାଢ ରୁଚି। ଓଡିଆ ସାହିତ୍ୟ ସହ ବିଶ୍ୱ ସାହିତ୍ୟ କୁ ସେ କେବଳ ସୌଖୀନ ଅଧ୍ୟୟନ କରି ନଥିଲେ, ତାକୁ ହଜମ କରି ତାର ଗୂଢ ତତ୍ତ୍ୱକୁ ବାଖ୍ୟା କରିବାର ଦକ୍ଷତା ମଧ୍ୟ ରଖୁଥିଲେ। ପ୍ରାଚୀନ ଠାରୁ ସମକାଳ ଏବଂ ସମକାଳର ବରିଷ୍ଠଙ୍କ ଠୁ ନବୀନ ଯାଏଁ ପ୍ରାୟ ସମସ୍ତ ଲେଖକଙ୍କୁ ପଢିଥିଲେ ଓ ସମସ୍ତ ଲେଖକ ମାନଙ୍କର ଲେଖକୀୟ ଦକ୍ଷତା,ଲେଖାର ଭାବ ଓ ଭୂମି ସମ୍ପର୍କରେ ନିରପେକ୍ଷ ଟିପ୍ପଣୀ ଦେବାର ଯୋଗ୍ୟତା ରଖୁଥିଲେ।

ଥରେ କୌଣସି ଏକ ସାହିତ୍ୟ ସଭାରେ ଗୌତମଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଗୌତମ ଥିଲେ ସେହି ସହରର ଅନ୍ୟ ଏକ ଘରୋଇ କଲେଜର ଓଡିଆ ଅଧ୍ୟାପକ। ସେଦିନ ସେହି ସାହିତ୍ୟ ସଭାର ସେ ଥିଲେ ମୁଖ୍ୟ ବକ୍ତା। ବକ୍ତବ୍ୟର ବିଷୟ ଥିଲା ଓଡିଆ ସାହିତ୍ୟରେ ଉତ୍ତର ଆଧୁନିକତା । ସଭା ସରିବା ପରେ ଭୋଜନ ସମୟରେ ଉଭୟଙ୍କୁ ଜାଣିଥିବା ରୂପା ଦେବୀ ଗୌତମଙ୍କୁ ଚିହ୍ନାଇ

Digitized by PPRACHIN, SOA

ଦେଇଥିଲେ - ଇଏ ହେଉଛନ୍ତି ଅର୍ଚ୍ଚନା ଜେନା, ଆମ କଲେଜର ଅର୍ଥନୀତି ଅଧାପିକା। ଅଧାପିକା ସିନା ଅର୍ଥନୀତିର, ହେଲେ ସାହିତ୍ୟରେ ଇଏ ଗଭୀର ଜଳର ମାଛ।

ପରିଚୟ ଜାଣିବା ପରେ ଗୌତମ ତାଙ୍କୁ ଖୁସିହୋଇ ପଚାରିଲେ - ମୋର ଆଜିର ବକ୍ତବ୍ୟଟି କେମିତି ଲାଗିଲା ?

ଖୁବ ରୋକ ଠୋକ ଭାବେ ଅର୍ଚ୍ଚନା କହିଲେ, ଆପଣଙ୍କ କବିତାରେ ମୁଁ ଯେଉଁ ମୌଳିକତା ଲକ୍ଷ୍ୟ କରିଥିଲି ତାହା ଆଜି ଆପଣଙ୍କ ଭାଷଣ ରେ ମିଳିଲା ନାହିଁ। ଆପଣ ବକ୍ତବ୍ୟ ଖୁବ ସୁନ୍ଦର ରଖିଲେ। ଉତ୍ତର ଆଧୁନିକତା ସମ୍ପର୍କରେ ଅନ୍ୟମାନେ କଣ କହିଛନ୍ତି ତାର ଉଦ୍ଧୃତି ଓ ଅବତାରଣା କଲେ, ହେଲେ ନିଜର ମୌଳିକ ମତ ରଖିଲେ ନାହିଁ। ଆପଣଙ୍କ ନିଜ କବିତାରେ ତ ଭରପୁର ଉତ୍ତର ଆଧୁନିକତା, ଏଇ ଯେମିତି ଆପଣଙ୍କ ଭାତ, ମାଝି, କଣ୍ଟା, ଗାଁ ଇତ୍ୟାଦି କବିତା।

ଆପଣ କଣ ସେ ସବୁ କବିତା ପଢିଛନ୍ତି ?

ନ ପଢିଥିଲେ ଏକଥା କହିଥାନ୍ତି କିପରି ? କେବଳ ପଢିନି, ସେ ସବୁର ତର୍ଜମା ମଧ୍ୟ କରିଛି। ସେଥିପାଇଁ ତ କହିଲି ଆପଣଙ୍କ କବିତା ପରି ବକ୍ତବ୍ୟ ମୌଳିକ ଲାଗିଲା ନାହିଁ।

ବକ୍ତବ୍ୟକୁ ନାପସନ୍ଦ କରିଥିଲେ ମଧ୍ୟ ତାଙ୍କ କବିତାକୁ ପଢି ତର୍ଜମା କରିଥିବାରୁ ମନେ ମନେ ଖୁସି ହେଲେ ଗୌତମ। ଆଲୋଚନା କରିଥିଲେ ତାଙ୍କ କବିତା ସମ୍ପର୍କରେ। ସେଇଠୁ ଆରମ୍ଭ ହୋଇଥିଲା ସମ୍ପର୍କ। ସାହିତ୍ୟ ଆଲୋଚନା, ତର୍ଜମା ଓ ମତ ବିନିମୟରୁ ପ୍ରେମ। ପ୍ରେମ ରୁ ବିବାହ। ସମ୍ପର୍କର ଏହି ଦୀର୍ଘ ଯାତ୍ରା ମଧ୍ୟରେ ଉଭୟ ନିଜ ନିଜ କଲେଜରେ ସମ୍ପୂର୍ଣ୍ଣ ଅନୁଦାନପ୍ରାପ୍ତ ଗ୍ରେଡ ରେ ପହଞ୍ଚି ଯାଇଥିବାରୁ ଆର୍ଥିକ ସ୍ଥିତି ମଜବୁତ ହୋଇଯାଇଥିଲା। ତେଣୁ ଚିନ୍ତା କଲେ ଭଡା ଘରେ ନରହି ନିଜର ଏକ ଘର କରିବାକୁ। ଯୋଗକୁ ସେହି ସମୟରେ ସହରୀ ବିକାଶ ଯୋଜନାରେ ଗୃହ ନିର୍ମାଣ ଓ ଆବଣ୍ଟନ ପାଇଁ ଏକ ବିଶାଳ କଲୋନୀ ର ଶୁଭାରମ୍ଭ ହେଲା ସେ ସହରରେ। ନିଜ ଭଲ ପାଇବାର ନିଦର୍ଶନ ସ୍ୱରୂପ ପତ୍ନୀଙ୍କ ନାଁ ରେ ଘରଟିଏ ପାଇଁ ଆବେଦନ କଲେ। ଯୋଗକୁ ଘରଟିଏ ମିଳିଲା ମଧ୍ୟ।

ଅଧିକାଂଶ ପ୍ରେମ ବିବାହ ପରି ସେମାନଙ୍କ ମଧ୍ୟରେ ଥିଲା ମଧ୍ୟ ନୋକ ଝୋକ, ମତ ପାର୍ଥକ୍ୟ ଓ ମନାନ୍ତର। ମାତ୍ର ଏସବୁ ପଛରେ ନଥିଲା କୌଣସି

Digitized by PPRACHIN, SOA

ଅଭାବିପଣ ବରଂ ଥିଲା ବୌଦ୍ଧିକ ବିଚାରର ଗଭୀରତାରେ ଥିବା ବୈଷମ୍ୟ। ଅର୍ଚ୍ଚନା ଅନେକ ସମୟରେ ଭାବୁଥିଲେ କାଳିଦାସଙ୍କ ଅଙ୍ଗୁଳି ଠାର କୁ ନିଜ ବୌଦ୍ଧିକ ବିଚାରରେ ତର୍ଜମା କରି ସେ ଯାହାଙ୍କୁ ଧୀମନ୍ତ ବୋଲି ବିବାହ କରିଥିଲେ, ସେ ଅନ୍ୟ ଏକ କାଳିଦାସ। ଓଡିଆ ସାହିତ୍ୟର ପରିଧିରୁ ସେ ଇଞ୍ଚିଏ ମଧ୍ୟ ଆଗକୁ ଯାଇନାହାନ୍ତି ଏବଂ ଓଡିଆ ସାହିତ୍ୟ ବୋଲି ଯାହା ଅଧ୍ୟୟନ କରିଛନ୍ତି,ତାହା ସାଥୀ ବହି ପଢି ପ୍ରଶ୍ନୋତ୍ତର କୁ ମୁଖସ୍ଥ କରି ମାର୍କ ରଖିବା ଭଳି। ଗୌତମଙ୍କ ବୌଦ୍ଧିକତାର ଖାଲିପଣ ଦେଖି ସେ ସନ୍ଦେହ କରି ବସିଲେ ତାଙ୍କର କବିପଣ କୁ। ଦୂର ପାହାଡର ସୁନ୍ଦରତା ଦେଖି ପାଖକୁ ଗଲେ ଯେମିତି ଥାଏ ଲଣ୍ଡା ପାହାଡ, ତାଙ୍କ କବିତ୍ୱ ଲାଗୁଥିଲା ସେମିତି। ସେ ସନ୍ଦେହ କରୁଥିଲେ ଏ କବିତ୍ୱ ଗୌତମଙ୍କ ସ୍ୱକୀୟ କି ନୁହେଁ। କାରଣ ବିବାହ ପରଠାରୁ ସେ କେବେ ବି ଦେଖୁନଥିଲେ ତାଙ୍କର କବି ମନସ୍କ ଭାବ କିମ୍ବା କବିତା ପାଇଁ ସାଧନା କରିବା। ଅଧ୍ୟୟନରହିତ, ସମ୍ପୂର୍ଣ୍ଣ ବିଷୟାସକ୍ତ ଏବଂ ରାଜନୀତି ମନସ୍କ ଲୋକଟା ଯେ କବିତା ଲେଖୁଥିବ, ଏକଥା ତାଙ୍କ ମନରେ ସୃଷ୍ଟି କଲା ସନ୍ଦେହ। ଏମିତି ଏକ ଫମ୍ପା ମଣିଷ ସହ ସାରାଜୀବନ କଟାଇବା କଥା ଚିନ୍ତା କଲାବେଳେ ସେ ହୋଇପଡୁଥିଲେ ବିଷର୍ଣ୍ଣ।

ଗୌତମଙ୍କ ପାଖରେ ବୌଦ୍ଧିକ ଅହମିକା ନଥିଲା ସତ ମାତ୍ର ଥିଲା ପୌରୁଷର ଅହଂକାର। ପତ୍ନୀଙ୍କର ଅଣଦେଖାରେ ସେ ହେଉଥିଲେ ଆହତ। ରହୁନଥିଲା ଦାମ୍ପତ୍ୟ ର କଳକାକଳି ବରଂ ଶୁଭୁଥିଲା ଅସୁସ୍ଥ ସମ୍ପର୍କର କୋଳାହଳ। ଧୀରେ ଧୀରେ ସମ୍ପର୍କ ଶିଥିଳ ହେଲା, ଶିଥିଳତା ରୁ ଗଲା ଜଡ ବରଫ ସ୍ତରକୁ। ଉଭୟେ ଅନୁଭବ କଲେ ସମ୍ପର୍କର ଏହି ସ୍ଥିତିଜଡତା କୁ ଭାଙ୍ଗି ଆଉ ଗତିଶୀଳ କରାଇହେବ ନାହିଁ। ତେଣୁ ସମ୍ପର୍କ ବିସ୍ଫୋରକ ସ୍ଥିତି କୁ ଯିବା ପୂର୍ବରୁ ଉଭୟ ସହମତି ଭିତ୍ତିରେ କରିଦେଲେ ବିବାହ ବିଚ୍ଛେଦ।

ଅଲଗା ହୋଇଗଲା ଘର, ଅଲଗା ହୋଇଗଲା ସଂସାର। କିଣାଯାଇଥିବା ଘରଟି ଯେହେତୁ ପତ୍ନୀଙ୍କ ନାମରେ ଥିଲା ଏବଂ ସେ ତାକୁ ଛାଡିବାକୁ ପ୍ରସ୍ତୁତ ନଥିଲେ, ଗୌତମ ସେଥିପାଇଁ ବିଶେଷ ଜିଦ୍ କରିନଥିଲେ। ଦାର୍ଶନିକ ଦୃଷ୍ଟିକୋଣରେ ଭାବିଲେ ଜନ୍ମ ଜନ୍ମାନ୍ତର ପାଇଁ ବାନ୍ଧିଥିବା ସଂପର୍କକୁ ଯେତେବେଳେ ରଖି ହେଲା ନାହି, କିଛି ବର୍ଷର ରହଣୀ ପାଇଁ ତିଆରିଥିବା ଘରକୁ କି ମୋହ ?

ଏକା ସହରରେ ରହିଲେ କାଳେ ବେଳ ଅବେଳରେ ଭେଟ ଘାଟ

Digitized by PPRACHIN, SOA

ହୋଇଯିବ କିମ୍ବା ଉଭୟଙ୍କ ସଂପର୍କକୁ ନେଇ ସହରରେ ରୋଚକ ଆଲୋଚନା ହେବ, ସେଥିପାଇଁ ବଦଳି ମାଗି ଅନ୍ୟ ସହରକୁ ଚାଲିଗଲେ ଗୌତମ। ପଣ କଲେ ଆଉ କୌଣସି ନାରୀ ସହ ନୁହଁ ଏବେ ସଂସାର ହେବ ସାହିତ୍ୟ ସହ। ଅଧ୍ୟୟନ ଓ ଅଧ୍ୟବସାୟ ଦ୍ୱାରା ଜ୍ଞାନକୁ ଯେ ଯେକୌଣସି ବୟସରେ ହାସଲ କରାଯାଇପାରେ ଏକଥାକୁ ପ୍ରମାଣ କରିବେ।

ଚାଲିଲା କୃଚ୍ଛ୍ର ସାଧନା ଓ ଗଭୀର ଅଧ୍ୟୟନ। ଖୋଲିଲା ତାଙ୍କର ଅର୍ନ୍ତଦୃଷ୍ଟି ମନେ ମନେ ଭାବିଲେ ହୁଏତ ଅର୍ଚ୍ଚନାଙ୍କ ଠାରୁ ଠୋକର ପାଇନଥିଲେ ସେ ରହିଯାଇଥାନ୍ତେ ଅଜ୍ଞାନ ତିମିରରେ। କ୍ରମଶଃ ଯେତେବେଳେ ତାଙ୍କର ଉପଲବ୍ଧି ଆସିଲା ଯେ ଏବେ ସେ ଜ୍ଞାନ ସାଗରରେ ନୌକା ବାହି ପାରିବେ, ଫେରିଲେ କବିତାକୁ। ପୁନରାଗମନରେ ସେ ଏତେ ଶକ୍ତିଶାଳୀ ହୋଇ ଆସିଲେ ଯେ କେବଳ ଛାଇ ହୋଇଗଲେ ନି ପତ୍ର ପତ୍ରିକାରେ ବରଂ ପାଲଟି ଗଲେ ସବୁ ସମାଲୋଚକଙ୍କ ଆଲୋଚ୍ୟ କବି।

ଅର୍ଚ୍ଚନାଙ୍କ ଆଖିରେ ପଡିଲା ଗୌତମଙ୍କ ନବଜାଗରଣର କବିତା। ତର୍ଜମା କଲେ ପ୍ରତ୍ୟେକ କବିତାର ବୌଦ୍ଧିକ ଗଭୀରତା ଓ ଉତ୍କର୍ଷତାକୁ। ଖୁସି ହେଉଥିଲେ, ଉଦାସ ବି। ତାଙ୍କ ସହକର୍ମୀ ମାନେ ବହୁତ ସମୟରେ ଆଲୋଚନା କରନ୍ତି ତାଙ୍କ କବିତା ସମ୍ପର୍କରେ। ସେମାନଙ୍କ ଆଲୋଚନାର ଉଦ୍ଦେଶ୍ୟ ବୁଝନ୍ତି, ତେଣୁ ଆଲୋଚନା କୁ ଖୁବ ସ୍ୱାଭାବିକ ସ୍ତର କୁ ନେଇଯାଇ କହନ୍ତି - ପ୍ରତ୍ୟେକ ଶୀଳାଖଣ୍ଡ ଭିତରେ ଲୁଚି ରହିଥାଏ ଗୋଟିଏ ମୂର୍ତ୍ତି, ମାତ୍ର ତାକୁ ଦରକାର ଥାଏ ଗୋଟେ ଶିଳ୍ପୀର ହାତୁଡି ଓ ନିହାଣ ର ମାଡ। ଆପଣ ମାନେ ଏବେ ମୂର୍ତ୍ତିକୁ ଦେଖି ଆଲୋଚନା କରୁଛନ୍ତି, ମାତ୍ର ତା ପଛରେ ଥିବା ଶିଳ୍ପୀକୁ ତ ଦେଖୁନାହାନ୍ତି।

ତାଙ୍କ କଥାର ରହସ୍ୟ ବୁଝିପାରି ଜଣେ ସହକର୍ମୀ କହିଲେ - ପଥରକୁ ଚିହ୍ନି ନପାରି ତ ଶିଳ୍ପୀ ତାକୁ ପ୍ରତ୍ୟାଖାନ କରିଥିଲେ ଫମ୍ପା ବାଲିପଥର ବୋଲି, ହାତୁଡି ଓ ନିହାଣ ଆଉ ମାରିଲେ କେତେବେଳେ ?

ନିଜର ଭୁଲ ବୁଝୁଥିଲେ ଅର୍ଚ୍ଚନା। ଏକଦା ହେୟ ଓ ଅପାଂକ୍ତେୟ ମନେ କରୁଥିବା ଲୋକଟି ଧୀରେ ଧୀରେ ତାଙ୍କର ଧେୟ ଓ ଶ୍ରେୟ ହୋଇଚାଲିଥିଲେ। ସେ ଯୋଡିବାକୁ ଚେଷ୍ଟା କଲେ ଛିଡିଯାଇଥିବା ସମ୍ପର୍କର ସୂତାକୁ। କିଛି ଅନ୍ତରଙ୍ଗ ଆତ୍ମୀୟଙ୍କ ସହାୟତା ମଧ୍ୟ ଲୋଡିଲେ। ହେଲେ ସବୁ ଚେଷ୍ଟା ବିଫଳ ହେଲା।

Digitized by PPRACHIN, SOA

ଗୌତମ ଓଲଟି କହିଥିଲେ ନିର୍ବାଣ ଅଭିମୁଖେ ସଂସାର ତ୍ୟାଗ କରିଥିବା ଗୌତମ କଣ ଫେରି ଆସିଥିଲେ କି ପତ୍ନୀ ଯଶୋଧାରା ଓ ଶିଶୁ ପୁତ୍ର ପାଖକୁ ? ମୋ ଜୀବନ ପୁସ୍ତିକାରୁ ସେହି ଅଳ୍ପକାଳର ସଂସାର ପରିଚ୍ଛେଦ ଟି ଚିରି ଭସାଇ ଦେଇଛି ସମୟର ଉଜାଣି ସୁଅରେ। ଏବେ ମୁଁ ତାକୁ ନା ଖୋଜି ପାରିବି ନା ଫେରିପାରିବି। ସଂସାର ଭାଙ୍ଗିବାର କୌଶଳ ମୋତେ ଅଜଣା ଥିଲା, ଯୋଡିବାର କଳା ବି ଅଜଣା। ଯାହା ଆଉ କେବେ ସମ୍ଭବ ନୁହେଁ, ସେ ବିଷୟରେ ଆଲୋଚନା କିମ୍ବା ଚିନ୍ତା କରି ଅଯଥା ସମୟ ନଷ୍ଟ କରିବି କାହିଁକି ? କେବଳ ଏତିକି ପ୍ରାର୍ଥନା କରିପାରେ – ସେ ସୁଖରେ ରୁହନ୍ତୁ।

ସୁଖରେ ବା କେଉଁଠି ରହି ପାରିଲେ ଅର୍ଚ୍ଚନା। ଜ୍ୱର ହେଲା, ଦୀର୍ଘ ଦିନ ଯାଏ ଛାଡିଲାନି। ସବୁବେଳେ ଦେହରେ ରହିଲା ମୃଦୁ ଜ୍ୱର। ଏପଟ ସେପଟ କରି ବହୁ ଡାକ୍ତର ଦେଖାଇଲେ, କେହି ଧରିପାରିଲେନି ରୋଗ କଣ। କେବଳ କହୁଥାନ୍ତି ଜ୍ୱର ଗୋଟେ ରୋଗ ନୁହେଁ, ଅନ୍ୟ ରୋଗର ଲକ୍ଷଣ। ବହୁ ପରୀକ୍ଷା ପରେ ଜଣା ପଡିଲା ରୋଗ, ବ୍ଲଡ଼ କ୍ୟାନସର। ତାହା ପୁଣି ତୃତୀୟ ଷ୍ଟେଜ ରେ। ଏକଥା ଶୁଣି ଭାଙ୍ଗି ପଡିଲେନି ଅର୍ଚ୍ଚନା ବରଂ ଭାବିଲେ ମନ ଯେତେବେଳେ କ୍ୟାନସର ରେ ପୀଡିତ, ରକ୍ତ ଟା ବା କି ଛାର। ନିଜର ସମସ୍ତ ଆୟ ଓ ସଞ୍ଚୟ କୁ ବ୍ୟୟ କରି କରାଇଲେ ଚିକିତ୍ସା। କିଛି ଲାଭ ହେଉନଥିଲା, ବରଂ କେମୋ ର ପ୍ରଭାବ ରେ ଶରୀର ପାଲଟି ଯାଉଥିଲା ପୋଡା ଭୁଇଁ। ବଞ୍ଚି ରହିବାର ମୋହରେ ସରି ସରି ଯାଉଥିଲା ସମସ୍ତ ସଞ୍ଚୟ। ଦୀର୍ଘ ଦିନ ଛୁଟି ପାଇଁ ବନ୍ଦ ବି ହୋଇଯାଇଥିଲା ଦରମା। ଆଗକୁ ଚିକିତ୍ସା କରାଇବାକୁ ବାଟ ଦିଶୁ ନଥିବା ବେଳେ ଆଖି ଆଗରେ କେବଳ ଥିଲା ଘର ଖଣ୍ଡକ। ମାତ୍ର ତାଙ୍କ ମନ ଡାହୁଁ ନଥିଲା ସେ ଖଣ୍ଡକ ବିକିବା ପାଇଁ। ତାଙ୍କର କାହିଁକି କେଜାଣି ଗୋଟେ ବଦ୍ଧମୂଳ ଧାରଣା ହେଉଥିଲା ଯେ ତାରି ମୋହରେ ଦିନେନା ଦିନେ ଗୌତମ ଫେରିବେ ତାଙ୍କ ପାଖକୁ ଏବଂ ଦାବି କରିବେ ମାଲିକାନା। ମାଲିକାନା ଦାବି କଲେ ବି କରନ୍ତୁ, ଫେରି ଆସନ୍ତୁ କେବଳ। ସବୁ ଭୁଲ ବୁଝାମଣାକୁ ଭୁଲି ଅବଶିଷ୍ଟ ସ୍ୱଳ୍ପ ଆୟୁଷକୁ ସେ ହସି ହସି ବଞ୍ଚିଯିବେ ତାଙ୍କ ସହ।

ଏ ପ୍ରସ୍ତାବ ଶୁଣି ହସି ଦେଇଥିଲେ ଗୌତମ। କହିଲେ ସମ୍ପର୍କର ଘର ଉଜୁଡି ଗଲାପରେ ଏ ଇଟା ସିମେଣ୍ଟ ଘରର ବା ଗୋଟେ କି ମୋହ ? ସେ ଘର

Digitized by PPRACHIN, SOA

କଥା ତ ଦୂର,ମୁଁ ସେ ସହରରେ ବି ପାଦ ଦେବାକୁ ଋହେଁନା।

ଶେଷ ଆଶାଟି ହରାଇବା ପରେ ଆଉ ଘରଟିକୁ ଲୋଭ କରିବାର କୌଣସି ଆବଶ୍ୟକତା ଅନୁଭବ କରୁ ନଥିଲେ ଅର୍ଚ୍ଚନା। ହାତରେ ଚିକିତ୍ସା ପାଇଁ ଟଙ୍କା ନଥିଲା। ନିଷ୍ପତ୍ତି ନେଲେ ବିକିଦେବେ ଘରଟି। ଅବଶିଷ୍ଟ ଆୟୁଷ ବଞ୍ଚିବାକୁ ଆବଶ୍ୟକ ଅର୍ଥ ରଖି ଏ ଦୁର୍ଦ୍ଦିନ ରେ ଯେଉଁମାନେ ତାଙ୍କର ସେବା କରୁଛନ୍ତି ତାଙ୍କୁ ବାଣ୍ଟିଦେବେ କିଛି ଅର୍ଥ। କାହାରି ସେବାର ଋଣୀ ହୋଇ କାହିଁକି ବା ମରିବେ ?

ଘର ବିକ୍ରି ଖବର ଶୁଣି ଆସିଲେ ବହୁ ଗ୍ରାହକ। ସମସ୍ତ ଆଗ୍ରହୀ କ୍ରେତାଙ୍କ ପାଖରେ ସେ ରଖୁଥିଲେ ଗୋଟିଏ ସର୍ତ୍ତ ଯେ ସେ ଏ ଗୃହରେ ଅଳ୍ପ ଦିନର ଅତିଥି। ଯିଏ କିଣିଲେ ବି ମୁଁ ଯେଉଁ କେତେଦିନ ବଞ୍ଚିବି, ରହିବି ଏ ଘରେ। ତାଙ୍କ ମୃତ୍ୟୁ ପରେ ଯାଇ କ୍ରେତା ଏ ଘରର ମାଲିକ ହେବେ। ଯଦିଓ ଏ ଘରର ମୂଲ୍ୟ ଢେର ଅଧିକ, ମୋ ସର୍ତ୍ତ ପାଇଁ ମୁଁ ଏହାର ମୂଲ୍ୟ କମାଇ ରଖିଛି।

ବହୁ କ୍ରେତା ଆସୁଥିଲେ, ଦେଖୁଥିଲେ ଘର। ପସନ୍ଦ କରିବା ପରେ ଅଟକି ଯାଉଥିଲେ ସର୍ତ୍ତ ଶୁଣି। ଶେଷରେ ରାଜି ହେଲେ ଜଣେ ଆଗ୍ରହୀ କ୍ରେତା। ସେ ଶୁଣିସାରିଥିଲେ ତାଙ୍କର ସର୍ତ୍ତ। ଘର ଦେଖିବା ପୂର୍ବରୁ ସେ ଭେଟିଥିଲେ ଅର୍ଚ୍ଚନାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କୁ। ବୁଝିଥିଲେ ତାଙ୍କ ଠାରୁ ଅର୍ଚ୍ଚନାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ। କେଉଁ ଷ୍ଟେଜ ରେ ଅଛି ତାଙ୍କର ରୋଗ ଓ ଏଭଳି ରୋଗୀ ଅତି ବେଶିରେ କେତେ ଦିନ ବଞ୍ଚିପାରିବେ। ସବୁ ବୁଝିସାରିବା ପରେ ପହଞ୍ଚିଥିଲେ ଅର୍ଚ୍ଚନାଙ୍କ ପାଖରେ। କଥା ବାର୍ତ୍ତା କଲେ ଘର କିଣିବା ସମ୍ବନ୍ଧରେ। ରେଟ୍ କହିବା ପୂର୍ବରୁ ଅର୍ଚ୍ଚନା ତାଙ୍କୁ କହିଲେ - ମୋର ସର୍ତ୍ତ ଟିଏ ଅଛି, ଆପଣ ସେଥିରେ ରାଜି ହେଲେ ଯାଇ ରେଟ୍ କଥାକୁ ଆସିବା। ସର୍ତ୍ତ ଟି ଶୁଣି ସାରି କହିଲେ - ଇଏ ଗୋଟେ କି କଥା, ଆପଣ ମୋର ବଡ ଭଉଣୀ ପରି। ଆପଣଙ୍କ ଆବଶ୍ୟକତା ପାଇଁ ମୁଁ ଏ ଘର କିଣୁଛି, ହେଲେ ଇଶ୍ୱରଙ୍କୁ ପ୍ରାର୍ଥନା କରୁଛି ଆପଣ ସୁସ୍ଥ ହୋଇଯାନ୍ତୁ। ମୁଁ ଆପଣଙ୍କୁ ଆଉ ଏକ ପ୍ରତିଶ୍ରୁତି ଦେଉଛି, ମୋ ପ୍ରାର୍ଥନାରେ ଯଦି ଆପଣ ଭଲ ହୋଇଗଲେ, ତେବେ ଏ ଘର ଆପଣଙ୍କର ହୋଇ ରହିବ, ମୁଁ ଦେଇଥିବା ଟଙ୍କାକୁ ଆପଣ ମୂଳେ ମୂଳେ ଫେରାଇଦେବେ।

ଅର୍ଚ୍ଚନା ଖୁସି ହେଲେ ଯେ ଯାହା ହେଉ ଶେଷକୁ ଜଣେ ସମ୍ବେଦୀ କ୍ରେତା ମିଳିଲେ। ବିକ୍ରିଲବ୍ଧ ଅର୍ଥରୁ ତାଙ୍କୁ ନିଃସ୍ୱାର୍ଥ ଭାବେ ସେବା କରୁଥିବା ଦୁଇଜଣ

Digitized by PPRACHIN, SOA

ସେବାକାରୀ, ତାଙ୍କ ଜୀବନର ଏକ ଅଂଶ ପାଲଟି ଯାଇଥିବା ଗୃହ ଚାକରାଣୀ ଓ ସହରରେ ସ୍ୱାମୀ ପରିତ୍ୟକ୍ତାଙ୍କ ପାଇଁ ଖୋଲିଥିବା ଏକ ସ୍ୱଚ୍ଛୋସେବୀ ଅନୁଷ୍ଠାନ କୁ କିଛି କିଛି ବାଣ୍ଟି ଦେଲେ।

ଘର କିଣିଥିବା ଲୋକଟି ତାଙ୍କ ଭଲ ମନ୍ଦ ବୁଝିବାକୁ ପ୍ରାୟ ପ୍ରତିଦିନ ସକାଳେ ଥରେ ଓ ସନ୍ଧ୍ୟାରେ ଥରେ ଆସୁଥିଲେ। ତାଙ୍କର ଉଦ୍ଦେଶ୍ୟ ଥିଲା ତାଙ୍କୁ ବଡ ଭଉଣୀ ଭାବି ସେ ତାଙ୍କର ଏ ଦୁଃସମୟରେ ଠିଆ ହେଉଛନ୍ତି ଜଣାଇବା ମାତ୍ର ଏ ସେବା ମନୋଭାବ ପଛରେ ଲୁଚି ରହିଥିଲା ତାଙ୍କର ଏକ କୁତ୍ସିତ ଉଦ୍ଦେଶ୍ୟ। ସବୁଦିନ ଯିବା ଆସିବା ଭିତରେ ସେ ଆକଳନ କରିବେ ମୃତ୍ୟୁ ଆଗମନର ସମୟ।

କ୍ରମଶ ଦ୍ରୁତ ଅବନ୍ନତି ଘଟୁଥିଲା ସ୍ୱାସ୍ଥ୍ୟରେ। ସେ ଜାଣି ଦେଲେ - ନା, ଆଉ ବେଶି ଦିନ ନୁହେଁ, ଦୁଇ ଚାରି ଦିନର କଥା। ଯିବା ଆସିବା ଭିତରେ ଗଢି ଉଠିଥିବା ସମ୍ପର୍କର ଦ୍ୱାହି ଦେଇ କହିଲେ- ମାଡାମ ମୁଁ ଆପଣଙ୍କୁ ହସପିଟାଲ ନେବାର ବ୍ୟବସ୍ଥା କରୁଛି। କେତେବେଳେ କେଉଁ ଔଷଧ ର ଆବଶ୍ୟକତା ପଡିବ, ଏଠି ଘରେ ରହିଲେ ତାହା ସମ୍ଭବ ହେବ ନାହିଁ।

ସ୍ମିତ ହସି ଅର୍ଚ୍ଚନା କହିଲେ - ମୋ ସ୍ୱାସ୍ଥ୍ୟ ପାଇଁ ଆପଣଙ୍କ ଆବେଗ ଓ ଉଦବେଗ୍‌କୁ ଧନ୍ୟବାଦ ଜଣାଉଛି। ମାତ୍ର ଜାଣେ ମୁଁ ଯୁଆଡେ ଗଲେ ବି ଯମ ମୋ ପିଛା ଛାଡିବନି। ଯେଉଁ ଘରେ ମୋର ଏତେ ସ୍ମୃତି ଓ ସ୍ୱପ୍ନ ଭରି ରହିଛି, ତାକୁ ଛାଡି ଅନ୍ୟତ୍ର କାହିଁକି ମରିବି ?

ଖସି ପଡିଲା ଲୋକଟାର ମୁଖା। ଆଜି ଯାଏ ଚଳାଇ ଆସିଥିବା ସମସ୍ତ କୌଶଳ ବ୍ୟର୍ଥ ହୋଇଯିବ ଭାବି ସେ ଏଥର ନିଷ୍ଠୁର ଭାବରେ କହିଲା - ଖରାପ ଭାବିବେନି, ମୁଁ ଜାଣେ ଏକଥା କହି ଆପଣଙ୍କ ସର୍ତ୍ତ ଖିଲାପ କରୁଛି, ମାତ୍ର ବାଧ୍ୟ କହିବାକୁ। ମୋର ସମସ୍ତ ସଞ୍ଚିତ ଧନ ଓ ଗୁଡାଏ ଲୋନ କରି ମୁଁ ଏ ଘରଟିକୁ କିଣିଛି। ଘରଟି ପୁରୁଣା ହୋଇଥାଇପାରେ, ହେଲେ ମୋ ପାଇଁ ତ ନୂଆ ନା। କିଣିଛି ଯେତେବେଳେ ଗୃହ ପ୍ରତିଷ୍ଠା ପୂଜା ଟିଏ କରି ଗୃହ ପ୍ରବେଶ କରିବି ତ ? ପ୍ରତିଷ୍ଠା ପୂର୍ବରୁ ଏ ଘରେ ଗୋଟେ ମୃତିକା ହେଉ ଓ ଏ ଘର ଦୁଆରୁ କୋକେଇ ଉଠୁ ମୁଁ ଚାହୁନି। ଆପଣଙ୍କୁ ଗୋଟେ ନର୍ସିଙ୍ଗ ହୋମ ରେ ଭର୍ତ୍ତି କରି ଦେଉଛି, ସେଠିକା ସମସ୍ତ ଖର୍ଚ୍ଚ ମୁଁ ମଧ୍ୟ ବହନ କରିବାକୁ ପ୍ରସ୍ତୁତ।

ପୁଣି ଥରେ ସ୍ମିତ ହସି ଅର୍ଚ୍ଚନା କହିଲେ, ମୁଁ ଜାଣିଥିଲି ଏକଥା। ଆପଣଙ୍କ

Digitized by PPRACHIN, SOA

ସମବେଦନା ଓ ପ୍ରାର୍ଥନାର ପଛରେ ଥିଲା ମୋର ମୃତ୍ୟୁ ସମୟକୁ ଜାଣିବାର ପ୍ରୟାସ। ଆପଣଙ୍କ ଉଦ୍ଦେଶ୍ୟ ସ୍ୱାର୍ଥନିହିତ ଥିଲା ସିନା, ହେଲେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଆପଣଙ୍କ ଉପସ୍ଥିତି ମୋତେ ସତକୁ ସତ ଗୋଟେ ସମ୍ପର୍କର ବଳୟ ଭିତରକୁ ନେଇଯାଉଥିଲା। ବେଳେ ବେଳେ ଭଲ ଲାଗେ ଏମିତି ଛଳନାର ସମ୍ପର୍କ, ବିଶେଷ କରି ଜଣେ ମୃତ୍ୟୁ ପଥର ଯାତ୍ରୀ ପାଇଁ। ହଉ ଆପଣଙ୍କ ଇଚ୍ଛା ପୂର୍ଣ୍ଣ ହେଉ।

ନର୍ସିଙ୍ଗ ହୋମର ବେଡ ଉପରେ ସେ ଅପେକ୍ଷା କରୁଥିଲେ ମୃତ୍ୟୁକୁ। ଗଣୁଥିଲେ ଦିନ, ହେଲେ ସରୁନଥିଲା ସମୟ। ତାଙ୍କୁ ଦେଖା କରିବାକୁ ସହକର୍ମୀଣୀ ରୂପା ଦେବୀ ଯାଆନ୍ତି ମଝିରେ ମଝିରେ। ଥରେ ତାଙ୍କ ହାତକୁ ଖୁବ ବିକଳ ଭାବରେ ଧରି କହିଲେ - ମୋର ଗୋଟେ ଅନୁନୟ ରଖିବ ?

କଣ କୁହ।

ଫାଶୀ ପାଇବାକୁ ଯାଉଥିବା ମଣିଷର ଶେଷ ଇଚ୍ଛାକୁ ବି ସମ୍ମାନ ଦିଆଯାଏ। ମୁଁ ଫାଶୀ ପାଇବାକୁ ଯାଉନି ସତ, ହେଲେ ମୋ ମୃତ୍ୟୁର ସମୟ ଉପଗତ ବୋଲି ତ ଜାଣେ। ଗୌତମଙ୍କ ପାଖରେ ମୋର କୌଣସି ଅଧିକାର ନାହିଁ କି ଦାବି ନାହିଁ, କେବଳ ଶେଷ ଇଚ୍ଛା ମୃତ୍ୟୁ ପୂର୍ବରୁ ତାଙ୍କୁ ଥରେ ଦେଖିବାକୁ। ସ୍ୱାମୀ ସମ୍ପର୍କ ନହେଉ ପଛେ, ଗୋଟେ କବିର ସମ୍ପର୍କ ନେଇ। ପାରିବ ମୋର ଏ ଇଛାଟିକୁ ପୂରଣ କରି ?

ଚେଷ୍ଟା କରିବାର କଥା ଦେଇ ଗୌତମଙ୍କୁ ମନାଇବାକୁ ଲାଗିଲେ ରୂପା ଦେବୀ। ମାତ୍ର ତାଙ୍କର ସବୁ ଚେଷ୍ଟା ବିଫଳ ହେଲା। ସେ ରୋକ ଠୋକ ମନା କରିଦେଲେ ଭେଟିବା ପାଇଁ। ଗୌତମଙ୍କ ଉତ୍ତର ତାଙ୍କୁ ଏତେ ବ୍ୟଥିତ କରିଥିଲା ଯେ, ସେ କଥା ଅର୍ଚ୍ଚନାଙ୍କୁ କହି ମୃତ୍ୟୁ ପୂର୍ବରୁ ଆଉ ଏକ ମୃତ୍ୟୁ ଦେବାକୁ ସେ ଚାହିଁଲେନି। ମାତ୍ର ସେ ପଚାରିଲେ - କଣ କହିଲେ ?

ଏ ବେତାଳ ପ୍ରଶ୍ନଟିକୁ ରୂପା ଦେବୀ ଏଡାଇ ଯାଇ ନିରବ ରହିଲେ। ତାଙ୍କ ନିରବତା ଦେଖି ଅର୍ଚ୍ଚନା କହିଲେ ମୁଁ ଜାଣେ ସେ କଣ କହିଥିବେ। ହେଲେ ମୁଁ ଆଜି ଶାନ୍ତିରେ ମରିପାରିବି ଯେ ମୋର ଯେଉଁ ସନ୍ଦେହ ଥିଲା ସିଏ କବି ନୁହନ୍ତି ବୋଲି, ତାହା ଠିକ ଥିଲା। ଆଉ କଣ କହିବାକୁ ଯାଉଥିଲେ ଅଧାରୁ ରହିଗଲା କଥା।

—o—

Digitized by PPRACHIN, SOA

ପ୍ରତିଘାତ

ଡଙ୍ଗା ଯାଇ ପାଖା ପାଖି ମାଝି ନଈ ରେ ହୋଇଥିଲା, କୂଳରୁ ଡାକ ଶୁଭିଲା ନଟିଆ ଡଙ୍ଗା ଫେରା, ସାଆନ୍ତେ ଆସୁଛନ୍ତି । ନଟିଆ କାତ ମରା ବନ୍ଦ କରି କୂଳକୁ ଚାହିଁଲା । ସାଆନ୍ତଙ୍କ ବାରିକ ତାକୁ ଇସାରା କରି କହିଲା - ଫେରା, ଫେରା, ସାଆନ୍ତ ଆସୁଛନ୍ତି କଚେରୀକୁ ଯିବେ । ଡଙ୍ଗାରେ ବସିଥିବା ସବୁ ଲୋକ ଥିଲେ ନିରବ । ଶିରିଆ ପୁଅ ବଟ କେବଳ ତା ବାପକୁ ଚାହିଁ କହିଲା - ମୋର ପରୀକ୍ଷାରେ ପହଞ୍ଚିବା ଡେରି ହୋଇଯିବ ଯେ ? ଶିରିଆ ପୁଅ କୁ ପ୍ରବୋଧନା ଦେବାଭଳି କହିଲା, କଣ କରିବା ସାଆନ୍ତେ ପରା ଆସୁଛନ୍ତି ।

ଡଙ୍ଗା ଫେରିଲା କୂଳକୁ । ବସିଥିବା ସବୁ ଯାତ୍ରୀ ନିରବରେ ଓହ୍ଲାଇଲେ, ଅଣ୍ଟା ଭାଙ୍ଗି ଓଳଗି ହେଲେ ସାଆନ୍ତ ଙ୍କୁ । ସମସ୍ତଙ୍କ ସହ ଶିରିଆ ବି ଓଳହାଇ ଗଲା, ମାତ୍ର ଯାଇନଥିଲା ତା ପୁଅ ବଟ । ସାଆନ୍ତଙ୍କ ଚୌଦୋଳା ଡଙ୍ଗା ଉପରକୁ ଉଠିବା ବେଳେ ପିଲାଟିଏ ନଓହ୍ଲାଇ ଠିଆ ହୋଇଥିବାର ଦେଖି ଏମିତି ଭୟଙ୍କର ଚାହାଣୀ ଟିଏ ଦେଲେଯେ ଶିରିଆ ଅତରଛିଆ ଡାକ ଛାଡିଲା - ଆରେ ତୁ ଓହ୍ଲାଇ ନାହୁଁ କି ? ସାଆନ୍ତ ପରା ଯିବେ, ଓଳଗି ହୋଇ ଅହ୍ଲେଇ ଆସ । ଜଲ୍‌ଦି ଆ ।

ବଟ ଓଳଗି ହୋଇ ତଳକୁ ଆସିଲା, ହେଲେ ପଚାରୁଥିଲା ମୁଁ ପରୀକ୍ଷା ଦେବାକୁ ଯିବି କେମିତି ?

ତୁ ଆଗ ଆସିଲୁ, ତୋ ପରୀକ୍ଷା କଥା ପରେ ବୁଝିବା ।

ଇଏ ତୋ ପୁଅ କିରେ ଶିରିଆ ?

ହଁ ସାଆନ୍ତେ ।

କି ପରୀକ୍ଷା କଥା କହୁଛି ?

Digitized by PPRACHIN, SOA

ମୁଁ ବା କଣ ଜାଣେ, କଣ ଗୋଟେ ବୃତ୍ତି ପରୀକ୍ଷା ଦେବ।

ହୁଃ – ପରୀକ୍ଷା ଦେଉଛି। କଣ ପାଠ ପଢି ହାକିମ ହେବ ? କାମ ଦାମ ଶିଖା, କାମଦାମ। ଆଉ କାଇଦା କଟକଣା ବି। ହାତର ଗ୍ଟରି ଆଙ୍ଗୁଳି ଉଠାଇ ନିର୍ଦ୍ଦେଶ ଦେଲେ ଡଙ୍ଗା ଚଳାଇବାକୁ।

ଡଙ୍ଗା ସେ କୂଳରେ ପହଞ୍ଚିବାପରେ ଘାଟିଆକୁ କହିଲେ, ମୁଁ କଚେରୀରୁ ନଫେରିବା ଯାଏ ଡଙ୍ଗା ସେପଟକୁ ଯିବନି। ହାପ – ବାପ୍ ମୂଳଲଗା, ପୁଅ ହାକିମ ହେବା ସ୍ୱପ୍ନ ଦେଖୁଛି।

ପରୀକ୍ଷା ଦେଇପାରିଲାନି ବଟ। କ୍ରୋଧରେ ଜଳିଯାଉଥିଲା ସିଏ ଅଥଚ ତା ବାପ ଥିଲା ଖଣ୍ଡେ ବରଫ ପରି ଶୀତଳ। ବାପ ଉପରେ ରାଗିଯାଇ କହିଲା – କହି ପାରିଲନି ମୋର ପରୀକ୍ଷା ଦେବାର ଅଛି ବୋଲି ?

କହିଥିଲେ କଣ ଲାଭ ହୋଇଥାନ୍ତା ? ବରଂ ଆହୁରି ବଡ ବିପଦ ପଡିଥାନ୍ତା ଉପରେ। ଦେଖିଲୁ ସମସ୍ତେ ଚୁପ ଗ୍ଟପ ଓହ୍ଲାଇ ଆସିଲେ, କେହି ପାଟି ଖୋଲିଲେ ? କିଏ ବା ସାହସ କରିବ ପାଟି ଖୋଲିବାକୁ ? ତାଙ୍କ ନାଁରେ ତ ଏ ଖଣ୍ଡ ମଣ୍ଡଳ ସନ୍ତ୍ରସ୍ତ। ଗର୍ଭିଣୀ ଗାଈ ବି ବାଟ ଭାଙ୍ଗି ଗ୍ଟଲି ଯାଉଛି। ଆମେ ବା କି ଛାର ମଣିଷ ? କିଏ ଲଢି ପାରିବ ତାଙ୍କ ସହ ? ତାଙ୍କ ପାଖରେ ଅର୍ଥବଳ, ବାହୁବଳ ସବୁ ଅଛି। ଯାହାକୁ କୋପ ଦୃଷ୍ଟି ପକାଇବେ ସିଏ ସର୍ବସ୍ୱାନ୍ତ ହୋଇଯିବ। ଦେଖୁନୁ ପାଗଳ ହୋଇ କିପରି ବୁଲୁଛି ନାଭ ବେହେରା ?

କଣ ହୋଇଥିଲାକି ନାଭ ବେହେରାଙ୍କ ସହ ?

କଣ ଆଉ ହବ। ଭଲ ମାଟି କାରିଗର ବୋଲି ଏ ଅଞ୍ଚଳରେ ତା'ର ନାଁ ଥିଲା। ହାଣ୍ଡି, ମାଠିଆ ସହ ମାଟିର ମୂର୍ତ୍ତି, ଘୋଡା, ହାତୀ, ଦୀପ ରୁଖା, ପିକଦାନୀ ଇତ୍ୟାଦି ଖୁବ ସୁନ୍ଦର ଭାବେ ଗଢୁଥିଲା ସିଏ। ସାଆନ୍ତଙ୍କ ନଜର ତା' କାରିଗରୀ ଉପରେ ପଡିଲା। ତାକୁ ଥରେ ପ୍ରଶଂସା କଲାଭଳି କହିଲେ – ଆରେ ତୋ ହାତରେ ତ ଏତେ ସୁନ୍ଦର କାମ ହେଉଛି, ମାଟିରେ କିଛି ଟଙ୍କା ଗଢନ୍ତୁନି ?

ହଉ ଆପଣଙ୍କର ଯଦି ଇଚ୍ଛା, ତେବେ ଗଢି ଦେବି କହିଦେଲା ନାଭା। ଗଢିଦେବ ବୋଲି ସିନା କହିଦେଲା, ହେଲେ ଛାଞ୍ଚରେ କିପରି ଟଙ୍କା ଗଢିବ ଟେର ପାଉନଥାଏ। ସାଆନ୍ତ ତାଙ୍କ ପଲଟଣ ଧରି ଯିବା ଆସିବା କଲାବେଳେ ପଗ୍ଟରି ଦିଅନ୍ତି – କିରେ ନାଭା ମୋ ଟଙ୍କା କୁଆଡେ ଗଲା ?

Digitized by PPRACHIN, SOA

ଚାଲିଛି, ସରିନି ଆଜ୍ଞା, ହେଇଗଲେ ମୁଁ ନିଜେ ନେଇ ଦେଇଆସିବି।

ଏମିତି ଦୁଇ ଚାରିଥର ପଚାରିବା ପରେ, ଦିନେ ତାଙ୍କ ପଲଟଣ ଧରି ପହଞ୍ଚିଗଲେ ନାଭା ଦୁଆରେ। ଟଙ୍କା କାହିଁ ବୋଲି କହିବା ପୂର୍ବରୁ ବଡ ଯତ୍ନରେ ଗଢିଥିବା ଟଙ୍କାତକ ପାଛିଆରେ ପୂରାଇ ହାଜର ହୋଇଗଲା ନାଭା।

ଗୋଟେ ବିସ୍ମୟ ଓ ବିସ୍ତାରୀ ନୟନରେ ତାକୁ ଚାହିଁ ସାଆନ୍ତ ପଚାରିଲେ - ଇଏ କଣ ?

ଟଙ୍କା - ଟଙ୍କା ଆଜ୍ଞା। ବଡ ଯତ୍ନରେ ଠିକ ଭାଗ ମାପ ରେ ରାଣୀ ମୁଣ୍ଡବାଲା ଟଙ୍କା ଗଢିଛି। ଗଣିନି, ହଜାରେ ବି ହୋଇଯାଇଥିବ।

ସାଆନ୍ତ ଏତେ ଜୋର ରେ ଠୋ - ଠୋ ହୋଇ ହସିଲେ ଯେ ଲାଗିଲା ଯେମିତି ଆକାଶ ଛିଡି ପଡିବ। ହସ ବନ୍ଦ ହେଲାପରେ ପଚାରିଲେ - ଟଙ୍କା, ପୁଣି ମାଟିରେ ? ତୋ ମୁଣ୍ଡ ଠିକ ଅଛିତ ? ସମବେତ ସାଇବାଲା ଓ ତାଙ୍କ ସାଥିରେ ଥିବା ଲୋକଙ୍କୁ ଚାହିଁ ପଚାରିଲେ - ତମେମାନେ ସବୁ ଶୁଣିଛ ନା ନାହିଁ, ମୁଁ ନାଭାକୁ ଟଙ୍କା ମାଗିବାର ? କଣ୍ଟ ଦେଇ ଦେଇ ଚାଲିଥିଲା, ଆଜି କଣ୍ଟ ପୂରିବାରୁ ମୋତେ ତା ଦୁଆରକୁ ଆସିବାକୁ ପଡିଲା, ଆଉ ଦେଖ ସିଏ ମୋତେ ମାଟି ଟଙ୍କା ଦେଉଛି ପାଛିଆରେ ପୂରାଇ।

ସମବେତ ଗାଁବାଲା ଥିଲେ ନିରବ। କିଛି ଲୋକ ତାଙ୍କ କୃପା ଦୃଷ୍ଟି ଲାଭ ପାଇଁ କହିଲେ - ହଁ, ଆମେତ ବହୁତ ଥର ଶୁଣିଛୁ ସାନ୍ତେ ଆପଣ ଟଙ୍କା ମାଗିବାର।

ତୋ ମୁଣ୍ଡ ଫୁଣ୍ଡ ବୋଧେ ଖରାପ ହୋଇଗଲାଣି, ଟଙ୍କା ବାହାର କର, ଟଙ୍କା।

ନାଭାର ପାଟି ଆଫୁ ଆଫୁ ହୋଇଗଲା। ବୁଝିପାରୁନଥିଲା କି ଟଙ୍କା ବାହାର କରିବ ସିଏ। ଆପଣ କହିଥିଲେ ଟଙ୍କା ଗଢି ଦେବାକୁ, ଗଢିଛି ତ ଆଜ୍ଞା ?

ଆରେ ମୁଁ ତୋତେ କହିଥିଲି ଟଙ୍କା ଗଢିବାକୁ, ପୁଣି ମାଟିରେ ? ତୋ ମୁଣ୍ଡ ସତକୁ ସତ ଖରାପ ହୋଇଛି। ବାହାର କର ମୋର ହଜାରେ ଟଙ୍କା।

ହଜାରେ ଟଙ୍କା କଣ ପାଖରେ ନା ଆଖରେ। ତା ଜୀବନରେ କେବେ ହଜାର ଟଙ୍କା ବି ଦେଖିନି ନାଭା। ମାତ୍ର ତିନି ତୁଣ୍ଡରେ ଛେଳି କୁକୁର ପରି, ସାଆନ୍ତ ପ୍ରମାଣ କରିଦେଲେ ନାଭା ତାଙ୍କ ଠାରୁ ଟଙ୍କା ନେଇଥିଲା, ଏବେ ଶୁଝି ନପାରି ପାଗଳର ଅଭିନୟ କରୁଛି।

Digitized by PPRACHIN, SOA

କଣ ସବୁ ଘଟି ଯାଉଛି ଭାବି ନାଭା ବଲ ବଲ ହୋଇ ଚାହିଁ ରହିଲା କେବଳ । ସାଆନ୍ତେ ତାଙ୍କ ଗୁମାସ୍ତାକୁ କହିଲେ, ଇଏ ଟଙ୍କା ଦେଇପାରିବନି, ବାହାର କର ସେ କାଗଜ । ଗୁମାସ୍ତା କାଗଜ ବାହାରକରି ଟିପ ମରାଇସାରିବା ପରେ, ସାଆନ୍ତେ କହିଲେ ତୋ ନଇ କୂଳ ପାଳ ଜମି ଓ ଏ ଢିଅଟା ଆଜିଠାରୁ ମୋର ହେଲା ।

ସେବେଠାରୁ ନାଭା ସତସତିକା ପାଗଳ ହୋଇଗଲା । ଏବେ ସେହି ମାଟି ଟଙ୍କା ଧରି ଘୁରି ବୁଲୁଛି ।

ତୁ ତାଙ୍କ ଜୁଲମ କଥା ଜାଣିନୁ କି ଦେଖିନୁ ପୁଅ । ତୁ ଡଙ୍ଗାରୁ ନ ଓହ୍ଲାଇବା ଦେଖି ମୋ ଛାତିରୁ ତ ଅତଡା ଖସି ସାରିଥିଲା । ଜାଣୁ ଏ ନଟ ଘାଟିଆକୁ କି ଅବସ୍ଥା କରିଥିଲେ ସିଏ ?

ତାଙ୍କୁ ପୁଣି କଣ କରିଥିଲେ ?

ବଢି ପାଣିର ଭରା ନଇରେ ଡଙ୍ଗା ବାହୁଥିଲା ନଟିଆ । ନଇ ମଝିରେ କାତ ନପାଇବାରୁ, କାତ ରଖି ଆହୁଲା ମାରିଲା । କେତେବେଳେ ଅସାବଧନତା ହେତୁ ଆହୁଲାରୁ ପାଣି ଛିଟିକ ପଡିଗଲା ସାଆନ୍ତଙ୍କ ଶାନ୍ତିପୁରୀ ଧୋତିରେ । ଏତିକିରେ ତ ସେ ରାଗି ଅଗ୍ନିଶର୍ମା ହୋଇଗଲେ । ପଟୁପାଣି ପଡିଥିବା ଧୋତି ପିନ୍ଧି ଆଉ ସମୁଦି ଘରକୁ ଯିବେନି କହି ନଟିଆକୁ କହିଲେ ଡଙ୍ଗା ଫେରା । ଭୟରେ ଥରୁଥାଏ ନଟିଆ । କୂଳରେ ଓହ୍ଲାଇ ସାରି, ତାକୁ କହିଲେ ସାଙ୍ଗରେ ଆସିବାକୁ । ପ୍ରମାଦ ଗଣି ଗଣି ନଟିଆ ପଛେ ପଛେ ଗଲା । ଘରେ ପହଞ୍ଚିବା ପରେ ଗୋଟେ ହଳିଆକୁ କହିଲେ ତାକୁ ବାନ୍ଧିବାକୁ ଚଉପାଢି ଖୁଣ୍ଟରେ । ସେକି ଦେଇ ଗଲେ ଗୋଟେ ଚାବୁକରେ । ତା ପିଠିରୁ ଉତୁରିଗଲା ଚମଡା । ଦେଖଣାହାରୀ ବି ଭୟରେ କେହି ପାଟି ଖୋଲି ନଥିଲେ । ମାରି ମାରି ହାତ ଥକିଲା ପରେ ଯାଇ ବନ୍ଦ କଲେ । ତୁ କେମିତି ଭାବୁଛୁ ଯେ ଆମେ ତାଙ୍କ ସହ ପଙ୍ଗା ନେଇଥାନ୍ତେ ?

ଘରେ ପହଞ୍ଚିବା ପରେ ମନ ମାରି ବସି ରହିଲା ବଟ । ଖାଇବା ପିଇବା ଭୁଲି ପରୀକ୍ଷା ନ ଦେଇପାରିବା ଦୁଃଖରେ ବସି ରହିଲା ଯେ ସକାଳ ଯାଇ ଦ୍ୱିପ୍ରହର ହେଲା । ଯିଏ ଯେତେ ଡାକିଲେ ବି ଶୁଣୁ ନଥିଲା । ଏହି ସମୟରେ ଘାଟିଆ ନଟ ପୁଅ ଗୋପାଳ ତାଙ୍କ ଦାଣ୍ଡ ବାଟେ ଯାଉଥିଲା । ବଟ କୁ ଦେଖି ସେ ବିସ୍ମୟ ହୋଇ ପଚାରିଲା – ତୁ କଣ ପରୀକ୍ଷା ଦେବାକୁ ଗଲୁନି କି ? ଆରେ ସାର ପା କହୁଥିଲେ

Digitized by PPRACHIN, SOA

ତୁ ଏଥର ବୃତ୍ତି ନିଶ୍ଚୟ ପାଇବୁ ବୋଲି। ଗଲୁନି କାହିଁକି ?

ବୃତ୍ତି ନା ଚୋପା। ତୋ ବାପା ତ ଡଙ୍ଗା ଆଣିଲେ ନାହିଁ, ଯାଇଥାନ୍ତି କେମିତି ?

ସବୁ କଥା ଶୁଣିସାରି ଗୋପାଳ କହିଲା- ମୋ ବାପା ଦୋଷ କାହିଁକି ଦେଉଛୁ ? ତୁ ବୋଧେ ଜାଣିନୁ ଥରେ ପାଣି ଟୋପେ ପଡିଯାଇଥିଲା ବୋଲି ସେ ଚଣ୍ଡାଳ ମୋ ବାପାକୁ କି ଦଣ୍ଡ ଦେଇଥିଲା। ଆଜି ଯଦି ତାଙ୍କ କଥା ନମାନି ତୋତେ ପାରି କରିଥାନ୍ତେ, ତେବେ ଅବସ୍ଥା କଣ କରିଥାନ୍ତା ? ହେଲେ ମନେ ରଖିଥା, ମୁଁ ବଡ ହେଲେ ଏ କଥାର ପ୍ରତିଶୋଧ ନିଶ୍ଚୟ ନେବି।

ପ୍ରତିଶୋଧ ନା ଚୋପା ଟା ନେବୁ। ତୁ ସେ ବାହାଦୁରୀ ମୋ ଆଗରେ ଦେଖାନା।

ହଁ ତାଙ୍କ ଶକ୍ତି ଦେଖି ତୁ ଏକଥା କହିବୁ ନିଶ୍ଚୟ। ହେଲେ ମୁଁ କଣ କେବେ ଭୁଲି ପାରିବି ମୋ ବାପା ଉପରେ ପଡିଥିବା ସେହି ଚମଡା ଚାବୁକର ମାଡ କୁ ? ତାଙ୍କର ସେ ସମୟର ଆକୁଳ ଚିତ୍କାର ଓ କାନ୍ଦ, ଏବେ ବି ମୋ କାନ ଚାରିପଟେ ଭଉଁରୀ କାଟୁଛି। ବେଳେ ବେଳେ ତ ସେ ଦୃଶ୍ୟ ମନେ ପଡିଲେ ପାଗଳ ପ୍ରାୟ ଲାଗୁଛି। ଭାବେ ଯାହା ହେଲେ ପଛେ ଦେଇଯାଉ, ତାକୁ ମର୍ଦ୍ଦନ କରିଦେବି। ମୋ ପରେ ବାପା କଥା କଣ ହେବ ଭାବି ଶାନ୍ତ ପଡିଯାଏ।

ତାଙ୍କ ଉପରେ ପ୍ରତିଶୋଧ ନେବାଟା କଣ ଏତେ ସହଜ ? ତାଙ୍କ ପାଖରେ ଟଙ୍କା ବଳ ଓ ଲୋକ ବଳ ରହିଛି।

ଥାଉ, ଥାଉ ବେ ସେ ସବୁ। ଏମିତି ବେଳ ଆସିବ, ଏସବୁ ଥାଇ ବି କିଛି କାମରେ ଆସିବନି। ମୁଁ ସେ ବେଳ କୁ ଅପେକ୍ଷା କରିଛି।

ଛାଡ ଛାଡ ସେ ବେଳ କଥା, ହଉ ତୁ କୁଆଡେ ଯାଉଥିଲୁ ଯାଆ।

ତୁ ଆଜି ମୋତେ ବିଶ୍ୱାସ କରୁନୁ ତ, ନକର। ମାତ୍ର ମୁଁ ପଣ କରିଛି ପ୍ରତିଶୋଧର।

ହଉ, ତୋର ସେହି ଦିନକୁ ମୁଁ ଅପେକ୍ଷା କଲି।

ବେଳ ଗଡି ଚାଲୁଥିଲା। ନଟିଆ କ୍ରମଶଃ ବୃଦ୍ଧ ହେଉଥିବାରୁ, ଏବେ ଗୋପାଳ ତା ପାଠ ପଢା ଛାଡି ତାକୁ ଘାଟରେ ସାହାଯ୍ୟ କରୁଥିଲା। ହାତ ବଟାଇବା କାମରୁ ଧୀରେ ଧୀରେ କାତ ଧରିଲା, ଆହୁଲା ମାରିଲା। କିଛି ଦିନ ପରେ ତା' ବାପାକୁ ସମ୍ପୂର୍ଣ୍ଣ ବିଶ୍ରାମ ଦେଇ ସେ ନେଇଗଲା ଘାଟର ପୂରା ଦାୟିତ୍ୱ।

Digitized by PPRACHIN, SOA

ସାଆନ୍ତେ ଯାଇଥିଲେ କାମରେ, ଗଲାବେଳେ ଗୋପାଳକୁ କହିଲେ, ଫେରୁ ଫେରୁ ଡେରି ହୋଇପାରେ, ଡଙ୍ଗା ଏପଟେ ରଖି ଅପେକ୍ଷା କରିଥିବୁ। ଡଙ୍ଗାକୁ ଘାଟରେ ବାନ୍ଧି ଦେଇ ଜାମୁକୋଳି ଗଛ ମୂଳେ ଅପେକ୍ଷା କରି ବସି ରହିଥିଲା ସେ। ବସୁ ବସୁ ଆଖିକି ଲାଗି ଯାଇଛି ନିଦ। ଏହି ସମୟରେ ପହଞ୍ଚିଲେ ସାଆନ୍ତ। ତାଙ୍କ ଟହଲିଆ ଡାକ ମାରିଲା ଗୋପାଳକୁ। ଶୁଣି ପାରିଲାନି ସେ। ଏତିକିରେ କ୍ଷୁର୍ଣ ହୋଇଗଲା ସାଆନ୍ତଙ୍କ ସମ୍ମାନ। ସେ ଗୋପାଳ ଶୋଇଥିବା ଗଛ ମୂଳକୁ ଯାଇ ତାଙ୍କ ମୁଗୁରା ଜୋତା ପିନ୍ଧା ପାଦରେ ତା ପେଟକୁ ପକାଇଲେ ଲାତେ। ମରିଗଲି ମରିଗଲି କହି ଘଉଁକିନା ନିଦରୁ ଉଠିପଡିଲା ଗୋପାଳ। ସାଆନ୍ତଙ୍କୁ ସାମ୍ନାରେ ଦେଖି ଯନ୍ତ୍ରଣା ଭୁଲି ଧଡକିନା ଯାଇ ଡଙ୍ଗା ଫିଟାଇଲା।

ଡଙ୍ଗାରେ ବସୁ ବସୁ ସାଆନ୍ତେ କହିଲେ - ନବାବର ନାତି ପରି ନିଦରେ ଶୋଇ ଯାଇଥିଲୁ ତ ? ତାଙ୍କ ଟହଲିଆ କଥାରେ ତୁଆ ଦେଇ କହିଲା, ସାଆନ୍ତେ ଫେରିବାର ଅଛି ବୋଲି ଜାଣିକି ତୋ ଆଖିକି ନିଦ ଆଇଲା କେମିତି ?

ଗୋପାଳ ଯନ୍ତ୍ରଣୟରେ କଷ୍ଟ ପାଇ ରାଗରେ ରକ୍ତ ଘଉଳ ଚୋବାଇ ହେଉଥିଲେ ସୁଦ୍ଧା କିଛି ନକହି ଚୁପ ରହିଲା। ଜାଣୁଥିଲା ଏବେ କିଛି କହିବାର ଅର୍ଥ ଅଧିକ ଗାଳି ମାଡ ଓ ବେଇଜ୍ଜତ ହେବ। ଘାଟ ପାରି ପରେ ନିଜ ପେଟରେ ହାତ ମାରିଲା ଗୋପାଳ, ପେଟ ସାରା ଦରଜ। ଉଠୁଥିଲା ନିଆଁହୁଳା। ମନରେ ବି। ତାକୁ ଲାଗିଲା ଘଷି ପାଉଁଶ ତଳେ ଲୁଚିରହିଥିବା ନିଆଁକୁ ଆହୂଡେଇ ଦେଲେ ଯେମିତି ଦିକ ଦିକ ହୋଇ ଜଳେ, ତା ଭିତରେ ଶୋଇପଡିଥିବା ପ୍ରତିଶୋଧର ନିଆଁଟା ସେମିତି ଜଳିବା ଆରମ୍ଭ କଲାଣି।

ସେ ବର୍ଷ ଭୋଦୁଅ ମାସରେ ଲାଗିରହିଲା ଝଡି। ସାତଦିନ ଯାଏ ଅନବରତ ଲାଗି ରହିଲା ବର୍ଷା। ଅଷ୍ଟମ ଦିନରେ ଯାଇ ମୁହଁ ଦେଖାଇଲେ ସୂର୍ଯ୍ୟ। କ୍ରମାଗତ ବର୍ଷା ଡାକି ଆଣିଥିଲା ବଢିକୁ। ଘଣ୍ଟାକୁ ହାତେ ଲେଖାଏ ବଢୁଥିଲା ନଈ ପାଣି। କୂଳ ଡେଇଁ ନଦୀ ବନ୍ଧକୁ ଲାଗିଥିଲା ପାଣି।

ସାତ ଦିନ ଯାକର ଉପର ପାଣିରେ ଭର୍ତି ହୋଇଥିଲା ଡଙ୍ଗା। ତାକୁ ଉଝାଳି ଘୋଳ ମାରୁଥିଲା ଗୋପାଳ। ଏହି ସମୟରେ ସାଆନ୍ତଙ୍କ ବାରିକ ଆସି କହିଲା - ଡଙ୍ଗା ସଜିଲ କର, ସାଆନ୍ତେ ଆସୁଛନ୍ତି ପାରିହେବେ।

କୂଳରେ ଛିଡା ହୋଇଥିବା କିଏ ଜଣେ ତାଙ୍କ ବାରିକକୁ ପଚାରିଲା - ଏ

Digitized by PPRACHIN, SOA

ଯେଉଁ ବନ୍ୟା ମାଡି ଆସୁଛି, ସେଥିରେ ଗାଁ ଭାସିଯିବକି କଣ, ଏଥିରେ ସାଆନ୍ତେ ଯିବେ କୁଆଡେ ?

ନଈ ରେ ବଢି ଆସୁଛି ବୋଲି କଣ କଚେରୀ ତାରିଖ ଘୁଞ୍ଚି ଯିବ ? ବଡ ମୁଣ୍ଡ - ବଡ ବଡ କାରବାର, ବନ୍ୟା ଆସୁ କି ବାତ୍ୟା ଆସୁ ଯିବେ ହିଁ ଯିବେ।

ଗୋପାଳ ବିଡ ବିଡ ହୋଇ କହିଲା, ରହ ଆଜି ବୁଢାକୁ ନଈ ନୁହଁ ସମୁଦ୍ର ପାର କରାଇଦେଉଛି, ଭବ ସାଗର ପାର ହେବ ଆଜି।

କଣ କହୁଥିଲୁ କି, ବାରିକ ପଚାରିଲା।

ନା, କହିବି କଣ, ଡଙ୍ଗାରୁ ପାଣି ଉଝାଳି ଘଳିଆ ନ ମାରିଲେ ସାଆନ୍ତେ ବସିବେ କେମିତି ଭାବୁଛି।

ଏହି ସମୟରେ ପହଞ୍ଚିଲା ସାଆନ୍ତଙ୍କ ଚଉଦୋଳା। ନଈର ପାଣିକୁ ଚାହିଁ ଦେଇ କହିଲେ - ଭୟଙ୍କର ବଢି ଆସୁଛି ନିଶ୍ଚୟ। ହେଲେ ଯିବାକୁ ତ ପଡିବ। ପାଣିର ସୁଅ ଓ ଭଉଁରୀକୁ ଦେଖି କହିଲେ, ଏ ଚଉଦୋଳା ଡଙ୍ଗାକୁ ଉଠିଲେ ପବନ ଧରି ମଙ୍ଗ ମୋଡିବ, ତାକୁ ଏଇଠି ରଖ। କିଏ ଜଣେ କାନ୍ଧରୁ ଚଦର କାଢି ଡଙ୍ଗା ମଝି ପଟାରେ ବିଛାଇ ଦେଲା ତାଙ୍କ ବସିବା ପାଇଁ। ସେ ଡଙ୍ଗାରେ ବସିବା ପରେ କହିଲେ, ତମେ ମାନେ କେହି ଆସନି, ଏ ବନ୍ୟା ଯେମିତି ବଢୁଛି କେତେବେଳେ କେଉଁଠି ଘାଇ ହେବ କିଏ ଜାଣେ, ସୁବିଧା ଅସୁବିଧା ପାଇଁ ତମେମାନେ ଥାଅ। ଗୋପାଳକୁ କହିଲେ ଡଙ୍ଗା ଚଲା।

ଗୋପାଳ ଡଙ୍ଗାର ନଙ୍ଗର ଉଠାଇଲା। ମାଟି ଉପରକୁ ଚଢିଥିବାରୁ ଡଙ୍ଗାକୁ ପିଠିଦେଇ ପାଣିକୁ ଠେଲିଲା। କାତ ମାରି ଡଙ୍ଗାକୁ କୂଳ ଛଡା କଲାପରେ ଭାବିଲା- ଆଜି ବୁଢା ଏକା, ସାଙ୍ଗରେ କେହି ଟହଲିଆ ନାହାନ୍ତି, ତା ପ୍ରତିଶୋଧ ନେବାପାଇଁ ବୋଧେ ଭଗବାନ ଏମିତି ଏକ ସୁଯୋଗ ସୃଷ୍ଟି କରିଛନ୍ତି। ଡଙ୍ଗା ଧୀରେ ଧୀରେ ବଢୁଥିଲା ମଝି ନଈକୁ, ପାଉ ନଥାଏ କାତ, ବୁଲିଯାଉଥାଏ ମଙ୍ଗ। ଗୋଟେ ଭଉଁରୀରେ ପଡି ଡଙ୍ଗା ଚକ୍କର କାଟିଲା। ନଈକୂଳେ ଠିଆହୋଇଥିବା ଟହଲିଆ ମାନେ ଏପଟୁ ଚିଲ୍ଲାଉ ଥାନ୍ତି - ମଙ୍ଗ ସଳଖ କର, ବାଁକୁ କାତ ପକା ଇତ୍ୟାଦି ଇତ୍ୟାଦି।

ସମସ୍ତଙ୍କ ନିର୍ଦ୍ଦେଶ ଶୁଣୁଥିଲା ଗୋପାଳ, ହେଲେ କାମ କରୁଥିଲା ନିଜ ମର୍ଜିରେ। ଡଙ୍ଗାର ମଙ୍ଗ ମୋଡିବାକୁ ପକାଇଥିବା କାତ ପଶିଗଲା ଡଙ୍ଗା ପେଟ

Digitized by PPRACHIN, SOA

ତଳେ। ସୁଅ ଏମିତି ମଡାଉଥିଲା ଯେ ସମ୍ଭାଳି ପାରିଲାନି କାତ କୁ ଧରିରଖିବାକୁ। ଖସିଗଲା ହାତରୁ। ଡଙ୍ଗା ଭଉଁରୀ ଖେଳିଲା। ଚିଲ୍ଲାଇଲେ ସାନ୍ତେ- ଆରେ ମାରିବୁ ନା କଣ ? ସେଥିକୁ ଖାତିର ନକରି ଡଙ୍ଗା ଉପରେ କିଛି ସମୟ ଏପଟ ସେପଟ ହୋଇ ଭବିଲା, ଏଇଟା ବୋଧେ ସୁବର୍ଣ୍ଣ ସୁଯୋଗ। ଆହୁଲା ଆଣିବ ବୋଲି ଖୋଲୁଥିଲା ଘଳିଆ। ଡଙ୍ଗାକୁ ପଶି ଯାଉଥିଲା ପାଣି। ଘଳିଆ ମାରୁଛି କହି ଖୋଲୁଥିଲା ଗୋଟିକ ପରେ ଗୋଟିଏ ଘଳିଆ। ଗହ୍ଣୁ ଗହ୍ଣୁ ପଟେଇ ପେଟରେ ପେଟେ ପାଣି ହୋଇଗଲା। ଡଙ୍ଗା ଭିତରର ପାଣି ଦେଖି ସାଆନ୍ତଙ୍କ ଚିତ୍କାର କ୍ରମଶ ପରିଣତ ହେଉଥିଲା ଅନୁରୋଧରେ। ଅନୁରୋଧ ପରିଣତ ହେଲା ଆର୍ତ୍ତ ଅନୁନୟରେ - ମୋତେ ବଞ୍ଚାରେ ଗୋପାଳ। ଡଙ୍ଗା କାଟୁଥାଏ ଭଉଁରୀ, ଅନୁନୟ ପାଲଟିଗଲା ନିବେଦନ ଓ ନିବେଦନରୁ କ୍ରନ୍ଦନ।

ଏଇ ଘଡିକ ଭିତରେ ମୁଁ ତୁମର ସବୁ ରୂପକୁ ଦେଖିନେଲି। ଏବେ ତ ମୋ ନିଜ ରକ୍ଷଣ ଅସମ୍ଭବ, ମୁଁ ତମକୁ ରକ୍ଷା କରି ପାରିବି କିପରି ? ଯଦି ପହଁରା ଜାଣିଛ ଡେ଼ଇଁପଡ।

ଆରେ ମୁଁ ପହଁରା ଜାଣିନିରେ, ମୋତେ ବଞ୍ଚା ତୁ।

ଆପେ ବଞ୍ଚିଥିଲେ ବାପର ନାଁ କହି ଏମିତି ଗୋଟେ ଝଟକା ଦେଇ ଡଙ୍ଗାରୁ ଡେଇଁଲା ଯେ, ସେ ଡେଇଁବା କ୍ଷଣି ଓଲଟି ପଡିଲା ଡଙ୍ଗା। ଡଙ୍ଗା ପେଟ ତଳେ ସାଆନ୍ତ।

ଭଉଁରୀ କାଟି ପହଁରୁ ଥିଲା ଗୋପାଳ। ନଈ ର ସୁଅ ତାକୁ ଲାଗୁଥିଲା ଆପଣାର ଆପଣାର। ସ୍ରୋତକୁ ପ୍ରତିରୋଧ ନକରି ଭାସି ଚାଲିଥିଲା ସେ, ଯେଉଁଠି ଲାଗୁଛି ଲାଗୁ ପରୱା ନାହିଁ। ଏହାପରେ ତ ସେ ଅବଶିଷ୍ଟ ଜୀବନ ଗୋଟେ ବିଜୟଦର୍ପରେ ଜିଇଁ ପାରିବ। ସେ ଭାସି ଚାଲିଥିଲା ବେଳେ ଦେଖିଲା ଗୋଟେ ଶାନ୍ତିପୁରୀ ଧୋତି ଭାସି ଭାସି ଚାଲିଛି ନଈ ସୁଅରେ।

—o—

Digitized by PPRACHIN, SOA

କ୍ରୁଶବିଦ୍ଧ

ଟେଲିଗ୍ରାମ ପାଇଲି ବୋଉ ମରିଯାଇଛି। ସେତେବେଳକୁ ଚାରିଦିନ ବିତିସାରିଲାଣି। ବୋଉକୁ ମନେପକାଇଲି ଗଭୀର ଭାବରେ, ମାତ୍ର ଆଖିକୁ ଆସିଲାନି ଲୁହ। ମନକୁ ସାନ୍ତ୍ୱନା ଦେଲି, ବିଚାରୀ ମରିଯାଇନି ତ ତରିଯାଇଛି। ବଞ୍ଚି ଥାଉଁ ଥାଉଁ ଚିନ୍ତାରେ ବୁଡି ମରିବା ଅପେକ୍ଷା ମୃତ୍ୟୁ ବରଂ ଭଲ। ରୁମ କୁ ଫେରି ଟେବୁଲ ଉପରେ ଥିବା ବୋଉର ଫଟୋକୁ ଚାହିଁଲି। ଫଟୋ ଟି ପ୍ରାୟ ବର୍ଷେ ତଳେ ଉଠାଯାଇଥିଲା। ମନେଅଛି ଫଟୋ ଉଠାଇବା ପୂର୍ବରୁ ସମସ୍ତେ ତାକୁ କହିଥିଲୁ ଟିକେ ହସିବା ପାଇଁ। ଯେତେଥର କହିଲେ ମଧ୍ୟ ସେ ହସିପାରି ନଥିଲା। ଓଠକୁ ଟିକେ ମାତ୍ର କୁଞ୍ଚିତ କରିଦେଇ ସେ ପୁନଶ୍ଚ ଫେରିଯାଉଥିଲା ତା'ର ବିଷାଦ ସାମ୍ରାଜ୍ୟକୁ। ଫଟୋ ଦେଖିବାବେଳେ ମୋତେ ଲାଗିଲା ସେବେଠୁ ମୃତ୍ୟୁ ତାର ଆଧିପତ୍ୟ ବିସ୍ତାର କରିସାରିଥିଲା ବୋଉର ଆଖିତଳେ। ତା ଫଟୋ ପାଖରେ ଥିଲା ଆଉ ଗୋଟେ ଫଟୋ- ମଦର ମେରୀଙ୍କର। କାଖରେ ତାଙ୍କର ଯୀଶୁ, ମୁହଁରେ ଏଞ୍ଜେଲିକ ହସ। ଭାବିଲି ସେ ବୋଧେ ଏଥିପାଇଁ ହସିପାରୁଛନ୍ତି ଯେ ସେ ଗୋଟିଏ ଶିଶୁକୁ ଜନ୍ମ ଦେଇଛନ୍ତି ଯିଏ ପୃଥିବୀର ସମସ୍ତ ଦୁଃଖକୁ ପୋଛିଦେବ। ସିଏ ଏମିତିକା ସନ୍ତାନ ତିନୋଟି ଜନ୍ମ କରିଛି ଯେ ସେମାନେ ପୃଥିବୀର ସବୁ ଦୁଃଖକୁ ତା ଉପରେ ଲଦି ଦେବେ।

ଘରକୁ ଯିବା କଥା ଚିନ୍ତାକଲି। ଘରଠୁ ଛହଶହ କିଲୋମିଟର ଦୂରରେ ଏକ ବେସରକାରୀ କଲେଜରେ ମୋର ଆର୍ଥିକ ସ୍ଥିତି ଯାହା ସେଥିରେ ମାସର କୋଡିଏ ତାରିଖ ପରେ ଯିବା ପାଇଁ ସମ୍ବଳ? ନାଚାର ହୋଇ ସେକ୍ରେଟାରୀଙ୍କ ଦ୍ୱାରସ୍ଥ ହେଲି। ସେ ଗୁଡାଏ ସମବେଦନା ଦେଖାଇଲେ। ତଥାପି ମୋ ଆଖିକୁ

Digitized by PPRACHIN, SOA

ଆସୁନଥାଏ ଲୁହ। ଯାହାହେଉ ବହୁ କଷ୍ଟରେ ସେ ଯୋଗାଡ କଲେ ମୋର ଗୋଟାଏ ପଟର ଆବଶ୍ୟକତାଠାରୁ ସାମାନ୍ୟ ଅଧିକ ବାଟ ଖର୍ଚ୍ଚ।

ସନ୍ଧ୍ୟାରେ ବସରେ ବସିବା ବେଳେ ଚିନ୍ତାକଲି, ଭୁବନେଶ୍ୱରରେ ପହଞ୍ଚି ଭାଇଙ୍କ ବସାକୁ ଯିବି। ଯଦିଓ ତାଙ୍କ ସହ ମୋର ମନୋମାଳିନ୍ୟ ଥିଲା, ତଥାପି ଏ ସମୟରେ ତାକୁ ନଧରିବାକୁ ନିଷ୍ପତ୍ତି ନେଲି। ବାହାଘର ପୂର୍ବ ଓ ବାହାଘର ପରର ପରିସ୍ଥିତି କୁ ଭାବି ମୁଁ ତାଙ୍କ ଉପରେ ରାଗିଯାଏ ସିନା ହେଲେ ଘୃଣା କରିପାରେନା। ବରଂ ଦୁଃଖ ହୁଏ ତାଙ୍କର ବିବଶତା ପାଇଁ। ଭାଉଜ ସଜାଇ ଦେଇଥିଲେ ତାଙ୍କୁ ଏକ କ୍ରୀଡ଼ନକ। ସେ ଉଠ କହୁଥିଲେ ଉଠୁଥିଲେ, ବସ କହିଲେ ବସୁଥିଲେ। ସେ ଏମିତି ଏକ ଆତ୍ମକୈନ୍ଦ୍ରିକ ପରିବାରର ରୂପରେଖ ତାଙ୍କ ମନରେ ଭର୍ତ୍ତି କରିଥିଲେ ଯେ, ସେ ସେଥିରୁ ବାହାରି ଘରେ ଥିବା ବିଧବା ମାଆ,ସାନ ଭାଇ ଓ ଭଉଣୀ କଥା ଚିନ୍ତା କରିପାରୁନଥିଲେ।

ଘରଠାରୁ ମାତ୍ର ଶହେ କିଲୋମିଟର ଦୂର ଭୁବନେଶ୍ୱର, ଅଥଚ ସେ କେବେ ଘରକୁ ଯାଇ ପାରୁନଥିଲେ। ବହୁବର୍ଷ ତଳେ ଥରେ ଯାଇଥିଲେ ଗାଁକୁ, ଘରର ଜମିରେ ଥିବା ତାଙ୍କ ଭାଗ କୁ ବିକିବା ପାଇଁ। ବୋଉ ତୀବ୍ର ବିରୋଧ କରି କହିଥିଲା, ଏତେ ବର୍ଷ ହେଲାଣି କେବେ ତୋର ମନେ ପଡୁନଥିଲା ତୋର ଗୋଟେ ଗାଁ ଅଛି, ଗାଁରେ ତୋର ବୋଉ, ଭାଇ ଓ ଭଉଣୀ ଅଛନ୍ତି ବୋଲି, ହେଲେ ଆଜି କେମିତି ମନେ ପଡିଗଲା ତୋର ଜମି ଅଛି ଓ ସେଥିରେ ଭାଗ ଅଛି ବୋଲି ? ଭଲ ହେଲା ମୁଁ ବଞ୍ଚି ଥାଉଁ ଥାଉଁ ତୁ ଏ କାମଟା କରିବାକୁ ଆସିଛୁ। ଏଠାରୁ ସମ୍ପର୍କ ତୁଟାଇ ଦେବୁତ, ତା ପୂର୍ବରୁ ଆଉ ଗୋଟେ କାମ ବି କରିଦେ, ବଡ ପୁଅ ହିସାବରେ ମୁଁ ମଲେ ତୁ ମୁଖାଗ୍ନି ଦେଇଥାନ୍ତୁ, ସେ କାମ ଟା ବି ଏହା ସହ କରିଦେ।

ବୋଉର କ୍ରୋଧମିଶ୍ରିତ ଅଭିମାନରେ ଭାଇ ଆଉ ସାହସ କରିପାରି ନଥିଲେ ଜମି ବିକିବାକୁ। ସେହି ସଞ୍ଜେ ସଞ୍ଜେ କାମ ଅଛି ବାହାନା କରି ଫେରି ଯାଇଥିଲେ ଭୁବନେଶ୍ୱର। ସେହି ଦିନୁ ଆଜିଯାଏଁ ଆଉ ମାଡି ନାହାନ୍ତି ଗାଁ। ଏବେ ବୋଉ ମଲା ଖବର ପାଇ ସେ ରାଗରେ ହୁଏତ ଯାଇ ନଥିବେ।

ତାଙ୍କ କ୍ୱାଟରରେ ପହଞ୍ଚି ଦେଖିଲି ତାଲା ପଡିଛି। କାହାକୁ ପଚାରିବି ପଚାରିବି ହେଉଛି, ପାଖ ଘରୁ ଜଣେ ଭଦ୍ର ମହିଳା ବାହାରି ପଚାରିଲେ – ମହାନ୍ତି ବାବୁଙ୍କୁ ଖୋଜୁଛନ୍ତି କି ? ତାଙ୍କ ମା ମଲା ଖବର ପାଇ ସେ ଗାଁ କୁ ଯାଇଛନ୍ତି।

Digitized by PPRACHIN, SOA

ଆଶ୍ଚର୍ଯ୍ୟ ହେଲି, ଏତେ ବର୍ଷ ଧରି ଗାଁକୁ ଯାଇ ନଥିବା ଭାଇ ଖବର ପାଉ ପାଉ କିପରି ଗାଁକୁ ଚାଲିଗଲେ, ପୁଣି ପିଲାଛୁଆ ଧରି? ଯାହାହେଉ ବୋଉର ଜୀବିତାବସ୍ଥାରେ ନହେଲା ନାହିଁ, ମୃତ୍ୟୁ ପରେ ଅନ୍ତତଃ ଭାଇ କର୍ତ୍ତବ୍ୟ ସଚେତନ ହୋଇଛନ୍ତି।

ଘରେ ପହଞ୍ଚିବା ବେଳକୁ ସଞ୍ଜ ହେଲାଣି। ବୋଉର ମୃତ୍ୟୁ ଖବର ପାଇ ଏତେ ସମୟ ଯାଏ ଆସିନଥିବା ଲୁହ ହଠାତ ବନ୍ଧନ ମାନିଲା ନାହିଁ। ଭାଇ ବସିଥିଲେ ପିଣ୍ଡାରେ, ଟାଣୁଥିଲେ ସିଗାରେଟ ନିର୍ବିକାର ଭାବରେ। ତାଙ୍କୁ ଆଡେଇଯାଇ ପଶିଲି ଘରେ। ଗୋଟେ ଚଟେଇ ଉପରେ ଶୋଇ କାନ୍ଦି କାନ୍ଦି ଆଖି ଫୁଲିଯାଇଥିବା ବଡ ଭଉଣୀ ମୋତେ ଦେଖି ଜୋରରେ କାନ୍ଦି ଉଠିଲା। ମୁଁ ଅନୁଭବ କଲି କୋହର ବନ୍ଧନୀରେ ଆମେ ଦୁଇଜଣ ଦୁଇଟି ଢଳ ଢଳ ଲୁହବିନ୍ଦୁ, କେହି କାହାରିକୁ ବୁଝାଇବା ଅବସ୍ଥାରେ ନଥିଲୁ।

ଏମିତି କିଛି ସମୟ ଯିବାପରେ ଭାଇ ଡାକିଲେ ଭାଇଜଙ୍କୁ - କହିଲେ ଏମାନଙ୍କୁ ବୁଝା। ଯିଏ ଯାଇସାରିଲାଣି ତା ପାଇଁ ଯେତେ କୋଡି କରଡି ହୋଇ କାନ୍ଦିଲେ ସିଏ କଣ ଫେରିଆସିବ? ଭାଉଜ ଆମ ପାଖକୁ ଆସି କହିଲେ, ତମେମାନେ ତ ବଡ ହୋଇଗଲଣି, ସଂସାରକୁ ବୁଝିଛ। ଯାହାର ଦିନ ସରିଲା ସିଏ ଗଲା। ତାଙ୍କ ପାଇଁ ଆଉ ଯେତେ ମୁଣ୍ଡକୋଡି କାନ୍ଦିଲେ କଣ ସେ ଫେରିବେ? ତାଙ୍କ ପ୍ରତି ମୋର ଘୃଣା ଏତେ ଥିଲାଯେ ତାଙ୍କ ସମବେଦନା ଶୁଣିବାକୁ ବି ଇଚ୍ଛା ନଥିଲା।

ସେଦିନ ରାତିର ଖାଁ ଖାଁ ନିଶୁନ ପରିବେଶ ଆଜିବି ମନେ ପଡିଲେ ମୋତେ ଗୋଟେ ଶୂନ୍ୟତାର ଭୟ ମାଡିବସେ। ମୋ ଦାଦା ପୁଅ ଭାଇ ଯିଏ ମୁଖାଗ୍ନି ଦେଇଥିଲା, ଶୋଇଥିଲା ବୋଉ ଶେଷନିଶ୍ୱାସ ନେଇଥିବା ଜାଗାରେ। ବଡ ଭଉଣୀ ଶୋଇଥିଲା ପାଖରେ ମସିଣା ଟିଏ ପକାଇ ଲୁହରେ ଆକ୍ତା ମାକ୍ତା କମାଟିଏ ପରି। ଭାଉଜ ବ୍ୟସ୍ତ ହୋଇ କହୁଥିଲେ - ଲାଇଟ ଫାଇଟ କିଛି ନାହିଁ, ମଶା ବି ଗୋଟେ ଗୋଟେ ଲାଗୁଛନ୍ତି, ଏ ଗରମରେ ଛୁଆଗୁଡା ଶୋଇବେ କେମିତି? ଏ ଏଗାର ଦିନ କେମିତି ଯିବ କେଜାଣି? ହଁ ଦେଖ, ଏଥର ସବୁ ତୁଟାଇ ଯିବ, ଯେମିତି ଆଉ ଆସିବାକୁ ନପଡେ।

ଭାଇ କିଛି କହୁ ନଥିଲେ, ବୋଧେ ଶୂନ୍ୟକୁ ଚାହିଁ ସିଗାରେଟ ଫୁଙ୍କୁ ଥିଲେ।

Digitized by PPRACHIN, SOA

ଭାଉଜ ତାଙ୍କୁ ପୁନଶ୍ଚ ଚେତାଇ ଦେଇ କହିଲେ, କଣ ଏତେ ସିଗାରେଟ ଟାଣି ଭାବୁଛ ଯେ ? ସେତେବେଳେ ସିନା ବୋଉ ଥିଲେ,ପ୍ରତିରୋଧ କଲାରୁ କିଛି କହିପାରିଲନି, ଏବେ ତ ତମେ ବଡ। ହଁ ଦେଖ ଯେମିତି କୌଣସି ଭାବପ୍ରବଣତା ରେ ଭାସି ଯାଇ ଲମ୍ବା ଚୌଡା ଖର୍ଚ୍ଚବାର୍ଚ୍ଚ କରିବାର ଯୋଜନା ନକର। ଏଗାର ଦିନ ଗଲେ ବାର ଦିନକୁ ଆମେ ଥିବା ଭୁବନେଶ୍ୱରରେ – ଏ ଗାଁ ବାଲା ସାଇପଡିଶା କିଏ କଣ ପଛରେ କହିବେ ଆମେ ନଥିବା ଶୁଣିବାକୁ। ତା' ପରେ କାହା କହିବାରୁ ଆମକୁ କଣ ମିଳିବ ? ଆମକୁ ତ ଆମ ଭବିଷ୍ୟତ କଥା ଚିନ୍ତା କରିବାକୁ ଅଛି ? ବିଜୁ ତ ଚାକିରି କରିଛନ୍ତି, ଛବି ବି ଏତେ ବର୍ଷ ହେଲାଣି ଘର ପାଖରେ ଚାକିରି କରିଛନ୍ତି, ସବୁ ଟଙ୍କା କଣ ମା ଝିଅ ଖାଇ ସାରିଦେଇଥିବେ ? ସେ ଆଉ କୋଉ ବାହା ହୋଇପାରିବେ ଯେ ସେଥିପାଇଁ ସଞ୍ଚିବେ ? ସେ ଦୁହେଁ ଖର୍ଚ୍ଚ କରନ୍ତୁ ?

ଭାଉଜଙ୍କ ଶେଷପଦ କଥାରେ ମୋ ରକ୍ତରେ ନିଆଁ ଲାଗିଗଲା, ହେଲେ ପରିସ୍ଥିତିର ଗମ୍ଭୀରତା ଦୃଷ୍ଟିରୁ କିଛି କହିବାକୁ ଉଚିତ ମନେକଲିନି। ସେଦିନ ସାରା ରାତି ଶୋଇ ପାରିଲିନି। ଚିନ୍ତା କରୁଥିଲି ଅନ୍ତ୍ୟେଷ୍ଟି ପରେ ପରେ ଆସିବାକୁ ଥିବା ଝଡର ରୂପ କଣ ହୋଇପାରେ।

ଦୁଃଖ ଲାଗୁଥିଲା ଛବି ଅପା ପାଇଁ। ଭାବୁଥିଲି ସେ କଣ ଏ କଥାର ଆଘାତ ସହି ପାରିବ ? କଣ ଯେ ତାର ଅଭାବ ଥିଲା ବାହା ହୋଇ ପାରିଲାନି ? ପାଠ ପଢିଛି, ଦେଖିବାକୁ ବିଶେଷ ସୁନ୍ଦରୀ ନହେଲେ ମଧ୍ୟ ଅସୁନ୍ଦରୀ ତ ନୁହେଁ ? କାହିଁକି ବାହା ହୋଇ ପାରିଲାନି ? କିଏ ଖୋଜିଥିଲା ନା ମୁଣ୍ଡ ଖେଳାଇଥିଲା ତା ବାହାଘର ପାଇଁ ? ବୋଉ କେବଳ ଶୂନ୍ୟ ହାତରେ ତା ବାହାଘର କଥା ଚିନ୍ତା କରି କରି ଶେଷରେ ଏକ ବିରାଟ ଅବସୋସ ନେଇ ଚାଲିଗଲା।

ଏମିତି ଚିନ୍ତାରେ ପାହିଗଲା ରାତି। ସକାଳୁ ଛବି ଅପା କହିଲା – ଆ, ବୋଉର ଜୁଇ ଯେଉଁଠି ଜଳିଛି, ଦେଖି ଆସିବୁ। ସେଠାରେ ପହଞ୍ଚି ଦେଖିଲୁ ଯେ ସବୁ ପାଉଁଶ ପୋଛା ପୋଛି କରି ସଫା କରାଯାଇଛି। ପାଖରେ ଦୁଇଟା ହାଣ୍ଡି ଓ କେତେଖଣ୍ଡ ଦରପୋଡା କାଠ। ସେଠାରେ ପହଞ୍ଚୁ ପହଞ୍ଚୁ ଅସରାଏ ବର୍ଷା ପରି କାନ୍ଦିଲା ଛବି ଅପା। ବହୁ ସମୟ ପରେ କାନ୍ଦ ବନ୍ଦ କରି କହିଲା – ଜାଣୁ ବୋଉର ମୃତ୍ୟୁ ପାଇଁ ମୁଁ ହିଁ ଦାୟୀ। ସେ ମୋ ପାଇଁ ଚିନ୍ତା କରି କରି କେବଳ ମରିଗଲା। ଯେତେ ଚେଷ୍ଟା କରି ମଧ୍ୟ ମୁଁ ତାକୁ ବୁଝାଇ ପାରିଲି ନାହିଁ ଯେ ବାହା ହୋଇନପାରି

Digitized by PPRACHIN, SOA

ବି ମୁଁ ବେଶ ସୁଖରେ ଅଛି, ଭବିଷ୍ୟତରେ ରହି ପାରିବି ମଧ୍ୟ। ତାକୁ ଖୁସି କରିବାକୁ ତ ମୁଁ କାହାକୁ ଗୋଟେ ଧରି ଆଣିପାରିନଥାନ୍ତି। ତା' ପରେ ଗୋଟେ ଝିଅର ବାହାହେବା ପାଇଁ ଗୋଟେ ବୟସ ଥାଏ। ସେ ବୟସ ଗଡ଼ିଗଲା ପରେ କିଏ କାହିଁକି ଆସିଥାନ୍ତା କହତ? ଚାକିରିଟିଏ କରିଛି ବୋଲି କଣ ଗୋଟେ ପୁରୁଷ ପାଇଁ ଯଥେଷ୍ଟ ହୋଇଗଲା?

ମୁଁ ଥିଲି ନିରବ, ଜାଣୁଥିଲି ଯାହା ବି କହିବି ତାହା ତାର ଅତଳ ଦୁଃଖର ତଳକୁ ବି ସ୍ପର୍ଶ କରି ପାରିବ ନାହିଁ। ମୋ ନିରବତା ଦେଖି ସେ କହିଲା, ଜାଣୁ ଖବର ପାଉ ପାଉ ଭାଇ ଭାଉଜ ଗାଁକୁ କାହିଁକି ଧାଇଁ ଆସିଛନ୍ତି? ତତେ ଏଠାକୁ ଡାକିଛି ସେଥିପାଇଁ ଯେ, ତୁ ତାଙ୍କ ସହ କିଛି ଝଗଡା ଯେମିତି ନକରୁ। ସେ ଏବେ ଏତେ ମାତ୍ରାରେ ସ୍ତ୍ରୀ ବୁଦ୍ଧିରେ ଯେ, ସେ ଆଉ ଭାବି ପାରୁନାହାନ୍ତି ଯେ ତାଙ୍କ ସଂସାର ବାହାରେ ବି ଏକ ବୃହତ୍ତର ପରିବାର ଅଛି ବୋଲି। ମାତ୍ର ସେ ଉପଲବ୍ଧି ତାଙ୍କର ଦିନେ ନା ଦିନେ ଆସିବ, ସେତେବେଳେ ତାଙ୍କ ଅନୁତାପ ର ଅଶ୍ରୁ ରେ ବୋଉର ଆତ୍ମା ଶାନ୍ତି ପାଇବ। ମୁଁ ତ ସବୁ ଦୁଃଖକୁ ସାମ୍ନା କରିବାକୁ କେବେଠାରୁ ପ୍ରସ୍ତୁତ, କେବଳ ତୋ ପାଇଁ ମୋର ଚିନ୍ତା।

ମୁଁ ଜାଣୁଥିଲି ଛବି ଅପାର ଦୁଃଖ ମାତ୍ର ଥିଲି ଅସହାୟ। ଭାବୁଥିଲି କେଉଁ ସାହାରାରେ ଜୀବନର ଏ ଲମ୍ବା ରାସ୍ତାକୁ ଚାଲିବ ସେ? ଏମିତି ଭାବୁ ଭାବୁ ଆସି ପହଞ୍ଚିଗଲୁ ଘର ପାଖରେ। ଦେଖିଲି ଭାଇ ଗାଁ ଓ ସାହିର କିଛି ଲୋକଙ୍କ ସହ କଣ କଥା ହେଉଛନ୍ତି। ମୋତେ ଦେଖୁ ଦେଖୁ ଆମ ସାହିର ଜଗୁ ସାଆନ୍ତ କହିଲେ- ହେଇ ବିଜୁ ତ ଆସିଗଲାଣି, ତୁ ଯାହା କହୁଛୁ ତାକୁ ପଚାର। ତା ଦସ୍ତଖତ ନହେଲେ ତ ହେବନି।

ଭାଇ ସେ ମୁହୂର୍ତ୍ତରେ ମୋତେ କିଛି କହିଲେ ନାହିଁ। ସେମାନଙ୍କୁ ଆଗ ବିଦା କରିଦେଇ ଆସିଲେ ମୋ ପାଖକୁ। ପଚାରିଲେ ବୋଉର ଶୁଦ୍ଧକ୍ରିୟା ପାଇଁ ଟଙ୍କା ଆଣିଛୁ? ତୁ ତ ଭୁବନେଶ୍ୱରର ଖର୍ଚ୍ଚ ଜାଣିଥିବୁ, ଅବଶ୍ୟ ଆମ ଖର୍ଚ୍ଚ ତୋତେ ଜଣା ନଥିବ। ସେଠି ତ ପାଣି ପବନ ଯାଏଁ ବି କିଣା। ସେଥିରେ ଚାରିଟା ଛୁଆଙ୍କ ପଢା ଖର୍ଚ୍ଚ ଉଠାଉ ଉଠାଉ ମୁଁ ତ ନୟାନ୍ତ। ବୋଉ ମୋ ଅବସ୍ଥା ନବୁଝି, ମୋ ଉପରେ ଅଭିମାନ କରି ମରିଗଲା ସିନା, ହେଲେ ମୁଁ ବା କଣ କରି ପାରିଥାନ୍ତି? ଛାଡ ଏବେ ଆଉ ବୋଉ କଥା ଆଲୋଚନା କରି ଲାଭ କଣ? ଯଦି ଶୁଦ୍ଧି କାମ

Digitized by PPRACHIN, SOA

କରିବା, ତୁ କେତେ ଟଙ୍କା ଦେଇପାରିବୁ ?

ମୁଁ ଏକ ବିଦ୍ରୂପାତ୍ମକ ଭାବେ ଓଠକୁ ହସିଲା ଭଳି କରି ତାଙ୍କୁ ନ ଚାହିଁ ଅନ୍ୟତ୍ର ଚାହିଁଲି। ତାଙ୍କୁ ବୋଧେ ମୋର ଏତାଦୃଶ୍ୟ ବ୍ୟବହାର ଖରାପ ଲାଗିଲା। ସଙ୍ଗେ ସଙ୍ଗେ ରାଗିଯାଇ କହିଲେ- ଭଲ କଥା, କାହାରି କିଛି ଖର୍ଚ୍ଚ କରିବା ଦରକାର ନାହିଁ, ମୁଁ ବି କାହାକୁ ଦିଅ ବୋଲି ବାଧ କରିବିନି। ଶୁଦ୍ଧି ହେବା ମୋ କାମ, ବାରିକ ଡାକି ଦଶ ଦିନ ମୁଁ ଶୁଦ୍ଧି ହୋଇପଡିବି। ଭାଇଙ୍କ କଥା ନସରୁଣୁ ଭାଉଜ ଯୋଗ ଦେଇ କହିଲେ, ଯାହାର ପଇସା ଅଛି ସେ ଖର୍ଚ୍ଚ କରୁ। ଆମେ କଣ ଏଠାରେ ରହୁଛନ୍ତି ଯେ ସାଇପଡିଶା, ଗାଁବାଲା କଣ କହିବେ ଶୁଣିବାକୁ ?

ଭାଉଜଙ୍କୁ ଚୁପ୍ ରହିବାକୁ କହି ଭାଇ କହିଲେ – ମୁଁ ଏଥର ମୋ ସମ୍ପତ୍ତିର ଅଂଶ ବିକି ଦେବି। ଏଠାରେ ଆଉ ରହିବାର ନାହିଁ, ତାକୁ ବିକି ନୂଆପଲ୍ଲୀରେ ଜାଗାଟିଏ ନେଇଛି ସେଥିରେ ଘର କରିବି।

ମୁଁ ଥିଲି ନିରବ। ମୋ ପାଖରେ ଛିଡା ହୋଇଥିବା ଛବି ଅପା କିଛି ନକହି କେବଳ କାନ୍ଦୁଥିଲା। ଭାଇ ତାକୁ ଚାହିଁ କହିଲେ, ଛବି ତ ଆଉ ବାହାହୋଇ ପାରିବନି, ସିଏ ତ ଚାକିରି କରୁଛି ତା ପଇସା କିଏ ଖାଇବ। ମାଷ୍ଟରାଣୀଙ୍କର କେଉଁ ବଦଳି ହେଉଛି ଯେ, ସିଏ ତାର ଏହି ଘରେ ରହି ଜୀବନ କଟାଇ ଦେବ।

ଭାଇଙ୍କ ମନ୍ତବ୍ୟ ମୋତେ ଖୁବ ବାଧିଲା, ଛବି ଅପା ତାକୁ ସହି ନପାରି ଘର ଭିତରକୁ ଚାଲିଗଲା। ସେ ପର୍ଯ୍ୟନ୍ତ ଭାଇଙ୍କୁ ସାମ୍ନା ସାମ୍ନି କିଛି କହି ନଥିଲି। ଭାବିଲି ନା ଆଉ ନୁହଁ, କଟିଗଲେ ବରଂ କଟିଯାଉ ସମ୍ପର୍କ। ପଚାରିଲି ବୋଉ ମରିବା ଖବର ଶୁଣି ବୋଧେ ଏଥିପାଇଁ ଘରକୁ ଆସିଥିଲ ? ମୁଁ ଭାବୁଥିଲି ବଞ୍ଚିବା ବେଳେ ମଲା କି ଗଲା ପଚାରୁନଥିବା ଲୋକ, ଖବର ପାଉ ପାଉ କେମିତି ଚାଲି ଆସିଲା ?

ଦେଖ, ମୁଁ ତୋ ସହ କୌଣସି ଝଗଡା କରିବାକୁ ଚାହେନା। ସାଇ ପଡିଶା ହସିବେ। ତା ପରେ ମୋର ତ ଗୋଟେ ଆତ୍ମସମ୍ମାନ ଅଛି ?

ହଉ ତମ ଆତ୍ମସମ୍ମାନ ମୁଁ କ୍ଷୁର୍ଣ୍ଣ କରିବାକୁ ଚାହେଁନା। ତମ ଜମି ତମେ ତ ବିକିବ ମୋତେ କାହିଁକି ପଚାରୁଛ ?

କାହିଁକିନା ତୁ ସେଥିରେ ଅଧା ଅଂଶୀଦାର। ବିକିଲେ ତୋ ଦସ୍ତଖତ ଦରକାର।

Digitized by PPRACHIN, SOA

ତେବେ ଛବି ଅପାର କୌଣସି ଅଂଶ ନାହିଁ ?

ଭାଇ ଟିକେ ଚୁପ ରହି ଯାଇ କହିଲେ, ହଁ ଆଇନ ତ ହେଇଛି, ହେଲେ କେଉଁ ଭଉଣୀ ତା ଭାଇଠାରୁ ଭାଗ ନେଉଛି ଯେ ?

ହଁ ନେଉଛନ୍ତି, ଯେଉଁ ଭଉଣୀ ମାନଙ୍କର ଆମ ଭଳି ଭାଇ ଥିବେ ଓ ସେମାନେ କେବେ ବି ଚିନ୍ତା କରିନଥିବେ ଅବିବାହିତା ଭଉଣୀର ବାହାଘର ପାଇଁ କିଛି ଦାୟିତ୍ୱ ଓ କର୍ତ୍ତବ୍ୟ ଅଛି ବୋଲି।

ତୁ ମୋତେ ଆଉ କର୍ତ୍ତବ୍ୟ ଜ୍ଞାନ ଶିଖାନା, ସିଏ ନିଜେ ନିଜେ ଯୋଗାଡ କରି ପକାଇଲା ନାହିଁ ?

ତାହା କରିଥିଲେ ତମେ ଯେଉଁ ଆତ୍ମସମ୍ମାନ ପାଇଁ ଏତେ ସଜାଗ ତାହା ରହିଥାନ୍ତା ତ ?

ହଉ ମୁଁ ନ ନେଲି ନାହିଁ, ତୁ ନେଇ ଗଲୁନି ? ତୋ ଦ୍ୱାରା ଶାଗ ତ ସିଝିବ ନାହିଁ, ଖାଲି କଥା ବଡ ବଡ।

ମୁଁ କଥା ବଡ ବଡ କହେ ବା ଯାହା କରେ, ଏ ସମ୍ପତ୍ତି ତିନି ଭାଗରେ ହିଁ ବଣ୍ଟାଯିବ। ମୁଁ ଏକଥା ଏତେ ଜୋରରେ କହିଲି ଯେ ଅପା ଘର ଭିତରୁ ଧାଇଁ ଆସି କହିଲା- ଏ ସବୁ କଣ ହେଉଛି ବିଜୁ ? ବୋଉ ମାରିବାର ଛଅ ଦିନ ହୋଇନି, ଏମିତି ଝଗଡା କଲେ ଲୋକେ କଣ କହିବେ ?

ବୁଝା, ବୁଝା ତାଙ୍କୁ। ତମେ ଦୁଇଜଣ ତ ସଲା ସୁତୁରା ହୋଇଥିବ। ତମମାନଙ୍କର କମନସେନ୍ସ ଥିଲେ ସିନା ଜାଣି ଥାଆନ୍ତ ବଡ ଭାଇ ସହ କିପରି ବ୍ୟବହାର କରାଯାଏ- ଘରୁ ବାହାରି ଆସି ଭାଉଜ କହିଲେ।

କମନସେନ୍ସ ଶବ୍ଦଟି ଛବି ଅପାକୁ ଖୁବ ବାଧିଲା, ସେ ସଙ୍ଗେ ସଙ୍ଗେ ଭାଉଜଙ୍କୁ କହିଲା- ତମେ ମୋତେ କମନସେନ୍ସ ଶିଖାଅନି, ତମ ଯୋଗ୍ୟତାର ଝିଅମାନଙ୍କୁ ମୁଁ ପାଠ ପଢାଉଛି, କମନସେନ୍ସ ଶିଖାଉଛି, ତମେ ମୋତେ କଣ କମନସେନ୍ସ ଶିଖାଇବ ?

ଭାଇ ସଙ୍ଗେ ସଙ୍ଗେ ଭାଉଜଙ୍କ ପାଖକୁ ଯାଇ କହିଲେ – ତମେ ସେମାନଙ୍କ ସହ ମୁହଁ ଯୋଡନା। ମୁଁ ଗୋଟେ ପାର୍ଟିସନ ଡିଡ କରି ମୋ ଭାଗ ବିକିଦେବି, ଯାଙ୍କୁ ଏତେ ଖୋସାମତ କାହିଁକି ?

ଗୋଟେ ଶୀତଳ ଯୁଦ୍ଧର ନିରବତା ଥିଲା ଘରେ। ଦଶାହ ସରିଲେ କିଛି

Digitized by PPRACHIN, SOA

ଗୋଟେ ଘଟିବ ଘଟିବ ଲାଗୁଥିଲା। ଶେଷରେ ଏତିକି ଘଟିଲା- ଏକାଦଶ ଦିନ ସକାଳୁ ସକାଳୁ ଭାଇ ତାଙ୍କ ପିଲାଛୁଆ ଧରି ବାହାରିଗଲେ ଭୁବନେଶ୍ୱର। ଛବି ଅପା ଖୁବ ଅନୁନୟ କରୁଥିଲା, ହେଲେ ସେ କିଛି ଶୁଣିଲେ ନାହିଁ।

ବୋଉ ମୃତ୍ୟୁରେ ଯେତିକି ଭାଙ୍ଗିପଡି ନଥିଲା, ତାହାଠାରୁ ଅଧିକ ଭାଙ୍ଗି ପଡୁଥିଲା ଅପା ଘଟିଯାଉଥିବା ଘଟଣା ସବୁ ଦେଖି। ମୁଁ ତାକୁ ବୁଝାଇଦେଇ କହିଲି, ଦେଖ ଏଇଟା ଭାଙ୍ଗିପଡିବାର ବେଳ ନୁହେଁ। ଏମିତିକା ପୁଅ ବୋଉ ଏକାଦଶରେ ବ୍ରାହ୍ମଣ ଖୋଇଥିଲେ ବୋଉ ଆତ୍ମା ମୋକ୍ଷ ପାଇନଥାନ୍ତା ବରଂ ନର୍କକୁ ଯାଇଥାନ୍ତା। ପଳେଇଛନ୍ତି ଭଲ ହୋଇଛି।

ସବୁ କାମ କାର୍ଯ୍ୟ ସରିଗଲା ପରେ ମୋତେ ଲାଗିଲା ଯେମିତ ଏହା ଭିତରେ ବହୁତ କିଛି ପରିବର୍ତ୍ତନ ହୋଇଗଲା। ଗୋଟେ ଝଡ ପରର ନିରବତା ଥିଲା ଘର ଭିତରେ। ଯାହା ସବୁ ଘଟିଗଲା ବଡ ଭାଇଙ୍କୁ ନେଇ, ଅପା ତାକୁ ସହଜରେ ଗ୍ରହଣ କରିପାରୁନଥିଲା। ହୁଏତ ସେ ସେଥିପାଇଁ ନିଜକୁ ଦୋଷୀ ମନେ କରୁଥିଲା। ଏମିତି କିଛି ଦିନ ଗଲା ପରେ ପଚାରିଲା - ତୁ କେତେ ଦିନ ଛୁଟି ନେଇଥିଲୁ?

ହଁ ଛୁଟି ନେଇ ଆସିଥିଲି, ହେଲେ ଏବେ ଭାବୁଛି ସେ ଚାକିରି ଛାଡିଦେବି।

କାହିଁକି ?

ଏଠି ଗୋଟାଏ କିଛି କରିବି।

ତୁ ପାଗଳ ହୋଇଗଲୁ ନା କଣ ?

ନା, ଅନେକ ଚିନ୍ତା କଲାପରେ ଏ ନିଷ୍ପତ୍ତି ନେଇଛି। ମୁଁ ଏଠି ଜମିବାଡି ସହ କିଛି ଗୋଟାଏ ବ୍ୟବସାୟ କରିବି ବୋଲି ଭାବୁଛି। ତୁ ଆଉ ଏକା ହେବୁନି, ଆମେ ଦୁହେଁ ସାଙ୍ଗ ହୋଇ ରହିପାରିବା।

ସେ ହସିଲା। ଏତେ ଦିନ ପରେ ତା ମୁହଁରେ ହସ ଦେଖି ମୁଁ ଖୁସି ହେଲି।

ଅପା ମୋତେ ପଚାରିଲା ତାହାଲେ ତୋର ମୋ ଉପରେ ଭରସା ନାହିଁ ? ବୋଉ ମୃତ୍ୟୁ ପରେ ମୁଁ ଏକା ରହିବି, ମୋର ଏକା ରହିବା ଉପରେ ତୋର ପ୍ରତ୍ୟୟର ଅଭାବ ନା ସନ୍ଦେହ? ମୋ ପାଇଁ ତ୍ୟାଗ କରିବାକୁ ତୁ ଏ ନିଷ୍ପତ୍ତି ନେଇଗଲୁ, ନୁହେଁ?

ନା ଅପା ସେକଥା ନୁହେଁ, କଣ ପାଇଁ ଏତେ ଦୂର ଯାଇ ଗୋଟେ ଘରୋଇ କଲେଜରେ ଗୋଡି ଖଟିବି ?

ଆଜି ମିଳିନି, ଭବିଷ୍ୟତ ରେ ତ ମିଳିବ। କିନ୍ତୁ ଘରେ ରହି କରିବୁ କଣ ?

Digitized by PPRACHIN, SOA

ତୋ ଭବିଷ୍ୟତ ଓ ସଂସାର ଚାଲିବ କେମିତି ?

ମୋ ଭବିଷ୍ୟତ ଓ ସଂସାର ବିଷୟରେ ମୁଁ ଏଇନେ ସ୍ୱପ୍ନ ଦେଖୁନି, ଯେତେବେଳେ ସେ ସମୟ ଆସିବ ଭାବିବି।

ତୁ ଭାବିବା ବେଳକୁ କଣ ସୁଯୋଗ ଥିବ ତୋ ପାଇଁ? ତୋ ବାହାଘର ପରେ ମୁଁ ତୋ ସ୍ତ୍ରୀ କୁ କି କୈଫତ ଦେବି ? କଣ କହିବି ମୋ ସୁବିଧା ଓ ନିରାପତ୍ତା ପାଇଁ ତାକୁ ମୁଁ ଚାକିରି ଛଡାଇ ଦେଇଛି ?

ମୁଁ ବାହାହୋଇ ସଂସାର କରିବିନି, ଭାଉଜଙ୍କୁ ଦେଖି ଏ ନିଷ୍ପତ୍ତି ନେଇସାରିଛି।

ବାୟା, କଣ ମୋ ପାଇଁ ତ୍ୟାଗ କରିବୁ। ମୁଁ ତ ଚାକିରି କରିଛି, ବଞ୍ଚିବାର ଅବଲମ୍ବନ ଅଛି। ତୁ ଚାକିରି ଛାଡି ବାହା ନହୋଇ ମୋ ପାଇଁ କାହିଁକି ତ୍ୟାଗ କରିବୁ ?

ମୁଁ ଯେ ତୋ ପାଇଁ କିଛି ତ୍ୟାଗ କରିପାରିବି, ସେ କଥା ମୋ ମୁଣ୍ଡକୁ ଆସିନି। ବରଂ ମୁଁ ଚିନ୍ତା କରୁଛି ମୋ କର୍ତ୍ତବ୍ୟ କଣ।

କର୍ତ୍ତବ୍ୟ କଣ ଚାକିରି ଛାଡିଦେଇ ମୋତେ ଜଗି ବସିବା ?

ତୋତେ ଜଗି ବସିବା ଭଳି ନୀଚ ଚିନ୍ତା ମୋ ମନକୁ କେବେ ଆସିନି, କେବଳ ଭାବୁଛି ପରସ୍ପର ପାଖରେ ରହି ଦୁଃଖ ବାଣ୍ଟି ପାରିବା ବୋଲି।

ଆଖି ଛଳଛଳ କରି ଅପା କହିଲା, ଦୁଃଖ ବାଣ୍ଟିବୁ? ଦୁଃଖ ଏମିତି ଏକ ଜିନିଷ, ତାକୁ କଣ କେହି ବାଣ୍ଟି ପାରେ ? କେବଳ ତୁ ନୁହଁ, ଏ ପୃଥିବୀରେ କେହିବି ମୋ ଦୁଃଖ କୁ ବାଣ୍ଟି ପାରିବେ ନାହିଁ। ମୁଁ ହେଉଛି ବୋଉ ମୃତ୍ୟୁର କାରଣ, ଏ ଗ୍ଲାନି ଓ ଦୁଃଖକୁ ମୋ ଭିତରୁ କେହି କାଢି ପାରିବେ ନାହିଁ। ମୋ ଜୀବନର ଏକ ଗୋପନୀୟ ଅଧ୍ୟାୟ ପଢିଦେଇଥିଲା ବୋଉ। ପଢିସାରି ମୋତେ ଧମକ ଦେଇଥିଲା, ମୁଁ ଯଦି ସେମିତି ନିଷ୍ପତ୍ତି ନିଏ ତେବେ ସେ ଆତ୍ମହତ୍ୟା କରିଦେବ। ସେମିତି କିଛି ହେବନି ପ୍ରତିଶ୍ରୁତି ଦେଲି। ମୋ ପ୍ରତିଶ୍ରୁତି ପରେ ବୋଉ ଆତ୍ମହତ୍ୟା କଲାନି ସତ, ହେଲେ ମୋ ବାହାଘର ଚିନ୍ତାରେ ପ୍ରତି ମୁହୂର୍ତ୍ତରେ ସେ ସଢି ସଢି ଯାଉଥିଲା।

ସେ ଅଧ୍ୟାୟ ଟି କଣ ?

ତାକୁ ଆଉ ଏବେ ଉନ୍ମୋଚନ କରି ଲାଭ କଣ ?

Digitized by PPRACHIN, SOA

ତଥାପି .....

ଦେଖ, ଯେଉଁ କଥା ଟା ବୋଉ କୁ ଆଘାତ ଦେଇଥିଲା, ହୁଏତ ତୋତେ ଆଘାତ ଦେଇ ନପାରେ, ମାତ୍ର ଘୃଣା ସୃଷ୍ଟି କରିପାରେ।

ମୁଁ ଜାଣେ ଅପା ତୁ ଏମିତି କିଛି କରିନଥିବୁ ଯେଉଁଥିପାଇଁ ମୋର ଘୃଣା ହେବ।

ହଁ, ତୋର ଘୃଣା ହେଲେବି ହେଉ, ତୋତେ ସେ କଥା କହିବାକୁ ମୁଁ ଭାବିଛି। କହିଦେଲେ କାଳେ ମୋ ଭିତରେ ଥିବା ପାପବୋଧ ଟିକେ କମିଯିବ।

ଅପା ଉଠିଗଲା ଘର ଭିତରକୁ, କିଛି ସମୟ ପରେ ହାତରେ ଗୋଟେ ବାଇବେଲ ଓ ଯୀଶୁଙ୍କ ଫଟୋଟିଏ ଧରି ପହଞ୍ଚିଲା। ଦେଖ, ଏ ଦୁଇଟା ଥିଲା ବୋଉ ଦୁଃଖର କାରଣ।

ମୁଁ ତାକୁ ଆଶ୍ଚର୍ଯ୍ୟ ହୋଇ ଚାହିଁଲି।

ଗୋଟେ ମିଶନାରୀ ସଂସ୍ଥା ଆମ ସ୍କୁଲରେ କ୍ୟାମ୍ପ କରିଥିଲେ। ତାଙ୍କର କାମ କରିବା, ସେବା ଓ କଥା ଭିତରେ ଥିଲା ଗୋଟେ ଆପଣାର ଭାବ। ସେହି ସଂସ୍ଥାରେ ଆସିଥିଲେ ଯୋଶେଫ। ମୁଁ ତାଙ୍କ ସଂସ୍ପର୍ଶରେ ଆସିଥିଲି। ତାଙ୍କ ବ୍ୟକ୍ତିତ୍ୱରେ ମୁଁ ଏତେ ପ୍ରଭାବିତ ହୋଇପଡିଥିଲି ଯେ ଏଠିକା ଚାକିରି ଛାଡି ତାଙ୍କ ସଂସ୍ଥାରେ ଯୋଗ ଦେବାପାଇଁ ନିଷ୍ପତ୍ତି ନେଇଥିଲି। ଯୋଶେଫ ବି ମୋତେ ପ୍ରସ୍ତାବ ଦେଇଥିଲେ ବିବାହ ପାଇଁ। ମୋ ପାଇଁ ତାହା ଆହୁରି ଖୁସି କଥା ଥିଲା। ମାତ୍ର ତାଙ୍କର ଗୋଟାଏ ସର୍ତ୍ତ ଥିଲା - ମୋତେ ଖ୍ରୀଷ୍ଟିୟାନ ହେବାକୁ ପଡିବ। ମୁଁ ସେତେବେଳକୁ ତାଙ୍କ ବ୍ୟକ୍ତିତ୍ୱର ଆକର୍ଷଣରେ ଏମିତି ପଡିଯାଇଥିଲି ଯେ ଧର୍ମ ପରିବର୍ତ୍ତନ ମୋ ପାଇଁ ଛୋଟ କଥାଟିଏ ଥିଲା।

ବୋଉକୁ ଏ ବିଷୟରେ କହିଲି। ତାର କାହିଁକି ଗୋଟେ ଧାରଣା ହୋଇଗଲା ଯେ ସେ ମୋ ବାହାଘର କରି ପାରୁନି ବୋଲି, ମୁଁ ମୋ ଧର୍ମ ବଦଳାଇ ବାହା ହେବାକୁ ନିଷ୍ପତ୍ତି ନେଇଛି। ଯେତେ ବୁଝାଇଲେ ବି ସେ ତା ଧାରଣା ବଦଳାଇଲା ନାହିଁ, ବରଂ ମୋତେ ପ୍ରତିଜ୍ଞାବଦ୍ଧ କରାଇଲା ସେ କାର୍ଯ୍ୟ ନକରିବାକୁ। ଯଦି ନମାନି କଲି ତେବେ ସେ ଆତ୍ମହତ୍ୟା କରିଦେବ। ମୁଁ ବୋଉ କୁ ଦେଇଥିବା କଥା ରଖି ଜୋସେଫଙ୍କୁ କହିଲି- ପ୍ରାଚ୍ୟ ଓ ପାଶ୍ଚାତ୍ୟ, ପରମ୍ପରା ଓ ପ୍ରଗତିର ଦୁଇଟି ସମାନ୍ତର ଧାରା, ଏହାର ମିଳନ ସମ୍ଭବ ନୁହେଁ। ମୁଁ ମୋ ପରମ୍ପରାର ଏରୁଣ୍ଡି ବନ୍ଧ

Digitized by PPRACHIN, SOA

ଦେଇଁ ପାରିବିନି, ମୋତେ କ୍ଷମା କରିଦିଅ।

ତା' ପରେ ଯୋଶେଫ ଚାଲିଗଲେ ଫୁଲବାଣୀ। ଯିବା ପୂର୍ବରୁ ଶେଷ ଦେଖା କରିବାକୁ ଆସିଥିଲେ। ବିଦାୟ ବେଳାରେ କହିଲେ, ଜନସେବା ସହ ତ ମୋର ବିବାହ ହୋଇଥିଲା, ମୁଁ ସାରା ଜୀବନ ସେଇ ବନ୍ଧନ ଭିତରେ ରହିବାର ନିଷ୍ପତ୍ତି ନେଇଛି। ତା ପରଠାରୁ ମୁଁ ଆଉ ଯୋଶେଫଙ୍କ ଖବର ରଖିନି, ରଖିକି ବା ଲାଭ କଣ ହୋଇଥାନ୍ତା ? ହେଲେ ସାଇତି ରଖିଛି ତାଙ୍କର ସ୍ମୃତିକୁ, ଖୁସି ହୁଏ ସେଥିରେ ଯେ ଏ ପୃଥିବୀରେ କିଏ ଜଣେ ଥିଲା ତ ଯିଏ ମୋତେ ଭଲ ପାଇବା ଦେଇଥିଲା ଓ ବିବାହର ପ୍ରତିଶ୍ରୁତି ଦେଇଥିଲା।

ମୁଁ ଏଯାଏଁ ଛବି ଅପାକୁ ଦେଖିଥିଲି ମୋ ବଡ ଭଉଣୀ ରୂପରେ କେବଳ, କେବେ ଦେଖିନଥିଲି ତା ଭିତରେ ଥିବା ପ୍ରେମିକା ରୂପ କିମ୍ବା ସ୍ମୃତିକୁ ନେଇ ଭାବପ୍ରବଣା ହେବାର। ବୋଉର ଇଚ୍ଛାକୁ ସମ୍ମାନ ଦେଇ ନିଜ ସ୍ୱପ୍ନକୁ ନିଲାମ କରି କୁମାରୀ ହୋଇ ରହିଯାଇଥିବା ଅପାର ଛାତି ତଳେ ଯେ ଏତେ ଆବେଗ ଭରି ରହିଛି,ଦେଖିଲି ପ୍ରଥମ ଥର।

ଭାବାବେଗରେ ମୋ ପାଖରେ ଉନ୍ମୁକ୍ତ ହୋଇଯାଇଥିବା କଥା ବୋଧେ ପର ମୁହୂର୍ତ୍ତରେ ତାର ସ୍ମରଣ ଆସିଲା, ତେଣୁ ଦୁର୍ବଳତାକୁ ଲୁଚାଇବାକୁ ଯାଇ କହିଲା – ଛାଡ ଛାଡ ସେ ବାଜେ କଥା। ସେବେଠୁ ସେ ଖୁବ ଗମ୍ଭୀର ହୋଇଗଲା। ବହୁତ ଥର ଭାବିଛି, ପଚାରି ଦେବିକି ଅପାକୁ, ଯଦି ଯୋଶେଫ ଏବେ ରାଜି ହୁଅନ୍ତି, ତେବେ ତୁ ତୋ ପ୍ରତିଶ୍ରୁତି ଭାଙ୍ଗିବୁ ନା ନାହିଁ ? ତାପରେ ଭାବିଲି ତାଙ୍କ ବିଷୟରେ ନଜାଣି ଅପାକୁ ପଚାରିବାଟା ଠିକ ହେବନି। ଯଦି ଯୋଶେଫ ବାହା ହୋଇପଡିଥିବେ, ତେବେ ଯେଉଁ ସ୍ମୃତିଟିକୁ ପାଥେୟ କରି ଏବେ ବଞ୍ଚିଛି ଅପା, ସେତକ ବି ଚାଲିଯିବ।

ଯିବି ନା ଯିବିନି – ଏମିତି ଏକ ମାନସିକତାରେ କଟିଗଲା କିଛି ଦିନ। ଶେଷରେ ସିଦ୍ଧାନ୍ତ ନେଲି – ଥରେ ଯାଇ ଦେଖିଲେ କ୍ଷତି କଣ ? ଯିବା ପୂର୍ବରୁ ଅପାକୁ ଜଣାଇବି କି ନାହିଁ ଚିନ୍ତା କଲି। ନା, ଜଣାଇକରି ଯିବା ଟା ଠିକ ହେବ। ମନରେ ସାହସ କରି ଗଲି ଅପାର ଶୋଇବା ଘରକୁ। ମୁଁ ପହଞ୍ଚିବା ବେଳକୁ ସେ ପୂଜା କରୁଥିଲା। ଅପେକ୍ଷା କଲି ତାର ପୂଜା ସରିବା ଯାଏ। ପୂଜା ସାରି ମୋତେ ଦେଖି ବିସ୍ମୟ ହୋଇ ପଚାରିଲା– କି ରେ, କଣ ହେଲା ?

Digitized by PPRACHIN, SOA

ତୋତେ ଗୋଟେ କଥା ପଚାରିବାକୁ ଆସିଥିଲି।

ମୁଁ ଜାଣେ ତୁ କଣ ପଚାରିବୁ।

କ'ଣ କହତ ?

ନା, ତୁ କହିବାକୁ ଆସିଛୁ ତୁ କହ। ଯେଉଁ କଥାଟା ପଚାରିବାକୁ ତୁ ଏତେ ଦିନ ହେଲା ମାନସିକ ପ୍ରସ୍ତୁତି କରୁଥିଲୁ, ସେଇଟା ତୋ ମୁହଁରୁ ଶୁଣିବା ଠିକ ହେବ।

ମୁଁ ଜାଣିଲି ଛବି ଅପା ମୋ ମନ କଥା ଜାଣିସାରିଛି। ତେଣୁ ଏହି ସମୟରେ ପଚାରି ଦେବାଟା ଠିକ ହେବ।

ଆଚ୍ଛା, ଯଦି ଯୋଶେଫ ଏବେ ରାଜି ହୁଅନ୍ତି ବିବାହ ପାଇଁ ?

ଏ ପ୍ରଶ୍ନଟା ତାକୁ ଏକ ଅଭାବିତ ପ୍ରଶ୍ନ ପରି ଲାଗିଲା। ତା ମୁହଁର ଭାବରୁ ଜାଣିଲି ଅପା ମୋ ମନସ୍ତତ୍ତ୍ୱକୁ ଠିକ କରି ପଢି ନଥିଲା। ତଥାପି ତା ଉତ୍ତରକୁ ଅପେକ୍ଷା କଲି।

କିଛି ନକହି ସେ ସେଠାରୁ ଉଠି ଚାଲିଗଲା। କିଛି ସମୟ ପରେ ଫେରିଲା କ୍ରୁଶବିଦ୍ଧ ଯୀଶୁଙ୍କ ମୂର୍ତ୍ତି ଟିଏ ଧରି। ମୋତେ ମୂର୍ତ୍ତିଟି ଦେଖାଇ ପଚାରିଲା - ଜାଣୁ ଯୀଶୁଙ୍କୁ କାହିଁକି କ୍ରୁଶବିଦ୍ଧ କରଯାଇଥିଲା ?

ମୁଁ ଥିଲି ନିରବ।

କହତ, ସେ ଲୋକମାନେ ତାଙ୍କ ଭୁଲ ବୁଝିବା ପରେ କଣ ଫେରିଆସିଥିଲେ ଯୀଶୁ ? ଠିକ ସେମିତି ଦଶ ବର୍ଷ ତଳୁ ମୁଁ କ୍ରୁଶବିଦ୍ଧ ହୋଇସାରିଛି। ମୋ ପାଇଁ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସବୁ ଗୋଟିଏ ବିନ୍ଦୁରେ ଅବସ୍ଥାନ କରୁଛନ୍ତି। ସେ ବିନ୍ଦୁଟିକୁ ତୁ ସମୟଶୂନ୍ୟତାର ବିନ୍ଦୁ ବୋଲି ଭାବି ପାରୁ। ମୁଁ ସ୍ଥିର ହୋଇଯାଇଥିବା ଏକ ସମୟର ସ୍ଥିତି। ମୁଁ ଏକ ମୃତ ଆଗ୍ନେୟ ଗିରି, ଯେଉଁଠୁ ଆଉ ଅଗ୍ନି ଉଦ୍‌ଗୀରଣ ର ସମ୍ଭାବନା ନାହିଁ। ଆମେ ଏବେ ସେ ବିଷୟରେ ଭାବିବା ବା ଆଲୋଚନା କରିବା ଉଚିତ ନୁହେଁ।

ମୁଁ ଥରେ ଛବି ଅପା ଆଡେ ଓ ଆଉ ଥରେ ଚାହିଁଲି ଯୀଶୁଙ୍କ ଛାତିରୁ ଝରୁଥିବା ରକ୍ତକୁ।

—o—

Digitized by PPRACHIN, SOA

ପୁଷ୍କର

ଶ୍ମଶାନରୁ ସଂସ୍କାର ସାରି ନଦୀରେ ଗାଧୋଇ ଫେରିବା ବେଳକୁ ସକାଳ ହୋଇ ସାରିଥିଲା । ନିମ୍ବ ପତ୍ର ପାଇ ଘରେ ପଶିଲା ବେଳକୁ ସୂର୍ଯ୍ୟ ଉଦୟ ହେଉଥିଲେ । ମାଲ ଭାଇ ମାନଙ୍କ ଖାଇବା ପାଇଁ ପାଖ ଗୁଡିଆ ଦୋକାନ ରେ ପୁରି, ତରକାରୀ ଓ ମିଠା ବରାଦ କରଯାଇଥିଲା । ବରାଦ ମୁତାବକ ସେ ବି ଆଣି ଠିକ ସମୟ ରେ ପହଞ୍ଚାଇ ଦେଲା । ସମସ୍ତେ ଭୋକ ରେ ଥିଲେ । ପାଖାପାଖି କୋଡିଏ ଘଣ୍ଟା ହେଲାଣି କାହାରି ଚୁଲି ଜଳିନଥିଲା । ଗାଁ ରେ ଏତେ ସମୟ ଶବ ପଡି ରହେନା । ହେଲେ ପୁଅଟା ଆସୁଛି ଏତେ ଦୂରରୁ, ବାପାକୁ ଶେଷ ଦର୍ଶନ କରିବ, ଏହି ନ୍ୟାୟ ରେ ସମସ୍ତେ ସମ୍ଭାଳି ଗଲେ ।

ମାଲ ଭାଇଙ୍କ ପଙ୍ଗତ ଉଠିନଥିଲା ପହଞ୍ଚିଲେ ପୁରୋହିତ । ଓମ ସର୍ବ ମାଙ୍ଗଲ୍ୟ ମାଙ୍ଗଲ୍ୟ କହି କିଛି ଦୂର ରେ ବସିଲେ । ଯାହାହେଉ ତମ ବାପଙ୍କର ପୁଣ୍ୟ ବଳ ଥିଲା ବାସୀ ମଡା ହେଲେନି । ଅବଶ୍ୟ ଢେର ସମୟ ପଡି ରହିଗଲା ଶବ, ମାତ୍ର ଶାସ୍ତ୍ର କହୁଛି ସୁର୍ଯୋଦୟ ରୁ ସୁର୍ଯୋଦୟ ଭିତରେ ସଂସ୍କାର ସରିଗଲେ ବାସୀ ମଡା ନୁହଁ । କାଲି ଶନିବାର, ତାଙ୍କ ପ୍ରାଣ ଛାଡିଲା ବେଳକୁ ଭାଦ୍ର ତିଥି ତ୍ରିପୁଷ୍କର ଯୋଗ ଯଥା ମୃଗଶିରା, ଚିତ୍ରା ଓ ଧନିଷ୍ଠା ପଡିଥିଲା । ଏ ପୁଷ୍କର ଯୋଗ କ୍ଷତି କାରକ ଉଭୟ ଧନ ଓ ଜନ ରେ । ସେଥିପାଇଁ ତ ମୁଁ ସକାଳୁ ସକାଳୁ ଆସିଲି, କାରଣ ଯଜମାନର ହିତ କାମନା ପୁରୋହିତର ଧର୍ମ । ଏକପାଦିଆ ପୁଷ୍କର ପରିବାରକୁ କ୍ଷତିକାରକ ।

ଭାଇ ଉଠି ଗଲେ ତାଙ୍କ ପାଖକୁ, ପଚାରିଲେ ଶାସ୍ତ୍ର ରେ ପ୍ରତିକାର କଣ ଅଛି ?

Digitized by PPRACHIN, SOA

ହଁ ଶାସ୍ତ୍ର ଯେତେବେଳେ ସମସ୍ୟା କଥା କହୁଛି ତାର ପ୍ରତିକାର କଥା ତ କହିବ ନିଶ୍ଚୟ। ଏମିତି କୋଉ ସମସ୍ୟା ଅଛି ଯାହାର ପ୍ରତିକାର ଶାସ୍ତ୍ର ରେ ନାହିଁ ?

ତାହେଲେ ପ୍ରତିକାର କଥା କୁହନ୍ତୁ।

ହଁ ସେ କଥା କହିବି ଯେ ଆଗ ତମ ମାନଙ୍କ କ୍ରିୟା କର୍ମ କଥା ଜାଣି ସାରିଲେ ତ।

ମାନେ !

ମାନେ ତମେ ସଜ କ୍ରିୟା କରିବ କି ଏକାଥରେ ଦଶାହ କ୍ରିୟା କରିବ।

ଏ କାଉଳି ଭିତରେ ଆମେ ସେ କଥା ଚିନ୍ତା କରିନଥିଲୁ।

ଏତେ ବଡ ଲୋକ ଥିଲେ ଉଭୟ ମାନ୍ୟ ଓ ଧନ ରେ। ତାଙ୍କ କ୍ରିୟା କର୍ମ ଟା ସାଧାରଣ ଲୋକଙ୍କ ପରି କରିଦେଲେ ପୁଅ ମାନଙ୍କର କି ଗୌରବ ରହିବ ? ଭଗବାନଙ୍କ ଦୟାରୁ ପୁଅ ମାନେ ବି କିଛି କମ୍‌ରେ ନାହାନ୍ତି।

ହଉ ଠିକ ଅଛି କଣ କଲେ ଭଲ ହେବ କୁହନ୍ତୁ ?

ମୋ ମତରେ ତ ସଜକ୍ରିୟା କରିବା ଠିକ ହେବ। ମାନେ ଆଜିଠୁ କ୍ରିୟା ଆରମ୍ଭ। ଏଗାର, ଏକୋଇଶ, ଏକାବନ ଯେତିକି ଶକ୍ତି ସେତିକି ବ୍ରାହ୍ମଣ ଭୋଜନ ଚାଲିବ ଏକାଦଶାହ ଯାଏ। ଜ୍ଞାନ୍ତି କୁଟୁମ୍ବ, ଗାଁ ଭାଇ ସାହି, ଭଦ୍ରଲୋକ ଓ ଦରିଦ୍ର ଭୋଜନ ଏକାଦଶ ଦିନ କରିସାରି ଦ୍ୱାଦଶ ଦିନ ପୁଷ୍କର ମୋଚନ ରୀତି କରାଯିବ।

ଆପଣ ଆମର କୂଳ ପୁରୋହିତ, ଯାହା କରିବା ବିଧେୟ କରାଯିବ, ଖର୍ଚ୍ଚ ପାଇଁ ଆଦୌ ଚିନ୍ତା କରନ୍ତୁ ନାହିଁ।

ମୁଁ ଜାଣେ ତମ ବାପାଙ୍କ ପରି ତମ ଭାଇ ମାନଙ୍କ ମନ ବି ଉଚ୍ଚା। ହଉ ଏବେ ଏ କାର୍ଯ୍ୟ ଆରମ୍ଭ ହୋଇଯାଉ, ପୁଷ୍କର ମୋଚନ ପାଇଁ ଲିଷ୍ଟ ଦେବି ପରେ।

ଯେହେତୁ ବ୍ରାହ୍ମଣ ଶାସନୀ ଗାଁ ବ୍ରାହ୍ମଣ ଭୋଜନ ପାଇଁ ବ୍ରାହ୍ମଣ ଖୋଜିବା ଅସୁବିଧା ନ ଥିଲା। ପୁରୋହିତ ଦାୟିତ୍ୱ ନେଇଗଲେ ପ୍ରତିଦିନ ଏକାବନ ଜଣଙ୍କର ପତ୍ର ଲାଗିବ। ସେମାନେ ଶେଷ ଦିନ ଦକ୍ଷିଣା ନେବେ। ଦକ୍ଷିଣା ସହ ବସ୍ତ୍ର ଦାନ ବି।

ରୋହି ଶୀତଳା ସହ ଅସ୍ଥି ସଂଗ୍ରହ କରାଯାଇ ରଖାଗଲା ତୁଳସୀ ଚଉରା ମୂଳରେ। ନିଷ୍ପତି ନିଆଗଲା, ଯେହେତୁ ଆଉ ଗାଁ ରେ କେହି ରହିବେ ନାହିଁ ପ୍ରତିଦିନ ଅସ୍ଥି ପାଖରେ ସଞ୍ଜବତୀ ଦେବା ପାଇଁ,ତେଣୁ ଦଶ ଦିନ ହିଁ କଲିକତା

Digitized by PPRACHIN, SOA

ଯାଇ ଗଙ୍ଗା ରେ ଅସ୍ଥି ବିସର୍ଜନ କରାଯିବ। ହେଲେ ଯିବ କିଏ ? ବଡ ଭାଇ - ମୁଖାଗ୍ନି ଦେଇଥିବାରୁ ସେ ତ ଯାଇପାରିବେ ନାହିଁ, ଏ ପଟେ ମୋ ଉପରେ କ୍ରିୟାକର୍ମ, ଭୋଜିଭାତ ର ସବୁ ଦାୟିତ୍ୱ, ମୁଁ ବି ଯାଇପାରିବି ନାହିଁ। ଶେଷରେ ନିଷ୍ପତି ହେଲା ସବା ସାନ ଭାଇ ଯିବ। ନ ଦିନ ରାତିରେ ସେ ବାହାରିଯିବ ଗୋଟେ କାର୍ ରେ, ସକାଳୁ ସକାଳୁ ସେଠି ପହଞ୍ଚି ଅସ୍ଥି ବିସର୍ଜନ କରିବ। ପୁଣି ସଙ୍ଗେ ସଙ୍ଗେ ଫେରି ଆସିବ। ଗଙ୍ଗା ଘାଟ ରେ ଥିବା ଆମ ଗାଁ ବ୍ରାହ୍ମଣ ଜଣକୁ ଖବର ଦିଆଗଲା, ଏ ପହଞ୍ଚିବା ପୂର୍ବରୁ ସବୁ ବ୍ୟବସ୍ଥା କରି ରଖିବାକୁ ଯେମିତି ସେ ଫେରି ଦଶ ତୁଠ ରେ ଶୁଦ୍ଧି ହୋଇପାରିବ।

ଆମେ ଭାଇ ମାନେ ଏ ସବୁ କାର୍ଯ୍ୟ ରେ ଥିଲୁ ସମ୍ପୂର୍ଣ ଅନଭିଜ୍ଞ। ଆଗରୁ ବାପା ଥିଲେ, ଆମକୁ କୌଣସି କଥାରେ ମୁଣ୍ଡ ଖେଳାଇବାକୁ ପଡୁ ନଥିଲା। ସେ ଶୁଭ କାର୍ଯ୍ୟ ହେଉ ବା ଅଶୁଭ କାର୍ଯ୍ୟ ଆମେ କେବଳ ଆସୁଥିଲୁ କୁଣିଆ ଭଳି, ବାପାଙ୍କ ହାତକୁ ଟଙ୍କା ବଢାଇ ଦେଲେ ଆମ ଦାୟିତ୍ୱ ସରିଯାଉଥିଲା। ସେମାନେ କଣ ବା ଜାଣିଛନ୍ତି କହି ବାପା ଆମକୁ କୌଣସି ଦାୟିତ୍ୱ ବି ଦେଉନଥିଲେ। ପିଠି ପାତି ସବୁ ବୁଝୁ ଥିଲେ। କେବଳ ଯାହା ବାହାରିଆ କାମ, ବନ୍ଧୁବାନ୍ଧବଙ୍କ ଲୁଗାପଟା କିଣା, କିଏ କେମିତି ଆସିବେ ଯିବେ, ତାଙ୍କ ରହିବା ବ୍ୟବସ୍ଥା ଇତ୍ୟାଦି ଆମକୁ କହୁଥିଲେ ବୁଝିବା ପାଇଁ।

ଧୋବା, ଭଣ୍ଡାରି ଓ ପୁରୋହିତ ଙ୍କ ବିଦାବିଦି ବେଳେ କିଛି ସମୟ ଖିଟ୍ ଖିଟ୍ କରୁଥିଲେ ବାପା। ସେମାନେ ହେଲା ନାହିଁ, ହେଲା ନାହିଁ ହଉ ଥିବେ, ବାପା କିନ୍ତୁ ଟଙ୍କା ବଢାଉ ନଥିବେ। ଆମେ ବୁଝିପାରୁନା ଅନ୍ୟ କେଉଁଥିରେ କାର୍ପଣ୍ୟ ଦେଖାଉନଥିବା ବାପା ଏମାନଙ୍କ ପାଇଁ ଏତେ କୃପଣ କାହିଁକି ହେଉଛନ୍ତି ? ବାପାଙ୍କୁ ତ କିଛି କହିବାର ସାହସ ନଥାଏ, ଶଶୂର ଘରୁ ଆସିଥିବା ବାରିକ ମାନଙ୍କୁ ଆମେ ଭାଇ ମାନେ ଶଶୁର ଘର ଗାଁ ରେ ଆତ୍ମସମ୍ମାନ ପାଇଁ ବାପାଙ୍କ ବିଦାକି ପରେ ବି କିଛି କିଛି ଉପୁରି ଦେଇ ବିଦା କରିଥାଉ।

ବାପା ବୋଧେ ଜାଣି ପାରନ୍ତି ଏ କଥା। କହନ୍ତି ପ୍ରତ୍ୟେକ ସେବାର ନିର୍ଦ୍ଧିଷ୍ଟ ପ୍ରାପ୍ୟ ଥାଏ, ଆମର ଅଛି ବୋଲି ଆମେ ଦେଇଦେଲେ, ତାକୁ ସେମାନେ ଗୋଟେ ରେଟ୍ କରି ଅନ୍ୟମାନଙ୍କୁ ଦାବୀ କରିବେ। ବିଶିଆ ପୁଅ ତା ବାପ ମଲାବେଳକୁ ପଇସା ବଳ ଦେଖାଇବ ବୋଲି ବ୍ରାହ୍ମଣ ବିଦାକି ଡବଲ କରିଦେଲା ଯେ ପର ଦିନ

Digitized by PPRACHIN, SOA

ଗାଁ ରେ ମିଟିଂ ବସିଲା। ଗାଁ ର ଅନ୍ୟ ଗରିବ ଗୁରୁବା ବି କାମ କାର୍ଯ୍ୟ କରିବେ ନା ନାହିଁ? ସେଥି ପାଇଁ ଏମାନଙ୍କୁ ଦେବା ବେଳେ ଗାଁ ଲୋକଙ୍କୁ ବି ନଜର ରେ ରଖିବାକୁ ପଡେ। ଏଥିରେ ବଡ ପଣ ଦେଖାଇ କିଛି ଲାଭ ନାହିଁ, ବଡ ପଣ ଦେଖାଇବାର ଅଛି ଯଦି ଗାଁ ର ଉନ୍ନତିରେ ଦେଖା, ଗରିବଙ୍କୁ ସାହାଯ୍ୟହ କର, ଗରିବ ପିଲାଙ୍କୁ ପାଠ ପଢାଇବାରେ ସାହାଯ୍ୟ କର। ସାହାଯ୍ୟ କର ମାତ୍ର ବଡ ପଣ ଦେଖାନା, ତେବେ ଯାଇ ସାହାଯ୍ୟ ର କିଛି ମୂଲ୍ୟ ରହିବ।

ଆଜି ବାପା ନାହାନ୍ତି। ତାଙ୍କ ଅବର୍ତ୍ତମାନ ରେ ଆମେ ସବୁ ଦାୟିତ୍ୱ ମୁଣ୍ଡାଇଛୁ। ଭାଇ ବନ୍ଧୁ ସବୁ ଲାଗି ପଡିଛନ୍ତି ପାଞ୍ଚ ଜାଗାରେ କେମିତି ପଚିଶ ଉଡିଯାଉ। ବଡ ଭାଇ କେବଳ କହିଲେ ଯାହା କରୁ ଥିବୁ ବୁଝି ବିଚାରି ଓ ସହି ସମ୍ଭାଳିକରି। ମୁଁ କେବଳ କହିଲି ଆମେ ଯେହେତୁ ଜାଣି ନାହାନ୍ତି, ସେମାନଙ୍କ ଉପଦେଶ ନେବାକୁ ତ ପଡିବ। କ୍ରିୟାକର୍ମ ପାଇଁ ପୁରୋହିତ ଙ୍କ ପରାମର୍ଶ ରେ ତ ଚାଲିବାକୁ ପଡିବ, ଯଦି କିଛି ଅଯଥା ଖର୍ଚ୍ଚ ହୋଇଯାଏ ତାକୁ ଆମର ଅନଭିଜ୍ଞତା ବୋଲି ଧରି ନେବା।

ଦଶ ଦିନ ରାତିକୁ ମାଲା ଆଟିକା ଯିବ ଶ୍ମଶାନ କୁ। ଏ କ୍ରିୟା କର୍ମ ଆମ ପାଇଁ ନୂଆ। ଗାଁ ସାଇ ଭାଇ ଅବଶ୍ୟ ଆସିଲେ। ପୁରୋହିତ ନିର୍ଦ୍ଦେଶ ଦେଲେ, ଘର ଚଟାଣ ରେ ବାଲି ବିଛା ହେବ। ବାଲି ପୂରା ପ୍ଲେନ ହେବ, ଯେମିତି କିଛି ବି ଛାପ ତା ଉପରେ ପଡିଲେ ସ୍ୱଷ୍ଟ ଦେଖିହେବ। ତା ଉପରେ ଠିକ ମଝିରେ ଜଳା ହେବ ଦୀପ ଟିଏ। ତାକୁ ଗୋଟିଏ ଝଙ୍କାରେ ଘୋଡା ଯିବ। ମାଲ ଭାଇ ଯିବାପରେ ଘରର ସବୁ ଲାଇଟ ଲିଭିବ, ସମସ୍ତେ ହାତରେ ମୁଠେ ମୁଠେ ଚଣା ଧରି ଗୋଟେ ଗୋଟେ ଚୋବାଉଥିବେ। ସେମାନେ ଫେରି କବାଟ ନ ବାଡାଇଲା ଯାଏ କେହି ନିଜ ଜାଗାରୁ ଉଠିବେ ନାହିଁ। ଦେଖିବା ତମ ବାପା କେଉଁ ଯୋନିରେ ଯାଉଛନ୍ତି।

ଘର ସମ୍ପୂର୍ଣ୍ଣ ଅନ୍ଧାର। କେବଳ ଯାହା ଝଙ୍କା ତଳେ ଜଳୁଥିବା ଦୀପଟିର ସ୍ତିମିତ ଆଲୋକ। ସମସ୍ତେ ନିରବ। ଏତେ ନିରବ ଯେ ନିଶ୍ୱାସ ପ୍ରଶ୍ୱାସ ର ଶବ୍ଦ ବି ବାରି ହୋଇ ପଡୁଥିଲା। ସମସ୍ତେ ଅପେକ୍ଷାରେ ବସିଥିଲେ ମାଲ ଭାଇଙ୍କ ଫେରିବାକୁ। ହଠାତ କବାଟରେ ଜୋର୍ ଶବ୍ଦଟିଏ ହେଲା, କେହି କେହି ଚମକି ପଡି ଛାତିରେ ଛେପ ପକାଇଦେଲେ। ଆସିଗଲେ, କବାଟ ଖୋଲ। କବାଟ ଖୋଲା ଗଲା, ଜଳଗଲା ଲାଇଟ। ଜଣେ ଯାଇ ଧୀରେ କରି ଉଠାଇଲେ ଝଙ୍କା। ସନ୍ଧାନୀ ଆଖିରେ ଧୂଣ୍ଡିଲେ ବାଲି ଉପରେ ପଡିଥିବା ଚିହ୍ନ କୁ।

Digitized by PPRACHIN, SOA

ପ୍ଲେନ କରାଯାଇଥିବା ବାଲି ଉପରେ ପଡିଥିଲା ସ୍ପଷ୍ଟ ଛାପ ଟିଏ। କି ଚିହ୍ନ କି ଚିହ୍ନ ବୋଲି କେହି ଜାଣି ପାରୁ ନଥାନ୍ତି। ମାତ୍ର କୌଣସି ପଶୁ ର ପାଦ ଚିହ୍ନ ବୋଲି କହୁଥାନ୍ତି। ଯେହେତୁ ପଶୁ ର ପାଦ ଚିହ୍ନ, ମୁଁ ଜଙ୍ଗଲ ବିଭାଗ ରେ, ପୁଣି ନନ୍ଦନ କାନନ ର ଦାୟିତ୍ୱ ଥିବାରୁ ମୋତେ ଚିହ୍ନିବାକୁ କୁହାଗଲା। ମୁଁ ବାଲି କୁ ନିରେଖି ଦେଖିଲି। ବାଘ ପଞ୍ଝାର ସ୍ପଷ୍ଟ ଚିହ୍ନ।

ବାଘ ଯୋନିରେ ତାହାଲେ ଗଲେ। ହଁ ମହାତ୍ମା ବୁଦ୍ଧ ବି ତ ସିଂହ ଯୋନିରେ ଯାଇଥିଲେ ଥରେ। କହିଲେ ପୁରୋହିତ।

ବାପା କେଉ ଯୋନିରେ ଯାଉଛନ୍ତି, ମୁଁ ସେକଥାକୁ ବିଶ୍ୱାସ କରୁନଥିଲେ ମଧ୍ୟ ବାଲି ଉପରେ ପଡିଥିବା ସ୍ପଷ୍ଟ ଚିହ୍ନଟିକୁ ଅବିଶ୍ୱାସ କରି ପାରୁନଥିଲି। ବ୍ୟାଘ୍ର ଗଣନା କାର୍ଯ୍ୟ ଯେହେତୁ କରିଥିଲି, ବାଘ ପଞ୍ଝା ଚିହ୍ନିବା ମୋ ପାଇଁ କଷ୍ଟ ନଥିଲା। ମୋ ଭିତରର ସମସ୍ତ ବୈଜ୍ଞାନିକ ଦୃଷ୍ଟିକୋଣ ଏଠି ପରାସ୍ତ ହୋଇ ପରମ୍ପରା କୁ ମାନିବାକୁ ବାଧ୍ୟ ହେଉଥିଲା।

ଏହି ସମୟରେ ମୋ ମୋବାଇଲ ରେ ଗୋଟେ ମେସେଜ ଆସିଲା। ମୁଁ ଜାଣେ ସାର୍ ଆପଣ ଏଇନେ ବ୍ୟସ୍ତ ଥିବେ ଆପଣଙ୍କ ବାପାଙ୍କ କ୍ରିୟା କର୍ମରେ। ମାତ୍ର ନିଜକୁ ରୋକି ପାରିଲିନି ଏତେ ବଡ ଖୁସି ଖବର ନଜଣାଇବାକୁ। ଆପଣଙ୍କ ଗବେଷଣା ଓ ପରିଶ୍ରମ ସାର୍ଥକ ହୋଇଛି ସାର୍। ଏବେ ଏବେ ରାତି ଦଶଟା ପଞ୍ଚାବନ ମିନିଟ ରେ ଧଳା ବାଘ ଶୁଭ୍ରା ଗୋଟିଏ ଛୁଆ ଜନ୍ମ କରିଛି। ଛୁଆ ଟି ସମ୍ପୂର୍ଣ୍ଣ ଧଳା ହୋଇଛି ଓ ସୁସ୍ଥ ଅଛି।

ମୁଁ ପୁଣି ଥରେ ଋହିଁଲି ବାଲି ଉପରେ ପଡିଥିବା ଚିହ୍ନକୁ ଏବଂ ଭାବୁଥିଲି ବାପା ବୋଧେ ଫେରି ଆସିଲେ ମୋ ମାନସ ସନ୍ତାନ ହୋଇ।

—୦—

Digitized by PPRACHIN, SOA

ଖରଦୃଷ୍ଟି

ମୋ ପିଲାଦିନେ ମୋ ସହ ନିଶ୍ଚୟ ଏକଥା ହୋଇଥିବ, ମୋର କିନ୍ତୁ ହେତୁ ନାହିଁ। ପିଲାଦିନୁ ଦେଖି ଆସିଛି ଛୋଟ ଛୋଟ ପିଲାଙ୍କ ହାତରେ ଡେଉଁରିଆ, ତାବିଜ, ମନ୍ତୁରା ବଳା ଇତ୍ୟାଦି ଇତ୍ୟାଦି। ବେକରେ କଳା ମାଳି, ନଜର ନ ଲାଗିବା ପାଇଁ ଛାଞ୍ଚୁଣୀରୁ ଖଣ୍ଡେ ଛିଣ୍ଡା ହୋଇ ବନ୍ଧା ଯାଇଥିବ ମାଳିରେ। ପିଲାଙ୍କୁ ଘରୁ ବାହାରକୁ ନେଲାବେଳେ ମୁଣ୍ଡରେ କଳା ଟିପା ସହ ଛାଞ୍ଚୁଣୀ ଝମର ଓ ଫେରିବା ପରେ ଦୁଆର ମୁହଁରେ ପୁଣି ଥରେ ଛାଞ୍ଚୁଣୀ ରେ ଝାଡିଲେ ଯାଇ ଘରେ ପଶିବ।

ତାକୁ "ଅନି ବୋଉ - ଅନି ବୋଉ" ବୋଲି ସମସ୍ତେ ଡାକନ୍ତି, ଆମ ପିଲା ମାନଙ୍କର ସେ ଜେଜୀ ହୁଏ ହିସାବରେ। ଅନି କିଏ ଆମେ ଦେଖି ନଥିଲୁ କି ଜାଣି ନଥିଲୁ। କେବଳ ଯାହା ଶୁଣିଥିଲୁ ଅନି ନାଁରେ ତାର ଝିଅଟିଏ ଥିଲା। ଆମ ଗାଁ ମାନଙ୍କରେ ସେତେବେଳେ ଝିଅଟିଏ ବାହାହୋଇ ଆସିଲେ ତାର ପରିଚୟ ଆଉ ପିତୃଦତ୍ତ ନାମରେ ରହୁନଥିଲା। ତ ଗାଆଁ ନାଁ ସହ ଯୋଡି ହୋଇଯାଉଥିଲା ତାର ପରିଚୟ ଏଇ ଯେମିତି ଅଙ୍ଗାଲୁଣୀ, ବାରିଙ୍ଗିଆଣୀ, ବରିଆଣୀ ଇତ୍ୟାଦି ଇତ୍ୟାଦି। ଏ ନାମରେ ପରିଚୟ ରହୁଥିଲା ପିଲା ଛୁଆ ହେବା ଯାଏ। ପିଲା ହେବାପରେ ପ୍ରଥମ ପିଲାର ନାମ ଅନୁସାରେ ସେ ପରିଚିତ ହେଉଥିଲା ଅମକା ବୋଉ କି ତମକା ବୋଉ ଭାବରେ। ସେହି ନ୍ୟାୟରେ ସେ ଥିଲା ଅନି ବୋଉ ଓ ଆମେ ସମସ୍ତେ ତାକୁ ଡାକୁଥିଲୁ ଅନିବୋଉ ଜେଜୀ।

ସିଏ ଥିଲେ ବିଧବା ବ୍ରାହ୍ମଣୀ। ଆଦ୍ୟ ଯୌବନରେ ହୋଇଥିଲେ ବିଧବା। କୋଳରେ ଥିଲା କୁନି ଝିଅ ଅନି। ସିଏ ବି ପାଞ୍ଚ ବର୍ଷ ନପୂରୁଣୁ ମରିଯାଇଥିଲା

Digitized by PPRACHIN, SOA

ବସନ୍ତରେ। ତାଙ୍କ ସହ ଏତେ ସବୁ ଦୁର୍ଭାଗ୍ୟ ଯୋଡିହୋଇ ଯାଇଥିବାରୁ ସମସ୍ତେ ଭାବୁଥିଲେ ସେ ଅଶୁଭ ଲଗ୍ନା ଓ ତା଼ଙ୍କର ଅଛି ଖର ଦୃଷ୍ଟି।

ଖର ଦୃଷ୍ଟି କଣ ସେ ବିଷୟରେ ଜାଣିବାର ବୟସ ଆମର ହୋଇନଥିଲା। କେବଳ ଯାହା ବୁଝୁ ଥିଲୁ ଖର ଦୃଷ୍ଟି ପଡିଗଲେ ପିଲାଙ୍କର ଦେହ ଖରାପ ହୁଏ। ଖାଇବାରେ ଦୃଷ୍ଟି ପଡିଲେ ଝାଡା, ଚେହେରା ରେ ପଡିଲେ ଜ୍ୱର। ସେ ଜ୍ୱର ବି ଛାଡିବ ନାହିଁ ମାସ ମାସ ଧରି। ପାଳି କରି ଆସୁଥିବ। ତେଣୁ ଅନି ବୋଉ କାହା ଘରକୁ ବୁଲି ଆସିବା କ୍ଷଣି ମା ମାନେ ପିଲାମାନଙ୍କୁ ତାଙ୍କ ଦୃଷ୍ଟି ଆହୁଡକୁ ନେଇଯାଉଥିଲେ। ଯଦି କ୍ଷୀର ଖୋଉ ଥିବେ ତେବେ ଲୁଗା କାନିରେ ଗୋଟାପଣେ ଘୋଡାଇ ପକାଇ ବିପରୀତ ଦିଗକୁ ମୁହଁ ବୁଲାଇ ନେଉଥିଲେ। ସେ ଯଦି କାହା ଘା ବଥରେ ହାତ ମାରିଦେବେ, ଘା କାଲେ ବିସିରିପି ଯିବ ଯେ ଶୁଖିବନି ମାସ ମାସ ଧରି।

ଏତେ ସବୁ ଦୁର୍ନାମ ପରେ ବି ଯୋଡି ହୋଇ ରହିଥିଲା ତାଙ୍କ ସମ୍ପର୍କରେ ଆଉ ଏକ ଦୁର୍ନାମ। ସେ କୁଆଡେ କଞ୍ଚା ଡାହାଣୀ। ଗାଁ ସାରା ଲୋକ ଶୋଇ ସାରିବା ପରେ, ରାତି ଅଧରେ ସେ ବାହାରନ୍ତି ଘୁଅ ଚରି। ଉଭା ଲଙ୍ଗଳା ହୋଇ, ଗୋଡ ଉପରକୁ ଟେକି ହାତରେ ଚାଲନ୍ତି, ନାକରୁ ବାହାରିଥାଏ ଦୁଇଟି ଶୁଣ୍ଢ, ଶୁଣ୍ଢରେ ଚରନ୍ତି ଘୁଅ ଘୁଷୁରି ପରି। ଆଉ କିଏ କିଏ କହନ୍ତି ସେମାନେ ତାଙ୍କୁ ଦେଖିଛନ୍ତି ଗାଁ ଶ୍ମଶାନ ରେ। ଯେଉଦିନ ଶ୍ମଶାନ ରେ କାହାର ଜୁଇ ଜଳିଥିବ, ସେଦିନ ରାତିକୁ ସେ ଯାନ୍ତି ସେଠାକୁ। ଜୁଇରେ ନିଜ ଗୋଡକୁ ପୁରାଇ ଜଳାନ୍ତି ଓ ସେ ନିଆଁ ରେ ସେକ ଦିଅନ୍ତି କଅଁଳା ଛୁଆଙ୍କୁ।

ତାଙ୍କ ବିଷୟରେ ଏଭଳି ଭୟଙ୍କର କଥା ସବୁ ଶୁଣି ଶୁଣି ଆମେ ପିଲାମାନେ ତାଙ୍କ ଘର ମାଡିବା ତ ଦୂର କଥା, ତାଙ୍କ ଢିଅ ପାଖ ବି କେବେ ମାଡୁ ନଥିଲୁ।

ଦିନେ ଅଚାନକ ଅନି ବୋଉ ଅନ୍ତର୍ଧାନ ହୋଇଗଲା ଗାଁ ରୁ। ଏକଣା ଢିଅ ରେ ଏକାକୀ ରହୁଥିବାରୁ ସାଇ ପଡିଶା ଜାଣିବା ବେଳକୁ ବିତି ଗଲାଣି ଦୁଇ ଚାରି ଦିନ। ଜଣା ବି ପଡିନଥାନ୍ତା ସହଜରେ, ଯଦି ତାଙ୍କ ଗାଈଟା ଅନାଥ ହୋଇ ଯା' ବାଡି ତା ବାଡି ବୁଲିନଥାନ୍ତା। ସମସ୍ତେ ପରସ୍ପର ଭିତରେ ପଚରା ପଚରି ହେଲେ- କୁଆଡେ ଗଲା, କୁଆଡେ ଗଲା ? କେହି କହି ପାରୁ ନଥିଲେ ସେ କୁଆଡେ ଗଲା ବୋଲି। ତାର ଆଉ କିଏ ଥିଲା ଯେ ଖୋଜା ଖୋଜି କରିଥାନ୍ତା। କେହିତ ଦୁଃଖ

Digitized by PPRACHIN, SOA

କଲେନି ବରଂ ଖୁସି ହେଲେ ଯେ ଗାଁରୁ ଗୋଟେ ରିଷ୍ଟ ଗଲା। ତା ଖର ଦୃଷ୍ଟିରୁ ରକ୍ଷା ପାଇଗଲା ଗାଁ, ଗାଁର ପିଲାଏ। କିଛି ଦିନଯାଏ ଏ ଆଲୋଚନା ଚାଲିଲା ସତ, ମାତ୍ର କାହାରି ଆଗ୍ରହ ନଥିଲା ତାଙ୍କୁ ଖୋଜି ବାହାର କରିବାକୁ। କେବଳ ଯାହା ମୃତଦାର ମନ୍ଦିର ପୂଜକ ମନ୍ଦିରକୁ ଯାଉଥିବା ଗାଁ ଲୋକଙ୍କୁ ସବୁବେଳେ ପଚାରୁଥିଲା - ମିଳିଲା କି ଅନି ବୋଉ ର କିଛି ଖବର ?

କାଳକ୍ରମେ ଅନି ବୋଉର ଖର ଦୃଷ୍ଟି ଓ କଞ୍ଚା ଡାହାଣୀ ଉପାଖ୍ୟାନ ଭୁଲି ଯାଇଥିଲେ ଗାଁ ଲୋକେ। କେବଳ ଯାହା ଭୁତ କୋଠିର ଭ୍ରମ ସୃଷ୍ଟିକରି ଠିଆ ହୋଇଥିବା ତା ଭଙ୍ଗା ଘର, ଅଛପର ଚାଳ ଓ ବେଛପରି ବାଡି ତା କଥା ବେଳେ ବେଳେ ସ୍ମରଣ କୁ ଆଣୁଥିଲା। ବୁଲା ଗାଈ ଗୋରୁ ଓ କୁକୁର ଙ୍କ ବ୍ୟତୀତ ତା ଢିଅ କି ବାଡିକି ପଶିବାକୁ କେହିବି ସାହସ କରୁନଥିଲେ ଡାହାଣୀ ଭୟରେ।

କେଉଁ କାଳୁ ଗଲାଣି ଅନି ବୋଉ, ଏବେବି ଗାଁ ର ଛୋଟ ଛୁଆଙ୍କୁ ଜର ଓ ଝାଡା ହେଉଛି। ପିଲାଙ୍କ ଦେହ ଭଲ ପାଇଁ ଠାକୁରାଣୀ ମାଜଣା, ମାନସିକ ଭୋଗ ସହ ଚାଲି ଅଛି ଝଡା ଫୁଙ୍କା। ବଳି ବି ପଡୁଅଛି କୁକୁଡା, ଛେଳି ଓ ମେଣ୍ଢା।

ଏ ସବୁ ଦାୟିତ୍ୱ ନେଉଥିବା ମନ୍ଦିର ପୂଜକ ବୁଢା ହୋଇ ବାଧିକା ପଡିଲା। ପ୍ରଥମେ ପ୍ରଥମେ ପୁଅକୁ ଆଣି ପୂଜା ବିଧି ବତାଇ ବସି ରହୁଥିଲା ବେଢାରେ। ବାଧିକା ବଢିବାରୁ ଆସିପାରିଲାନି ମନ୍ଦିରକୁ, ପଡି ରହିଲା ବିଛଣା ରେ। ଘାଣ୍ଟି ହେଲା ଘୁଅ ମୂତରେ। ବିଛଣାରେ ପଡି ପଡି ଘା ହୋଇଗଲା ଦେହ ସାରା। ପୁଅ ବଇଦ ଡାକି ଦେଖାଉ ଥିଲା ଥରକୁ ଥର। ସବୁ ବଇଦ ଫେଲ ମାରୁଥିଲେ। ଶେଷରେ ହାତ ଟେକି ଦେଇ କହିଲେ ବୟସ ହେଲାଣି, ଓଷଦ କାଟୁ କରୁନି। ଏବେ ଆମ କଥା ଛାଡି ଟିକେ ଜ୍ୟୋତିଷ ଦେଖା।

ଜ୍ୟୋତିଷେ ଜାତକ ଦେଖି କହିଲେ - ଜାତକର ଆୟୁ ତ ଭୋଗି ସାରିଲେଣି। ପିଣ୍ଡରୁ ତ ପ୍ରାଣ ଚାଲିଯିବାର କଥା। କିଛି ଅପ୍ରକାଶ୍ୟ ପାପକର୍ମ ରହିଯାଇଛି ବୋଧେ, ସେତକ ନ ଓଗାଳିବା ଯାଏ ପ୍ରାଣ ଛାଡିବନି।

ପୂଜାରୀଙ୍କ ପୁଅ ପଚାରିଲା ଉପାୟ ?

ଉପାୟ - ଉପାୟ ଅଛି ନା। ଇଏ ପରା ଶାସ୍ତ୍ର। ସବୁ ସମସ୍ୟା ର ମାର୍ଗ ଅଛି। ତମେ ଗୋଟିଏ ଦାନ ଦେବା ବ୍ୟବସ୍ଥା କର। ଦାନରେ ଅନ୍ନ, ବସ୍ତ୍ର,ଭୂମି ଓ ଗୋଦାନ ରହିବ। ଯଦି ଏସବୁ ଦାନ ପାଇଁ ଶକ୍ତି ନାହିଁ ବୋଲି ଭାବୁଛ,ତେବେ

Digitized by PPRACHIN, SOA

ଶାସ୍ତ୍ରରେ ମଧ୍ୟ ସେଥିପାଇଁ ଉପାୟ ଅଛି। ବସ୍ତ୍ର ଅଭାବେ ସୂତ୍ର ଦାନ ନ୍ୟାୟରେ। ହଁ ମନେ ରଖ, ଦାନ ଟା ତାଙ୍କ ହାତରେ ଦିଆକରାଇବ। ଦାନ ଦେଲା ବେଳେ ତାଙ୍କ ଠାରୁ ସତ କଥାଟା ଓଗଲାଇବ, ନଚେତ ପିଣ୍ଡରୁ ପ୍ରାଣ ଛାଡିବ ନାହିଁ। ଅପ୍ରକାଶ୍ୟ ପାପକୁ ନେଇ ଯଦି ବି ପିଣ୍ଡରୁ ପ୍ରାଣ ଛାଡିଗଲା, ଯମଲୋକ ରେ ଢେର ଯାତନା ପାଇବେ, ପିତୃଲୋକ ରେ ବି ଜାଗା ମିଳିବ ନାହିଁ।

ଦାନ ଦେବା ପାଇଁ ଦିନ ବାର ଧାର୍ଯ୍ୟ କଲା ପୁଅ। ବିଛଣା ରେ ପଡି ଘାଣ୍ଟି ହେଉଥିଲେ ମଧ୍ୟ ମୁଣ୍ଡଟା ପ୍ରଖର କାମ କରୁଥିଲା ପୂଜାରୀଙ୍କର। ପୁଅର ଅଭିପ୍ରାୟ ଜାଣି ସେ କହିଲେ - ଦାନ ଦେବୁ, ଭଲ କଥାଯେ ହେଲେ ଦାନ ନେବା ପରେ ବି ମୋ ପିଣ୍ଡ ଛାଡି ପ୍ରାଣ ଯିବନାହିଁ। ମୁଁ ଏ ପିଣ୍ଡଟାକୁ ଭଲ ପାଉଛି ବୋଲି ନୁହେଁ, ଦାନ ନେଲେ ମୋ ପାପର ପ୍ରାୟଶ୍ଚିତ ହେବ ନାହିଁ ବୋଲି।

ତମେ ଏମିତି କି ପାପ କରିଛ କି ବାପା ? ମଣିଷ ନା ଗୋରୁ ମାରିଛ ?

ତା ଠାରୁ ବି ବଡ ପାପ। ମୋ ପାପ ଦୃଷ୍ଟିର ପାପ।

କି ପାପ ଦୃଷ୍ଟି ଓ କାହା ଉପରେ ପାପ ଦୃଷ୍ଟି ?

ହଉ, ତୁ ଯଦି ପୁତ୍ର ଧର୍ମ ପାଳନ କରିବାକୁ ଋହୁଁଛୁ ତୋତେ କହିବି ନିଶ୍ଚୟ। ମୋତେ ମୋକ୍ଷ ଦେବାକୁ ପାରିବୁ କାମଟିଏ କରି ?

କି କାମ କୁହ, ତାକୁ କରିବାକୁ ମୁଁ ନିଶ୍ଚୟ ଚେଷ୍ଟା କରିବି।

ଅନିବୋଉ କୁ ତୁ ଖୋଜି ଆଣିପାରିବୁ? ତା ପାଖରେ ଦୋଷ ସ୍ୱୀକାର ନକଲା ଯାଏ ମୋ ପିଣ୍ଡରୁ ପ୍ରାଣ ଛାଡିବନି।

ଅନି ବୋଉ ! ସେ ତ କେବେ ଠାରୁ ଗାଁ ଛାଡି କୁଆଡେ ଯାଇଛି ଯେ ଜଣାନାହିଁ। ତା ସହ ତମର କି ପାପ ସମ୍ପର୍କ ? ସେ ତ ଡାହାଣୀ ଟାଏ ଥିଲା ବୋଲି ଶୁଣିଛି।

ତା ସହ ପାପ ସମ୍ପର୍କ ନୁହେଁ - ତା ଉପରେ ପକାଇଥିବା ପାପ ଦୃଷ୍ଟିର ପାପରେ ମୁଁ ଏ କଷ୍ଟ ଭୋଗୁଛି। ମୁଁ ଭାବିଥିଲି ଯୁବତୀ ବିଧବା, ମୋ ପାପ ଦୃଷ୍ଟିକୁ ସମ୍ମତି ଦେବ। ତୋ ମା ମଲା ବେଳକୁ ମୋର ବା ବୟସ କେତେ ? ତୋ ମୁହଁକୁ ଅନାଇ ଆଉ ବାହା ହେବିନି ବୋଲି ନିଷ୍ପତ୍ତି ନେଲି। ଈଶ୍ୱର ଚିନ୍ତା ଓ ପୂଜା ଧର୍ମରେ ବେଳ କାଟିଦେବି ବୋଲି ଭାବିଲି। ଯେତେ ପୂଜାଧର୍ମ କଲେବି ମନ ଓ ଶରୀର ର ଗୋଟେ ଆବଶ୍ୟକତା ରହୁଥିଲା। ଭାବିଲି ସିଏ ବି ମୋ ଭଳି ସନ୍ତୁଳି ହେଉଥିବ

Digitized by PPRACHIN, SOA

ଯୁବା ବୟସରେ ବିଧବା ହୋଇ। ପକାଇଲି ଥୋପ, ଦେଖାଇଲି ପ୍ରଲୋଭନ। ହେଲେ ସିଏ ସତୀ ନାରୀ, ପ୍ରଲୋଭିତ ହେଲାନି ଜମାରୁ। ରାଗରେ ମୁଁ ତାକୁ ସଜାଇଲି କଞ୍ଚା ଡାହାଣୀ। ପ୍ରଚାର କଲି ଅଛି ତାର ଖର ଦୃଷ୍ଟି। ଯେହେତୁ ମୁଁ ମନ୍ଦିର ପୂଜକ, ମୋ କଥାକୁ ସହଜରେ ବିଶ୍ୱାସ କରିନେଲେ ଗାଁ ଲୋକେ, ଗାଁର ଝିଅ ବୋହୂ। ଧୀରେ ଧୀରେ ତା ଜୀବନ ହୋଇପଡ଼ିଲା ଦୁର୍ବିସହ ଏବଂ ଗାଁରେ ରହିବା ତା ପାଇଁ ସମ୍ଭବ ହେଲା ନାହିଁ। ସେ ବାଧ୍ୟ ହେଲା ଗାଁ ଛାଡ଼ିବାକୁ। ଯେଉଁ ଦିନ ରାତିରେ ସେ ଗାଁ ଛାଡ଼ିଲା, ସକାଳୁ ଆସିଥିଲା ମନ୍ଦିରକୁ। ପୂଜା କରିସାରିବା ପରେ ମୋତେ କହିଲା - ଠାକୁର ସବୁ ଦେଖୁଛନ୍ତି, ଖର ଦୃଷ୍ଟି ଓ ପାପ ଦୃଷ୍ଟିର ବିଚାର ମୁଁ ତାଙ୍କ ଉପରେ ଛାଡ଼ି ଦେଉଛି।

ତା' ପରେ ତ ସେ ଚଣ୍ଡାଳୁଣୀଟା ଯାଇଛି ଯେ ଯାଇଛି ଆଉ ଫେରିଲାନି ଗାଁକୁ। ଶୁଣୁଛି ସେ କୁଆଡ଼େ ବୃନ୍ଦାବନ ରେ ଅଛି। ଭାବିଥିଲି ସମ୍ପତି ଲୋଭ ଛାଡ଼ି କେତେ ଦିନ ବା ରହିବ ବାହାରେ, ଦିନେ ନା ଦିନେ ତ ଫେରିବ। ଫେରିଲେ କ୍ଷମା ମାଗି ମୋ ପାପର ପ୍ରାୟଶ୍ଚିତ କରିବି। ହେଲେ ଶୁଣୁଛି ସିଏ ଏବେ କୃଷ୍ଣ ଭକ୍ତିରେ ମତ୍ତ ସମ୍ପୂର୍ଣ୍ଣ ସନ୍ୟାସିନୀ। ସେ ସୁଯୋଗ ଆଉ ମୋତେ ମିଳିବ କେମିତି ?

ଖର ଦୃଷ୍ଟି ଥିବା ଗୋଟେ ଡାହାଣୀ କଣ କେବେ ସନ୍ୟାସିନୀ ହୋଇପାରେ ?

ସବୁ ମିଛ। ଖର ଦୃଷ୍ଟି ମିଛ, ଡାହାଣୀ ବି ମିଛ। ଏକଥା ମୁ ସୃଷ୍ଟି କରିଥିଲି। ଯେହେତୁ ମୁଁ ପୂଜକ, ଯାହା କହିଲେ ବି ଲୋକେ ବିଶ୍ୱାସ କରୁଥିଲେ। ମୋ ପାପ ଇଚ୍ଛା ର ବିଫଳତା ର ପ୍ରତିଶୋଧରେ ମୁଁ ତାକୁ ସଜାଇଥିଲି ଡାହାଣୀ, ପ୍ରଚାର କରିଥିଲି ତା ଖର ଦୃଷ୍ଟି ବାବଦରେ। ହେଲେ ମୁଁ ଛାର ପାପୀଟା କି ପ୍ରତିଶୋଧ ବା ନେଇପାରିଲି ? ସେ ତାର ସତୀତ୍ୱର ପରାକାଷ୍ଠା ନେଇ ସନ୍ୟାସିନୀ ହୋଇଗଲା, ମୋତେ ତ ନର୍କର କୀଟ ହେବାକୁ ବି ଯୋଗ୍ୟ ରଖିଲା ନାହିଁ। ଏ ଦାନରେ ମୋ ଜୀବନ ଯିବନି, ଯଦି ତାକୁ ଫେରାଇ ଆଣି ନପାରୁ, ତେବେ ମୋତେ ଭୋଗିବାକୁ ଦେ ମୋ ଅର୍ଜିତ ପାପର ଫଳକୁ।

—୦—

Digitized by PPRACHIN, SOA

ବ୍ୟାମୋହ

ଗଣେଶ ଦାସ। ଅବସରପ୍ରାପ୍ତ ମୁଖ୍ୟ ପ୍ରବନ୍ଧକ, ପଞ୍ଜାବ ନେସନାଲ ବ୍ୟାଙ୍କ। ମୋର ତାଙ୍କ ସହ ପରିଚୟ ହେଲା ବେଳକୁ ସେ ଅବସର ନେଇ ସାରିଥିଲେ। ସେ କୁଆଡ଼େ ମାଟ୍ରିକ ପାଶ୍ କଲାପରେ ତାଙ୍କ ସହରରେ ନୂଆ କରି ଖୋଲା ଯାଇଥିବା ଶାଖାର ଏଜେଣ୍ଟ (ସେତେବେଳେ ମ୍ୟାନେଜର ପଦବୀ ହୋଇ ନଥିଲା।) ତାଙ୍କୁ ଡାକି ପଚାରିଥିଲେ - ଚାକିରି କରିବ? ଯଦିଓ କଲେଜରେ ପଢ଼ିବାର ଆଗ୍ରହ ଥିଲା, ମାତ୍ର ଘରର ଆର୍ଥିକ ସ୍ଥିତି ଅଧିକ ପଢ଼ିବା ପାଇଁ ସୁଯୋଗ ଦେଉନଥିଲା, ତେଣୁ ସେ ରାଜି ହୋଇଗଲେ ବ୍ୟାଙ୍କରେ ଚାକିରି କରିବା ପାଇଁ। ଏହା ଶୁଣି ତାଙ୍କ ବାପା ପ୍ରଥମେ ନାକ ଟେକିଲେ। ସରକାରୀ ଚାକିରି ନକରି ଏଇଟା କି ଚାକିରି। ସେତେବେଳେ ସରକାରୀ ଚାକିରି ବି ଢେର ମିଳୁଥିଲା, ମାତ୍ର ତାହା ବ୍ରିଟିଶ ସରକାରଙ୍କ ଚାକିରି। ସେଥିରେ ପଶିଲେ ଆଉ ଆଗକୁ ପଢ଼ି ହେବନି ବୋଲି, ସେ ବ୍ୟାଙ୍କରେ ପଶିବାକୁ ଅଧିକ ପସନ୍ଦ କଲେ। ଏତଦ୍ ବ୍ୟତୀତ ସରକାରୀ ଚାକିରିର କିରାଣୀର ଦରମାଠାରୁ ବ୍ୟାଙ୍କରେ ମିଳୁଥିବା ଦରମା ଅଧିକା ଥିଲା।

ମାତ୍ର ଅଠର ବର୍ଷ ବୟସରେ ସେ ଯୋଗ ଦେଲେ ବ୍ୟାଙ୍କରେ। ଚାକିରି କଲେ ଚାଳିଶ ବର୍ଷ। ଚାକିରି କାଳ ଭିତରେ ଘରୋଇ ଭାବରେ ପାଠପଢ଼ି ସେ ଏମ.ଏ. ଯାଏଁ ପାଶ୍ କଲେ। ବ୍ୟାଙ୍କର କିରାଣୀରୁ ପ୍ରମୋଶନ ପାଇ ପାଇ ସେ ମୁଖ୍ୟପ୍ରବନ୍ଧକ ଯାଏ ଯାଇ ପାରିଲେ। ଆହୁରି ଅଧିକା କୁଆଡ଼େ ଯାଇ ପାରିଥାଆନ୍ତେ, ମାତ୍ର ନିଜ ସହର ଛାଡ଼ି ନଯିବା ପାଇଁ ସେ ବହୁଦିନ ଯାଏଁ କିରାଣୀରୁ ଅଫିସର ପ୍ରମୋଶନ ପରୀକ୍ଷା ଦେଉ ନଥିଲେ। ଘରର ଦାୟିତ୍ୱ ଯଥା ସାନଭାଇମାନଙ୍କ ପାଠପଢ଼ା, ଭଉଣୀମାନଙ୍କର ବାହାଘର ସରିବା ପରେ ଭାବିଲେ ଏବେ ପ୍ରମୋଶନ

Digitized by PPRACHIN, SOA

ନେବେ। ନେଲେ ଏବଂ ଚାକିରି ଦାୟରେ ବିଭିନ୍ନ ରାଜ୍ୟ ବି ବୁଲିଲେ।

ସେ ଯେତେବେଳେ ସିନିୟର ମ୍ୟାନେଜର ଥିଲେ, ତାଙ୍କ ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ ଏକ ଗ୍ରାମୀଣ ବ୍ୟାଙ୍କ ର ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ତାଙ୍କୁ ମିଳିଥିଲା। ନୂଆ କରି ଖୋଲା ଯାଇଥିବା ଗ୍ରାମୀଣ ବ୍ୟାଙ୍କ ଏବଂ ତା'ର ଅଧ୍ୟକ୍ଷ ପଦର ସମ୍ମାନ ଏବଂ କ୍ଷମତା ଖୁବ୍ ଅଧିକ। ସେ ମନେ ମନେ ଖୁସି ହେଲେ ଯେ ଯଦି ସରକାରୀ କିରାଣୀଟିଏ ହୋଇ ଥାଆନ୍ତେ, ତାହାଲେ ଅତି ବେଶିରେ ବଡ଼ ବାବୁଟାଏ ହୋଇ ପାରିଥାଆନ୍ତେ। ଏଠି ଅଧ୍ୟକ୍ଷ ପଦ, ଏହାତ ଇନ୍ଦ୍ରପଦ ସହ ସମାନ୍।

ମୋର ତାଙ୍କ ସହ ସାକ୍ଷାତ ହେବା ବେଳକୁ ତାଙ୍କ ରିଟାୟାର୍ଡ଼ କରିବାଟା ହିଁ ବତିଶ ବର୍ଷରୁ ଉର୍ଦ୍ଧ୍ୱ ହୋଇ ସାରିଥିଲା। ସେ ମୋ ଚ୍ୟାମ୍ବରକୁ ଆସିଥିଲେ କୌଣସି ସୌଜନ୍ୟ ମୂଳକ ସାକ୍ଷାତ ପାଇଁ ନୁହଁ ବରଂ ଏକ ଅଭିଯୋଗ ଧରି ଯେ ବରିଷ୍ଠ ଓ ଅତି ବରିଷ୍ଠ ନାଗରିକ ମାନଙ୍କୁ ଯେତିକି ସୁବିଧା ଦେବା କଥା ଦିଆଯାଉ ନାହିଁ ବୋଲି। ତାଙ୍କର ଦୀର୍ଘ ଛଅଫୁଟ ଉଚ୍ଚର ଗୋରାତକ୍ ତକ୍ ଚେହେରା, ପୋଷାକ ଏବଂ କଥାବାର୍ତ୍ତାରୁ ମୁଁ ଠଉରାଇ ନେଲି ଇଏ ଜଣେ ସାଧାରଣ ବରିଷ୍ଠ ନାଗରିକ ନୁହଁନ୍ତି। ମୋ ସାମ୍ନାରେ ପଡ଼ିଥିବା ଚେୟାର ଆଡ଼େ ହାତ ଦେଖାଇ ତାଙ୍କୁ ପ୍ରଥମେ ବସିବାକୁ କହିଲି। ସେ ବସିସାରି ଧନ୍ୟବାଦ କହିଲେ। ମୁଁ ତାଙ୍କ ଅଭିଯୋଗ ଶୁଣିସାରି - କହିଲି ଏହାତ ଆପଣଙ୍କ ଅଭିଯୋଗ ନୁହେଁ ପରାମର୍ଶ।

ବ୍ୟାଙ୍କ ଚାକିରିରୁ ଅବସର ନେଇଥିବା ଲୋକଟିର କ'ଣ ବ୍ୟାଙ୍କକୁ ସେବା ବାବଦରେ ଅଭିଯୋଗ କରିପାରିବ।

ଆପଣ ତାହେଲେ ବ୍ୟାଙ୍କରେ ଚାକିରି କରୁଥିଲେ ?

ହଁ, ମୁଁ ବି ଆପଣଙ୍କ ବ୍ୟାଙ୍କ ପରି ଗୋଟିଏ ବ୍ୟାଙ୍କର ଅଧ୍ୟକ୍ଷ ପଦରେ ଥିଲି। ସେତେବେଳେ ଏ ବ୍ୟାଙ୍କ ନୂଆ ନୂଆ ହୋଇଥିଲା। ମୁଁ ତ ଆସି ରିଟାର୍ଡ଼ କଲିଣି। ବତିଶି ତେତିଶ ବର୍ଷ ହେଲାଣି। ଏବେ ତ ଏ ବ୍ୟାଙ୍କର କାୟାକଳ୍ପରେ ବହୁତ କିଛି ପରିବର୍ତ୍ତନ ହୋଇଗଲାଣି।

ମୁଁ ଏବେ ଅନୁଭବ କଲି ଯେ ସେ ମୋ ପାଖକୁ ଯେଉଁ ଅଭିଯୋଗ ଯାହାକୁ ସେ ଏବେ କଥା ବଦଳାଇ ପରାମର୍ଶ ବୋଲି କହୁଛନ୍ତି ତାହା ପ୍ରକୃତରେ ଥିଲା ତାଙ୍କ ଅତୀତର ହ୍ୟାଙ୍ଗ ଓଭର। ସେ ମନେ ମନେ ବୋଧହୁଏ ଭାବୁଥିଲେ ତାଙ୍କର ଅଧ୍ୟକ୍ଷ ସମୟର କଥା। ସେ କୌଣସି ଶାଖାରେ ପହଞ୍ଚିବା କ୍ଷଣି କିପରି ସ୍ୱାଗତ

Digitized by PPRACHIN, SOA

କରାଯାଉଥିଲା, କିପରି ସମ୍ମାନ ମିଳୁଥିଲା ଇତ୍ୟାଦି ଇତ୍ୟାଦି। ଏଠି କେହି ତାଙ୍କୁ ଚିହ୍ନି ନାହାନ୍ତି। କେବେ ବି ପଚାରୁନାହାନ୍ତି ତାଙ୍କ ବିଷୟରେ। କେବଳ ଯାହା ସେ ଆସୁଛନ୍ତି। ଭାଉଚରଟିଏ ଦସ୍ତଖତ କରିଦେଇ ଅପେକ୍ଷା କରୁଛନ୍ତି। ତାହା ପୁଣି ଲାଇନରେ। ପାଳି ପଡ଼ିବା ପରେ ଟଙ୍କା ଧରି ଯାଉଛନ୍ତି। କେହି ନ ପଚାରିଲେ ସିଏବା କେମିତି କହନ୍ତେ ସେ କିଏ ଓ କ'ଣ ଥିଲେ ବୋଲି। ତେଣୁ ତାଙ୍କର ପରିଚୟର ସଙ୍କଟ ସୃଷ୍ଟି ହେଉଛି। ତେଣୁ ତାଙ୍କୁ ଖୁସି କରିବାକୁ ଯାଇ ମୁଁ କହିଲି – ଷ୍ଟାଫ୍‌ମାନେ ନିଶ୍ଚୟ ଆପଣଙ୍କ ବିଷୟରେ କିଛି ଜାଣିନାହାନ୍ତି। ଏବେ ଜାଣିବା ପରେ ସେମାନେ କାହିଁକି ମୁଁ ବି ଆପଣଙ୍କଠାରୁ କିଛିଟା ପରାମର୍ଶ ନେଇପାରିବି।

ବେଲ୍ ମାରିଲି। ପିଅନ ଆସିବା ପରେ ତାଙ୍କୁ ଚା' ଆଣିବାକୁ ବରାଦ କରିବା ସହ କହିଲି ଆକାଉଣ୍ଟାଣ୍ଟଙ୍କୁ ଡାକିଦେବାକୁ। ଆକାଉଣ୍ଟାଣ୍ଟ ଆସିବା ପରେ ମୁଁ ପଚାରିଲି ଆପଣ ସାର୍‌ଙ୍କୁ ଚିହ୍ନିଛନ୍ତି ? ସେ ତାଙ୍କ ମୁହଁକୁ ଥରେ ଚାହିଁ କହିଲେ, ଚିହ୍ନିନି ମାତ୍ର ଆମ ବ୍ରାଞ୍ଚରେ ବହୁତ ଥର ଦେଖିଛି।

ସାର୍ ଗୋଟିଏ ଗ୍ରାମୀଣ ବ୍ୟାଙ୍କର ଅଧ୍ୟକ୍ଷ ଥିଲେ। ରିଟାୟାର୍ଡ କରିସାରିଲେଣି ବହୁ ବର୍ଷ ହେଲାଣି। ସେ ତାଙ୍କୁ ନମସ୍କାରଟିଏ ପକାଇଲେ। ଏହି ସମୟରେ ପିଅନ ଚା' ଧରି ପହଞ୍ଚିଲା। ତାକୁ ମଧ୍ୟ ସାର୍‌ଙ୍କୁ ଚିହ୍ନାଇ ଦେଲି। ସିଏ ବି ନମସ୍କାରଟିଏ ଦେଲା। ମୋତେ ଲାଗିଲା ଏଥର ସେ ତାଙ୍କର ଅଭିଯୋଗ ବା ପରାମର୍ଶ ଯାହା ଥିଲା ତାକୁ ଭୁଲି ଯାଇଥିଲେ। ମୁଁ ତାଙ୍କୁ କହିଲି ଆପଣ ଯେତେବେଳେ ବି ଯେ କୌଣସି କାର୍ଯ୍ୟରେ ଆସିବେ ସିଧା ମୋ ଚ୍ୟାମ୍ବରକୁ ଆସିଯିବେ। ପିଅନକୁ କହିଲି ସାରଂକ ଭାଉଚର ନେଇ ଟଂକା ନେଇ ଆସିବାକୁ। ସେ ଭାଉଚର ଦେଲାବେଳେ ମୁଁ ପଚାରିଲି ଆପଣ ଚେକ୍ ନେଇନାହାନ୍ତି କି ? ନିଜେ ନ ଆସି ଯା ହାତରେ ଚେକ୍ ପଠାଇଦେଲେ ତ ଟଙ୍କା ନେଇ ଆପଣଙ୍କୁ ଦେଇଦିଅନ୍ତା।

ନା – ମୁଁ ଚେକ୍ ନେଇନି। ମୁଁ ବି କାହା ହାତରେ ଚେକ୍ ଦେଇ ଟଙ୍କା ନେବାକୁ ପସନ୍ଦ କରେନା। ଜୀବନର ଶେଷ ଯାଏଁ ଅର୍ଥ କାରବାରକୁ ମୁଁ ଗୋପନୀୟ ଓ ଆୟତ୍ତାଧିନ ରଖିବାକୁ ଚାହେଁ। ତା'ପରେ ଆଉ ଗୋଟିଏ କଥା ବି, ଏଇ ଟଙ୍କା ଉଠାଉଠି କରିବା ନାଁରେ ତ ମୁଁ ବାହାରକୁ କିଛି ସମୟ ବୁଲାବୁଲି କରିବାକୁ ଆସିପାରୁଛି। ଗୋଟିଏ ଅଟୋବାଲା ମୋର ଚିହ୍ନା ଅଛି। ଚିହ୍ନା କ'ଣ କି ତାକୁ

Digitized by PPRACHIN, SOA

ଅଟୋ କିଣିବାକୁ ମୁଁ ଟଙ୍କା ଦେଇଥିଲି। ଯେଉଁ ଟଙ୍କା ଦେଇଥିଲି ତାକୁ ମାସକୁ ମାସ ଫେରାଇଥିଲା କିସ୍ତି କରି। ତାକୁ ଯେତେବେଳେ ଫୋନ କଲେ ସେ ଆସି ମୋତେ ନେବା ଆଣିବା କରେ। ପ୍ରଥମେ ପ୍ରଥମେ ସେ ଟଙ୍କା ନେଉନଥିଲା। ମୁଁ ତାକୁ ବାଧ୍ୟ କରି ଦେଲି। କହିଲି - ତମେ ଟଙ୍କା ନନେଲେ ତମକୁ କ'ଣ ସବୁବେଳେ ଡାକିହେବ ? ଟଙ୍କା ନିଅ, ମାତ୍ର ଯେତେବେଳେ ଡାକୁଥିବି ଆସୁଥିବ। ତା'ପରେ ତମେ ମୋଠାରୁ ଯେଉଁ ଟଙ୍କା ନେଇଥିଲ ତାକୁ ତ ଫେରାଉଛ। ମୋଠୁ ଟଙ୍କା ନନେବ କାହିଁକି ? ଯେଉଁଠିକୁ ଗଲେ ବି ସେ ମୋତେ ଭଡା ବିଷୟରେ କିଛି କହେନା, ମୁଁ ହିସାବ କରି ତା' ପକେଟରେ ଭର୍ତ୍ତି କରିଦିଏ। ବେଶି କମ୍ ଭାବେନା। ଖୁବ୍ ବେଶି ନହେଲେ ବି କମ୍ ଦିଏନା।

ମୁଁ ଚାରିଗୋଟି ଶାଖାରେ ମୋର ମିଆଦି ଜମା ରଖିଛି। ସେଠାରେ ବି ଗୋଟିଏ ଲେଖାଏଁ ସଞ୍ଚୟ ଖାତା ରଖିଛି। ଯେଉଁଠିକୁ ସୁଧ ଯାଏ। ଅଲଗା ଅଲଗା ଖର୍ଚ୍ଚ ପାଇଁ ଅଲଗା ଅଲଗା ବ୍ୟାଙ୍କ। ଯେମିତି ଘରର ରାସନ ପାଇଁ ଏ ବ୍ୟାଙ୍କ, ଠିକ ସେମିତି ଇଲେକ୍‌ଟ୍ରିବିଲ, ଔଷଧ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଅନ୍ୟ ଶାଖାମାନଙ୍କୁ ଯାଇଥାଏ। ଆମର ତ ପେନସନ ନଥିଲା। ଯାହାକିଛି ପିଏଫ୍ ଓ ସଞ୍ଚୟ ରହିଥିଲା ଚାକିରି କାଳରେ। ପୁଅମାନେ ଆଉ ଯେହେତୁ ଗାଁକୁ ଯିବାକୁ ଚାହିଁଲେନି, ଗାଁର ସବୁ ଜମିବାଡ଼ି ବିକ୍ରି କରିଦେଇ ଏଠି ଘରଟିଏ କିଣିଲୁ ଓ ଯାହା ବଳିଲା ଆପଣଙ୍କ ଶାଖାରେ ରଖିଛି। ସେ ମୋତେ ଏକ ଭଲ ଶ୍ରୋତାଟିଏ ବୋଲି ଧରି ନେଇ ଗପି ଚାଲିଥିଲେ। ଆହୁରି ବୋଧେ ଢେର ଗପିଥାନ୍ତେ। ମୋର ଷ୍ଟାଫ୍ କିଛି ଗୁରୁତ୍ୱପୂର୍ଣ୍ଣ ଫାଇଲ ଧରି ପହଞ୍ଚିବାରୁ ତାଙ୍କ ଗପର ଧାରା ବ୍ୟାହତ ହେଲା। ମୁଁ ଜାଣୁଥିଲି ପ୍ରତ୍ୟେକ ବୟସ୍କ ବ୍ୟକ୍ତିଙ୍କୁ ଶୁଣିବାକୁ ଗୋଟେ ସହୃଦୟ ଶ୍ରୋତା ମିଳିଗଲେ ତାଙ୍କ ଗପ ଆଉ ସରିବନି, ମାତ୍ର ମୋତେ ମୋର କାମ କରିବାର ଥିଲା, ତେଣୁ ଗପର ପୂର୍ଣ୍ଣଚ୍ଛେଦ ପକାଇବା ଉଦ୍ଦେଶ୍ୟରେ କହିଲି - ମଝିରେ ମଝିରେ ଆସୁଥିବେ ସାର୍। ଏଥର ଆସିଲେ କାଉଣ୍ଟରକୁ ନ ଯାଇ ମୋ ପାଖକୁ ସିଧା ଚାଲିଆସିବେ।

ସେ ବୁଝିଗଲେ ଏଥର ତାଙ୍କ ଗପ ବନ୍ଦ କରିବାର ବେଳ। ହଉ କହି ଉଠିଲେ।

ସେ ମଝିରେ ମଝିରେ ଆସନ୍ତି। କେତେବେଳେ ସ୍ଥାୟୀ ଜମାକୁ ନବୀକରଣ କରିବାକୁ ତ କେତେବେଳେ ଟଙ୍କା ଉଠାଇବାକୁ। ଥରେ ସେ ମୋ ପାଖରେ

Digitized by PPRACHIN, SOA

ପହଞ୍ଚି ବହୁତ ଖୁସି ବ୍ୟକ୍ତ କରି କହିଲେ ଏବେ ଆମ ବ୍ୟାଙ୍କରେ ପେନ୍‌ସନ ଲାଗୁ ହୋଇଗଲା। ଯାହା ହେଉ ଏଠିକା ବ୍ୟାଙ୍କର ଶାଖା ପ୍ରବନ୍ଧକ ମୋ ଘର ଖୋଜି ଖୋଜି ଆସି ମୋତେ ଖବର ଦେବା ସହ ମୋଠାରୁ ସବୁ କାଗଜପତ୍ର ନେଇକରି ଗଲେ। ଆଉ ଗୋଟିଏ କଥା ବି କହିଲେ ଷ୍ଟାଫ୍ ହିସାବରେ ଏକପ୍ରତିଶତ ଅଧିକ ସୁଧ ଦେବେ ବୋଲି।

ତାହେଲେ ତ ଆପଣ ଗୁଡ଼ାଏ ଟଙ୍କା ଏରିଅର ପାଇବେ ? ଆପଣତ ବତିଶି ତେତିଶ ବର୍ଷ ହେଲାଣି ଅବସର ନେଲେଣି ନା।

ହଁ, ଏରିଅର ମିଳିବ ଯେ, ହେଲେ ଯେବେଠୁ ରିଟାୟାର୍ଡ କରିଛି ସେବେଠୁ ନୁହଁ। ଗୋଟେ କଟ୍‌ଅଫ୍ ଡେଟ୍ ରଖିଛନ୍ତି, ସେବେଠୁ ଏରିଅର ଦେବେ। ଯାହା ବି ହେଉ ଭବିଷ୍ୟତ ସୁରକ୍ଷିତ ହୋଇଗଲା।

ସେ ମୋ ପାଖରୁ ଉଠିବା ବେଳେ ଗୋଟିଏ ଖୁସିର ଝଲକ ତାଙ୍କ ମୁହଁରେ ଲାଗି ରହିଥିଲା। ବୟାସାଧିକ୍ୟ ପାଇଁ ପୁସ୍‌ଡୋରଟିକୁ ଟାଣି ଖୋଲି ପାରୁନଥିବାରୁ ମୁଁ ଉଠିଯାଇ ଡୋର ଖୋଲିଦେଲି।

ଏହାର କିଛି ଦିନ ପରେ ସେ ଆଉ ଥରେ ଆସିଲେ। ଏଥର ଆସୁଆସୁ କହିଲେ ମୋର ସମସ୍ତ ଜମା ଆପଣଙ୍କ ବ୍ୟାଙ୍କରୁ ଉଠାଇ ନେବି। ମୁଁ ସେତେବେଳେ ଯାଏଁ ଜାଣିନଥିଲି ତାଙ୍କର ଆମ ଶାଖାରେ କେତେ ଟଙ୍କା ଜମା ଥିଲା ବୋଲି। ସେ ମୋଞ୍ଚାଏ ମିଆଦି ଜମା ଶାଖା ସାର୍ଟିଫିକେଟ ମୋ ସମ୍ମୁଖରେ ଥୋଇ କହିଲେ ଏସବୁକୁ ଭାଙ୍ଗି ଦେଇ ମୋ ସଞ୍ଚୟ ଖାତାକୁ ପଠାଇ ଦିଅନ୍ତୁ। ମୁଁ ଆସନ୍ତାକାଲି ଟଙ୍କା ନେବି। ମୁଁ ହିସାବ କରି ଦେଖିଲି ୫୦ ଲକ୍ଷରୁ ଅଧିକ ଜମା ରାଶି। ହଠାତ୍ ଏତେଗୁଡ଼ିଏ ଡିପୋଜିଟ କମିଯିବ ଭାବି ତାଙ୍କୁ ପଚାରିଲି – ଭାଙ୍ଗିବେ କାହିଁକି ?

ଆପଣଙ୍କ ଶାଖା ଘର ପାଖରେ ବୋଲି ରଖିଥିଲି। ଏବେ ଯେତେବେଳେ ମୋ ବ୍ୟାଙ୍କ ମୋତେ ପେନସନ ଦେବେ ସେ ଶାଖାକୁତ ନିୟମିତ ଯିବାକୁ ପଡ଼ିବ, ତେଣୁ ସେଠାକୁ ଉଠାଇ ନେବି। ଏଥିରେ ବି ସେମାନେ ଷ୍ଟାଫ୍ ହିସାବରେ ଅଧିକ ସୁଧ ଦେବେ। ତେଣୁ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏ ନିଷ୍ପତ୍ତି ନେଲି। ମୁଁ କହିଲି, ମିଆଦ ପୂର୍ବରୁ ଭାଙ୍ଗିଦେଲେ କିଛି ପେନାଲଟି କଟିଯିବ।

କଟୁ – ମୁଁ ହିସାବ କରି ଦେଖିଛି ତଥାପି ବି ମୋର ଲାଭ ଅଛି। ତାଙ୍କ ସହ ଆଉ ବିଶେଷ ଯୁକ୍ତିତର୍କ ନକରି ଆକାଉଣ୍ଟାଣ୍ଟଙ୍କ ପାଖକୁ ତାଙ୍କର ସାର୍ଟିଫିକେଟ

Digitized by PPRACHIN, SOA

ସବୁ ପଠାଇ ଦେଲି। ତାଙ୍କର ସଞ୍ଚୟ ଖାତାକୁ ଟ୍ରାନ୍ସଫର କରିଦେବାକୁ। ସେ କହିଲେ ଟିକିଏ ବଡ ନୋଟ ରଖିଥିବେ ନେବାକୁ ସୁବିଧା ହେବ।

ପରଦିନ ବ୍ୟାଙ୍କ ଖୋଲୁ ଖୋଲୁ ସେ ଆସି ହାଜର ହୋଇଗଲେ, ଲାଗୁଥିଲା ତାଙ୍କୁ ଯେମିତି ନିଦ ନଥିଲା ଏ ଟଙ୍କା ଉଠାଇବାକୁ। ମୋ ରୁମ୍‌କୁ ସେ ସିଧା ଆସିଲେ। ତାଙ୍କୁ ଦେଖି ମୁଁ ପଚାରିଲି କେତେ ଉଠାଇବେ ?

କେତେ କ'ଣ ସବୁ ପରା ନେବି।

ସାଙ୍ଗରେ କାହାକୁ ଆଣିଛନ୍ତି ?

ନା - ପଇସା ମେଟରରେ ମୁଁ କାହାକୁ ସାଙ୍ଗରେ ଆଣେନା। ଏସବୁ କାମ ମୁଁ ଏକା ଓ ଏକାନ୍ତ ଗୋପନୀୟ ଭାବେ କରେ।

ଏଠାରୁ ସେକ୍ଟର - ୧୯ ଯାଏଁ ଯିବେ କେମିତି ?

ମୋ ଚିହ୍ନା ଅଟୋ ବାଲା ସାଙ୍ଗରେ ଅଛି କିଛି ଅସୁବିଧା ନାହିଁ।

ହଁ ଯେ ଗତକାଲି ବିଶ୍ରା ଛକରେ କ'ଣ ହେଲା ଶୁଣିଛନ୍ତି ?

ନା' କ'ଣ ହୋଇଛି ?

ଜଣେ ବ୍ୟକ୍ତି ବ୍ୟାଙ୍କରୁ ଟଙ୍କା ଉଠାଇ ଫେରୁଥିବାବେଳେ ଦୁଇଜଣ ଦୁର୍ବୃତ୍ତ ବ୍ୟାଙ୍କ ସାମ୍ନାରୁ ତାଙ୍କ ବ୍ୟାଗ ଛଡାଇ ଚମ୍ପଟ ମାରିଲେ। ମୁଁ ଆପଣଙ୍କ ଭଲ ପାଇଁ ଗୋଟିଏ କଥା କହିବି ରଖିବେ ?

କ'ଣ କୁହନ୍ତୁ ?

ଆପଣଙ୍କ ଜମାଖାତାକୁ ତ ଟଙ୍କା ଚାଲିଗଲା। ସେ ଖାତାର ଗୋଟିଏ ଚେକ ଆପଣ ଆପଣଙ୍କ ବ୍ୟାଙ୍କରେ ଆଜି ଯାଇ ଦେଇଦିଅନ୍ତୁ। ସେମାନେ କ୍ଲିୟରିଂରେ କାଲି ଟଙ୍କା ପାଇଯିବେ। ଆପ୍‌ଣଙ୍କୁ ଆଉ ଏତେ ରିସ୍କ ନେବାକୁ ପଡିବନି।

ମୋର ତ ଚେକ୍ ନାହିଁ।

ନଥାଉ, ଆଜି ଆମେ ସେ ଆକାଉଣ୍ଟରେ ଗୋଟିଏ ଚେକ୍ ଇସ୍ୟୁ କରି ଏବେ ଆପଣଙ୍କୁ ଦେଇଦେଉଛୁ। ମୁଁ ଏକଥା ଆପଣଙ୍କ ବୟସ ଓ ସ୍ୱାସ୍ଥ୍ୟକୁ ଦେଖି କହୁଛି। ଏତେ ଗୁଡିଏ ନଗଦ ଟଙ୍କା ଧରି ଆପଣ ଯିବାଟା ଆଦୌ ବିପଦମୁକ୍ତ ନୁହଁ।

ସେ କିଛି ସମୟ ଚିନ୍ତା କଲା ପରେ ରାଜି ହେଲେ। ତା'ପରେ କହିଲେ ମୋ ସ୍ତ୍ରୀ ଆପଣଙ୍କ ବିଷୟରେ ଯାହା କହୁଥିଲେ ସତ।

Digitized by PPRACHIN, SOA

ମୁଁ ବିସ୍ମୟ ହୋଇ ପଚାରିଲି, ଆପଣଙ୍କ ସ୍ତ୍ରୀ, ମୋ ବିଷୟରେ ! ସେ ମୋତେ ଚିହ୍ନିଲେ କେମିତି ?

ଆପଣ କୁଆଡ଼େ ଲେଖାଲେଖି କରନ୍ତି ନା। ଭଲ ଭାଷଣ ବି ଦିଅନ୍ତି। ମୋ ସ୍ତ୍ରୀ ବି କବିତା ଲେଖୁଛନ୍ତି ନା। ଭଞ୍ଜନଗର ଗାଁ ଝିଅ ତ ସେ ପ୍ରଭାବ ଟିକିଏ ପଡ଼ିଛି।

ନା – କ'ଣ କହିଲେ ?

ରମା। ରମା ଦାଶ।

ଆରେ ତାଙ୍କୁ ତ ମୁଁ ବହୁ କବିତା ପାଠୋତ୍ସବରେ ଦେଖିଛି। କ'ଣ କହୁଥିଲେ ସେ ?

ଏଇ ଆପଣ ବ୍ୟାଙ୍କର କମ୍ ସାହିତ୍ୟିକ ବେଶି।

ବ୍ୟାଙ୍କ ସେବାକୁ ବି ମାନବୀୟ ମୂଲ୍ୟବୋଧରେ ଦିଅନ୍ତି ବୋଲି।

ମୋ ବିଷୟରେ ତାଙ୍କର ଏ ବକ୍ତବ୍ୟ ତାଙ୍କର ବଡ଼ପଣର ନମୁନା।

ଭବିଷ୍ୟତକୁ ଦୃଷ୍ଟିରେ ରଖି ମୁଁ ସିନା ଟଙ୍କା ଉଠାଇ ନେଉଛି, ମାତ୍ର ମୋତେ ଏଠି ବହୁତ ସୁବିଧା ହେଉଥିଲା। ମାତ୍ର ମୋତେ ତ ଆପଣ ଆଉ ଷ୍ଟାଫ୍ ହିସାବରେ ଏକ ପ୍ରତିଶତ ଅଧିକ ସୁଧ ଦେଇପାରିନଥାନ୍ତେ। ୫୦ ଲକ୍ଷର ଏକ ପ୍ରତିଶତ ମାନେ ୫୦ ହଜାର କ'ଣ କମ୍ ହେଲାଣି। ସମସ୍ତଙ୍କୁ ତ ଭବିଷ୍ୟତକୁ ଦୃଷ୍ଟିରେ ରଖିବାକୁ ପଡ଼ିବ ନା।

ତାଙ୍କ ମୁହଁରୁ ଭବିଷ୍ୟତ – ଭବିଷ୍ୟତ ବାରମ୍ବାର ଶୁଣି ଶୁଣି ମୁଁ ମନେ ମନେ ହସୁଥିଲି। ଭାବୁଥିଲି ଏ ନବେ ବୟାନବେ ବର୍ଷର ବୃଦ୍ଧ ବ୍ୟକ୍ତି କେଉଁ ଭବିଷ୍ୟତର ସ୍ୱପ୍ନ ଦେଖୁଛନ୍ତି ? ଏତେ ଲୋଭ, ଏତେ ସଞ୍ଚୟ ମାନସିକତା କେଉଁ ଭବିଷ୍ୟତର ମୋହରେ ? ସେ ନିର୍ଦ୍ଦିଷ୍ଟ ସମୟଟା କେବେ ଆସେ ?

ଯିବା ପାଇଁ ଉଠିବା ବେଳେ ମୋତେ ପଚାରିଲେ ମୋର ମୋବାଇଲ ନମ୍ବର।

ମୁଁ ତାଙ୍କୁ ମୋର ମୋବାଇଲ ନମ୍ବର ନଦେଇ ମୋର ଏକ ଭିଜିଟିଂ କାର୍ଡ ବଢ଼ାଇଦେଲି। ମଝିରେ ମଝିରେ ଆସୁଥିବେ ସାର୍, ଆମେ ଖୁସି ହେବୁ।

ଏହାର ୭/୮ ଦିନ ପରେ ଦିନେ ରାତିରେ ମୁଁ ଗୋଟିଏ ଟେଲିଫୋନ୍ ପାଇଲି ନା ନଥିବା ନମ୍ବର। ମୁଁ ହାଲୋ କରିବା କ୍ଷଣି ସେ କହିଲେ ମୁଁ ଗଣେଶ

Digitized by PPRACHIN, SOA

ଦାସଙ୍କ ପୁଅ କହୁଛି। ଗଣେଶ ଦାସଙ୍କ ପୁଅ! ଦୁଇ ତିନି ସେକେଣ୍ଡର ବିସ୍ମୟ ପରେ ପଚାରିଲି ଯିଏ ପିଏନବିରେ ଥିଲେ ତ?

ହଁ - ସାର! ଦୁଇଦିନ ତଳେ ବାପା ଚାଲିଗଲେ।

ବାପା ଚାଲିଗଲେ! ମାନେ ଗଣେଶ ବାବୁ?

ହଁ - ସାର୍! କିଛି ନଥିଲା। କହିଲେ ପୁରୀ ଯିବା ବୁଲିବାକୁ। ଗୋଟିଏ ଗାଡ଼ି କରି ପୁରି ଆସିଲୁ। ଜଗନ୍ନାଥ ଦର୍ଶନ କରି ଆସି ରାତିରେ ଶୋଇଛନ୍ତି। ସକାଳୁ ଉଠିଲେ ନାହିଁ । ବ୍ୟସ୍ତ ହୋଇ ଡାକ୍ତର ଡାକିଲି। ଡାକ୍ତର କହିଲେ, ବହୁତ ସମୟ ହେଲାଣି ଜୀବନ ଯାଇଛି ହୃଦଘାତରେ। ବାପାଙ୍କର ବୟସ ବି ହୋଇଯାଇଥିଲା। ଚାଲବୁଲ କରୁଥିଲେ, ଚାଲିଗଲେ। କାହାରି ଉପରେ ବୋଝ ହେଲେ ନାହିଁ। ପୁରୀ ଧାମରେ ଗଲେ। ତେଣୁ ସ୍ୱର୍ଗ ଦ୍ୱାରରେ ସତ୍କାର କରିଦେଲୁ। ଏବେ ଫେରି ଆସିଛୁ। ଏଠି ଦ୍ୱାଦଶାହ ଦିନ ମନ୍ଦିରରେ ପ୍ରସାଦ ସେବନ ବ୍ୟବସ୍ଥା କରିବୁ। ମା ବାଧ କରି କହିଲା ଆପଣଙ୍କୁ ଏ ଖବର ଦେବା ପାଇଁ। ଗଙ୍ଗା କାର୍ଡ ଧରି ମୁଁ ତ ଅଫିସକୁ ଯିବି, ମାତ୍ର ଏଇଟା ଆପଣଙ୍କୁ ମୋ ମାର ବ୍ୟକ୍ତିଗତ ନିମନ୍ତ୍ରଣ।

ଟେଲିଫୋନ୍ ରଖି ସାରିବା ପରେ ମୁଁ କେବଳ ଚିନ୍ତା କରୁଥିଲି। ମାତ୍ର ଆଠଦିନ ତଳେ ଭବିଷ୍ୟତ - ଭବିଷ୍ୟତ ହୋଇ ବ୍ୟସ୍ତ ହେଉଥିବା ଲୋକଟି ଭବିଷ୍ୟତ ଦେଖିବା ପୂର୍ବରୁ ଅତୀତ ହୋଇଗଲା କିପରି? ଭବିଷ୍ୟତ ବୋଲି ଏକ ନିର୍ଦ୍ଦିଷ୍ଟ ସମୟ ଥାଏ କି ସତରେ।

—୦—

Digitized by PPRACHIN, SOA

ମୋ ଘର

ଷୋହଳ ବର୍ଷ ବୟସରେ ଛାଡ଼ିଥିଲା ଗାଆଁ। ମେସ୍ ଓ ହଷ୍ଟେଲରେ ବିତିଲା ପାଠ ପଢ଼ା ଜୀବନ। ଭଡ଼ା ଘର ଓ କ୍ୱାର୍ଟରରେ ଚାକିରି ଜୀବନ। ବିତିଗଲାଣି ଚଉରାଳିଶ ବର୍ଷ।

ଏହା ଭିତରେ ଯେ ସେ ଗାଆଁକୁ ନଯାଇଛି ସେ କଥା ନୁହଁ। ଯାଇଛି ମାତ୍ର ଅତିଥି ପରି। ବାପା ବୋଉ ବଂଚିଥିଲା ବେଳେ ଯିବାଟା ଥିଲା ନିୟମିତ। ତାଙ୍କ ଅନ୍ତେ ଯେବେ ବି ଯାଇଛି, ଯାଇଛି କେବଳ ଭାଗ ଦିଆଯାଇଥିବା ଜମିର ଫସଲ ବିକ୍ରି ଟଙ୍କା ଆଣିବାକୁ ଏବଂ ଘରର ରକ୍ଷଣାବେକ୍ଷଣ ଠିକ୍ ହେଉଛି କି ନାହିଁ ଦେଖି ରେଖ କରିବାକୁ।

ବାପା ମାଆଙ୍କର ଗୋଟିଏ ବୋଲି ପୁଅ ରମେଶ। ଯେତିକି ସମ୍ପତ୍ତି ଥିଲା ସେଥିରେ ଏକ ସ୍ୱଚ୍ଛଳ ଜୀବନ ସହଜରେ ବିତାଇ ପାରିଥାଆନ୍ତା। ସେବି ଚାହୁଁଥିଲା ସେଇଆ। ମାତ୍ର ତା' ବାପା ଚାହିଁଲେ ସେ ଚାକିରି କରୁ। ଏ ଭୂ-ସମ୍ପତ୍ତି କେହି ଚୋରୀ କରି ନେଇପାରିବେ ନାହିଁ। ମାତ୍ର ଚାକିରି ନକରି ଚାଷ କଲେ କି ମର୍ଯ୍ୟାଦା ରହିବ? ଆମ ଜୀବନ ତ ବିତିଗଲା ସେହି ମାଟି, ପାଣି, କାଦୁଅରେ ଘାଂଟି ହୋଇ। ମାନୁଛି ପେଟ ଅପୂରା ରହିନି କି ପିଠି ଅଲୁଚା ରହିନି। ମାତ୍ର ଲୋକଙ୍କ ଆଖିରେ ଚାଷୀ କ'ଣ ଗୋଟେ ମଣିଷରେ ଗଣା? ଆରେ ବାହାର ଲୋକଙ୍କ କଥା ଛାଡ଼, ଏବେ ପା' ଆମ ନିଜ ଗାଆଁ ଲୋକ ବି ମୁହଁ ମୋଡ଼ିଲେଣି ଚାଷୀଙ୍କୁ। ଗାଆଁରେ ଭଲମନ୍ଦ, ନ୍ୟାୟ ନିଶାପରେ ଡକାହୁଏ କେଉଁ ଚାଷୀକୁ? ଯଦି କେଉଁ ସରକାରୀ ବାବୁ ଆସି ମିଟିଂ କଲେ ଲୋଡ଼ା ହୁଏ ଚାଷୀକୁ? ଯେଉଁ ମନସ୍ତାପ ଭିତରେ ମୋ ସାରା ଜୀବନ କଟିଗଲା, ମୁଁ ଚାହେଁନା ତୁ ସେମିତିକା ଏକ ଜୀବନ

Digitized by PPRACHIN, SOA

ଭିତର ଦେଇ ବଂଚ ବୋଲି।

ଗାଆଁ ଛାଡ଼ି ଯିଏ ସହର ଗଲା ସିଏ ବାବୁ। ବାହାରେ କିଏ ମାଳି ତ, କିଏ ପିଅନ। କିଏ ପାଣି ପାଇପ୍ କାମ କରୁଛି ତ କିଏ ମାଳି କାମ, ଅଥଚ ଗାଆଁରେ ସେମାନେ ବାବୁ। ଗାଆଁକୁ ଆସିଲେ ପେଣ୍ଟ ଖୋଲୁନଥିବେ ଦେହରୁ। ମୁଁ ସେମାନଙ୍କ ରହଣୀ ଦେଖିଛି, ଚଳଣୀ ବି ଦେଖିଛି। ଆଉ ଆୟ କଥା - ମୋ ଖଳା ଉଠା ବିକ୍ରିକୁ ବି ସରି ନୁହଁ। ଅଥଚ ଗାଆଁରେ ସେମାନଙ୍କ ଇଜ୍ଜତ କାହିଁରେ କେତେ।

ସେମାନେ ତ ପାଠଶାଠ ବିଶେଷ ନ ପଢ଼ି ସହରରେ ଅଛନ୍ତି ବୋଲି ବାବୁ ବୋଲାଉଛନ୍ତି, ହେଲେ ତୁ ତ ପାଠ ପଢ଼ିଛୁ। ସବୁଠୁ ଅଧିକା ପାଠ ଏମ.ଏ.ଯାଏ ପଢ଼ିଛୁ। ତୁତ ଆଉ ସେମାନଙ୍କ ପରି ଯାଇ କେଉଁଠି କୁଲି ମଜୁରୀ କାମ କରିବୁନି ? ସରକାରୀ ଚାକିରି କରି ବାବୁ ହେବୁ, ସତ ସତିକା ବାବୁ। ଏଇ ଯେମିତି ବି.ଡି.ଓ. ତହସିଲଦାର କିମ୍ବା ବ୍ୟାଙ୍କ ବାଲା ଆମ ଗାଆଁକୁ ଆସିଲେ ଆମ ଗାଆଁ ଲୋକେ ତାକୁ ସରଗର ଚାନ୍ଦ ପରି ଦେଖନ୍ତି ତୁ ସେମିତିକା ବାବୁଟିଏ ତ ହେବୁ ନା। ଏତେ ପାଠଶାଠ ପଢ଼ିଛୁ ତୁ କ'ଣ ଯାଇ କେଉଁଠି ପାଣି ପାଇପ୍ କାମ ନା ମାଳି ହେବୁ ?

ବାପାଙ୍କ କଥାକୁ ଫାଙ୍କି ବୋଉ କହେ ମୋର କେଉଁ ନଅଟା ନା ଛଅଟା। ବାର ଓଷା ତେର ବ୍ରତ ପରେ ମାଡ଼ି ମାଡ଼ି ତ ଏଇ ଗୋଟିଏ। ଏଇ ସମ୍ପତ୍ତିକୁ ଦେଖା ରେଖା କଲେ ତା' ପଇସା କିଏ ଖାଇବ, ସିଏ କାହିଁକି ଯିବ ବାହାରକୁ ? ମୋର ସେ ବାବୁ ହେବା ଦରକାର ନାହିଁ। ମୋ ଆଖି ଆଗରେ ଥାଉ। ବିଦେଶ ଚାଲିଗଲେ ମଲାବେଳକୁ ପାଟିରେ ପାଣି ଦେବାକୁ ଆସି ପାରିବ କି ନାହିଁ କିଏ କହିବ ?

ବାପା ବୋଉଙ୍କର ଏ ଟଣାଓଟରା ଚାଲିଥିବାବେଳେ ମୁଁ ପାଇଗଲି ଚାକିରି। ବାପା ଖୁସି ହେଲେ ବୋଉ ମନ ଦୁଃଖ କଲା। ମାତ୍ର ମୁଁ ଚାକିରିରେ ଯୋଗଦେଲି। ମୁଁ ଜଏନ କରିବାକୁ ଗଲାଦିନ ବୋଉ ସକସକ କରି କାନ୍ଦିଥିଲା। ମା' ମଙ୍ଗଳା ତୋତେ ସହାୟ ହୁଅନ୍ତୁ ବୋଲି ପ୍ରାର୍ଥନା କରିଥିଲା। ବାପା ଆସିଥିଲେ ବସ୍‌ଷ୍ଟାଣ୍ଡ ଯାଏ ମୋତେ ବିଦାୟ ଦେବା ପାଇଁ। ବାଟରେ ଆସିବାବେଳେ ଗୋଟିଏ କଥା ପଚାରିଲେ - ବାବୁରେ ତୁ ଯେଉଁ ଚାକିରି କରିବାକୁ ଯାଉଛୁ ତା'ର କାମ କ'ଣ ମୁଁ ଜାଣେନା। ଗାଆଁ ଲୋକଙ୍କ କୁହାକୁହିରୁ ଯାହା ଶୁଣିଛି ସେଇଟା କୁଆଡ଼େ ଗୋଟେ ପଇସା ଖିଆ ଚାକିରି ?

Digitized by PPRACHIN, SOA

ହଁ – ମୁଁ ଜାଣିଛି।

ତୁବି କ'ଣ ପଇସା ଖାଇବୁ ?

ତମେ କ'ଣ ଚାହୁଁଛ ?

ଭଗବାନ ତ ଆମକୁ ଖାଇବା, ପିଇବା, ରହିବା କେଉଁଥିରେ ଆଭବ କରିନାହାନ୍ତି। ତୁ ଯେଉଁ ଚାକିରି କରିବାକୁ ଯାଉଛୁ ତାକୁ ପାଇବାକୁ କୁଆଡ଼େ ଲକ୍ଷ ଲକ୍ଷ ଟଙ୍କା ଲାଞ୍ଚ ଦେଉଛନ୍ତି। ତୁ ତ ଟଙ୍କାଟିଏ ନଦେଇ ପାଇଛୁ। ଏହା ତୋ'ର ଯୋଗ୍ୟତା ଓ ପାଠପଢ଼ାର ଦମ୍ ନିଶ୍ଚୟ। ମାତ୍ର ଲାଞ୍ଚ ଖାଇବୁ କ'ଣ ପାଇଁ ? ଆମର ସେ ଅଧର୍ମ ବିତ୍ତର ଆବଶ୍ୟକତା ନାହିଁ। ତୁ ଚାକିରି ପାଇଲୁ। ତୋ ଦେହରେ ବାବୁ ମୋହର ଲାଗିଲା। ତାହା ମୋ ପାଇଁ ଗୌରବ। ଆମର ସେ ପର ପଇସାରେ ପସରା ମେଲିବାର ନାହିଁ। ମୋର ଗୋଟେ କଥା ରଖିବୁ – କେବେ ବି ଅସତ୍ ଧନକୁ ହାତ ବଢ଼ାଇବୁ ନାହିଁ।

ବାପାଙ୍କ କଥା ରଖି ରମେଶ ସତ୍‌ପଥରେ ଚାଲିଛି। ମାତ୍ର ତା' ବିଭାଗରେ ସତ୍ ପଥରେ ଚାଲିବାଟା କୌଣସି ସଂଗ୍ରାମଠୁ କମ୍ ନଥିଲା। ତାକୁ ବହୁତ ହଇରାଣ ହରକତରେ ପକାଯିବା ସହ ବାରମ୍ବାର ବଦଳି କରି ତା' ହାଣ୍ଡିରେ କଳା ପଡ଼ିବାକୁ ସୁଯୋଗ ଦିଆଯାଇନି। ସବୁକୁ ଆନନ୍ଦରେ ଗ୍ରହଣ କରି ନେଉଥିଲା, ମାତ୍ର ଯେତେବେଳେ ଦେଖିଲା ଏମିତି ବାରମ୍ବାର ବଦଳି ଯୋଗୁ ତା' ପିଲାମାନଙ୍କର ପାଠପଢ଼ାରେ ବହୁତ ଅସୁବିଧା ହେଉଛି ଚିନ୍ତାକଲା ପରିବାରକୁ ଗୋଟିଏ ଜାଗାରେ ରଖିଦେଇ ଏବେ ବୁଲିବ। ଏକା ବୁଲିଲେ ବଦଳିକୁ ଭୟ କ'ଣ ?

ଭାବିଲା ଗାଆଁକୁ ନେଇ ଛାଡ଼ି ଦେବ, ମାତ୍ର ପତ୍ନୀ ସୁଷମା କହିଲେ ଗାଆଁରେ ରହିବାରେ ମୋର ମନା ନାହିଁ, ମାତ୍ର ପିଲାମାନେ ଏତେବର୍ଷ ହେଲାଣି କନଭେଣ୍ଟରେ ପଢୁଛନ୍ତି, ଓଡ଼ିଆ ମିଡିୟମରେ ପଢ଼ିବେ କେମିତି ? ରମେଶ ଭାବିଲା ସତ କଥା। ବହୁ ବିଚାର ବିମର୍ଷ କଲାପରେ ଭୁବନେଶ୍ୱରରେ ରହିବାର ନିଷ୍ପତ୍ତି କରାଗଲା। ବଡ଼ ଘରଟାଏ ନିଆଗଲା, ବାପା ବୋଉ ଆସି ରହିବେ ବୋଲି।

ଗାଆଁରେ ଚାଷବାସ, ଘର ଦ୍ୱାର ଛାଡ଼ି ଆସିବାକୁ ବାପା ଅମଙ୍ଗ ହେଲେ। ବାପା ନ ଆସିଲେ ବୋଉ ବା ଆସିବ କେମିତି ? ଉଭୟଙ୍କର ବୟସ ହେଲାଣି, ଆଉ କାମକୁ ପାରୁନଥିଲେ। ଯୋଗକୁ ରମେଶ ଚାକିରି କରୁଥିବା ଜାଗାରେ ତାକୁ ମିଳିଗଲା ଗୋଟେ ଲୋକ। ସନାତନ ମିର୍ଦ୍ଧା। ସେ ରାଜି ହେଲା ଗୋଟିଏ ସର୍ତ୍ତରେ

Digitized by PPRACHIN, SOA

– ମୋର ଏଠି ଘରଦ୍ୱାର ବୋଲି କିଛି ନାହିଁ। ସରକାରୀ ଜମିରେ ପଲାଟିଏ ମାରି ଆମେ ସ୍ୱାମୀ ସ୍ତ୍ରୀ ରହୁଛୁ। ଉଭୟ କୁଲିଭୂତି କାମ କରୁଛୁ। ତାକୁ ଛାଡ଼ି ତ ମୁଁ ଏକା ଯାଇପାରିବି ନାହିଁ। ମୁଁ ଯଦି ଚାଷବାସ ଦାୟିତ୍ୱ ସମ୍ଭାଳିବି, ସିଏ ବି ବାବୁ ତମ ଘର ଦାୟିତ୍ୱ ନେଇପାରିବ।

ସନାତନର ପ୍ରସ୍ତାବ ଖୁବ୍ ପାଇଗଲା ରମେଶ ମନକୁ। ସେ ଉଭୟଙ୍କୁ ନେଇ ଗାଆଁରେ ପହଂଚିଲା। ବୋଉ ବି ଖୁସି ହେଲା। କହିଲା – ତମେ ଦି'ଜଣ ପୁଅ ବୋହୂ ପରି ରୁହ। ଜଣେ ଚାଷ କାମ ଦେଖୁ ଆଉ ଜଣେ ଘର କାମ। ଆଦିବାସୀ ଲୋକମାନେ ସ୍ୱଭାବତ ସରଳ ଓ ସଚ୍ଚୋଟ। ଅଳ୍ପଦିନ ମଧ୍ୟରେ ସେମାନେ ବାପା ଓ ବୋଉର ମନକୁ ଏପରି କିଣିନେଲେ ଯେ ତାକୁ ସବୁଦିନ ରଖିବା ପାଇଁ ବାଡ଼ିରେ ଦୁଇ ବଖରା ଘର କରିଦେଲେ। ରମେଶ ଶାନ୍ତିରେ ନିଶ୍ୱାସ ମାରିଲା ଯେ ବାପା ବୋଉଙ୍କର ଦେଖା ରଖା ପାଇଁ ଯେଉଁ ସମସ୍ୟା ରହୁଥିଲା ତାହା ଆପାତତଃ ସମାଧାନ ହୋଇଗଲା।

ପିଲାମାନେ ରହୁଥିଲେ ଭୁବନେଶ୍ୱରରେ ଓ ରମେଶ ବୁଲୁଥିଲେ ଚାକିରି ଦାୟରେ ଏ ଜିଲ୍ଲାରୁ ସେ ଜିଲ୍ଲା। ପିଲାମାନେ ସ୍କୁଲ ପଢ଼ା ସାରି କଲେଜ ଗଲେ, ତା'ପରେ ପରେ ଜଣେ ଇଂଜିନିୟରିଂରେ ଓ ଜଣେ ମେଡିକାଲ ପଢ଼ିଲା। ପିଲାମାନେ ମାଆ ପାଖ ଛାଡ଼ିଲାବେଳକୁ ବରିଷ୍ଠତା ଭିତ୍ତିରେ ରମେଶର ପୋଷ୍ଟିଂ ହୋଇଗଲା ଭୁବନେଶ୍ୱରରେ। କ୍ୱାର୍ଟର ବି ମିଳିଗଲା।

ରମେଶ ଭୁବନେଶ୍ୱର ଆସିବା ପରେ ପତ୍ନୀ ପ୍ରସ୍ତାବ ଦେଲେ ଏଠି ତ ଏତେ ବର୍ଷ ରହିଲେଣି। ଚାହୁଁ ଚାହୁଁ ଆଉ କେଇଟା ବର୍ଷ ପରେ ଚାକିରି ବି ସରିଯିବ। କ୍ୱାଟର ବି ଚାଲିଯିବ। ପିଲାମାନେ ଲଗାଇଛନ୍ତି ଏଠି ଗୋଟିଏ ଜାଗା କିଣି ଘର କରିବାକୁ। ପିଲାମାନଙ୍କର ନା ତମ ଇଚ୍ଛା ? ପଚାରିଲେ ରମେଶ ବାବୁ। ମୋର ବି ସେଇଆ ଇଚ୍ଛା। ଆମେ ଯେତେ ଆଦର୍ଶବାଦର କଥା କହିଲେ ମଧ୍ୟ ପିଲାମାନେ ଯେ ଆଉ ଗାଆଁକୁ ଆଦରି ପାରିବେ ମୁଁ ଭାବୁନାହିଁ।

ଗାଆଁରେ ଆମ ଖାନାବାଡି କେତେ ବଡ଼ ତମେ ତ ଦେଖିଛ। ବାଡ଼ି ଭିତରେ ଆମ୍ବ, ପଣସ ଓ ନାନା ପ୍ରକାରର ଗଛ। ବର୍ଷ ସାରା ମାଛ ଖାଇବା ପାଇଁ ପୋଖରୀ। ମୁଁ ସେସବୁ ଛାଡ଼ି କେତେ ବର୍ଗଫୁଟର ଜାଗାଟିଏ ଭିତରେ କାହିଁକି ନିଜକୁ ବନ୍ଦି କରି ରଖିବି ? ପିଲାମାନେ ତାଙ୍କ ବାଟରେ ଯିବେ। ଆମେ ଫେରିଯିବା ଗାଆଁକୁ।

Digitized by PPRACHIN, SOA

ପତ୍ନୀଙ୍କ କଥାକୁ ଏଡାଇ ଦେଲେ ସିନା, ହେଲେ ପିଲାମାନଙ୍କ ଯୁକ୍ତି ତାଙ୍କୁ ଶୁଣିବାକୁ ପଡ଼ିଲା। ଏବେ ଜୀବନ ଖୁବ୍ ଫାଷ୍ଟ ହୋଇଗଲାଣି। ଦିଲ୍ଲୀ, ବମ୍ବେ, ବାଙ୍ଗାଲୋର, ହାଇଦ୍ରାବାଦରେ ଯିଏ ରହିବ ତାକୁ ସମୟ କାହିଁ ଭୁବନେଶ୍ୱରରେ ପହଂଚି ପୁଣି ଦିନଟିଏ ଯାତ୍ରା କରି ଗାଆଁରେ ପହଂଚିବାକୁ। ଭୁବନେଶ୍ୱରରେ ରହିଲେ ଦିନେ ଦୁଇଦିନିଆ ଛୁଟିରେ ବି ଆସି ଦେଖା କରି ଯାଇହେବ। ସେ କଥା କ'ଣ ତମେ ଗାଆଁରେ ରହିଲେ ହୋଇପାରିବ? ଠିକ୍ ଅଛି ମାନିନିଅ ଅବସର ପରେ ତମେ ସେ ଘରେ ନ ରହି ଗାଆଁରେ ରହିବାକୁ ପସନ୍ଦ କଲ, ତେବେ ସେ ଘରକୁ ଆମେ ଭଡ଼ାରେ ଲଗାଇ ଦେଇପାରିବା। ଆମର ଯିବା ଆସିବା ସମୟରେ ରହିବା ପାଇଁ ଗୋଟିଏ ଷ୍ଟୁଡିଓ ରୁମ୍ କରିଦେବା।

ଷ୍ଟୁଡିଓ ରୁମ୍?

ମାନେ ଗୋଟିଏ ରୁମ୍ ସମସ୍ତ ଫାସିଲିଟି ଯଥା ଟଏଲେଟ୍, କିଚେନ, ଇତ୍ୟାଦି ଥାଇ। ତଳକୁ ଭଡ଼ା ଦେଲ, ଉପର ଘରଟିକୁ ନିଜ ପାଇଁ ରଖିଲ।

ସ୍ତ୍ରୀଙ୍କର ଆଗ୍ରହ ଓ ପିଲାମାନଙ୍କର ଆବଶ୍ୟକତା ଓ ବାଧ୍ୟବାଧକତାରେ ଜାଗାଖଣ୍ଡିଏ କିଣି ଘର ତୋଳିଲେ। ସାଂଗମାନେ ଦେଖି କହିଲେ - ଯା' ହେଉ ବିଳମ୍ବରେ ହେଲେ ବି ଜ୍ଞାନୋଦୟ ହେଲା। ଆଗରୁ ଜାଗା ନେଇଥିଲେ ବହୁତ ଶସ୍ତାରେ ମିଳିଥାଆନ୍ତା, ଏବେ ଟିକେ ଅଧିକ ଦାମ୍। ହେଲେ ଜାଗା ରେଟ୍ ଯେମିତି ବଢ଼ି ବଢ଼ି ଚାଲିଛି ଆଉ ଦଶବର୍ଷରେ ଲାଗିବ ଶସ୍ତାରେ ଜାଗା କିଣା ହୋଇଥିଲା ବୋଲି।

ରମେଶ ବାବୁ ପ୍ରଥମଥର ପାଇଁ ଅନୁଭବ କଲେ ଘର ତିଆରିରେ ଏମିତି ଏକ ମାଦକୀ ମୋହ ଥାଏ ବୋଲି। ତାଙ୍କୁ ଲାଗୁଥିଲା ସେ ତ ଘର ତିଆରି କରୁନାହାନ୍ତି ଯେମିତି ରୂପ ଦେଉଛନ୍ତି ପାହାନ୍ତା ପ୍ରହରରେ ଦେଖିଥିବା ଗୋଟିଏ ସ୍ୱପ୍ନକୁ। ଘରକୁ ସୁନ୍ଦର କରିବାକୁ ସେ ଯେମିତି ଲଗାଇ ଦେଇଛନ୍ତି ବାଜି - ନିଜର ସମସ୍ତ ସଂଚୟ ଓ ଆୟକୁ।

ଘର ତିଆରି ସରିଲା। ପ୍ରତିଷ୍ଠା ଓ ଗୃହ ପ୍ରବେଶ ପାଇଁ ଶୁଭ ମୁହୂର୍ତ୍ତ ନିର୍ଣ୍ଣୟ ହେବା ପରେ ରମେଶ ସପତ୍ନୀକ ଗାଆଁକୁ ଗଲେ ବାପା ବୋଉଙ୍କୁ ଧରି ଆସିବା ପାଇଁ। କାଳେ ବାପା ସହରରେ ଘରତିଆରିକୁ ବିରୋଧ କରିବେ ତେଣୁ ଘର ଶେଷ ନହେବା ଯାଏଁ ଗୁପ୍ତ ରଖିଥିଲେ ଏ କଥା। ଏବେ କହିଲେ କି ପ୍ରତିକ୍ରିୟା

Digitized by PPRACHIN, SOA

ହେବ ଜାଣି ପାରୁନଥିଲେ। ବେଳ ଉଣ୍ଟୁଥିଲେ କହିବା ପାଇଁ।

ରାତିରେ ଖିଆପିଆ ସରିବା ପରେ ବାପାଙ୍କ ପାଖରେ ବସି ଦୁଃଖସୁଖ ହେଉ ହେଉ କହିଲେ - ବାପା ମୁଁ ଗୋଟିଏ ଘର ତିଆରି କରିଛି ଭୁବନେଶ୍ୱରରେ। ମୋ ଘରର ପ୍ରତିଷ୍ଠା ଅଛି ବାହୁଡ଼ା ଦିନ। ମୁଁ ଆସିଛି ତମକୁ ଓ ବୋଉକୁ ନେଇକରି ଯିବା ପାଇଁ।

ବାପା ବିସ୍ମୟ ହୋଇ ପଚାରିଲେ - ଘରଟିଏ ତିଆରି କରିଛୁ! କାହିଁ ଆଗରୁତ କହିନଥିଲୁ ?

ଗୋଟିଏ ଅପରାଧବୋଧରେ ରମେଶ ତଳକୁ ମୁହଁ କରିଦେଲା ବେଳେ ବାପା କହିଲେ - ବଧାଇ ଜଣାଉଛି ତୋ'ର ଆମ ଘରରୁ ମୋ ଘରଯାଏଁ ଯାତ୍ରା ପାଇଁ।

ରମେଶ ବିସ୍ମୟ ହୋଇ ବାପାଙ୍କ ମୁହଁକୁ ଚାହିଁଲା ବେଳେ ସେ କହିଲେ ବୁଝିପାରିଲୁ ନାହିଁକି ?

ନା -

ଏଇ ଅଳ୍ପ ସମୟ ପୂର୍ବରୁ ତୁ କହୁନଥିଲୁ ମୋ ଘର ପ୍ରତିଷ୍ଠା ଅଛି ବାହୁଡ଼ା ଦିନ ?

ହଁ - !

ଗାଆଁରେ ଥିବା ଘରକୁ କେହି କେବେ ମୋ ଘର କହିଚି ? ଗାଆଁରେ ଯାହାକୁ ପଚାର କେହି ମୋ ଘର ବୋଲି କହିବ ନାହିଁ, ଆମ ଘର ହିଁ କହିବ। ମାତ୍ର ସହରରେ ଆମ ଘର ନଥାଏ, ଥାଏ ମୋ ଘର। ବର୍ତ୍ତମାନ କେବଳ ତୁ ନୁହଁ ସମସ୍ତ ଶିକ୍ଷିତ ସମାଜର ଯାତ୍ରା ଆମରୁ ମୁଁ ଆଡକୁ। ମାତ୍ର ଗୋଟିଏ କଥା ମନେ ରଖିବୁ ସହରରେ ଯେମିତି ଜାକି ହୋଇ ଆମେ ଗୋଟିଏ ଛୋଟିଆ ଘର ଭିତରେ ଚଳିବାକୁ ପସନ୍ଦ କରୁଛନ୍ତି, ଠିକ୍ ସେମିତି ଯାକି ଯୁକି ହୋଇଯାଉଛି ଆମର ସମ୍ପର୍କର ପରିସର। ସେ ପରିସର ଭିତରେ ବୁଢ଼ା ବାପାମାଆଙ୍କର ସ୍ଥାନ ନଥାଏ। କେବଳ ଥାଏ ଏକ ଏକକ ପରିବାର। ସ୍ୱାମୀ ସ୍ତ୍ରୀ ଓ ତାଙ୍କର ପିଲାଛୁଆ।

ଭଲ କଲୁ ସହରରେ ଘର କଲୁ। ଏଥିପାଇଁ ମୁଁ ତୋତେ ଆଦୌ ଦୋଷ ଦେବିନି କାରଣ ମୁଁ ତ ଚାହୁଁଥିଲି ତୁ ଗାଆଁ ଛାଡ଼ି ସହର ଯାଆ, ଚାଷ ନକରି ଚାକିରି କର। ଏବେ ତୋତେ ବା କାହିଁକି ମୁଁ ଦୋଷ ଦେବି। ହଁ ଆଉ କିଛି ବର୍ଷ

Digitized by PPRACHIN, SOA

ପରେ ତୁ ନିଶ୍ଚୟ ଚାହିଁବୁ, ଗାଆଁରେ ଆଉ ଏ ଜମିବାଡ଼ି, ଘର ଦ୍ୱାର ରଖି କି ଲାଭ ? ତାକୁ ବିକିବାକୁ। ଆମ ଅନ୍ତେ ତୁ କ'ଣ କରିବୁ ସେ କଥା ଦେଖିବାକୁ ଆମେ ନଥିବୁ। ମାତ୍ର ଆମକୁ ପୁଅବୋହୂଠାରୁ ଯିଏ ଅଧିକ ସେବା କରି ଆମକୁ ଏ ବୟସରେ ସାହା ହୋଇଛନ୍ତି ତା' କଥା ତୋ ମୁଣ୍ଡରେ ଅଛି କି ନାହିଁ ଜାଣେନା। ତେଣୁ ମୁଁ ଗୋଟିଏ କଥା ଚିନ୍ତା କରିଛି ସନାତନ ନାଆଁରେ କିଛି ଡିଅ ବାରି ଓ ଚାଷ ଜମି ମୁଁ ଲେଖିଦେଇ ଯିବି। ଭାବୁଛି ଏଥିରେ ତୁ ଅମତ ହେବୁ ନାହୁଁ। ସିଏ ବି ମୋ ଘର ବୋଲି କହିବାର ସୌଭାଗ୍ୟଟାଏ ପାଉ।

—o—

Digitized by PPRACHIN, SOA

ଭଲରେ ଅଛନ୍ତି ସତ୍ୟାନନ୍ଦ

ନିଜର ସୃଜନ ଶକ୍ତି ଉପରେ ଯଥେଷ୍ଟ ଅସ୍ଥାବାନ ଥିଲେ ସତ୍ୟାନନ୍ଦ। ଏକଥା ବି ସେ ଭଲ ଭାବରେ ଜାଣିଥିଲେ ଯେ ଯେତେ ସୃଜନ କ୍ଷମତା ଥିଲେ ବି ଓଡିଶା ଭଳି ଗୋଟେ ରାଜ୍ୟରେ ସାହିତ୍ୟକୁ ବୃତ୍ତି କରି ବଞ୍ଚିବା ଭଳି ଅବକାଶ ନାହିଁ। ବଞ୍ଚିବା ଭଳି ବୃତ୍ତିଟିଏ ଆଗ ହୋଇଗଲେ ସେ ସାହିତ୍ୟକୁ ବ୍ରତ କରି ସମର୍ପିତ ଭାବେ ସାହିତ୍ୟ କରିବେ। ଯଦିଓ ପଢା ସରୁ ସରୁ ଖଣି ଅଞ୍ଚଳରେ ନୂଆକରି ଖୋଲିଥିବା ଗୋଟିଏ ହାଇସ୍କୁଲ ରେ ଶିକ୍ଷକ ଋକିରିଟିଏ ପାଇଗଲେ, ସେଠାରେ ମିଳୁଥିବା ଅନିୟମିତ ଓ ସ୍ୱଳ୍ପ ଦରମା ସାଙ୍ଗକୁ ସେ ସ୍ଥାନଟିର ପ୍ରଦୂଷିତ ଭୌଗଳିକ ପରିବେଶ ତାଙ୍କୁ ପ୍ରଲୁବ୍ଧ କରି ପାରୁନଥିଲା ଭବିଷ୍ୟତ ଆଶାରେ ସେଠାରେ ପଡି ରହିବାକୁ। ତେଣୁ ବିକଳ୍ପର ସନ୍ଧାନରେ ସେ ଅନ୍ୟାନ୍ୟ ଋକିରି ପାଇଁ ଇଣ୍ଟରଭିଉ ଦେଉଥିଲେ। ଯୋଗକୁ ଗୋଟେ ବ୍ୟାଙ୍କର କିରାଣୀ ପଦବୀର ପରୀକ୍ଷାରେ ସେ କୃତକାର୍ଯ୍ୟ ହୋଇଗଲେ।

ବ୍ୟାଙ୍କ ଭଳି ଏକ ବ୍ୟବସାୟିକ ସଂସ୍ଥାରେ ପଶିଲେ ସାହିତ୍ୟ କରିବାକୁ ହୁଏତ ସମୟ ଓ ସୁଯୋଗ ନ ମିଳିପାରେ ଭାବି ଦ୍ୱନ୍ଦରେ ଥିଲାବେଳେ, କିଛି ବର୍ଷ ଆଗରୁ ସେ ସଂସ୍ଥାରେ ଋକିରି କରୁଥିବା ବନ୍ଧୁ ଜଣେ ତାଙ୍କୁ ପରାମର୍ଶ ଦେଲେ, ବ୍ୟାଙ୍କରେ କିରାଣୀ ମାନଙ୍କ ପାଇଁ ସମୟ ସଙ୍କଟ ନାହିଁ। ଆସିବ ଦଶ ରେ, ଯିବ ପାଞ୍ଚରେ, ତା ଭିତରେ ଋ ପିଆ, ପାନ ଖିଆ ଓ ଲଞ୍ଚ ସମୟ ଅଛି। ପାଞ୍ଚ ପରେ ତମେ ସମ୍ପୂର୍ଣ୍ଣ ମୁକ୍ତ ମଣିଷ। ଅଫିସର ହେଲେ ସିନା ଚବିଶ ଘଣ୍ଟିଆ ଋକିରି। ସେଥିରେ ଅଫିସକୁ ଆଗ ଆସିବ ଓ ଫେରିବା ସମୟର କୌଣସି ଠିକଣା ନଥିବ। ମାତ୍ର କିରାଣୀ ଋକିରି ବିନ୍ଦାସ, ଘଣ୍ଟା ଦେଖି ଆସିବ, ଘଣ୍ଟା ଦେଖି ଯିବ, ନା ଅଛି

Digitized by PPRACHIN, SOA

କୌଣସି ଦାୟ ନା ଦାୟିତ୍ୱ । ସେଥିରେ ଯଦି ଟ୍ରେଡ ୟୁନିଅନ ସହ ସମ୍ପର୍କ ଠିକ ରଖିଲ, ବଦଳି ର ଭୟ ନଥିବ ଆଉ ଯଦି ସେଥିରେ ପଶିଗଲ ତେବେ ସମୟ ସହ ଆର୍ଥିକ ଲାଭ ବି ରହିବ ।

ବନ୍ଧୁଙ୍କ ଉପଦେଶ ମାନି ସତ୍ୟନନ୍ଦ ଯୋଗ ଦେଲେ ବ୍ୟାଙ୍କରେ । ଗୋଟେ ସ୍ୱାଭାବିକ ନିରାପଦ ଆର୍ଥିକ ଜୀବନ ସହ ନିରୁପଦ୍ରବ ସାହିତ୍ୟିକ ଜୀବନ ଆରମ୍ଭ ହେଲା । ଯେହେତୁ ସେ ସାହିତ୍ୟପ୍ରାଣ ଥିଲେ, ନୀତି ଓ ନୈତିକତା ବାବଦରେ ଥିଲେ ଖୁବ ସଚେତନ । ଅଫିସ ର ଧାର୍ଯ୍ୟ ସମୟକୁ ସେ ଖୁବ ନିଷ୍ଠା ଓ ଦାୟିତ୍ୱବାନ ହୋଇ କାର୍ଯ୍ୟ କରୁଥିଲେ । ତାଙ୍କର କାର୍ଯ୍ୟ ଦକ୍ଷତା ଓ ଅତୀବ ମେଳାପୀ ପ୍ରକୃତି ପାଇଁ ସେ କେବଳ ଉପରିସ୍ଥ ଅଧିକାରୀଙ୍କ ପ୍ରିୟ ପାତ୍ର ନଥିଲେ ଶାଖାର ଗ୍ରାହକ ମାନଙ୍କର ମଧ୍ୟ ପ୍ରିୟ ଭାଜନ ଥିଲେ । ସେଥି ପାଇଁ ତାଙ୍କ ଗୁପ୍ତ ଚରିତ୍ର ପଞ୍ଜିକାରେ ଅତି ଉତ୍ତମ ଓ ପଦୋନ୍ନତି ପାଇଁ ଯୋଗ୍ୟ ଟିପ୍ପଣୀ ପ୍ରତିବର୍ଷ ରହୁଥିଲା । ପଦୋନ୍ନତି ପାଇଁ ଧାର୍ଯ୍ୟ ସମୟ ପରେ ପ୍ରତିବର୍ଷ ତାଙ୍କ ନାମ ତାଲିକାରେ ଆସୁଥିଲା ଏବଂ ସେ ଡାକରା ପାଉଥିଲେ ଇଣ୍ଟରଭିୟୁ ପାଇଁ । ମାତ୍ର ଅଫିସର ନହୋଇ ନିଜର ସାରସ୍ୱତ ବ୍ରତ ପାଳନକୁ ପ୍ରାଧାନ୍ୟ ଦେଇ ସ୍ୱେଚ୍ଛାକୃତ ଭାବେ ସେ ଏଡାଇ ଯାଉଥିଲେ ପଦୋନ୍ନତି ଡାକରାକୁ ।

ଜୀବନରେ କିଛି ପାଇବାକୁ ହେଲେ କିଛି ହରାଇବାକୁ ପଡେ । ପାଇବାଟା ଯଦି ହରାଇବାଠାରୁ ଅଧିକ ଆନନ୍ଦଦାୟକ ହୁଏ, ତେବେ ହରାଇବା ପାଇଁ ଅବସୋସ କାହିଁକି ରହିବ ? ସତ୍ୟାନନ୍ଦଙ୍କର ସାହିତ୍ୟିକ ସ୍ୱୀକୃତି ଯେମିତି ଉପରକୁ ଉଠୁଥିଲା, ସେଥିରେ ବ୍ୟାଙ୍କର ଅଧିକାରୀ ପଦ ମର୍ଯ୍ୟାଦା ତାଙ୍କୁ ପ୍ରଲୁବ୍ଧ କରି ପାରୁନଥିଲା । ବହୁ ଛୋଟ ବଡ ଅନୁଷ୍ଠାନ ଠାରୁ ଆରମ୍ଭ କରି ରାଜ୍ୟ ସାହିତ୍ୟ ଏକାଡେମି ଯାଏ ସ୍ୱୀକୃତି ଦେଇଥିଲେ ତାଙ୍କର କୃତି ଓ ପ୍ରତିଭାକୁ । ତେଣୁ ସେ ମନେ ମନେ ଖୁସି ଥିଲେ ଯେ ସାମାନ୍ୟ ଆର୍ଥିକ କ୍ଷତି କୁ ଛାଡିଦେଲେ, ସାରସ୍ୱତ ଖ୍ୟାତି ସହ ବଦଳି ଭୟରୁ ମୁକ୍ତ ହୋଇ ସାହିତ୍ୟ ସୃଷ୍ଟି ପାଇଁ ସେ ଯଥେଷ୍ଟ ସମୟ ପାଇପାରୁଛନ୍ତି ।

ଚାକିରି ସରିବାର ଅବଧି ଆଉ ମାତ୍ର ପାଞ୍ଚ ବର୍ଷ ଥିଲାବେଳେ ପଦୋନ୍ନତୀର ଶେଷ ସୁଯୋଗ ଆସିଲା ତାଙ୍କ ପାଖକୁ । ସେଇଟିକୁ ଗ୍ରହଣ କରିବେ ନା ପ୍ରତ୍ୟାଖ୍ୟାନ କରିବେ ଏନେଇ ଦ୍ୱନ୍ଦରେ ଥିଲେ ସେ । ପତ୍ନୀ ଓ ପିଲାମାନଙ୍କର ଭାବାବେଗ ସହ ଅବସରକାଳୀନ ଆର୍ଥିକ ଫାଇଦା କଥା ଚିନ୍ତା କରୁଥିଲେ । ଭାବିଲେ ଏବେ

Digitized by PPRACHIN, SOA

ସାହିତ୍ୟରେ ତାଙ୍କ ସ୍ଥାନ ଓ ସ୍ଥିତି ଯାହା, ଯଦିବି ଆଗାମୀ ପାଞ୍ଚ ବର୍ଷ ଯାଏ ନଲେଖି ପାରନ୍ତି ତେବେବି କିଛି ଫରକ ପଡିବନି। ତେଣୁ ନିଜ ଭିତରର ସମସ୍ତ ଦ୍ୱନ୍ଦକୁ ସମାପ୍ତ କରି ନିଷ୍ପତ୍ତି ନେଲେ ପଦୋନ୍ନତି ନେବାକୁ।

ପ୍ରମୋଶନ ପାଇବା ପରେ ତାଙ୍କର ବଦଳି ହେଲା ବନ୍ଦର ନଗରୀକୁ। ବଦଳି ଆଦେଶ ପାଇବା ପରେ ସେ ସ୍ଥାନରେ ପୂର୍ବରୁ ଚାକିରି କରୁଥିବା ଜଣେ ବନ୍ଧୁଙ୍କ ମତାମତ ଲୋଡିଲେ ସେ ସ୍ଥାନ ସମ୍ପର୍କରେ। ସେ କହିଲେ ଗୋଟେ ଶିଳ୍ପାନଗରୀରେ ଯେହେତୁ ସତେଇଶ ବର୍ଷକାଳ କଟାଇସାରିଛ, ହୁଏତ ସେହି ମାତ୍ରାରେ ବନ୍ଦର ନଗରୀ ଆକର୍ଷିତ କରି ପାରିବ ନାହିଁ କିମ୍ବା ସେଠିକା ସୁବିଧା ଏଠି ମିଳିବ ନାହିଁ। କିନ୍ତୁ ଏତିକି କୁହାଯାଇପାରେ ଯେ ଏଠି ବିଶେଷ କିଛି ଅସୁବିଧା ନାହିଁ। କ୍ୱାଟର ପାଇଗଲେ ରହଣୀ ବି ସୁଖମୟ ଲାଗିବ। ହଁ ଏଠି କାର୍ଯ୍ୟ ଚାପ ଟିକେ ଅଧିକ, ସେଥିପାଇଁ ପ୍ରସ୍ତୁତ ରହିଲେ ଅନ୍ୟ ଅସୁବିଧା ପ୍ରାୟ ହେବ ନାହିଁ।

କାର୍ଯ୍ୟ ଚାପକୁ ଗ୍ରହଣ କରିବାକୁ ଆପାତତଃ ନିଜକୁ ପ୍ରସ୍ତୁତ କରିସାରିଥିବାରୁ ସତ୍ୟାନନ୍ଦ ଚାହିଁଲେ ବିଳମ୍ବରେ ହେଲେ ମଧ୍ୟ ନୂଆ ସ୍ଥାନକୁ ଯାଇ ନୂଆ ଅନୁଭୂତି ନେବାକୁ। ସେଥିପାଇଁ ଖୁବ ଆଗ୍ରହ ଓ ଉତ୍କଣ୍ଠା ନେଇ ପହଞ୍ଚିଲେ ବଦଳି ସ୍ଥାନରେ। ଶାଖା ପ୍ରବନ୍ଧକଙ୍କ ପାଖରେ ଜଏନିଙ୍ଗ ରିପୋର୍ଟ ଦେଲାବେଳେ, ସେ ତାଙ୍କୁ ନାତିଶୀତୋଷ୍ଣ ଭାବେ ସ୍ୱାଗତ ଜଣାଇଲେ। ତାଙ୍କ ପାଇଁ ଚା କପ୍‌ଟିଏ ବରାଦ କରି ପଚାରିଲେ – ଲିଜ ଆକୋମୋଡ଼େସନ୍ କଟକ ନା ଭୁବନେଶ୍ୱରରେ ନେଉଛନ୍ତି ?

ସାମାନ୍ୟ ହସି ସତ୍ୟାନନ୍ଦ କହିଲେ – ମୋର ଏବେ ଆଉ ପିଲାମାନଙ୍କର ପାଠ ପଢା ସମସ୍ୟା ନାହିଁ। ଦୁଇ ଝିଅ ବାହାହୋଇ ଯାଇଛନ୍ତି। ଆମେ ଦୁଇଜଣ ମାତ୍ର, ତେଣୁ ଏଠାରେ ରହିବାକୁ ପସନ୍ଦ କରିବି।

ବାଃ, ଭଲ କଥା।

ଏତଦବ୍ୟତୀତ ମୋର ମଧୁମେହ ଅଛି। ତେଣୁ ଖାଦ୍ୟ ପେୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପଡେ। ଏ ବୟସରେ ପତ୍ନୀ ପାଖରେ ନରହିଲେ ସବୁ ଅନିୟମିତ ହୋଇଯିବ। ଭାବୁଛି କ୍ୱାଟର ପାଇବା କ୍ଷଣି ପରିବାର ଧରି ଆସିବି।

କ୍ୱାଟର ! ହଁ କ୍ୱାଟର ଯେ ନାହି ସେକଥା ନୁହଁ। ଏଠାରେ ଯେଉମାନେ ଅଛନ୍ତି ସମସ୍ତେ ନିଜ ନିଜ ସୁବିଧାରେ ଲିଜ ଆକୋମୋଡ଼େସନ ନେଇଛନ୍ତି ଏବଂ ଏଠାରେ ଏକା ରହୁଛନ୍ତି। ଏଠିକା କ୍ୱାଟର ପାଇଁ ଖୁବ ସ୍ୱଳ୍ପ ଦେୟ ପଡୁଥିବାରୁ

Digitized by PPRACHIN, SOA

ସମସ୍ତେ ଗୋଟେ ଗୋଟେ କ୍ୱାଟର ମାଡି ବସିଛନ୍ତି। ସେମାନଙ୍କ ଭିତରୁ କାହାକୁ ବାହାର କରି ଆପଣଙ୍କ ପାଇଁ ବ୍ୟବସ୍ଥା କରିହେବ ଦେଖିବା।

ଦିନ ଗଡୁଥିଲା, ଅଥଚ ମିଳୁ ନଥିଲା କ୍ୱାଟର। ଅପେକ୍ଷା କରି କରି ସତ୍ୟାନନ୍ଦଙ୍କର ଘଟୁଥିଲା ଧୈର୍ଯ୍ୟଚ୍ୟୁତି। ସେ ପ୍ରାୟ ପ୍ରତିଦିନ ମୁଖ୍ୟ ପ୍ରବନ୍ଧକଙ୍କୁ ସ୍ମରଣ କରାଇ ଦେଉଥିଲେ କ୍ୱାଟର ବିଷୟରେ। ସେ ଶୁଣନ୍ତି ଅଥଚ ନିରବ ରୁହନ୍ତି। ଯେହେତୁ ସେ ଅନୈତିକ ଭାବେ ନିଜେ ଗୋଟେ କ୍ୱାଟର ମାଡିବସିଥିଲେ, ତେଣୁ ଅନ୍ୟ କାହାକୁ ନିୟମ ଦେଖାଇ ଛାଡିବାକୁ କହି ପାରୁନଥିଲେ।

ସତ୍ୟାନନ୍ଦ ବାବୁ କିଛି ଦିନ ହୋଟେଲ, କିଛି ଦିନ ବନ୍ଧୁଙ୍କ ଘରେ ରହି ରହି ହୋଇପଡୁଥିଲେ ଅତିଷ୍ଠ। ଏପରି ଆଡଜଷ୍ଟ କରି ରହୁଥିବାରୁ ତାଙ୍କର ସ୍ୱାଭାବିକ ଜୀବନ ଚର୍ଯ୍ୟା ହୋଇପଡୁଥିଲା ଅସ୍ତବ୍ୟସ୍ତ। ବଢି ଯାଉଥିଲା ମଧୁମେହ ଓ ରକ୍ତଚାପ। ସେପଟେ ଶିଳ୍ପ ନଗରୀରେ ପତ୍ନୀ ଏକା। ଭାବିଲେ କ୍ୱାଟର ନହେଲା ନାହିଁ, ଭଡା ଘରଟିଏ ନେବେ। ହେଲେ ତାହା ଦୁଷ୍ପ୍ରାପ୍ୟ ଥିଲା ସେଠି। ଆପାତତଃ ଚଳିଯିବା ପରି ଯେଉଁ ଘର ମିଳୁଥିଲା, ତାର ଭଡା ଏତେ ଥିଲା ଯେ ତାକୁ ନେଲେ ଖାଇବାକୁ ଦରମା ହେବ ନାହିଁ। ଏମିତି କ୍ୱାଟର ଓ ଘର ଖୋଜାରେ ବିରକ୍ତ ହୋଇ ଶେଷକୁ ମେଡିକାଲ ଲିଭ୍ ପାଇଁ ମୁଖ୍ୟ ପ୍ରବନ୍ଧକଙ୍କୁ କହିଲେ। ସେ ପ୍ରଥମେ ମନା କରୁଥିଲେ, ମାତ୍ର ଯେତେବେଳେ ସତ୍ୟାନନ୍ଦ ଧମକ ଦେଲେ ଯେ ଏ ଅବ୍ୟବସ୍ଥିତ ଜୀବନ ପାଇଁ ତାଙ୍କର ଯଦି କିଛି ହୋଇଯାଏ ତେବେ ସେ ଦାୟୀ ରହିବେ। ଯଦି ମେଡିକାଲ ଲିଭ ଦରଖାସ୍ତ ଗ୍ରହଣ ନହୁଏ, ତେବେ ଇସ୍ତଫା ଦେଇ ଚାଲି ଯିବି। ହଁ ଆଉ ଗୋଟେ କଥା ମୁଁ ଯେତିକି ଦିନ ମେଡିକାଲ ଲିଭରେ ରହିବି, ତା ଭିତରେ ଯଦି ମୋର କ୍ୱାଟର ବ୍ୟବସ୍ଥା ନହୁଏ,ତେବେ ମୁଁ ହୁଏତ ଇସ୍ତଫା ପତ୍ର ପଠାଇ ଦେଇପାରେ।

ମେଡିକାଲ ଲିଭ୍ ସମୟ ସରି ସରି ଯାଉଥିଲା, ଅଥଚ ସେପଟେ କ୍ୱାଟର ଆଲଟମେଣ୍ଟର କୌଣସି ଖବର ଆସୁ ନଥିଲା। ଇସ୍ତଫା ଦେବାର ଧମକ ଦେଇ ଆସିବା ପରେ କେଉ ମୁହଁରେ ଯାଇ ଯଏନ୍ କରିବେ। ଭାବିଲେ ଇସ୍ତଫା ଦେଇଦେବାଟା ଠିକ ହବ। କେଉଁ ଦାୟିତ୍ୱ ଆଉ ଅଛି ଯେ ଏତେ ଚିନ୍ତା କରିବି। ପତ୍ନୀଙ୍କୁ କହିଲେ ମନର କଥା। ପତ୍ନୀ ସବୁ ଶୁଣିସାରି କହିଲେ ମୁଁ ବୁଝୁଛି ତମ ମନର କଥା। ହେଲେ କଣ ଚୋର ସାଙ୍ଗରେ ମାନ ମାରି ଖପରାରେ ଖାଇବା ?

Digitized by PPRACHIN, SOA

ଏତେ ବର୍ଷ ଚାକିରି ଥାଉ ଥାଉ ଛାଡିବ କାହିଁକି ? କ୍ୱାଟର ନ ମିଳିଲା ବୋଲି ଚାକିରି ଛାଡିଦେବ ? ଆଜି ଯଦି ତମ ବଦଳି ଜାଗାରେ କ୍ୱାଟର ନଥାନ୍ତା, ଆମେ ତ ଭଡା ଘରେ ରହିଥାନ୍ତେ ନା ? ଭାବି ନିଅ ସେଠି କ୍ୱାଟର ନାହିଁ,ଆମେ ଭଡା ଘରେ ରହିଯିବା। ଭଡା ଅଧିକ ତ - ହଉ, ଚାକିରି ଛାଡିବାର କ୍ଷତିରୁ ଭଡା ଟା କଣ ଅଧିକ ? ମାନୁଛି ଏବେ ଆମର ସେମିତି କିଛି ଜଞ୍ଜାଳ ନାହିଁ, ଯେତିକି ପେନସନ ମିଳିବ ଆରାମ ରେ ଚଳି ଯାଇ ହେବ, ମାତ୍ର ତାହା କଣ ଚାକିରି ଛାଡିବା ପାଇଁ ଯଥେଷ୍ଟ ଯୁକ୍ତି ହେବ ?

ତାହାଲେ ତମେ କଣ କହୁଛ ମୁଁ ଇସ୍ତଫା ନଦେଇ ମୋ ପ୍ରତି କରାଯାଉଥିବା ଅନ୍ୟାୟକୁ ମୁଣ୍ଡ ପାତି ସହିଯାଇ ସେଠାରେ ଯଏନ କରିବାକୁ ?

ସେକଥା ମୁଁ କହିଲି କେତେବେଳେ ? ତମକୁ ତମ ମ୍ୟାନେଜର କ୍ୱାଟର ଟିଏ ଦେଇ ପାରୁନାହାନ୍ତି, ଏଥିପାଇଁ ଯେ କିଛି ଷ୍ଟାଫ୍ କ୍ୱାଟର ମାଡି ବସିଛନ୍ତି। ଏପରିକି ସେ ନିଜେ ମଧ୍ୟ। ସେଥି ପାଇଁ କାହାକୁ ବାହାର କରିବେ ସେ ଦ୍ୱନ୍ଦ ରେ ଥିବେ। ସେମାନେ ଯଦି ଅନ୍ୟତ୍ର ଲିଜ ଘର ନେଇ ନଥାନ୍ତେ ତମ ମନରେ କଣ ଏ ବିଦ୍ରୋହ ଆସିଥାନ୍ତା ?

ସେ ଦ୍ୱନ୍ଦ ରେ ଥିଲାବେଳେ ମୁଁ ତ ଅସୁବିଧାରେ ପଡୁଛି ?

ମାନୁଛି·ତମେ ଅସୁବିଧାରେ ପଡୁଛ, ମାତ୍ର ଏହି ଅସୁବିଧା ପାଇଁ ଚାକିରି ଛାଡିବା ଭଳି ଚରମ ନିଷ୍ପତ୍ତି ନେବା ପୂର୍ବରୁ ଆଉ ଟିକେ ଥଣ୍ଡା ଦିମାକ ରେ ଚିନ୍ତା କର। ଏବେ ତ ମେଡିକାଲ ଲିଭ ରେ ଅଛ, ଇସ୍ତଫା ନଦେଇ ତାକୁ ବଢାଇ ବଢାଇ ଚାଲ, ଦେଖ କେଉଁ ପାଣି କୁଆଡେ ଯାଉଛି। ଆଉ ଗୋଟେ କଥା, ଏଥିପାଇଁ ଏତେ ଚିନ୍ତିତ ରହି ରକ୍ତଚାପ ବଢାଇବାର କିଛି ମାନେ ନାହିଁ। ଯଦି ଚାକିରି ଛାଡିଦେଲେ ଅଧିକ ଲେଖା ଲେଖି କରିପାରିବ ବୋଲି ଭାବୁଛ, ତେବେ ଏହି ସମୟରେ ତାକୁ ପରୀକ୍ଷା କରି ଦେଖ।

ଚାକିରି ଛାଡି ଲେଖା ଲେଖିକୁ ଉପଯୁକ୍ତ ଧ୍ୟାନ ଦେବାକୁ ଯେତିକି ସହଜ ବୋଲି ଭାବୁଥିଲେ ସତ୍ୟାନନ୍ଦ, ଏ ଛୁଟିରେ ରହିବା ଭିତରେ ଉପଲବ୍ଧି କଲେ ଯେ ତାହା ଏତେ ସହଜ ନୁହେଁ। ଦୀର୍ଘ ଛୁଟି ବିତି ଯାଉଥିଲା, ଅଥଚ ଧାଡିଏ ବି ଲେଖି ପାରୁନଥିଲେ। ଏହି ଅବସ୍ଥା ଭିତରେ ତାଙ୍କର ଉପଲବ୍ଧି ଆସିଲା ଯେ ସୃଜନ କର୍ମ ପାଇଁ ସମ୍ପୂର୍ଣ୍ଣ ବୃତିମୁକ୍ତ ସମୟର ଆବଶ୍ୟକତା ନାହିଁ କାରଣ ସମୟର ପ୍ରାଚୁର୍ଯ୍ୟ ହିଁ

Digitized by PPRACHIN, SOA

ସମୟ ଶୂନ୍ୟତା ଆଡକୁ ଟାଣି ନେଉଛି। ଚାକିରିରୁ ଅବସର ପରେ ଲେଖିବା ଓ ଅବସର ପୂର୍ବରୁ ଅବସର ନେଇଯାଇ ଲେଖିବା ପାଇଁ ମନଯୋଗ ଦେବା ସମ୍ପୂର୍ଣ୍ଣ ଭିନ୍ନ କଥା। ଲେଖକଟିଏ ଲେଖିବା ପାଇଁ ଯେତିକି ନିର୍ଲିପ୍ତ ସନ୍ୟାସୀ,ଲେଖା ବାଦ ସାଂସାରିକ ଜୀବନରେ ସଂସାରୀବି ବି ତା ଠୁ ବେଶି। ସତ କହିବାକୁ ଗଲେ ଲେଖକଟିଏ ସ୍ୱପ୍ନବିଳାସୀ ସତ, ମାତ୍ର ବେପରୱା କିମ୍ୱା ବେହିସାବୀ ମଣିଷ ନୁହେଁ। କଟ୍ କଟ୍ କରି ସାରାଜୀବନ କାଟିବ ଏ ଆର୍ଥିକ କ୍ଷତିର ହିସାବ।

ଦ୍ୱିତୀୟତଃ ଯଦି ସମ୍ପୂର୍ଣ୍ଣ ମୁକ୍ତ ସମୟ ପାଇଲେ ଜଣେ ଲେଖି ପକାଉଥାନ୍ତା, ତେବେ ଏତେ ମାସ ଛୁଟି ଭିତରେ ଧାଡିଟିଏ କାହିଁକି ଲେଖି ହେଲାନି ? ଲେଖିବା ପାଇଁ ମୁକ୍ତ ମାନସିକତା ଦରକାର, ମୁକ୍ତ ସମୟ ନୁହେଁ। ଯେଉଁ ଜିଦ୍ ରେ ସେ ଚାକିରି ଛାଡିଦେବେ ବୋଲି କହିକରି ଆସିଛନ୍ତି, ତାହା ଚୋର ସଙ୍ଗେ ମାନ ମାରି ଖପରା ରେ ଖାଇବା କଥା ହେବ। ନା, ଯଏନ କରିଯାଇ ଭଡା ଘର ଖୋଜି ପରିବାର ନେଇଯିବା।

ମେଡିକାଲ ଫିଟନେସ ଆଣିବାକୁ ଗଲା ଦିନ ମ୍ୟାନେଜରଙ୍କ ଠାରୁ ଫୋନ ପାଇଲେ - ଆପଣଙ୍କ ପାଇଁ କ୍ୱାଟର ବ୍ୟବସ୍ଥା ହୋଇଗଲା, ଯଦି ସୁସ୍ଥ ହୋଇଗଲେଣି ତେବେ ଯଏନ୍ କରି ପଜେସନ୍ ନିଅନ୍ତୁ। ଟେଲିଫୋନ ରଖିବା ପରେ ଭାବିଲେ ଏହା ବୋଧେ ଈଶ୍ୱରଙ୍କ ଇଚ୍ଛା ଥିଲା।

ଏବେ ସତ୍ୟାନନ୍ଦ ଖୁବ ସୁସ୍ଥ ମାନସିକତାରେ ନୂଆ ଜାଗାରେ। ଅନୁଭବର ମହାପର୍ବ ନେଇ ଏକ ମହାନ ସୃଷ୍ଟିର ଅପେକ୍ଷାରେ।

—o—

Digitized by PPRACHIN, SOA

ଓଡ଼ିଆ କଥା ସାହିତ୍ୟରେ ଏକ ସ୍ମରଣୀୟ ସଂଯୋଗ ଓ ଶ୍ରଦ୍ଧାଶୀଳ ଉଚ୍ଚାରଣ - ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର । ନିଆରା କାହାଣୀ ବୟନ, ଶୈଳୀର ଚମତ୍କାରିତା ଏବଂ ଭାଷା ପ୍ରୟୋଗର ନିପୁଣତା ପାଇଁ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କଥାକାର ମସ୍ତିଷ୍କ ଅପେକ୍ଷା ପାଠକଙ୍କର ସ୍ନାୟୁରେ ଅଧିକ ସଂଚରନ୍ତି । ତାଙ୍କର କଥା ସାମ୍ରାଜ୍ୟକୁ ଥରେ ପ୍ରବେଶ କଲେ, ପାଠକଟିଏ ମୋହାବିଷ୍ଟ ହୋଇ ଘୁରିବୁଲେ ଯାଦୁକରି ଆବେଗ ଓ ଆବେଷ୍ଟନରେ । ନିଜକୁ ନିରେଖି ଦେଖିବାର ନିଆରାପଣ, ଅକୃତ୍ରିମ ଅନୁଭବ ଏବଂ ସରଳ ଶବ୍ଦର ନିଷ୍ପଟ ବର୍ଣ୍ଣନାରେ ତାଙ୍କର କଥାସୃଷ୍ଟି ଯେତିକି ବାଙ୍ମୟ ସେତିକି ବିଗଳିତ ।

କଥାକାରଙ୍କର ଚର୍ତୁଦଶ ଗଳ୍ପ ସଂକଳନ 'ଛାୟା ରାଜା' ଗଭୀର ପାଠକୀୟ ଶ୍ରଦ୍ଧା ସହ ବିପୁଳ ପାଠକୀୟତା ପାଇବ ବୋଲି ଆଶା ଓ ବିଶ୍ୱାସ ରଖୁଅଛି ।

-ପ୍ରକାଶକ

ISBN 81-8384-055-8
9 788183 840552

ନବଦିଗନ୍ତ

ବିନୋଦବିହାରୀ, କଟକ-୭୫୩୦୦୨

Digitized by PPRACHIN, SOA